# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୨୮/୨୦୨୨ (୧୬ ପୃଷ୍ଠା) | Bhubaneswar, Monday, March 28/2022 | Page 16 | ₹ 7.00 | ★★★★★★

୪୮ଶ ଭାଗ ୧୨୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ସିନ୍ଧୁ ସୁଇସ ଓପନ ଚାମ୍ପିୟନ**

ବାସେଲଠାରେ ଅନୁଷ୍ଠିତ ସୁଇସ୍ ଓପନ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛନ୍ତି ଭାରତର ପି.ଭି. ସିନ୍ଧୁ।

୧୪

୧୨

**ଫିଲ୍ମ କ୍ୟାରିୟର ଛାଡ଼ିବାକୁ ଚାହୁଁଥିଲେ ଆମିର**

ବଲିଉଡ୍ ଅଭିନେତା ଆମିର ଖାନ୍ କୋଭିଡ୍ ମହାମାରୀ ମଧରେ ଫିଲ୍ମ କ୍ୟାରିୟର ଛାଡ଼ିବାକୁ ଚାହୁଁଥିଲେ ବୋଲି ଏକ ସାକ୍ଷାତକାରରେ କହିଛନ୍ତି।






କଳା ଶ୍ରମକୋଡ୍, ରାଷ୍ଟ୍ରାୟତ୍ତ ସଂସ୍ଥା ବିକ୍ରି ଓ ଦରବୃଦ୍ଧି ବିରୋଧରେ କେନ୍ଦ୍ରୀୟ ସଂସ୍ଥା ପକ୍ଷରୁ ସୋମବାର ଓ ମଙ୍ଗଳବାର ଭାରତ ବନ୍ଦକୁ ସଫଳ କରିବା ପାଇଁ ରବିବାର ଭୁବନେଶ୍ୱର ରାଜମହଲ ଛକରୁ ବାହାରିଥିବା ଶୋଭାଯାତ୍ରା।

# ଆଜିଠୁ ୨ ଦିନିଆ ଭାରତ ବନ୍ଦ

## କେନ୍ଦ୍ରର ସରକାରୀ ବ୍ୟାଙ୍କ ବିକ୍ରି ମସୁଧାକୁ ବିରୋଧ

- ସୋମବାର ସକାଳ ୬ରୁ ବୁଧବାର ସକାଳ ୬
- ଦେଶବ୍ୟାପୀ ଡାକରା ଦେଇଛନ୍ତି ବ୍ୟାଙ୍କ କର୍ମଚାରୀ ସଂଘ, ଟ୍ରେଡ୍ ୟୁନିୟନ୍
- ହରତାଳରେ ସାମିଲ ହେବେ ୨୦ କୋଟି ଶ୍ରମିକ
- ପ୍ରଭାବିତ ହୋଇପାରେ ଏଟିଏମ୍, ପୋଷ୍ଟାଲ, ବିଦ୍ୟୁତ୍, ଟେଲିକମ୍ ଭଳି ଜରୁରୀ ସେବା

**ନୂଆଦିଲ୍ଲୀ,୨୭।୩**

କେନ୍ଦ୍ରର ଜନବିରୋଧୀ, ଶ୍ରମିକ ମାରଣ ନୀତି ଏବଂ ସରକାରୀ ବ୍ୟାଙ୍କଗୁଡ଼ିକର ଘରୋଇକରଣ ଉଦ୍ୟମକୁ ବିରୋଧ କରି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍‌ଗୁଡ଼ିକର ଏକ ମିଳିତ ପ୍ଲାଟ୍‌ଫର୍ମ ପକ୍ଷରୁ ମାର୍ଚ୍ଚ ୨୮ ଓ ୨୯ (ସୋମବାର, ମଙ୍ଗଳବାର)ରେ ଭାରତ ବନ୍ଦ ଡାକରା ଦିଆଯାଇଛି। ବିଭିନ୍ନ ଦାବି ନେଇ ଦୁଇଦିନିଆ ହରତାଳରେ ଭାରତର ୨୦ କୋଟିରୁ ଊର୍ଦ୍ଧ୍ୱ ସଙ୍ଗଠିତ ଓ ଅଣସଙ୍ଗଠିତ ଶ୍ରମିକ ସାମିଲ ହେବେ। କୋଇଲା, ଇସ୍ପାତ୍, ତୈଳ, ଟେଲିକମ୍, ପୋଷ୍ଟାଲ, ଆୟକର, ବ୍ୟାଙ୍କ ଓ ବୀମା କ୍ଷେତ୍ରର ୱାର୍କରଙ୍କ ପକ୍ଷରୁ ଷ୍ଟ୍ରାଇକ୍ ନୋଟିସ ଦିଆଯାଇଛି। ସେହିପରି ରେଲୱେ ଏବଂ ପ୍ରତିରକ୍ଷା କ୍ଷେତ୍ରରେ ନିୟୋଜିତ ଶ୍ରମିକମାନେ ମଧ ଏହାକୁ ଦୃଢ଼ ସମର୍ଥନ କରିଛନ୍ତି। ବନ୍ଦ ପାଳନ ଯୋଗୁ ଦେଶବ୍ୟାପୀ ବ୍ୟାଙ୍କିଙ୍ଗ, ପରିବହନ, ରେଲୱେ ଏବଂ ବିଦ୍ୟୁତ୍ ଭଳି ଜରୁରୀ ସେବା ବ୍ୟାହତ ହେବା ଆଶଙ୍କା କରାଯାଉଛି।

ସୂଚନାନୁସାରେ କେନ୍ଦ୍ର ସରକାର ୧.୭୫ ଲକ୍ଷ କୋଟି ଟଙ୍କା ପୁଞ୍ଜି ପ୍ରତ୍ୟାହାର ଟାର୍ଗେଟ ପୂରଣ ପାଇଁ ଭାରତର ସର୍ବବୃହତ୍ ବୀମା କମ୍ପାନୀ ଜୀବନ ବୀମା ନିଗମ (ଏଲ୍‌ଆଇସି)ରୁ ନିଜର ୫% ଅଂଶଧନ ବିକ୍ରି ପ୍ରସ୍ତୁତି ଶେଷ କରିଛନ୍ତି। ଯେକୌଣସି ସମୟରେ ଏଲ୍‌ଆଇସିର ଇନିସିଆଲ୍ ପବ୍ଲିକ୍ ଅଫରିଂ (ଆଇପିଓ) ଆସିପାରେ। ସେହିପରି ଚଳିତ ଆର୍ଥିକ ବର୍ଷରେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ଭଳି ଲାଭଜନକ ଆର୍ଥିକ ସଂସ୍ଥାର ଘରୋଇକରଣ ପାଇଁ ମସୁଧା ଚଳାଇଛନ୍ତି। ଏଥିଲାଗି ବ୍ୟାଙ୍କିଙ୍ଗ୍ ଆଇନରେ ସଂଶୋଧନ ଆଣି ଦୁଇଟି ସରକାରୀ ବ୍ୟାଙ୍କରୁ କେନ୍ଦ୍ରର ଅଂଶଧନ ୫୨%ରୁ ୨୬%କୁ ହ୍ରାସ କରିବା ପାଇଁ ଯୋଜନା କରୁଛନ୍ତି। ଏହାକୁ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ବିରୋଧ କରିଆସୁଥିବାବେଳେ ନିକଟରେ ଦୁଇଦିନିଆ 'ଭାରତ ବନ୍ଦ'କୁ ସଫଳ କରିବା ପାଇଁ ପ୍ଲାଟ୍‌ଫର୍ମ ଅଫ୍ ☞ପୃଷ୍ଠା-୪

### ସ୍ଥିତି ଦେଖି ନିଷ୍ପତ୍ତି

- ସାଢ଼େ ୯ଟା ସୁଦ୍ଧା ଅଫିସ୍ ପହଞ୍ଚିବେ ସରକାରୀ କର୍ମଚାରୀ

**ଭୁବନେଶ୍ୱର, ୨୭।୩(ବ୍ୟୁରୋ)**

କେନ୍ଦ୍ର ସରକାରଙ୍କ ଏକପାଖିଆ ନିଷ୍ପତ୍ତି ସାଙ୍ଗକୁ ଅନେକ ଜନବିରୋଧୀ ଆଇନ ଓ ଦରବୃଦ୍ଧିକୁ ନେଇ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ ସୋମବାରଠାରୁ ୨ଦିନିଆ ଭାରତ ବନ୍ଦର ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ସଂଘ ଓ ଆସୋସିଏଶନ ମଧ ବନ୍ଦ ଡାକରାରେ ସାମିଲ ହେଉଥିବା ଜଣାପଡ଼ିଛି। ତେବେ ଓଡ଼ିଶାରେ ଏହାର ପ୍ରଭାବ କମ୍ ପଡ଼ିବ ବୋଲି ଆଶଙ୍କା କରାଯାଉଛି। ଯଦିଓ ପରୋକ୍ଷ ଭାବେ ବହୁ ସଙ୍ଗଠନ ଏହାକୁ ସମର୍ଥନ କରିଛନ୍ତି, ତଥାପି ସ୍ଥିତି ଦେଖି ନିଷ୍ପତ୍ତି ନିଆଯିବ ବୋଲି ସେମାନେ କହୁଛନ୍ତି। ସବୁ ଦୋକାନ ବଜାର ଖୋଲା ରଖିବାକୁ ବ୍ୟବସାୟୀ ସଂଘ ନିଷ୍ପତ୍ତି ନେଇଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଶିକ୍ଷାନୁଷ୍ଠାନ ବନ୍ଦ ନେଇ ମଧ କୌଣସି ଘୋଷଣା କରାଯାଇ ନାହିଁ। କିନ୍ତୁ କିଛି ଘରୋଇ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ନିଜ ☞ପୃଷ୍ଠା-୪

# ଛଅ ଦିନରେ ୫ମ ବୃଦ୍ଧି

- ପେଟ୍ରୋଲ ୫୪, ଡିଜେଲ ୫୯ ପଇସା ବୃଦ୍ଧି



**ନୂଆଦିଲ୍ଲୀ,୨୭।୩**

ତୈଳଦର ବୃଦ୍ଧିରେ ଲାଗୁନି ରୋକ। ମାର୍ଚ୍ଚ ୨୨ ପରଠାରୁ ୬ ଦିନରେ ୫ମ ଥର ପାଇଁ ରବିବାର ପେଟ୍ରୋଲ ଓ ଡିଜେଲ ଦରରେ ବୃଦ୍ଧି ଘଟିଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମର ସୂଚନା ଅନୁସାରେ ରବିବାର ଭୁବନେଶ୍ୱରରେ ପେଟ୍ରୋଲ୍ ୫୪ ପଇସା ଓ ଡିଜେଲ୍ ୫୯ ପଇସା ବୃଦ୍ଧି ପାଇଛି। ଏହି ଦର ବୃଦ୍ଧି ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୧୦୫.୭୬ ଟଙ୍କାରେ ବିକ୍ରି ହେଉଥିବା ବେଳେ ଡିଜେଲ ଲିଟର ପିଛା ୯୫.୬୧ ଟଙ୍କାରେ କାରବାର ହେଉଛି। ଅପରପକ୍ଷରେ ନୂଆଦିଲ୍ଲୀରେ ମଧ ପେଟ୍ରୋଲ୍ ୫୦ ପଇସା ଓ ଡିଜେଲ୍ ୫୫ ପଇସା ବଢ଼ିଛି। ଫଳରେ ସେଠାରେ ପେଟ୍ରୋଲ ଲିଟର ପିଛା ୯୯.୧୧ ଟଙ୍କା ଏବଂ ଡିଜେଲ ଲିଟର ପିଛା ୯୦.୪୨ ଟଙ୍କାରେ ପହଞ୍ଚିଛି। ଉପରୋକ୍ତ ସମୟ ମଧରେ ନୂଆଦିଲ୍ଲୀରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସମାପ୍ତି ଦିଶୁ ନାହିଁ**

# ୪ ମାସ ପାଇଁ ୧.୦୪ ଲକ୍ଷ କୋଟିର ବଜେଟ

### ମନ୍ତ୍ରୀ ପରିଷଦ ବୈଠକ

- ୨୬ ପ୍ରସ୍ତାବକୁ କ୍ୟାବିନେଟ ମୋହର

**ଭୁବନେଶ୍ୱର,୨୭।୩(ବ୍ୟୁରୋ)**

ଆସନ୍ତା ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ୨ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବଜେଟ ପ୍ରସ୍ତୁତ କରିଛନ୍ତି। ତେବେ ଆସନ୍ତା ୪ ମାସ ପାଇଁ ୧ ଲକ୍ଷ ୪ ହଜାର କୋଟି ଟଙ୍କାର କାମଚଳା ବଜେଟ ରାଜ୍ୟ ସରକାର ଆଣିଛନ୍ତି। ଚଳିତ ବିଧାନସଭା ଅଧିବେଶନରେ ଏହାକୁ ଅନୁମୋଦନ ପାଇଁ ଉପସ୍ଥାପନ କରାଯିବ। ଗୃହରେ ଉପସ୍ଥାପନ ପୂର୍ବରୁ ଏହାକୁ ରାଜ୍ୟ ମନ୍ତ୍ରୀ ପରିଷଦ ଦ୍ୱାରା ଅନୁମୋଦନ କରାଯାଇଛି। ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବଜେଟ ଅନୁମୋଦନ ପାଇଁ ଉପସ୍ଥାପନ କରାଯାଇଥିଲା। ବଜେଟରେ ଭିତ୍ତିଭୂମି, ☞ପୃଷ୍ଠା-୪

### ୨୦୨୪ ଯାଏ ବଢ଼ିବ 'କାଳିଆ' ଅବଧି

**ଭୁବନେଶ୍ୱର, ୨୭।୩(ବ୍ୟୁରୋ)**

ଚାଷୀ ଓ ଚାଷକୁ ପ୍ରୋତ୍ସାହିତ କରିବାକୁ ଓଡ଼ିଶା ସରକାର ୨୦୧୯ରେ ଆରମ୍ଭ କରିଥିଲେ 'କାଳିଆ' ଯୋଜନା। ୨୦୨୧-୨୨ ଆର୍ଥିକ ବର୍ଷର ମାର୍ଚ୍ଚ ୩୧ରେ ଏହାର ଅବଧି ଶେଷ ହେଉଥିବାବେଳେ ରବିବାର ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ରାଜ୍ୟ ସରକାର ଏହାକୁ ୨୦୨୩-୨୪ ଆର୍ଥିକ ବର୍ଷ ଯାଏ ବୃଦ୍ଧି କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଫଳରେ ଆଉ ୨ବର୍ଷ ଯାଏ ଚାଷୀଙ୍କୁ ବାର୍ଷିକ ଦୁଇ ପର୍ଯ୍ୟାୟ ହିସାବରେ ସହାୟତା ମିଳିବ। ସୂଚନାଯୋଗ୍ୟ, 'କାଳିଆ' ଯୋଜନା ଆରମ୍ଭ ହେବା ଦିନରୁ ପ୍ରତିବର୍ଷ ଅକ୍ଷୟ ତୃତୀୟା ଏବଂ ନୂଆଖାଇରେ ସହାୟତା ☞ପୃଷ୍ଠା-୪

# 'ଷଡ଼ଯନ୍ତ୍ର ପଛରେ ବିଦେଶୀ ଶକ୍ତି'

- ଅନାସ୍ଥା ପ୍ରସ୍ତାବ ପୂର୍ବରୁ ଇମ୍ରାନଙ୍କ ଶକ୍ତି ପ୍ରଦର୍ଶନ
- ରାଲିରେ ଇସ୍ତଫା ସମ୍ପର୍କରେ କିଛି କହିଲେନି



ଇମ୍ରାନ୍ ଖାନ୍

**ଇସ୍‌ଲାମାବାଦ,୨୭।୩**

ପାକିସ୍ତାନ ନ୍ୟାଶନାଲ ଆସେମ୍ବ୍ଲିରେ ବିରୋଧୀଙ୍କ ଅନାସ୍ଥା ପ୍ରସ୍ତାବର ସମ୍ମୁଖୀନ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ରବିବାର ସନ୍ଧ୍ୟାରେ ବିଶାଳ ରାଲି ଜରିଆରେ ଶକ୍ତି ପ୍ରଦର୍ଶନ କରିଛନ୍ତି। ଇସ୍‌ଲାମାବାଦ ପରେଡ୍ ଗ୍ରାଉଣ୍ଡରେ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ରାଲିରେ ଲକ୍ଷାଧିକ ସମର୍ଥକଙ୍କୁ ଉଦ୍‌ବୋଧନ ଦେଇ ଇମ୍ରାନ କହିଛନ୍ତି, ତାଙ୍କ ସରକାରକୁ ହଟାଇବା ଷଡ଼ଯନ୍ତ୍ର ପଛରେ ବିଦେଶୀ ଶକ୍ତିଙ୍କ ହାତ ରହିଛି। ସେମାନେ ସ୍ଥାନୀୟ ନେତା ଓ ଅର୍ଥବଳ ବ୍ୟବହାର କରି ଦେଶର ବୈଦେଶିକ ନୀତିକୁ ବଦଳାଇ ଦେଉଛନ୍ତି। ଏହାର ପ୍ରମାଣ ତାଙ୍କ ପାଖରେ ରହିଥିବା ଇମ୍ରାନ୍ ଦାବି କରିଛନ୍ତି। ବିଦେଶୀ ମୁଦ୍ରା ବଳରେ ସରକାର ବଦଳାଇବାକୁ ଉଦ୍ୟମ ହେଉଛି। ସରକାରଙ୍କ ☞ପୃଷ୍ଠା-୪

# ଭୋଟ ହାରରେ ବିଜେଡି ଆଗରେ

- ପୌରାଧକ୍ଷ ତୁଳନାରେ କାଉନ୍‌ସିଲର୍ ଭୋଟରେ ବିଜେଡିକୁ ମିଳିଛି ଅଧିକ ୨% ଭୋଟ
- ରାଜ୍ୟରେ ୪୬,୮୩୫ ସହରାଞ୍ଚଳ ଭୋଟରଙ୍କ ପସନ୍ଦ ନୋଟା
- କାଉନ୍‌ସିଲର ନିର୍ବାଚନରେ ବିଜେଡିଠାରୁ ପ୍ରାୟ ୪ ଲକ୍ଷ ଭୋଟ ପଛରେ ଭାଜପା
- ଗତଥର ତୁଳନାରେ ବଢ଼ିଛି ଭାଜପାର ଭୋଟ ହାର




**ଭୁବନେଶ୍ୱର, ୨୭।୩(ବ୍ୟୁରୋ)**

ରାଜ୍ୟରେ ପୌର ନିର୍ବାଚନର ଫଳାଫଳ ଆସିବା ପରେ ସହରାଞ୍ଚଳ ବାସିନ୍ଦା ମଧ ଅଧିକ ମାତ୍ରାରେ ବିଜେଡି ସପକ୍ଷରେ ରହିଥିବା ସ୍ପଷ୍ଟ ହୋଇଯାଇଛି। କାଉନ୍‌ସିଲର ନିର୍ବାଚନ ଫଳାଫଳ ଅନୁଯାୟୀ ବିଜେଡି ଭୋଟ ହାର ତୁଳନାରେ ଭାଜପା, କଂଗ୍ରେସ ଏବଂ ସ୍ୱାଧୀନ ବହୁ ପଛରେ ରହିଛନ୍ତି। କାଉନ୍‌ସିଲରମାନଙ୍କୁ ମିଳିଥିବା ଭୋଟ ଅନୁଯାୟୀ ବିଜେଡି ରାଜ୍ୟରେ ସର୍ବାଧିକ ୫୦% ଭୋଟ ହାତେଇଛି। ସେହିପରି ବିଜେଡି ପଛକୁ ଭାଜପା ୨୭%, କଂଗ୍ରେସ ୧୨%, ସ୍ୱାଧୀନ ୯% ଏବଂ ଅନ୍ୟାନ୍ୟ ଓ ନୋଟା ୨% ଭୋଟ ପାଇଛନ୍ତି। ହେଲେ ରାଜ୍ୟରେ ହୋଇଥିବା କାଉନ୍‌ସିଲର୍, ପୌରାଧକ୍ଷ ଏବଂ କର୍ପୋରେଟର ନିର୍ବାଚନରେ ମୋଟ ୪୬,୮୩୫ ସହରାଞ୍ଚଳ ବାସିନ୍ଦା ନୋଟାକୁ ପସନ୍ଦ କରିଛନ୍ତି।

ରାଜ୍ୟ ନିର୍ବାଚନ କମିଶନଙ୍କ ତଥ୍ୟ ମୁତାବକ, କାଉନ୍‌ସିଲର ଭୋଟରେ ବିଜେଡି ରାଜ୍ୟରୁ ୮,୬୧,୮୦୧ ଭୋଟ ପାଇଛି। ସେହିପରି ଭାଜପାକୁ ୪,୬୭,୩୨୪, କଂଗ୍ରେସକୁ ୨,୧୩,୧୦୬ ଭୋଟ ମିଳିଥିବାବେଳେ ସ୍ୱାଧୀନ ୧,୬୦,୪୧୪, ଅନ୍ୟାନ୍ୟ ପ୍ରାର୍ଥୀ ୧୨,୫୩୩ ଖଣ୍ଡ ଭୋଟ ପାଇଛନ୍ତି। କାଉନ୍‌ସିଲର ନିର୍ବାଚନରେ ୨୧,୪୩୦ ଭୋଟର କୌଣସି ପ୍ରାର୍ଥୀଙ୍କୁ ସମର୍ଥନ ନ କରି ନୋଟା ବଟନ ଟିପିଛନ୍ତି। କାଉନ୍‌ସିଲର ଭୋଟରେ ବିଜେଡିଠାରୁ ଭାଜପା ମୋଟ ୩,୯୪, ୪୭୭ ☞ପୃଷ୍ଠା-୪




# ଗ୍ରାହକଙ୍କ ସନ୍ତୁଷ୍ଟିକୁ ଗୁରୁତ୍ୱ

**ବଲାଙ୍ଗୀରରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଯାତ୍ରା ଅତ୍ୟନ୍ତ ରୋମାଞ୍ଚକର ଥିଲା। ଏହି ସଫଳତାର ଶ୍ରେୟ 'ହିରୋ' ବ୍ରାଣ୍ଡ୍ ଏବଂ ଆମ କର୍ମଚାରୀ ଟିମ୍‌କୁ ଯିବ। ଆଗକୁ ମଧ୍ୟ ନିଶ୍ଚିତ ଭାବେ ଆମ ବ୍ୟବସାୟକୁ ବଢ଼ାଇବୁ। ରାଜ୍ୟର ବିଭିନ୍ନ ସ୍ଥାନରେ ଶୋ'ରୁମ୍ ଖୋଲିବା ସହ ଅଧିକ ନିଯୁକ୍ତି ସୁଯୋଗ ପ୍ରଦାନ କରି ରାଜ୍ୟର ଉନ୍ନତିରେ ସହଭାଗୀ ହେବାକୁ ଲକ୍ଷ୍ୟ ରଖିଥିବା 'ଅରୁନ୍ଧତୀ ହିରୋ' ଡାଇରେକ୍ଟର ଅଚ୍ୟୁତାନନ୍ଦ ମେହେର ଧରିତ୍ରୀକୁ ଏକ ସ୍ୱତନ୍ତ୍ର ସାକ୍ଷାତକାର ଦେଇ କହିଛନ୍ତି।**



ଅଚ୍ୟୁତାନନ୍ଦ ମେହେର, ଡାଇରେକ୍ଟର, ଅରୁନ୍ଧତୀ ହିରୋ

**➲ 'ଅରୁନ୍ଧତୀ ହିରୋ'ର ବଲାଙ୍ଗୀରରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଯାତ୍ରା କିପରି ଥିଲା?**

ଦୀର୍ଘ ଦିନର ଏହି ସଫଳତାର ରାସ୍ତା ଅତ୍ୟନ୍ତ ରୋମାଞ୍ଚକର ଥିଲା। ଆମ ଅଟୋମୋବାଇଲ୍ ବ୍ୟବସାୟର ପରିସର ବଲାଙ୍ଗୀରଠାରୁ ଭବାନୀପାଟଣା ଏବଂ ପରେ ଭୁବନେଶ୍ୱର ପର୍ଯ୍ୟନ୍ତ ବ୍ୟାପ୍ତ ହୋଇପାରିବ ବୋଲି କେବେ ଭାବି ନ ଥିଲୁ। କିନ୍ତୁ ରାଜଧାନୀରେ ଏକ ବ୍ରାଞ୍ଚ୍ ଖୋଲିପାରିବା ଆମ ପାଇଁ ଗର୍ବର ବିଷୟ। 'ହିରୋ' ବ୍ରାଣ୍ଡ୍‌ର ଆମ ଉପରେ ଥିବା ଦୃଢ଼ ବିଶ୍ୱାସ ଯୋଗୁ ଧନ୍ୟବାଦ। ଆମ ସମସ୍ତ ବ୍ରାଞ୍ଚ୍‌ରେ କାର୍ଯ୍ୟରତ ଟିମ୍‌ମାନଙ୍କୁ ମଧ୍ୟ ସହଯୋଗ ପାଇଁ ଧନ୍ୟବାଦ ଜ୍ଞାପନ କରୁଛି।

**➲ ଆପଣଙ୍କ କମ୍ପାନୀର ବେସିକ୍ ୟୁଏସ୍‌ପିଗୁଡ଼ିକ କ'ଣ ଏବଂ ଶୋ'ରୁମ୍‌ରେ କେଉଁ ସବୁ ମଡେଲ୍ ଉପଲବ୍ଧ?**

କମ୍ପାନୀର ବେସିକ୍ ୟୁଏସ୍‌ପି ହେଉଛି 'ଶୃଙ୍ଖଳା'। ଗ୍ରାହକମାନେ ଆମର ସମସ୍ତ ଶୋ'ରୁମ୍‌ରେ ଉତ୍ତମ ଭିତ୍ତିଭୂମି ସହିତ ଏକ କମ୍ପାନୀ ୟୁନିଫର୍ମରେ ଥିବା ଏକ ପ୍ରଶିକ୍ଷିତ ଭଲ ଟିମ୍ ପାଇପାରିବେ। ସେମାନେ ସର୍ବଦା ସେଲ୍ସ, ସର୍ଭିସ୍ ଏବଂ ସ୍ପେୟାର ପାର୍ଟ୍ସ କ୍ଷେତ୍ରରେ ଗ୍ରାହକମାନଙ୍କୁ ଉତ୍ତମ ସେବା ଯୋଗାଇ ଦେଇଥାଆନ୍ତି। ବର୍ତ୍ତମାନ ବଜାର ଚାହିଦା ଅନୁସାରେ ଆମ ଶୋ'ରୁମ୍‌ରେ ଏକ୍ସଟ୍ରିମ୍ ୧୬୦ଆର୍, ଏକ୍ସଟ୍ରିମ୍ ୨୦୦ଏସ୍ ଭଳି ବିଏସ୍-୬ ପ୍ରିମିୟମ୍ ବାଇକ୍ ଉପଲବ୍ଧ। ଏହାଛଡ଼ା ଏକ୍ସପଲ୍ସ, ଗ୍ଲାମର ଭାରିଆଣ୍ଟ୍ସ, ପ୍ୟାସନ ପ୍ରୋ, ସ୍ପ୍ଲେଣ୍ଡର୍ ପ୍ଲସ୍ ଏବଂ ସୁପର ସ୍ପ୍ଲେଣ୍ଡର୍ ମୋଟରସାଇକେଲ ମଧ୍ୟ ବିକ୍ରି ପାଇଁ ରହିଛି। ସ୍କୁଟର ଭାରିଆଣ୍ଟ ମଧ୍ୟରେ ଆମର ପ୍ଲେଜର, ମାଏଷ୍ଟ୍ରୋ ଏବଂ ଡେଷ୍ଟିନି ରହିଛି।

**➲ ସଫଳତାର ଶ୍ରେୟ କାହାକୁ ଦେବେ?**

ହିରୋ ବ୍ରାଣ୍ଡ୍ ସମେତ ଆମ କର୍ମଚାରୀ ଟିମ୍ ଏବଂ ଗ୍ରାହକଙ୍କୁ ସମସ୍ତ ସଫଳତାର ଶ୍ରେୟ ଦେବି। ଆମ ଏମ୍‌ଡି, ମ୍ୟାନେଜମେଣ୍ଟ ଏବଂ ଗ୍ରାଉଣ୍ଡ୍ ଲେଭୁଲ୍ ଟିମ୍‌ଙ୍କ ଅକ୍ଳାନ୍ତ ଉଦ୍ୟମ ଯୋଗୁ କମ୍ପାନୀ ଆଜି ଏହି ଉଚ୍ଚ ସ୍ତରରେ ପହଞ୍ଚିପାରିଛି। ଗାଡ଼ି ବିକ୍ରି ସମୟରେ ଏବଂ ତ ।' ପରବର୍ତ୍ତୀ ସମୟରେ ଗ୍ରାହକଙ୍କୁ ସନ୍ତୁଷ୍ଟ କରିବା ହେଉଛି ଅଟୋମୋବାଇଲ୍ ବ୍ୟବସାୟରେ ସଫଳତାର ଅନ୍ୟତମ ମନ୍ତ୍ର।

**➲ ବଜେଟ୍ ୨୦୨୨-୨୩ ଉପରେ ଆପଣଙ୍କର ମତ କ'ଣ?**

ବଜେଟ୍ ୨୦୨୨-୨୩ ଅଟୋ ଇଣ୍ଡଷ୍ଟ୍ରି ପାଇଁ ଭଲ ରହିଛି। ଏଥିରେ ଜାତୀୟ ରାଜପଥଗୁଡ଼ିକର ଉନ୍ନତି ଉପରେ ଗୁରୁତ୍ୱ ଦିଆଯାଇଛି। ଭଲ ସଡ଼କ ହେଲେ ଟ୍ରାଭେଲିଂ ଟାଇମ୍ ମଧ୍ୟ କମିଯିବ। ବ୍ୟାଟେରି ସ୍ୱାପିଂ ପଲିସି ୨-୩ ଚକିଆ ଭେହିକିଲ୍ ବଜାର ଉପରେ ପ୍ରଭାବ ପକାଇବ ଏବଂ ଇଲେକ୍ଟ୍ରିକ୍ ଭେହିକିଲ୍ ପ୍ରତି ମଧ୍ୟ ଗ୍ରାହକଙ୍କ ବିଶ୍ୱାସ ବୃଦ୍ଧି କରିବ। ଏଥିଯୋଗୁ ଚାଷୀଙ୍କ କ୍ରୟ କ୍ଷମତା ବଢ଼ିଲେ ଦେଶର ମେରୁଦଣ୍ଡ ବୋଲି କୁହାଯାଉଥିବା 'ଗ୍ରାମ୍ୟ ଅର୍ଥନୀତି' ସୁଦୃଢ଼ ହେବ ଏବଂ ରୁରାଲ୍ ମାର୍କେଟ୍‌ରେ ଆମର ୨ ଚକିଆ ଯାନ ବିକ୍ରି ବଢ଼ିବ।

**➲ ଭବିଷ୍ୟତ ପାଇଁ କ'ଣ ବିଜ୍‌ନେସ ପ୍ଲାନ୍ ରହିଛି?**

ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ଆମେ ସର୍ବଦା ଲକ୍ଷ୍ୟ ରଖିଥାଉ। ଏହି ପରିବର୍ତ୍ତନଶୀଳ ମାର୍କେଟ ବ୍ୟବସ୍ଥାରେ ଆମେ ହଠାତ୍ ନିଷ୍ପତ୍ତି ନେଇ ତାହାକୁ ଯଥାସମ୍ଭବ କାର୍ଯ୍ୟରେ ପରିଣତ କରିଥାଉ। ତେଣୁ ଏ ସମ୍ବନ୍ଧରେ ବିଶେଷ କିଛି କହିପାରିବୁ ନାହିଁ। ଏହା ନିଶ୍ଚିତ ଯେ, ଆମେ ଆମ ବ୍ୟବସାୟକୁ ଆଗକୁ ବଢ଼ାଇ ଚାଲିଥିବୁ ଏବଂ ଅଧିକ ନିଯୁକ୍ତି ସୁଯୋଗ ପ୍ରଦାନ କରି ରାଜ୍ୟର ପ୍ରଗତିରେ ସହଯୋଗ କରିବୁ।

# ଶୁଦ୍ଧତାକୁ ସୁନିଶ୍ଚିତ କରେ ହଲ୍‌ମାର୍କ

**କଟକ ସହରରେ ୧୨ ଦଶନ୍ଧି ଧରି ସୁନା ଗହଣା ବ୍ୟବସାୟରେ ବେଶ୍ ସୁନାମ ଅର୍ଜିଛି ରାଧାଗୋବିନ୍ଦ ରାୟ୍ ଆଣ୍ଡ୍ କୋ ଜୁଏଲର୍ସ (ଆର୍‌ଜିଆର୍)। ଏହାକୁ ସୁନା ଗହଣାର ପ୍ରଥମ ଷ୍ଟୋର ବୋଲି ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଥାଏ। ବଜାରରେ ସୁନା ମୂଲ୍ୟ ବୃଦ୍ଧି ଓ ଗହଣା ବ୍ୟବସାୟରେ କି ପ୍ରଭାବ ରହିଛି ସେନେଇ ଆର୍‌ଜିଆର ଗ୍ରୁପ୍‌ର ମ୍ୟାନେଜିଂ ପାର୍ଟନର ସୌରଭ ରାୟ୍ ଧରିତ୍ରୀକୁ ସାକ୍ଷାତ୍‌କାର ଦେଇ କହିଛନ୍ତି।**



ସୌରଭ ରାୟ୍, ମ୍ୟାନେଜିଂ ପାର୍ଟନର, ରାଧାଗୋବିନ୍ଦ ରାୟ୍ ଗ୍ରାଣ୍ଡସନ୍ସ ଜୁଏଲର୍ସ

**➲ ପ୍ରାଥମିକ ଜୀବନରେ ଆପଣ କିପରି ଏହି ବ୍ୟବସାୟକୁ ଆପଣାଇଲେ?**

ମୋ ଜେଜେବାପାଙ୍କ ବାପା ରାଧାଗୋବିନ୍ଦ ରାୟଙ୍କଠାରୁ ଆମର ଏହି ସୁନା ବ୍ୟବସାୟ ଆରମ୍ଭ। ଏହି କ୍ରମରେ ପୁନଶ୍ଚ ବାପା ଏହାକୁ ଚଳାଇଆସୁଥାନ୍ତି। କଟକର ବାଦାମବାଡ଼ିରେ ୯୦ ଦଶକରେ ଆମର ଆଉ ଏକ ଗହଣା ଶୋ'ରୁମ୍ ଖୋଲିଲା। ଏହାର ପରିଚାଳନା ବାପାଙ୍କ ପକ୍ଷେ ଅସୁବିଧା ହେତୁ ମୁଁ ଚାର୍ଟର୍ଡ ଆକାଉଣ୍ଟାନ୍ସି ଛାଡ଼ି ବ୍ୟବସାୟରେ ଯୋଗଦେବାକୁ ବାଧ୍ୟହେଲି।

**➲ ସୁନାଗହଣା ବ୍ୟବସାୟ ଚଳାଇବାକୁ କିପରି ସମର୍ଥ ହେଲେ?**

ରାଧାଗୋବିନ୍ଦ ରାୟ ଗହଣା ଦୋକାନର ସ୍ୱତନ୍ତ୍ରତା ରହିଛି। ପ୍ରଥମତଃ ଧାତୁର ବିଶ୍ୱସନୀୟ ଗୁଣବତ୍ତା ଓ ଅନ୍ୟଟି ଲୋଭନୀୟ କାରିଗରି। ଆମର କେତେକ ସ୍ୱତନ୍ତ୍ର ଡିଜାଇନ୍ ନିଜସ୍ୱ ୱାର୍କଶପ୍‌ରେ ତିଆରି ହୋଇଥାଏ। ଏହାଛଡ଼ା ଗ୍ରାହକଙ୍କ ପସନ୍ଦର ଯେକୌଣସି ଡିଜାଇନ୍‌ର ସାମ୍ପୁଲ ଦେଖାଇଲେ ଆମେ ଯୋଗାଇପାରୁଛୁ।

**➲ ବ୍ୟବସାୟର ଯାତ୍ରା କିପରି ରହିଛି?**

୧୯୦୧ରେ କଟକର ନିମଚୌଡିଠାରେ ରାଧାଗୋବିନ୍ଦ ରାୟ ସୁନାଗହଣା ଅଳଙ୍କାରର ଆରମ୍ଭ। ଏହା ପ୍ରଥମ ଗହଣା ଶୋ'ରୁମ୍ ଭାବେ ପରିଚିତ। ଦ୍ୱିତୀୟ ଶୋ'ରୁମ୍ ବାଦାମବାଡ଼ିରେ ପ୍ରତିଷ୍ଠା କରାଗଲା। ଏହାର ଶତବାର୍ଷିକରେ ରାଧାଗୋବିନ୍ଦ ରାୟ ଗ୍ରାଣ୍ଡସନ୍ ଭାବେ ଆଉ ଏକ ଶୋ'ରୁମ୍ ପ୍ରତିଷ୍ଠା କରାଗଲା, ଯେଉଁଠି ସୁନା ଗହଣା ସହ ହୀରା ଗହଣା ମଧ୍ୟ ଉପଲବ୍ଧ। କଟକର ଆରାଧ୍ୟ ମା' କଟକଚଣ୍ଡୀଙ୍କର ସୁନା ବେଶରେ ଲାଗି ହେଉଥିବା ଅଳଙ୍କାର ଆମ ପ୍ରତିଷ୍ଠାନ ଦ୍ୱାରା ନିର୍ମିତ।

**➲ ସୁନା ବ୍ୟବସାୟରେ କି ଆହ୍ୱାନ ରହିଛି?**

ସୁନା ଗହଣା ପରି ସୂକ୍ଷ୍ମ ଓ ମୂଲ୍ୟବାନ ଅଳଙ୍କାରର ରକ୍ଷଣାବେକ୍ଷଣ ଦାୟିତ୍ୱ ଥାଏ। ପ୍ରତିଦିନ ସବୁ ଗହଣାକୁ ତନଖି କରାଯାଏ। ସ୍ୱଳ୍ପ ସମୟ ମଧ୍ୟରେ ଡିଜାଇନ୍‌ର ପରିବର୍ତ୍ତନ ଘଟିଲେ ଏହାକୁ ପୁନର୍ବାର ରୂପାନ୍ତରିତ କରିବାରେ ଗଢ଼ା ମଜୁରି ଖର୍ଚ୍ଚ ହୋଇଥାଏ। ଶୋ'ରୁମ୍‌କୁ ୨୪ ଘଣ୍ଟା କ୍ୟାମେରା ଓ ସୁରକ୍ଷାକର୍ମୀ ନିଯୁକ୍ତ କରାଯାଇଥାଏ। ବଜାରକୁ ପ୍ରତିଯୋଗିତା ପାଇଁ ବିଭିନ୍ନ ଗହଣାର ଗଢ଼ା ମଜୁରି ରିହାତି ଓ ବହୁ କମ୍ପାନୀ ଷ୍ଟୋର ଆସିଥିବାରୁ ବିନିଯୋଗର ପରିମାଣ ମଧ୍ୟ ବହୁ ଅଧିକ ହୋଇଯାଇଛି।

**➲ ସରକାରଙ୍କ ବ୍ୟବସାୟ ନୀତି କେତେ ସୁହାଉଛି?**

ପ୍ରଚଳିତ ସରକାରୀ ନୀତି ଅନୁସାରେ ଆମେ ବ୍ୟବସାୟ କରୁଛୁ। ବ୍ୟବସାୟରେ ସ୍ୱଚ୍ଛତା ଆସିଯାଇଛି। ହଲ୍ ମାର୍କ ଯୋଗୁଁ ଗ୍ରାହକ ଏବଂ ଆମ ମଧ୍ୟରେ ସମ୍ପର୍କ ସୁଦୃଢ଼ ହୋଇଛି।

**➲ କେଉଁ ଗହଣାର ଚାହିଦା ଅଧିକ?**

ଆମ ସଂସ୍କୃତି ଚଳଣିରେ ଅଳଙ୍କାରର ପ୍ରାଧାନ୍ୟ ରହିଛି। ଗ୍ରାହକମାନେ ହାଲୁକା ଓଜନର ସୁନ୍ଦର ଦେଖାଯାଉଥିବା ଗହଣା କିଣିବାକୁ ପସନ୍ଦ କରୁଛନ୍ତି। ଯୁବପିଢ଼ି ଫ୍ୟାନ୍ସି ଡିଜାଇନ ଓ ହୀରା ଗହଣା ପ୍ରତି ଆଗ୍ରହ ଦେଖାଉଛନ୍ତି। ବାହାଘର, ଉତ୍ସବ ଆଦି ପାଇଁ କିଛି ଆଣ୍ଟିକ୍ ଓ ଟ୍ରାଡିଶନାଲ ଗହଣାର ମଧ୍ୟ ଚାହିଦା ରହିଛି।

**➲ ବରାଦ ମୁତାବକ ଗହଣାଗୁଡ଼ିକ ତିଆରି କରିବା ପାଇଁ କି ବ୍ୟବସ୍ଥା ରହିଛି?**

କଟକରେ ଆମର ନିଜସ୍ୱ ସ୍ୱତନ୍ତ୍ର ତାଲିମପ୍ରାପ୍ତ କାରିଗର ଅଛନ୍ତି। ଏହା ବ୍ୟତୀତ ବହୁ ସମୟରେ ଆଧୁନିକ ଡିଜାଇନ୍ ପାଇଁ ବମ୍ବେ, କୋଲକାତା ଓ ଗୁଜରାଟରୁ ଗହଣା ମଗାଇଥାଉ। ଦେଶର ବିଭିନ୍ନ ପ୍ରାନ୍ତର ଡଜାଇନ୍ ଆମ ପାଖରେ ଉପଲବ୍ଧ। ଏହାଛଡ଼ା ମୁଦି, ତାରକସୀ, କାର୍ଭିଂ ଓ ଷ୍ଟୋନ୍ ସେଟିଂର କୁଶଳୀ କାରିଗର ଆମ ପାଖରେ ରହିଛନ୍ତି।

**➲ ଜନସାଧାରଣ ଗହଣା କିଣିଲାବେଳେ କେଉଁ ଦିଗ ପ୍ରତି ସଚେତନ ହେବା ଉଚିତ?**

ବର୍ତ୍ତମାନ ସମସ୍ତ ଗହଣା ହଲ୍‌ମାର୍କ ହୋଇଛି। ଏହା ଶୁଦ୍ଧତାକୁ ସୁନିଶ୍ଚିତ କରିଥାଏ। କିନ୍ତୁ ହଲ୍‌ମାର୍କ ସହିତ ଶୁଦ୍ଧତାର ମାର୍କକୁ ମଧ୍ୟ ତନଖି କରିବାର ଆବଶ୍ୟକତା ରହିଛି। ଏହାଛଡ଼ା ହୀରା ଗହଣା କିଣିବା ବେଳେ ହୀରାର ମାନ ଏବଂ ପ୍ରମାଣପତ୍ର ଉପରେ ଧ୍ୟାନଦେବା ଉଚିତ।



ପଞ୍ଚାୟତ ପରେ ପୌର ନିର୍ବାଚନରେ ବିଜେଡିକୁ ଆଶାତୀତ ସଫଳତା ମିଳିଥିବାରୁ ରବିବାର ରାଜ୍ୟର ବରିଷ୍ଠ ପୋଲିସ ଅଧିକାରୀ(ବାମ), ଆଇଏଏସ୍ ଅଧିକାରୀମାନେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ ରାଜ୍ୟର ପ୍ରଗତି ସମ୍ପର୍କରେ ଆଲୋଚନା କରୁଛନ୍ତି।

# ରାଜ୍ୟର ପ୍ରଗତି ପାଇଁ ଆହୁରି ନିଷ୍ଠାର ସହ କାମ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

## ଶୁଭେଚ୍ଛା ଜଣାଇବାକୁ ନବୀନ ନିବାସରେ ଭିଡ଼

ଭୁବନେଶ୍ୱର, ୨୭।୩(ବ୍ୟୁରୋ)

ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜୁ ଜନତା ଦଳ (ବିଜେଡି) ବିପୁଳ ସଫଳତା ଲାଭ କରିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇବାକୁ ନବୀନ ନିବାସରେ ନେତା ଓ ଅଧିକାରୀଙ୍କ ଭିଡ଼ ଲାଗୁଛି। ରବିବାର ରାଜ୍ୟର ବରିଷ୍ଠ ଆଇଏଏସ୍, ଆଇପିଏସ୍ ଅଧିକାରୀଙ୍କ ସମେତ ବହୁ ସରକାରୀ ସେବା ସଂଘ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ମଧ୍ୟ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି। ରାଜ୍ୟର ପ୍ରଗତି ପାଇଁ ଆହୁରି ନିଷ୍ଠାର ସହ କାମ କରିବାକୁ ସେ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ବିଶେଷକରି ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବାକୁ ନବୀନ ପରାମର୍ଶ ଦେଇଛନ୍ତି।

ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଡିଜି ସୁନିଲ କୁମାର ବନ୍‌ଶାଲ, ଗୋଇନ୍ଦା ନିର୍ଦ୍ଦେଶକ ଲଳିତ ଦାଶ, ଏଡିଜି ଆର୍. କେ. ଶର୍ମା, ଏଡିଜି କ୍ରାଇମବ୍ରାଞ୍ଚ ସଞ୍ଜୀବ ପଣ୍ଡା, ଡିଆଇଜି ଗୋଇନ୍ଦା ଅନୁପ ସାହୁ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ ପ୍ରମୁଖ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ କଥା ହୋଇଥିଲେ। ସେହିଭଳି ବିଭିନ୍ନ ସରକାରୀ ସଂଘ ମଧ୍ୟରେ ଓଏଏସ୍ ଆସୋସିଏଶନ, ଓଡ଼ିଶା ଅର୍ଥ ସେବା ସଂଘ, ଓଡ଼ିଶା ପୋଲିସ ସେବା ସଂଘ, ଓଡ଼ିଶା ସେକ୍ରେଟାରିଏଟ୍ ସର୍ଭିସ, କନ୍‌ଷ୍ଟେବଲ ଆଣ୍ଡ୍ ହାବିଲଦାର ଆସୋସିଏଶନ, ବିଭାଗଗୁଡ଼ିକର ମୁଖ୍ୟ, ମେଡିକାଲ ସର୍ଭିସ ଆସୋସିଏଶନ, ପଞ୍ଚାୟତ ଏକ୍‌ଜିକ୍ୟୁଟିଭ୍ ଅଫିସର୍ସ ଆସୋସିଏଶନ, ଭେଟେରିନାରି ସର୍ଭିସ ଆସୋସିଏଶନ, ଗ୍ରାମ ରୋଜଗାର ସେବକ ସଂଘ, ଡ୍ରାଇଭର୍ସ ଆସୋସିଏଶନ, ଚୁକ୍ତିଭିତ୍ତିକ କର୍ମଚାରୀ ସଂଘର ପ୍ରତିନିଧି ଓ କର୍ମକର୍ତ୍ତା ପ୍ରମୁଖ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ୫-ଟି ସଚିବ ଭି. କେ. ପାଣ୍ଡିଆନ ଉପସ୍ଥିତ ଥିଲେ।



ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇବା ଅବସରରେ ଓଏଏସ୍ ଆସୋସିଏଶନର ଅଧିକାରୀ।

# କଲେଜ ଫେରନ୍ତା ନାବାଳିକାଙ୍କୁ ବଳାତ୍କାର

## ମୁଖ୍ୟ ଅଭିଯୁକ୍ତ ଗିରଫ

କୁଚିଣ୍ଡା, ୨୭।୩(ଡି.ଏନ.ଏ.)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ମହୁଲପାଲି ଥାନା ଅଞ୍ଚଳରେ କଲେଜରୁ ଫେରୁଥିବା ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ବଣ୍ଡାବାହାଲ ଗ୍ରାମର ବିଜୟ କିସାନ (୨୨)ଙ୍କୁ ପୋଲିସ ରବିବାର ଗିରଫ କରିଛି। ଅନ୍ୟ ଦୁଇ ଜଣଙ୍କୁ ଗତକାଲି ରାତିରେ ଗିରଫ କରାଯାଇଥିଲା। ପ୍ରକାଶ ଯେ, ଶନିବାର ଅପରାହ୍ନରେ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଜଣେ ଛାତ୍ରୀ କଲେଜରୁ ସାଇକେଲରେ ଏକୁଟିଆ ଘରକୁ ଫେରୁଥିଲେ। ଫେରିବା ବାଟରେ ଏକ ବାଇକ୍‌ରେ ୩ ଜଣ ଯୁବକ ତାଙ୍କୁ ପିଛା କରିଥିଲେ। ସେମାନେ ଛାତ୍ରୀଙ୍କୁ ଅଟକାଇ ନିକଟସ୍ଥ ଜଙ୍ଗଲକୁ ଉଠାଇ ନେଇଥିଲେ। ଛାତ୍ରୀଙ୍କ ଚିତ୍କାର ଶୁଣି ଆଖପାଖର ଲୋକେ ଘଟଣା ସମ୍ପର୍କରେ ଜାଣି ପରିବାରବର୍ଗଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଏ ନେଇ କୁସୁମୀ ଫାଣ୍ଡିରେ ଜଣାଇବା ପରେ ପୋଲିସ ୨ଜଣ ନାବାଳକ ସହଯୋଗୀଙ୍କୁ ରାତିରେ ଧରିଥିଲା। ପରେ ନାବାଳିକାଙ୍କୁ ଉଦ୍ଧାର କରିବା ସହ ମୁଖ୍ୟ ଅଭିଯୁକ୍ତ ବିଜୟଙ୍କୁ ଗିରଫ କରିଥିଲା। ପୋଲିସ ପୀଡିତା ଓ ସମ୍ପୃକ୍ତ ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା କରାଇଛି। ବଳାତ୍କାରର ଶିକାର ହୋଇଥିବା ନାବାଳିକାଙ୍କ ଅଭିଯୋଗକୁ ଭିତ୍ତି କରି ମହୁଲପାଲି ଥାନାରେ ନଂ୪୬/୨୦୨୨ରେ ଏକ ମାମଲା ରୁଜୁ ହୋଇଛି।

# ଆଇଏଏସ୍ ଅଫିସର ବିଜୟ ଆରୋରାଙ୍କ ସ୍ୱେଚ୍ଛାକୃତ ଅବସର

## ରାଜ୍ୟ ସରକାରଙ୍କ ଅନୁମୋଦନ

ଭୁବନେଶ୍ୱର, ୨୭।୩(ବ୍ୟୁରୋ)

୧୯୯୧ ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇଏଏସ୍ ଅଫିସର ବିଜୟ ଆରୋରାଙ୍କ ସ୍ୱେଚ୍ଛାକୃତ ଅବସରକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ସେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗରେ ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି ଭାବେ କାର୍ଯ୍ୟରତ ଅଛନ୍ତି। ମାର୍ଚ୍ଚ ୧ ତାରିଖରୁ ତାଙ୍କ ସ୍ୱେଚ୍ଛାକୃତ ଅବସରକୁ ଗ୍ରହଣ କରାଯାଇଛି। ଆରୋରା ସ୍ୱେଚ୍ଛାକୃତ ଅବସର ନେବାକୁ ସରକାରଙ୍କ ନିକଟରେ ଆବେଦନ କରିଥିଲେ। ୨୦୨୨ ଜାନୁୟାରୀ ମାସରେ ଆରୋରା ମୁଖ୍ୟ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି ପାଇଥିଲେ।

# ସରୁନି ଭିଜିଲାନ୍ସ ଖୋଳତାଡ଼: ଯନ୍ତ୍ରୀ-ଠିକାଦାର କିଙ୍ଗ୍‌ପିନ୍

- ■ ବର୍ଷକରେ ଜମା କରିଛନ୍ତି ୧ କୋଟି ୭୭ ଲକ୍ଷ
- ■ ଜବତ ହେଲାଣି ୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସ୍ଥାବର, ଅସ୍ଥାବର ସମ୍ପତ୍ତି
- ■ ମାଲକାନଗିରି,କେନ୍ଦୁଝରରେ ବ୍ୟାଙ୍କ ଲକର, କଟକରେ ଫ୍ଲାଟ

ମାଲକାନଗିରି, ୨୭।୩(ଡି.ଏନ୍.ଏ.)

ଯେତେ ଖୋଳିଲେ ସେତେ ବାହାରୁଛି ମାଲକାନଗିରି ଜିଲା ଅଧୀକ୍ଷଣ ଯନ୍ତ୍ରୀ ଆଶିଷ କୁମାର ଦାସଙ୍କ ସମ୍ପତ୍ତି। ଦୁଇ ଦିନ ହେଲାଣି ଭିଜିଲାନ୍ସର ଖୋଳତାଡ଼ ସରୁନାହିଁ। ଜିଲା ଚିକିତ୍ସାଳୟ ନିକଟରେ ଥିବା ଜଣେ ବଙ୍ଗାଳି ଠିକାଦାର ଏବଂ ମାଥିଲି, ଖଇରପୁଟ ବ୍ଲକ ଦାୟିତ୍ୱରେ ଥିବା ଜଣେ ଯନ୍ତ୍ରୀଙ୍କଠାରୁ କୋଟି କୋଟି ଟଙ୍କାର ସୁନା ଗହଣା ଜବତ ହୋଇଛି। ରବିବାର ମଧ୍ୟ ବିଭିନ୍ନ ସ୍ଥାନରେ ଅଧୀକ୍ଷଣ ଯନ୍ତ୍ରୀ ଦାସଙ୍କ ଥିବା ସମ୍ପତ୍ତିର ଖୋଳତାଡ଼ କରୁଛି ଭିଜିଲାନ୍ସ।

ଭିଜିଲାନ୍ସ ପ୍ରଦତ୍ତ ତଥ୍ୟରୁ ଜଣାପଡ଼ିଛି ରବିବାର ଅଧୀକ୍ଷଣ ଯନ୍ତ୍ରୀ ଦାସଙ୍କ ପୁଣି ୧ କୋଟି ୭୭ ଲକ୍ଷ ଟଙ୍କାର ସମ୍ପତ୍ତି ଠାବ ହୋଇଛି। ଏଯାବତ୍ ତାଙ୍କଠାରୁ ମୋଟ ୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଜବତ କରାଗଲାଣି ବୋଲି ଭିଜିଲାନ୍ସ ଡିଏସ୍‌ପି ସୁଶାନ୍ତ କୁମାର ବିଶ୍ୱାଳ କହିଛନ୍ତି। ବିଭିନ୍ନ ବୀମା କମ୍ପାନୀରେ ତାଙ୍କର ୧ କୋଟି ୭୭ ଲକ୍ଷ ଟଙ୍କା ଗତ ବର୍ଷକ ମଧ୍ୟରେ ଜମା ହୋଇଛି। ଆକ୍ସିସ ବ୍ୟାଙ୍କରେ ୭୮ ଲକ୍ଷ ଟଙ୍କା ୧୮ ଜଣଙ୍କ ନାମରେ ଜମା ରହିଥିଲା। ସେହିପରି ଏଲ୍‌ଆଇସି, ମାକ୍ସ ଜୀବନ ବୀମାରେ ୧୪ ଲକ୍ଷ, ୟୁଟିଆଇରେ ୨୫ ଲକ୍ଷ, କେନ୍ଦୁଝର ଷ୍ଟେଟବ୍ୟାଙ୍କ ଶାଖାରେ ୧୬ ଲକ୍ଷ, କିଶାନ ବିକାଶ ପତ୍ରରେ ୧୪ ଲକ୍ଷ, ଏଚଡିଏଫ୍‌ସି, ବିସିଡି, ବିଜୟା ଆଦି ବ୍ୟାଙ୍କରେ ମଧ୍ୟ ଲକ୍ଷାଧିକ ଟଙ୍କାର ଡିପୋଜିଟ୍ ଥିବା ଭିଜିଲାନ୍ସ ଡିଏସ୍‌ପି ବିଶ୍ୱାଳ ସୂଚନା ଦେଇଛନ୍ତି। ଶନିବାର ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ କରାଯାଇଥିବା ବେଳେ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରୁ ୨.୫ କୋଟି, ଅଧୀକ୍ଷଣ ଯନ୍ତ୍ରୀ ଦାସ ଏବଂ ଠିକାଦାରମାନଙ୍କ ନିକଟରୁ ୨୧ ଲକ୍ଷ ୭୫ ହଜାର, ଜଣେ ଠିକାଦାରଙ୍କ ଘରୁ ୬୦୦ ଗ୍ରାମ ସୁନା, ୫୦ ଲକ୍ଷ ଟଙ୍କାର ବୀମା, ୪୦ ଲକ୍ଷ ଟଙ୍କାର ୟୁଟିଆଇ ବଣ୍ଡ, ୫୦ ଲକ୍ଷ ଟଙ୍କାର କିଶାନ ବିକାଶ ପତ୍ର ସହ ଏନ୍‌ଟିସି ଓ ପୋଷ୍ଟାଲ ଡିପୋଜିଟ ମଧ୍ୟ ମିଳିଛି। ମାଲକାନଗିରି ଓ କେନ୍ଦୁଝରରେ ବ୍ୟାଙ୍କ ଲକର, କଟକରେ ଗୋଟିଏ ଫ୍ଲାଟ୍ ମଧ୍ୟ ଠାବ କରାଯାଇଛି। ଭିଜିଲାନ୍ସ ଯେତେ ଖୋଳତାଡ କରୁଛି ଯନ୍ତ୍ରୀଙ୍କ ସେତେ ସମ୍ପତ୍ତି ମିଳିବାରେ ଲାଗିଛି। ତେବେ ଏହି କୋଟି କୋଟି ଟଙ୍କାର ଦୁର୍ନୀତି ପଛରେ ସ୍ଥାନୀୟ ଅଞ୍ଚଳର ଜଣେ ବଙ୍ଗାଳି ଠିକାଦାରଙ୍କ ପ୍ରଚ୍ଛନ୍ନ ଭୂମିକା ଥିବା ଭିଜିଲାନ୍ସ ବିଭାଗ ସନ୍ଦେହ କରୁଛି। ତେବେ ଆଗାମୀ ଦିନରେ ଏହି ଦୁଇଜଣଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଉଭୟଙ୍କ ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ କରିବାକୁ ସାଧାରଣରେ ଦାବି ହେଉଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୮,୧୬,୭୯,୯୨୨ | ୬୧,୪୭,୫୧୯ | ୪୧,୫୯,୬୫,୩୪୯ |
| ଭାରତ | ୪,୩୦,୧୯,୪୫୩ | ୫,୨୧,୦୩୪ | ୪,୨୪,୮୨,୬୬୨ |
| ଓଡ଼ିଶା | ୧୨,୮୭,୪୬୯ | ୯୧୧୮(+୫୩) | ୧୨,୭୭,୯୨୧ |

ରବିବାର ରାତି ୧୨ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଏମ୍‌ଆର୍‌ସାମ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

**ବାଲେଶ୍ୱର ଅଫିସ,୨୭।୩**

ବାଲେଶ୍ୱର ଜିଲା ଚାନ୍ଦିପୁର କ୍ଷେପଣାସ୍ତ୍ର ପରୀକ୍ଷା କେନ୍ଦ୍ରରୁ ସ୍ଥଳଭାଗରୁ ଆକାଶକୁ ଲକ୍ଷ୍ୟଭେଦ କରିପାରୁଥିବା ମିଡିୟମ୍ ରେଞ୍ଜ ସରଫେସ୍ ଟୁ ଏୟାର ମିଜାଇଲ୍ (ଏମ୍‌ଆର୍‌ସାମ୍)ର ସଫଳ ପରୀକ୍ଷଣ ହୋଇଛି। ରବିବାର ପୂର୍ବାହ୍ନ ୧୦ଟା ୩୪ ମିନିଟ୍ ସମୟରେ ୩ନଂ. ଲଞ୍ଚପ୍ୟାଡ୍‌ରୁ ଏହାର ଉତ୍‌କ୍ଷେପଣ କରାଯାଇଥିଲା।

ଏହି କ୍ଷେପଣାସ୍ତ୍ରକୁ ପ୍ରତିରକ୍ଷା ଅନୁସନ୍ଧାନ ଓ ବିକାଶ ସଂଗଠନ (ଡିଆର୍‌ଡିଓ), ଇସ୍ରାଏଲ୍ କମ୍ପାନୀ ଆଇଏଆଇ ସହିତ ମିଶି ନିର୍ମାଣ କରିଛି। ଏମ୍‌ଆର୍‌ସାମର ଓଜନ ପ୍ରାୟ ୨୭୫ କିଲୋଗ୍ରାମ୍। ଲମ୍ବ ୪.୫ ମିଟର ହୋଇଥିବା ବେଳେ ଗୋଲେଇ ୦.୪୫ ମିଟର। ଉକ୍ତ ମିଜାଇଲରେ ୬୦ କିଲୋଗ୍ରାମ୍ ପର୍ଯ୍ୟନ୍ତ ଅସ୍ତ୍ରଶସ୍ତ୍ର ବହନ କରାଯାଇ ପାରିବ। ଏହି କ୍ଷେପଣାସ୍ତ୍ର ୨ଟି ଷ୍ଟେଜର ହୋଇଥିବା ବେଳେ ଉତ୍‌କ୍ଷେପଣ ପରେ କମ୍ ଧୂଆଁ ଛାଡ଼ିଥାଏ। ଗୋଟିଏ ଥର ଉତ୍‌କ୍ଷେପଣ ପରେ ଏମ୍‌ଆର୍‌ସାମ୍ ଆକାଶରେ ସିଧାସଳଖ ୧୬ କି.ମି ମଧ୍ୟରେ ଥିବା ଟାର୍ଗେଟକୁ ଧ୍ୱଂସ କରିପାରିବ। ଏହା ଅଧ କି.ମିରୁ ୧୦୦ କି.ମି ଯାଏ ଟାର୍ଗେଟକୁ ନଷ୍ଟ କରିପାରେ। ଅର୍ଥାତ୍ ଏହି ପରିଧି ଭିତରେ ଥିବା ଶତ୍ରୁ ବିମାନ, ଡ୍ରୋନ୍ ଓ ମିଜାଇଲକୁ ଏହା ଧ୍ୱଂସ କରି ଦେବ। ଏମ୍‌ଆର୍‌ସାମରେ ନୂତନ ଭାବେ ରେଡିଓ ଫ୍ରିକ୍ୱେନ୍ସି ସିକର ଖଞ୍ଜା ଯାଇଛି। ଯଦି ଶତ୍ରୁ ଚକ୍‌ମା ଦେବା ପାଇଁ କେବଳ ରେଡିଓର ବ୍ୟବହାର କରନ୍ତି, ତେବେ ଏହା ନଷ୍ଟ କରିଦେବ। ଏହାର ବେଗ ସେକେଣ୍ଡ ପିଛା ୬୮୦ ମିଟର ବୋଲି ଡିଆରଡିଓ ପକ୍ଷରୁ ସୂଚନା ମିଳିଛି। ପରୀକ୍ଷଣ ପାଇଁ ଲଞ୍ଚପ୍ୟାଡ୍‌ର ଅଢ଼େଇ କିଲୋମିଟର ପରିଧି ମଧ୍ୟରୁ ୬ଟି ଗାଁର ୭ ହଜାର ଲୋକଙ୍କୁ ଅସ୍ଥାୟୀ ଶିବିରକୁ ସ୍ଥାନାନ୍ତର କରାଯାଇଥିଲା।



ଓଡ଼ିଆ ସମାଜ ନୂଆଦିଲ୍ଲୀ ପକ୍ଷରୁ ଭର୍ଚୁଆଲ ପ୍ଲାଟ୍‌ଫର୍ମରେ ଚାଲିଥିବା ଦୁଇଦିନିଆ 'ଅନ୍ତର୍ଜାତୀୟ ଓଡ଼ିଶା ପର୍ବ'ର ରବିବାର ଉଦ୍‌ଯାପନୀ ଅବସରରେ ପରିବେଷିତ ପାଇକ ନୃତ୍ୟ।

# ବିଶ୍ୱ ଦେଖିଲା ଓଡ଼ିଶାର କଳା, ସଙ୍ଗୀତ, ସଂଗ୍ରାମର କାହାଣୀ

## 'ଓଡ଼ିଶା ପର୍ବ' ଉଦ୍‌ଯାପିତ

- ପାଇକ ନୃତ୍ୟରେ ପାଇକ ବିଦ୍ରୋହର ଗାଥା
- ରଙ୍ଗବତୀରେ ଝୁମିଲେ ଦର୍ଶକ

**ଭୁବନେଶ୍ୱର, ୨୭।୩(ବ୍ୟୁରୋ)**

ଓଡ଼ିଆ ସମାଜ ନୂଆଦିଲ୍ଲୀ ପକ୍ଷରୁ ଭର୍ଚୁଆଲ ପ୍ଲାଟ୍‌ଫର୍ମରେ ଚାଲିଥିବା ଦୁଇଦିନିଆ ଅନ୍ତର୍ଜାତୀୟ 'ଓଡ଼ିଶା ପର୍ବ' ଆନନ୍ଦ ଓ ଉତ୍ସାହର ସହ ରବିବାର ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶାର ସଂସ୍କୃତି, ପରମ୍ପରା ଓ ଐତିହ୍ୟର ଏହି ସର୍ବବୃହତ୍ ଉତ୍ସବକୁ ଭାରତ ସମେତ ସାରା ବିଶ୍ୱର ଦର୍ଶକ ଦେଖିବା ସହ ରାଜ୍ୟର କଳା, ସଙ୍ଗୀତ ଓ ସଂଗ୍ରାମର କାହାଣୀ ଜାଣିବାକୁ ସୁଯୋଗ ପାଇଛନ୍ତି। ବନ୍ଦେ ଉତ୍କଳ ଜନନୀ ଗାନରୁ ଆରମ୍ଭ ହୋଇଥିଲା ଉତ୍ସବ। ଓଡ଼ିଶୀ ନୃତ୍ୟଗୁରୁ ପଦ୍ମବିଭୂଷଣ ସୋନାଲ ମାନସିଂହଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କୁ ଆମୋଦିତ କରିଥିଲା। ପଦ୍ମ ପୁରସ୍କାର ବିଜେତା ଶାସ୍ତ୍ରୀୟ ସଙ୍ଗୀତ ଗାୟିକା ଶ୍ୟାମାମଣି ଦେବୀ, ଜୀବବିଜ୍ଞାନୀ ଆଦିତ୍ୟ ପ୍ରସାଦ ଦାସ ଓ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାରପ୍ରାପ୍ତ ପାରା ଅଲିମ୍ପିକ୍ ସ୍ୱର୍ଣ୍ଣପଦକ ବିଜେତା ତଥା ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ ନିଜର ଅନୁଭୂତି ବଖାଣିଥିଲେ। ଓଡ଼ିଆ ସମାଜ ଦ୍ୱାରା ପ୍ରସ୍ତୁତ 'ଓଡ଼ିଶାର ଚମତ୍କାରୀ ପ୍ରତ୍ନତାତ୍ତ୍ୱିକ', 'ଓଡ଼ିଶାର ଶକ୍ତିପୀଠ', 'ଓଡ଼ିଶାର ଶିବ ମନ୍ଦିର', 'ଓଡ଼ିଶାର ବନ୍ୟଜନ୍ତୁ' ଆଦି କ୍ଷୁଦ୍ର ଚଳଚ୍ଚିତ୍ରରେ ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସୂକ୍ଷ୍ମ ସ୍ଥାପତ୍ୟକଳା ବିଶ୍ୱବାସୀଙ୍କୁ ଆହ୍ଲାଦିତ କରିଥିଲା। ବାଙ୍ଗାଲୋରସ୍ଥିତ ଓଡ଼ିଆ ଆସୋସିଏଶନର ପ୍ରତିଭାମୟୀ ଆଞ୍ଜେଲିନା ଅଭ୍‌ନୀଙ୍କ ଶ୍ରୀମଦ୍ ଭଗବତ୍ ଗୀତା ପାଠ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କ କଣ୍ଠରେ 'ରଙ୍ଗବତୀ' ସଙ୍ଗୀତ ଦର୍ଶକଙ୍କୁ ଝୁମେଇଥିଲା।

ପାଇକ ବିଦ୍ରୋହକୁ ନେଇ ପ୍ରସ୍ତୁତ ପାଇକ ନାଚ ଶିହରଣ ସୃଷ୍ଟି କରିଥିଲା। ଲାଇଫ୍ଲିଙ୍କ୍ ଓ ସ୍ପୋର୍ଟସ ସାଇନ୍ସ ଇଣ୍ଡିଆର ପ୍ରତିଷ୍ଠାତା ଡ. ସାର୍ଥକ ପଟ୍ଟନାୟକ, ଅନ୍‌ଲାଇନ ଗ୍ରସେରି ଷ୍ଟୋର୍ ଗ୍ରୋଜିପ୍‌ର ପ୍ରତିଷ୍ଠାତା ଆନନ୍ଦ କୁମାର ମିଶ୍ର ଏବଂ ଇଣ୍ଡଲ୍‌ଜ ସାଲୋନ ଓ ଓଡ଼ିଶାର ପ୍ରଥମ ବ୍ରାଇଡାଲ ମଲ୍‌ର ପ୍ରତିଷ୍ଠାତା ସୁକୀର୍ତ୍ତି ପଟ୍ଟନାୟକଙ୍କ ସଂଘର୍ଷର କାହାଣୀ ଯୁବ ଉଦ୍ୟୋଗୀଙ୍କ ପାଇଁ ବେଶ୍ ପ୍ରେରଣାଦାୟୀ ଥିଲା। ଦୁବାଇରେ ରହି ଓଡ଼ିଆ ପରମ୍ପରା ଓ ସଂସ୍କୃତିକୁ ୟୁଟ୍ୟୁବ୍ ଚ୍ୟାନେଲରେ ପ୍ରସାର କରି ଜଣେ ସଫଳ ବ୍ଲଗର ପାଲଟିଥିବା ଅର୍ଚ୍ଚନା ବେହୁରାଙ୍କ ସଫଳତାର ପଥ ସଭିଙ୍କୁ ଉତ୍ସାହିତ କରିଥିଲା। ଋଷିଆ, ସଉଦି ଆରବ, ବ୍ରିଟେନରେ ରହୁଥିବା ଓଡ଼ିଆ ସମୁଦାୟର କଳାକାରଙ୍କ ନୃତ୍ୟ ସମସ୍ତଙ୍କ ହୃଦୟ ଜିଣିଥିଲା। ବଂଶୀବାଦକ ଆନନ୍ଦ ପ୍ରସନ୍ନ ବଂଶୀର ଝଙ୍କାର ଥିଲା ବେଶ୍ ଶ୍ରୁତିମଧୁର। ଓଡ଼ିଶାର ପର୍ବପର୍ବାଣିକୁ ନେଇ ପ୍ରସ୍ତୁତ କଣ୍ଟେମ୍ପୋରାରି ନୃତ୍ୟ ଓ ମ୍ୟୁଜିକାଲ ନାଇଟ୍ 'ସଙ୍ଗୀତ ସୁଧା' ଥିଲା ବେଶ୍ ମନୋରଞ୍ଜକ। ଓଡ଼ିଆ ମେଲୋଡି ମେକର ଅଭିଜିତ୍ ମଜୁମ୍‌ଦାର, କଣ୍ଠଶିଳ୍ପୀ ସତ୍ୟଜିତ ପ୍ରଧାନ, ସୋହିନୀ ମିଶ୍ର, ଶଶାଙ୍କ ଶେଖର, ନେହା ନୀହାରିକାଙ୍କ କଣ୍ଠର ଯାଦୁରେ ଝୁମି ଉଠିଥିଲେ ଦର୍ଶକ।






**ଆଜିର ମନ୍ତବ୍ୟ**

ସମସ୍ତ ଭାରତୀୟ ଲକ୍ଷ୍ୟ ହାସଲ ପାଇଁ ସାହସର ସହ ଏକାଠି ହେଲେ ଆତ୍ମନିର୍ଭର ଭାରତ ସ୍ୱପ୍ନ ନିଶ୍ଚୟ ସାକାର ହୋଇପାରିବା। **-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ...............................



ବଜରଙ୍ଗୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏଇବାଟେ ଗଲା କଥା ନ କହିଲା**
**ଦହିଲା ମୋ ପଞ୍ଚମନ**
**ସବୁ ସରିଯିବ, କଥା ତ ରହିବ**
**କେତେ ଦିନ ଏ ଜୀବନ ?**

ଯେଉଁଠି ସ୍ନେହ, ପ୍ରେମ, ଭଲପାଇବା ଥାଏ ସେଇଠି ରାଗ, ରୋଷ, ମାନ, ଅଭିମାନ ରହିଥାଏ। ପରନ୍ତୁ ଏହି ମାନ ଅଭିମାନର ମାତ୍ରା ଯେତେ କମ ହୁଏ, ସମ୍ପର୍କ ସେତେ ମଧୁମୟ ଓ ସୁଖମୟ ହୋଇଥାଏ। ଅଭିମାନରେ ମୁହଁ ବୁଲାଇ ଚାଲିଯିବା ଦ୍ୱାରା ପ୍ରେମୀ ମନରେ ସୃଷ୍ଟି ହେଉଥିବା ଆହତାବସ୍ଥା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଏଇଲୋ ବାପ,**
**ଘରେ ପଶିଗଲା ଢମଣା ସାପ।**

ଢମଣା ସାପ ସାଧାରଣତଃ ବିଷ ହୀନ ହୋଇଥାନ୍ତି। ତେଣୁ ଏହାକୁ ନେଇ ମନରେ ଭୟ ପ୍ରକାଶ କରିବା ଉଚିତ ହୋଇ ନ ଥାଏ। ମନର ଭୟ ମଣିଷକୁ ଶଙ୍କାଗ୍ରସ୍ତ କରାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ**

## ପ୍ରଥମ ପୃଷ୍ଠାରୁ...

### ଆଜିଠୁ ୨ ଦିନିଆ ...

ସେଣ୍ଟ୍ରାଲ ଟ୍ରେଡ୍ ୟୁନିୟନ୍ସ ଆଣ୍ଡ ସେକ୍ଟୋରାଲ ଫେଡେରେଶନ୍ସ ଆଣ୍ଡ ଆସୋସିଏଶନ୍ସ ପକ୍ଷରୁ ନୂଆଦିଲ୍ଲୀରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ସରକାରଙ୍କ ଶ୍ରମିକ-ଜନ-କୃଷକ-ଦେଶବିରୋଧୀ ନୀତିଗୁଡ଼ିକର ପ୍ରତିବାଦରେ ସୋମବାର ଓ ମଙ୍ଗଳବାର ଦେଶବ୍ୟାପୀ ବନ୍ଦ କରିବା ପାଇଁ ଏଥିରେ ନିଷ୍ପତ୍ତି ହୋଇଥିଲା। ଅତ୍ୟାବଶ୍ୟକ ସେବା ପରିଚାଳନା ଆଇନ (ଇଏସ୍ଏମ୍ଏ) ବଳରେ କାର୍ଯ୍ୟାନୁଷ୍ଠାନ ଚେତାବନୀ ସତ୍ତ୍ୱେ ବନ୍ଦ ପାଳନରେ ସଡ଼କ, ପରିବହନ ଶ୍ରମିକ ଏବଂ ବିଦ୍ୟୁତ୍ କର୍ମଚାରୀମାନେ ମଧ୍ୟ ଯୋଗଦେବେ ବୋଲି ଉକ୍ତ ପ୍ଲାଟଫର୍ମ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଥିଲା। ଇତିମଧ୍ୟରେ ବନ୍ଦ ପାଳନକୁ ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍ଏମ୍ଏସ୍, ସିଆଇଟିୟୁ, ଏଆଇୟୁସିୟୁସି, ଟିସିସି, ଏସ୍ଇଡବ୍ଲ୍ୟୁଏ, ଏଆଇସିସିଟିୟୁ, ଏଲ୍‌ପିଏଫ୍ ଏବଂ ୟୁଟିୟୁସି ଭଳି ଶ୍ରମିକ ସଙ୍ଗଠନ ସମର୍ଥନ ଘୋଷଣା କରିଛନ୍ତି। ଏନେଇ ଅଲ୍ ଇଣ୍ଡିଆ ଟ୍ରେଡ୍ ୟୁନିୟନ୍ କଂଗ୍ରେସ ସାଧାରଣ ସମ୍ପାଦକ ଅମରଜିତ୍ କୌର୍ କହିଛନ୍ତି, ଉଭୟ ସଙ୍ଗଠିତ ଓ ଅଣସଙ୍ଗଠିତ କ୍ଷେତ୍ରର ୨୦ କୋଟି ଶ୍ରମିକ ବନ୍ଦ ପାଳନକୁ ସଫଳ କରିବେ ବୋଲି ଆମେ ଆଶା କରୁଛୁ। କୃଷି ଓ ଅନ୍ୟାନ୍ୟ କ୍ଷେତ୍ରରେ ନିୟୋଜିତ ଶ୍ରମିକମାନେ ମଧ୍ୟ ବିକ୍ଷୋଭରେ ସାମିଲ ହେବାକୁ ଥିବାରୁ ଗ୍ରାମାଞ୍ଚଳ ମଧ୍ୟ ପ୍ରଭାବିତ ହେବ। ୟୁନିୟନ୍‌ଗୁଡ଼ିକର ଦାବି ହେଉଛି, ଶ୍ରମ ନୀତିରେ ପ୍ରସ୍ତାବିତ ସଂଶୋଧନର ପ୍ରତ୍ୟାହାର, ସମସ୍ତ ପ୍ରକାର ଘରୋଇକରଣ ବନ୍ଦ କରାଯାଉ। ଏଥିସହ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ(ଏମ୍‌ଜିଏନ୍‌ଆର୍‌ଇଜିଏ) ଅଧୀନରେ ଆବଣ୍ଟନ ବୃଦ୍ଧି ଏବଂ ଠିକା ଶ୍ରମିକଙ୍କୁ ନିୟମିତ କରିବାକୁ ମଧ୍ୟ ସେମାନେ ଦାବି କରିଛନ୍ତି। କେନ୍ଦ୍ର ସରକାରୀ ବ୍ୟାଙ୍କଗୁଡ଼ିକର ଘରୋଇକରଣ ବନ୍ଦ କରି ସେଗୁଡ଼ିକୁ ସଶକ୍ତ କରୁ ବୋଲି ଅଲ୍ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲଇଜ୍ ଆସୋସିଏଶନ୍ (ଏଆଇବିଇଏ) ସାଧାରଣ ସମ୍ପାଦକ ସି.ଏଚ୍. ଭେଙ୍କଟଚଲମ୍ ଦାବି କରିଛନ୍ତି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ସମେତ ଦେଶର ଅନେକ ସରକାରୀ ବ୍ୟାଙ୍କ ସେମାନଙ୍କ ସେବା ସୀମିତ ଭାବେ ପ୍ରଭାବିତ ହୋଇପାରେ ବୋଲି କହିଛନ୍ତି। ବନ୍ଦ ପାଳନ ବେଳେ ଶାଖା ଓ ଅଫିସ୍‌ଗୁଡ଼ିକର ସ୍ୱାଭାବିକ ପରିଚାଳନା ଲାଗି ଜରୁରୀ ବ୍ୟବସ୍ଥା କରାଯାଇଥିବା ସବୁଠୁ ବଡ଼ ସରକାରୀ ବ୍ୟାଙ୍କ ଏସ୍‌ବିଆଇ ପକ୍ଷରୁ କୁହାଯାଇଛି। ଆଇଏବିଇଏ, ବ୍ୟାଙ୍କ ଏମ୍ପ୍ଲଇଜ୍ ଫେଡେରେଶନ୍ ଅଫ୍ ଇଣ୍ଡିଆ (ବିଇଏଫ୍‌ଆଇ) ଏବଂ ଅଲ୍ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ ଆସୋସିଏଶନ୍ (ଏଆଇବିଓଏ) ମଧ୍ୟ ଦୁଇଦିନିଆ ଷ୍ଟ୍ରାଇକ୍ ନେଇ ନୋଟିସ୍ ଦେଇଥିବା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଦିଲ୍ଲୀ ମୁଖ୍ୟାଳୟ ପକ୍ଷରୁ କୁହାଯାଇଛି। ଇତିମଧ୍ୟରେ ଶକ୍ତି ମନ୍ତ୍ରଣାଳୟ ରବିବାର ସମସ୍ତ ସରକାରୀ ତଥା ଅନ୍ୟ ଏଜେନ୍ସିଗୁଡ଼ିକୁ ହାଇଆଲର୍ଟରେ ରହି ୨୪ ଘଣ୍ଟିଆ ବିଜୁଳି ଯୋଗାଣ ଓ ନ୍ୟାଶନାଲ ଗ୍ରିଡ୍‌ର ସ୍ଥିରତା ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦେଇଛି। ମାର୍ଚ୍ଚ ୨୮ ସକାଳ ୬ଟାରୁ ୩୦ ତାରିଖ ସକାଳ ୬ଟା ପର୍ଯ୍ୟନ୍ତ ଦେଶବ୍ୟାପୀ ହରତାଳ କରିବା ପାଇଁ ସେଣ୍ଟର ଅଫ୍ ଇଣ୍ଡିଆନ୍ ଟ୍ରେଡ୍ ୟୁନିୟନ୍ସ (ସିଆଇଟିୟୁ) ଡାକରା ଦେଇଥିବା ମନ୍ତ୍ରଣାଳୟ ପକ୍ଷରୁ ଆଡ୍‌ଭାଇଜରିରେ କୁହାଯାଇଛି। ସମସ୍ତ ରାଜ୍ୟ, କେନ୍ଦ୍ରୀୟ ସରକାରୀ ଉଦ୍ୟୋଗ (ପିଏସ୍‌ୟୁ), କେନ୍ଦ୍ରୀୟ ବିଦ୍ୟୁତ୍ କର୍ତ୍ତୃପକ୍ଷ, ନ୍ୟାଶନାଲ ଲୋଡ୍ ଡିସ୍‌ପାଚ୍ ସେଣ୍ଟର ଏବଂ ରିଜିଓନାଲ ଲୋଡ୍ ଡିସ୍‌ପାଚ୍ ସେଣ୍ଟରଗୁଡ଼ିକୁ ଏହାର ଅନୁପାଳନ ନିର୍ଦ୍ଦେଶ ଦିଆଯାଇଛି। ହସ୍ପିଟାଲ, ଡିଫେନ୍ସ ଓ ରେଳୱେ ଭଳି ଅତ୍ୟାବଶ୍ୟକ ସେବାରେ ନିୟୋଜିତ ଲୋକଙ୍କୁ ବିଦ୍ୟୁତ୍ ଯୋଗାଣ ଯେପରି ବ୍ୟାହତ ନ ହେବ ସେଥିଲାଗି ସୂଚନା ପ୍ରଦାନ ତଥା ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲିବାକୁ ମଧ୍ୟ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି।

### ସ୍ଥିତି ଦେଖି ...

ଆଡୁ ଏହି ଦୁଇଦିନ ପାଇଁ ସ୍କୁଲ ବନ୍ଦ କରିଦେଇଛନ୍ତି। ସେପଟେ ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ରମାଦେବୀ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ସମସ୍ତ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ପରୀକ୍ଷା କେବେ ହେବ ସେ ନେଇ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଲୋକସେବା ଭବନ, ଖାରବେଳ ଭବନ, ରାଜୀବ ଭବନ ଏବଂ ବିଭାଗୀୟ ମୁଖ୍ୟ ଦପ୍ତରରେ ଥିବା ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ପୂର୍ବାହ୍ନ ୯ଟା୩୦ ସୁଦ୍ଧା ଅଫିସ୍‌ରେ ପହଞ୍ଚିବେ। ଏନେଇ ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ଡ. ସନ୍ତୋଷ ବାଲା ସମସ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ, ସ୍ୱତନ୍ତ୍ର ସଚିବମାନଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ତଦ୍‌ନୁଯାୟୀ ୨୮ ଓ ୨୯ ତାରିଖ ପୂର୍ବାହ୍ନ ୧୦ଟା ୧୫ରେ ଲୋକସେବା ଭବନ ସମ୍ମୁଖ ଫାଟକ ବନ୍ଦ କରାଯିବ। ପଛ ଫାଟକ ଦେଇ ଯାତାୟାତ ନିୟନ୍ତ୍ରଣ କରାଯିବ। କର୍ମଚାରୀ ଓ ଆଗନ୍ତୁକଙ୍କ ପରିଚୟପତ୍ର ଏବଂ ପାସ୍‌କୁ କଡ଼ାକଡ଼ି ଯାଞ୍ଚ କରାଯିବ। ସେହିପରି ବିନା ପାସ୍‌ରେ ଯାନବାହନ ପ୍ରବେଶ ଅନୁମତି ଦିଆଯିବ ନାହିଁ। ସେହିଭଳି ଓଡ଼ିଶାର ପେଟ୍ରୋଲ ପମ୍ପଗୁଡ଼ିକ ଖୋଲା ରହିବ କି ନାହିଁ ଜନସାଧାରଣ ଆଶା ଓ ଆଶଙ୍କା ମଧ୍ୟରେ ରହିଥିବା ବେଳେ ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ(ୟୁପିଡିଏ) ପକ୍ଷରୁ ରବିବାର ଏକ ଜରୁରିକାଳୀନ ବୈଠକ ଡକାଯାଇ ଏ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଏ ସମ୍ପର୍କରେ ୟୁପିଡିଏର ସମ୍ପାଦକ ସଞ୍ଜୟ ଲାଠ କହିଛନ୍ତି, ୟୁନିୟନର ପ୍ରସ୍ତାବ ପାଇଛୁ। ହେଲେ ସକାଳ ପରିସ୍ଥିତିକୁ ଲକ୍ଷ୍ୟ କରାଯାଇ କାରବାର ନିଷ୍ପତ୍ତି ନିଆଯିବ। ପରିବେଶ ଓ ପରିସ୍ଥିତି ଯଦି ଠିକ ରୁହେ ତା'ହେଲେ ଅପରାହ୍ନରେ ସମସ୍ତ ପମ୍ପ ହାଉସ (ତେଲ ଟାଙ୍କି) ଖୋଲାଯିବ। ସେହିପରି ଆମର ସମର୍ଥନ ରହିବ ହେଲେ ଖାଉଟିଙ୍କ ପାଇଁ କାରବାର ମଧ୍ୟ ଜାରି ରହିବ ବୋଲି ଲାଠ ମତବ୍ୟକ୍ତ କରିଛନ୍ତି। ସେପଟେ ଦୋକାନ ବଜାର ଖୋଲା ରହିବ କି ନାହିଁ ସ୍ପଷ୍ଟ କରିଛି ଓଡ଼ିଶା ବ୍ୟବସାୟୀ ସଂଘ। ସଂଘ ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି, ଏହି ଭାରତ ବନ୍ଦ ଡାକରାର ପ୍ରଭାବ ଓଡ଼ିଶାରେ ବିଶେଷ ଭାବେ ପଡ଼ିବ ନାହିଁ ବୋଲି ଆମେ ଆଶଙ୍କା କରୁଛୁ। ତେଣୁ ସବୁ ଦୋକାନ ବଜାର ଖୋଲା ରହିବ ବୋଲି ସୁଧାକର କହିଛନ୍ତି। ସେପଟେ ଭାରତ ବନ୍ଦ ଡାକରାକୁ ସମର୍ଥନ କରି ରବିବାର ସିପିଆଇ, ଏଆଇଟିୟୁସି, ବିକେଏମ୍‌ୟୁ ଓ କୃଷକ ସଭା ପକ୍ଷରୁ ରାଜଧାନୀ ଭୁବନେଶ୍ୱରରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୪ଟିସଙ୍ଗଠନର ଶତାଧିକ କର୍ମୀ ବିକେଏମ୍‌ୟୁର ରାଜ୍ୟ ସମ୍ପାଦକ ସୁର ଜେନା ଓ ଏଆଇଟିୟୁସିର ରାଜ୍ୟ ଉପ ସାଧାରଣ ସମ୍ପାଦକ ବିଜୟ ଜେନାଙ୍କ ନେତୃତ୍ୱରେ ଭଗବତୀ ଭବନଠାରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ। ସେମାନେ ରାଜମହଲ ଛକ ଓ ମାଷ୍ଟରକ୍ୟାଣ୍ଟିନ ଦେଇ ଅଶୋକନଗର ଅଞ୍ଚଳ ପରିକ୍ରମା ପୂର୍ବକ ଭାରତ ବନ୍ଦକୁ ସଫଳ କରିବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଅପରପକ୍ଷେ ସିଆଇଟିୟୁ ଏବଂ ବିଭିନ୍ନ ଶ୍ରମିକ ସଙ୍ଗଠନଗୁଡ଼ିକ ତରଫରୁ ସୋମବାର ସକାଳ ସାଢ଼େ ୬ଟାରେ ଭୁବନେଶ୍ୱରରେ ଜାତୀୟ ରାଜପଥ ଆଚାର୍ଯ୍ୟ ବିହାର ଓଭର ବ୍ରିଜଠାରେ ରାସ୍ତାରୋକୋ କରାଯାଇ ଅଖଚକ ବନ୍ଦ କରାଯିବ ବୋଲି ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ସୂଚନା ଦେଇଛନ୍ତି।

### ଭୋଟ ହାରରେ ...

ଖଣ୍ଡ ଭୋଟ ପଛରେ ରହିଛି। ପୌରାଧ୍ୟକ୍ଷ ନିର୍ବାଚନରେ ବିଜେଡି ସର୍ବାଧିକ ୪୮%, ଭାଜପା ୨୯%, କଂଗ୍ରେସ ୧୨%, ସ୍ୱାଧୀନ ୯%, ଅନ୍ୟାନ୍ୟ ଓ ନୋଟା ୨% ଭୋଟ୍ ପାଇବାରେ ସକ୍ଷମ ହୋଇଛନ୍ତି। ପୌରାଧ୍ୟକ୍ଷ ନିର୍ବାଚନରେ ମଧ୍ୟ ୧୭,୧୩୮ ଲୋକ ନୋଟାକୁ ବିକଳ୍ପ ଭାବି ନେଇଛନ୍ତି। ପୌରାଧ୍ୟକ୍ଷ ନିର୍ବାଚନରେ ବିଜେଡି ୮,୫୫,୦୦୧ ଭୋଟ ପାଇ ପ୍ରଥମ ସ୍ଥାନରେ ରହିଛି। ବିଜେଡି ପଛକୁ ଭାଜପା ୫,୧୫,୬୪୯, କଂଗ୍ରେସ ୨,୧୮,୧୧୪, ସ୍ୱାଧୀନ ୧,୬୫,୭୯୨ ଏବଂ ଅନ୍ୟାନ୍ୟ ୧୬,୧୦୪ ଭୋଟ ପାଇଛନ୍ତି। ପୌରାଧ୍ୟକ୍ଷ ଭୋଟରେ ବିଜେଡିଠାରୁ ଭାଜପା ୩,୩୯,୩୫୨ ଭୋଟ ପଛରେ ରହିଛି। ତେବେ ବିଜେଡିକୁ ପୌରାଧ୍ୟକ୍ଷ ତୁଳନାରେ କାଉନ୍‌ସିଲର ନିର୍ବାଚନରେ ୨% ଅଧିକ ଭୋଟ ମିଳିଛି। ଭୁବନେଶ୍ୱର, କଟକ ଏବଂ ବ୍ରହ୍ମପୁର ଭଳି ୩ ମହାନଗର ନିଗମରେ ହୋଇଥିବା ନିର୍ବାଚନରେ ମଧ୍ୟ ବିଜେଡି ସବୁଠୁ ଭଲ ପ୍ରଦର୍ଶନ କରିଛି। ୩ଟି ଯାକ ମେୟର ପଦବୀ ବିଜେଡି ଖାତାକୁ ଚାଲିଯାଇଛି। ରାଜ୍ୟରେ ଅନୁଷ୍ଠିତ ୧୬୮ କର୍ପୋରେଟର ନିର୍ବାଚନରେ ବିଜେଡିକୁ ୩, ୧୩,୨୭୫ ଭୋଟ ମିଳିଥିବା ବେଳେ ଭାଜପା ୧,୬୯,୪୩୯, କଂଗ୍ରେସ ୮୧, ୪୩୪, ସ୍ୱାଧୀନ ୧, ୦୪,୬୦୪ ଏବଂ ଅନ୍ୟାନ୍ୟ ଦଳ ୬,୨୦୪ ଖଣ୍ଡ ଭୋଟ ପାଇଛନ୍ତି। ୩ ମହାନଗର ନିଗମର ୮,୨୬୭ ଜଣ ଭୋଟର ନୋଟାକୁ ପସନ୍ଦ କରିଛନ୍ତି। ମହାନଗର ନିଗମ କର୍ପୋରେଟର ନିର୍ବାଚନରେ ବିଜେଡି ୪୬%, ଭାଜପା ୨୫%, କଂଗ୍ରେସ ୧୨%, ସ୍ୱାଧୀନ ୧୫% ଏବଂ ଅନ୍ୟାନ୍ୟ ଓ ନୋଟା ୨% ଭୋଟ୍ ପାଇଛନ୍ତି। କର୍ପୋରେଟର ନିର୍ବାଚନରେ ଭାଜପା ବିଜେଡି ତୁଳନାରେ ୧,୪୩,୮୩୬ ଖଣ୍ଡ କମ୍ ଭୋଟ ପାଇଛି। ମିଳିଥିବା ସୂଚନା ମୁତାବକ, ଗତଥର ତୁଳନାରେ ଏଥର କିନ୍ତୁ ଭାଜପାର ଭୋଟ ହାର ବୃଦ୍ଧି ପାଇଛି। ଗତଥର ଭାଜପା ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ନିର୍ବାଚନରେ ୪ଟି ସିଟ୍ ପାଇଥିବା ବେଳେ ଏଥର ସେହି ସଂଖ୍ୟା ୧୦କୁ ବୃଦ୍ଧି ପାଇଛି। ୮ଟି ଆସନରେ ଭାଜପା ପ୍ରାର୍ଥୀ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା କରି କମ୍ ଭୋଟ ବ୍ୟବଧାନରେ ପରାଜୟ ହୋଇଛନ୍ତି। ସେହିପରି କଟକ ମହାନଗର ନିଗମ(ସିଏମ୍‌ସି)ରେ ମଧ୍ୟ ଗତଥର ଭାଜପା ୩ଟି ଆସନ ପାଇ ସନ୍ତୁଷ୍ଟ ହୋଇଥିବା ବେଳେ ଏଥର କିନ୍ତୁ ସେହି ସଂଖ୍ୟା ୭ରେ ପହଞ୍ଚିଛି। ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି)ରେ ଭାଜପା ଏଥର ୭ଟି ଆସନରେ ବିଜୟ ଲାଭ କରିଛି। ଗତଥର ଶୂନ ଆସନ ପାଇଥିବା ଭାଜପା ଏଥର ୭କୁ ବୃଦ୍ଧି ପାଇବା ଭାଜପା କର୍ମୀ ମହଲରେ ଅଳ୍ପବହୁତେ ଉତ୍ସାହ ବଢ଼ାଇଛି।

### 'ଷଡ଼ଯନ୍ତ୍ର ପଛରେ ...

ଉପରେ ଚାପ ସୃଷ୍ଟି କରାଯିବା ସହ ଲିଖିତ ଧମକ ଦିଆଯାଉଛି। ତେବେ ଜାତୀୟ ସ୍ୱାର୍ଥରେ ସାଲିସ କରାଯିବ ନାହିଁ ବୋଲି ପାକ୍ ପ୍ରଧାନମନ୍ତ୍ରୀ କହିଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫ୍ ଏବଂ ଜେନେରାଲ ପରଭେଜ ମୁଶାରଫଙ୍କୁ ସମାଲୋଚନା କରି ଇମ୍ରାନ କହିଥିଲେ, ଗତ ୩୦ ବର୍ଷରେ ୩ଟି ମୂଷା ଦେଶକୁ ଲୁଟିଛନ୍ତି। ବିଦେଶୀ ବ୍ୟାଙ୍କ ଆକାଉଣ୍ଟରେ ସେମାନେ ବିପୁଳ ଅର୍ଥ ଜମା କରିଥିବାବେଳେ ଲଣ୍ଡନରେ ସମ୍ପତ୍ତି ରହିଛି। ଦରକାର ପଡ଼ିଲେ ସରକାର ଏବଂ ଜୀବନକୁ ଉତ୍ସର୍ଗ କରିଦେବି, ହେଲେ ଅପରାଧୀମାନଙ୍କୁ ଛାଡ଼ିବି ନାହିଁ ବୋଲି ଇମ୍ରାନ କହିଛନ୍ତି। ଅନାସ୍ଥା ଭୋଟ୍‌ର ସମ୍ମୁଖୀନ ହେବା ପୂର୍ବରୁ ଇମ୍ରାନ୍ ଇସ୍ତଫା ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଥିବାବେଳେ ଏନେଇ ରାଲିରେ ସେ କିଛି କହି ନାହାନ୍ତି। ସେପଟେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପାକିସ୍ତାନ ମୁସ୍‌ଲିମ୍ ଲିଗ୍-ନୱାଜ (ପିମ୍‌ଏଲ୍-ଏନ୍) ନେତା ନୱାଜ ଶରିଫଙ୍କ ସମର୍ଥକମାନେ ଶନିବାର ଲାହୋରରୁ ରାଜଧାନୀ ଇସ୍‌ଲାମାବାଦ ଅଭିମୁଖେ ବିଶାଳ ଶୋଭାଯାତ୍ରାରେ ବାହାରିଛନ୍ତି। ସେହିପରି ଜମାଏତ୍ ଉଲେମା-ଇ-ଇସ୍‌ଲାମ (ଏଫ୍) ପାର୍ଟିର ହଜାର ହଜାର କର୍ମୀ ଇସ୍‌ଲାମାବାଦରେ ସରକାର ବିରୋଧୀ ବିକ୍ଷୋଭରେ ସାମିଲ ହୋଇଛନ୍ତି। ଇମ୍ରାନ୍ ସରକାର ଦୁର୍ନୀତିରେ ଲିପ୍ତ ଥିବା ବିରୋଧୀ ମେଣ୍ଟ ଅଭିଯୋଗ କରିବା ସହ ଦେଶରେ ଆର୍ଥିକ ସଙ୍କଟ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଦାୟୀ କରିଛନ୍ତି। ଦେଶର ସୁରକ୍ଷା ପାଇଁ ଦୁର୍ନୀତିଗ୍ରସ୍ତ ସରକାରକୁ ହଟାଇବାକୁ ପିଏମ୍‌ଏଲ୍-ଏନ୍ ଅଧ୍ୟକ୍ଷ ଶାହବାଜ ଶରିଫ୍ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ବିରୋଧୀ ଦଳଗୁଡ଼ିକର ମିଳିତ ଶୋଭାଯାତ୍ରାରେ ସାମିଲ ହୋଇ ପିଟିଆଇ ସରକାରକୁ ବିରୋଧ କରିବା ପାଇଁ ଶାହବାଜ ରାଲିକୁ ଭିଡିଓ ବାର୍ତ୍ତା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୮ ତାରିଖରେ ବିରୋଧୀ ଦଳଗୁଡ଼ିକର ମେଣ୍ଟ ପାକିସ୍ତାନ ଡେମୋକ୍ରାଟିକ ମୁଭ୍‌ମେଣ୍ଟ (ପିଡିଏମ୍) ନ୍ୟାଶନାଲ ଆସେମ୍ବ୍ଲି ସଚିବାଳୟରେ ଅନାସ୍ଥା ପ୍ରସ୍ତାବ ଦାଖଲ କରିବା ପରେ ପାକିସ୍ତାନ ରାଜନୀତିରେ ଅନିଶ୍ଚିତତା ଦେଖାଦେଇଛି। ଦେଶର ଆର୍ଥିକ ସଙ୍କଟ ଏବଂ ଆକାଶଛୁଆଁ ଦର ବୃଦ୍ଧି ପାଇଁ ବିରୋଧୀ ପ୍ରଧାନମନ୍ତ୍ରୀ ଇମ୍ରାନଙ୍କୁ ଦାୟୀ କରିଛନ୍ତି। ଶୁକ୍ରବାର ନ୍ୟାଶନାଲ ଆସେମ୍ବ୍ଲିର ଗୁରୁତ୍ୱପୂର୍ଣ୍ଣ ଅଧିବେଶନ ଡକାଯାଇଥିବାବେଳେ ଅନାସ୍ଥା ପ୍ରସ୍ତାବ ଉପସ୍ଥାପନ କରା ନ ଯାଇ ଗୃହକୁ ମୁଲତବୀ ଘୋଷଣା କରାଯାଇଥିଲା। ଏପଟେ ଇମ୍ରାନ୍ ରାଲିକୁ ସମ୍ବୋଧନ କରୁଥିବାବେଳେ ସହଯୋଗୀ ବେଲୁଚିସ୍ତାନ ନେତା ଶାହଜାଏନ୍ ବୁଗ୍‌ତି ତାଙ୍କଠାରୁ ଦୂରେଇ ଯାଇଛନ୍ତି। ବେଲୁଚିସ୍ତାନରେ ବୁଝାମଣା ଓ ସଦ୍‌ଭାବନା ପାଇଁ ବୁଗ୍‌ତି ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହକାରୀ ଭାବେ କାର୍ଯ୍ୟ କରୁଥିଲେ।

### ଛଅ ଦିନରେ ...

ମୋଟ ପେଟ୍ରୋଲ୍ ୩.୭୦ ଟଙ୍କା ଏବଂ ଡିଜେଲ୍ ୩.୭୫ ଟଙ୍କା (୫ ଥରରେ ପେଟ୍ରୋଲ ଓ ଡିଜେଲ ଉପରେ) ମୂଲ୍ୟ ବୃଦ୍ଧି ଘଟିଛି। ସେହିଭଳି ଦେଶର ପ୍ରମୁଖ ମହାନଗର ମୁମ୍ବାଇ, କୋଲକାତା ଓ ଚେନ୍ନାଇ ଭଳି ସହରରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୧୧୩.୮୮ ଟଙ୍କା, ୧୦୮.୫୩ ଟଙ୍କା ଏବଂ ୧୦୫ ଟଙ୍କାରେ ବିକ୍ରି ହେଉଛି। ସେହିପରି ଉପରୋକ୍ତ ମହାନଗର ନିଗମଗୁଡ଼ିକରେ ଡିଜେଲ ଲିଟର ପିଛା ୯୮.୧୩ ଟଙ୍କା, ୯୩.୫୭ ଟଙ୍କା ଏବଂ ୯୫.୧୦ ଟଙ୍କାରେ ପହଞ୍ଚିଛି। ସୂଚନାଯୋଗ୍ୟ ଯେ, ୟୁକ୍ରେନ୍ ଓ ରୁଷିଆ ମଧ୍ୟରେ ଲାଗି ରହିଥିବା ଯୁଦ୍ଧର ପ୍ରଭାବ ସାଙ୍ଗକୁ ଅନ୍ତର୍ଜାତୀୟ ତୈଳ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ଯୋଗୁ ଭାରତ ବଜାରରେ ଅନେକ ସମସ୍ୟା କରିଛି। ଏଭଳି ସମୟରେ ମଧ୍ୟ ସବୁ ବର୍ଗର ଖାଉଟି ଅତିରିକ୍ତ ଖର୍ଚ୍ଚ ଭାର ବହନ କରୁଛି। ସେହିପରି ତୈଳ ଦର ବୃଦ୍ଧିକୁ ନେଇ ବିଭିନ୍ନ ସଂସ୍ଥା ଓ ସର୍ଭେ ଟିମ୍ ପକ୍ଷରୁ ମଧ୍ୟ ଭିନ୍ନ ଭିନ୍ନ ଆକଳନ କରାଯାଇଛି। ଏହି ଦର ବୃଦ୍ଧି ଖାଉଟିଙ୍କୁ ପୁଣି ଥରେ କନ୍ଦାଇବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ଏପରିକି ତୈଳ ଦର ବୃଦ୍ଧି ଯୋଗୁ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ହେବାର ଯଥେଷ୍ଟ ସମ୍ଭାବନା ରହିଛି। କ୍ରମାଗତ ତୈଳ ଦର ବୃଦ୍ଧି ହେଲେ ସବୁ ସ୍ତର ଓ କ୍ଷେତ୍ରରେ ଦର ବୃଦ୍ଧିର ପ୍ରଭାବ ପଡ଼ିବ ଏବଂ ଖାଉଟିଙ୍କ ଉପରେ ଏହା ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ପ୍ରଭାବ ପକାଇବ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ଚଳିତ ଆର୍ଥିକ ବର୍ଷ ପୂର୍ବରୁ ବର୍ତ୍ତମାନ ସଂସଦରେ ବିଭିନ୍ନ ବିଷୟରେ ଆଲୋଚନା ଜାରି ରହିଥିବା ବେଳେ ବିରୋଧୀ ତୈଳ ଦର ଓ ଅତ୍ୟାବଶ୍ୟକ ଖାଦ୍ୟସାମଗ୍ରୀର ଦର ବୃଦ୍ଧିକୁ ନେଇ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ୪ ମାସ ପାଇଁ ୧.୦୪ ଲକ୍ଷ ...

ସ୍ୱାସ୍ଥ୍ୟ, ଜଳସେଚନ, ଶିକ୍ଷା, ପାନୀୟ ଜଳଯୋଗାଣ ଏବଂ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଛି। ଏଥିରେ ମୋଟ୍ ୨୬ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଥିବା ଜଣାପଡ଼ିଛି। ବିଧାନସଭାର ବଜେଟ ଅଧିବେଶନ ଚାଲିଥିବାରୁ ଏ ନେଇ ସରକାରଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ତେବେ ମିଳିଥିବା ସୂଚନା ଅନୁଯାୟୀ, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ବୃତ୍ତି ବୃଦ୍ଧି କରାଯାଇଛି। ଏଥିସହିତ ସ୍ୱାସ୍ଥ୍ୟ, କୃଷି, ଉଚ୍ଚଶିକ୍ଷା, ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ, ରାଜସ୍ୱ, ବାଣିଜ୍ୟ ଓ ପରିବହନ, ଜଳସମ୍ପଦ ଆଦି ବିଭାଗର କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି।

### ୨୦୨୪ ଯାଏ ବଢ଼ିବ ...

ପ୍ରଦାନ କରାଯାଉଛି। ଚାଷୀଙ୍କ ଆକାଉଣ୍ଟକୁ ସିଧାସଳଖ ୨ ହଜାର ଟଙ୍କା ଯାଉଛି। କୋଭିଡ୍ ମହାମାରୀ ସମୟରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଯୋଗାଉଥିବା ନିଃଶୁଳ୍କ ଖାଦ୍ୟସାମଗ୍ରୀ ଯୋଗାଣ ଅବଧିକୁ ଶନିବାର କେନ୍ଦ୍ର ସରକାର ୬ମାସ ପାଇଁ ବୃଦ୍ଧି କରିଛନ୍ତି। ଏହାର ଦିନକ ପରେ ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। କାଳିଆ ଅବଧି ବୃଦ୍ଧି ସହ ବିଭିନ୍ନ ବିଭାଗର କ୍ୟାଡ୍‌ର ରୁଲ୍ ସମ୍ପର୍କିତ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ୍‌ରେ ଅନୁମୋଦନ ମିଳିଥିବା ଜଣାପଡ଼ିଛି।


## classifieds Everyday
0674-2580101, 2549302



**SALE**

Plot For Sale at Chaatabar per sqft. @99/-. 9583295832, 8249017091. D-23501

**Residential land for sale at Atala 3KM. away from NH-5 Hansapal Rs.-1750/- sqft. 8093095101, 8093095102.** D-71968

**Gharabari Plot for Sale near Pahala, Bhingarpur, Kesura (Bankual, Contact: 8144128238, 6371268258.** D-71962

ଭୁବନେଶ୍ୱର ରବି ଟକିଜ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71969

**2+ Half Bed Room Flat in 2nd Floor for sale at Harapriya Apartment, Vivekananda Marg having S.B.A-1360 Sqft. (Price 60 Lakh). Contact 9938303321.** D-23503

କଟକ, ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ଓଡ଼ିଶାର Biggest commercial hub "Grand Bazar" ସମ୍ମୁଖରୁ ଅଳ୍ପଦୂରରେ ବାସୋପଯୋଗୀ ଘରବାରି ପ୍ଲଟ୍ ଶସ୍ତାରେ କିଣନ୍ତୁ। 6371200121. D-73205

**ଭୁବନେଶ୍ୱର ସୁନ୍ଦରପଦା-ଜଟଣୀ ରାସ୍ତାରେ Xavier University ଏବଂ Aditya Birla School ପାଖରେ possession ପ୍ଲଟ୍ ମିଳୁଛି। 8249292535, 7377376856.** D-73215

Duplex available at Raghunathpur back side of Royal Lagoon, Patia, Bhubaneswar. 9861593321, 9348332283. D-23477

**60ft. ପିଚୁ ରୋଡ୍‌କୁ ଲାଗି 18ଗୁଣ୍ଠ commercial Plot Bhubaneswar GIFT College ସାମ୍ନାରେ ତୁରନ୍ତ ବିକ୍ରିହେବ। per ଗୁଣ୍ଠ @900000/- Owner-9437033320.** D-73213

Yellowzone ୨୦୦ ଫୁଟ ରାସ୍ତାରେ sqft.300/- ଜାଗା ବିକ୍ରି ହେଉଛି। 7327055890. D-71483

**ଭୁବନେଶ୍ୱର Sum Hospital 4KM ଦୂରତାରେ ଘରବାଡ଼ି, Road, ଇଲେକ୍ଟ୍ରି ଥାଇ ପ୍ଲଟ୍ ମିଳୁଛି। 9090963952.** D-73214

**4 Bed Room Duplex house for sale at Gayatri Nagar, Bomikhal (Price-2 Crore). contact 9938303321.** D-23502

**1.4KM from Pitapalli Chandaka bypass Bhubaneswar (loan available) developed for home sqft.-999/- Gangapada Priyanka-7735142073.** D-73217

Booking open- 2BHK, 3BHK Apartment for sale near AIIMS Hospital & Doon International School (Patrapada, Bhubaneswar). Contact: 9090770637, 9938670164. D-71965

**ପିପିଲି ମେଡିକାଲଠାରୁ ପୁରୀ ଯିବା ରାସ୍ତାରେ BSNL/ Fire Office ନିକଟବର୍ତ୍ତୀ ଘରବାରି boundary, road, electricpoll ସହିତ ପିଚୁ ରାସ୍ତାକୁ ଲାଗି ପ୍ଲଟ୍ ମିଳୁଛି। 9438122777, 9556622939.** D-71799



**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-23456



Newly opening SPA positively health benefits with expert therapist. 8917332216. D-71971

Newly open SPA positively health benefits expert therapist, Kalpana. 7846814019. D-71480

Refreshing your mind and body with the best therapy, 7873794731. D-23292

Newly open full body massage ladies and gents. 8327740003. D-71879

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଆଜି ଆକସ୍ମିକ ଭାବେ କୌଣସି ସମସ୍ୟା ଭିତରେ ଛନ୍ଦି ହୋଇଯିବାକୁ ପଡ଼ିପାରେ। କାଳେ କିଛି ଦେବାକୁ ପଡ଼ିବ, ଏହି ଆଶଙ୍କାରେ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। ପରିବହନ, ବ୍ୟବସାୟ, ଶିଳ୍ପ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। କର୍ମକ୍ଷେତ୍ରରେ ନିଜ ଜିଦ୍‌ରେ ଅଟଳ ରହି ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି।

**ବୃଷ**

କାମ ହାସଲ ପରିପ୍ରେକ୍ଷୀରେ ବନ୍ଧୁମାନଙ୍କ ସାହାଯ୍ୟ ଲାଭ କରି ଆଶ୍ୱସ୍ତି ଅନୁଭବ କରିବେ। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ପରିସ୍ଥିତି ଯାହା ହେଉନା କାହିଁକି ଆପଣ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାକୁ ସମର୍ଥ ହେବେ। ପାରିବାରିକ ସ୍ଥିତି ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ ଗତିଶୀଳ ହୋଇପାରେ।

**ମିଥୁନ**

କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ରହିଥିଲେ ମଧ୍ୟ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। କୌଣସି ବିଶେଷ କାରଣର ତର୍ଜମା ସକାଶେ ବନ୍ଧୁଦ୍ୱାରକୁ ଗମନ କରିବେ। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହୋଇପାରନ୍ତି।

**କର୍କଟ**

କର୍ମକ୍ଷେତ୍ରରେ କେତେକ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ଯେତେ ଭଲ କାମ କଲେ ମଧ୍ୟ ନିଜ ଲୋକଙ୍କ ଦ୍ୱାରା ସମାଲୋଚନାର ପାତ୍ର ହୋଇପାରନ୍ତି। ପାରିବାରିକ ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କୁ ସାହାଯ୍ୟ ମାଗିବାକୁ ପଡ଼ିପାରେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ସିଂହ**

କର୍ମକ୍ଷେତ୍ରରେ ଚାପଗ୍ରସ୍ତ କାରଣରୁ କେତେକ ବାକିଆ କାମ ପାଇଁ ଚିନ୍ତା ବଢ଼ିଯିବ। ସଚେତନତା ଅଭାବରୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବ। ଅଭାବ ଓ ଅସୁବିଧା ପ୍ରଭୃତିରେ ମନର ଆବେଗିକ କଥାକୁ ସହକର୍ମୀଟି ବୁଝିପାରିବ ନାହିଁ। ମଘା ନକ୍ଷତ୍ର ରୋଗ,ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ।

**କନ୍ୟା**

ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ପରିସ୍ଥିତିବଶତଃ କଠିନ ପରିଶ୍ରମ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ବ୍ୟବସାୟିକ ସ୍ଥିତି, ହିତାକାଂକ୍ଷୀମାନଙ୍କ ପ୍ରେରଣାରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି। ପ୍ରତ୍ୟେକ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**ତୁଳା**

ପରିବାରରେ ସୁଖ ଶାନ୍ତି ରାଜୁତି କରିବ। କାଳକ୍ଷେପଣ ନୀତି ଯୋଗୁ କର୍ମକ୍ଷେତ୍ରରେ କୌଣସି ସୁଯୋଗ ହରାଇ ବ୍ୟଥିତ ହୋଇପାରନ୍ତି। ପରିବାରରେ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖା ଦେଇପାରେ। କଳା, ସାହିତ୍ୟ, ସାମ୍ବାଦିକତା, ଗବେଷଣା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ବିଛା**

ମାନସିକ ଅସନ୍ତୁଳନ ହେତୁ ବାରମ୍ବାର ମତ ବଦଳାଇବାକୁ ବାଧ୍ୟ ହେବେ। ସଭାସମିତି କିମ୍ବା ଆଲୋଚନା ପରିସରରେ ସାହସିକତା ପ୍ରଦର୍ଶନ କରି ପ୍ରଶଂସିତ ହୋଇପାରନ୍ତି। କ୍ରୀଡ଼ା, ସାହିତ୍ୟ ଓ ସଙ୍ଗୀତ, ଚଳଚ୍ଚିତ୍ରାଦିରେ ସୁନାମ ଅର୍ଜିବେ। ଯାନବାହନରେ ଯିବା ଆସିବା ସମୟରେ ସତର୍କତା ରକ୍ଷା ନ କଲେ ବହୁମୂଲ୍ୟ ଦେବାକୁ ପଡ଼ିପାରେ।

**ଧନୁ**

ପାରିବାରିକ ସମସ୍ୟା ହେତୁ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ବିଚାରବିହୀନ ଭାବରେ କର୍ମକ୍ଷେତ୍ରସ୍ଥ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ସଭାସମିତିର ଆଲୋଚନା ଓ ଲେଖାପଢ଼ା କ୍ଷେତ୍ରରୁ ସୁଫଳ ପାଇବେ।

**ମକର**

ଦୀର୍ଘଦିନରୁ ଅଟକି ରହିଥିବା କୌଣସି କାର୍ଯ୍ୟ ହଠାତ୍ ଆରମ୍ଭ କରିବାକୁ ସ୍ଥିର କରିବେ। ସାମାଜିକ ସ୍ତରରେ ଅପ୍ରୀତିକର ପରିସ୍ଥିତିଜନିତ ଘଟଣାର ଦିଗ ବଦଳି ଯାଇପାରେ। ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି। ଯୋଗାଯୋଗ ଏବଂ ପ୍ରଶାସନିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ**

ଯେତେ ପ୍ରକାର ଉପାୟ ଅବଲମ୍ବନ କଲେ ମଧ୍ୟ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡ଼ିବ। ପାରିବାରିକ ସମସ୍ୟା ସୁଧାରିବା କ୍ଷେତ୍ରରେ ପାଖ ପଡ଼ୋଶୀ ସହାନୁଭୂତି ପ୍ରଦର୍ଶନ କରିପାରନ୍ତି। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**ମୀନ**

ଦେଖିଚାହିଁ କାମ ନ କଲେ ଜଟିଳତା ଭିତରେ ପ୍ରବେଶ କରିପାରନ୍ତି। କଠିନ ଶ୍ରମ, ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ। ପଡ଼ୋଶୀ ଏବଂ ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସମ୍ପନ୍ନ କରିବାରେ ବିଶେଷ ଅସୁବିଧା ହେବ ନାହିଁ। ବ୍ୟକ୍ତିକୈନ୍ଦ୍ରିକ ଚିନ୍ତାଧାରା ଯୋଗୁ ପାରିବାରିକ ଜୀବନରେ ଅନାଦର ପାଇପାରନ୍ତି।

# ଖରାପ ପ୍ରଦର୍ଶନ କରିଛନ୍ତି ଏକାଧିକ ଟାଣୁଆ ନେତା

**ଭୁବନେଶ୍ୱର, ୨୭।୩(ବ୍ୟୁରୋ)**

■ଅସନ୍ତୁଷ୍ଟ ସ୍ୱାଧୀନ ପ୍ରାର୍ଥୀଙ୍କୁ ବୁଝାଶୁଝା ଆରମ୍ଭ କଲେଣି ବିଜେଡି ନେତା

■ଡେପୁଟି ମେୟର ନିର୍ବାଚନ ଲାଗି ଶାସକ ଦଳର ଅଙ୍କକଷା ଚାଲିଲାଣି

ରାଜ୍ୟର ପୌର ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଅଙ୍କକଷା ସାଙ୍ଗକୁ ରାଜନୈତିକ ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇଯାଇଛି। କାଉନ୍‌ସିଲର, ପୌରାଧ୍ୟକ୍ଷ, କର୍ପୋରେଟର ଏବଂ ମେୟର ନିର୍ବାଚନରେ ବିଜେଡିକୁ ବହୁମତ ମିଳିଛି। ତେବେ ବିଜେଡି କାଉନ୍‌ସିଲର ଏବଂ ପୌରାଧ୍ୟକ୍ଷ ଭୋଟରେ ଅଧିକ ସଫଳତା ହାସଲ କରିଥିଲେ ମଧ୍ୟ କେତେକ ସ୍ଥାନରେ ଲୋକଙ୍କ ମତ ଏପଟ ସେପଟ ହୋଇଛି। କେଉଁଠି ବିଜେଡି ଅଧିକ କାଉନ୍‌ସିଲର ଆସନରେ ବିଜୟୀ ହୋଇଥିବା ବେଳେ ପୌରାଧ୍ୟକ୍ଷ ଆସନ ବିରୋଧୀ କିମ୍ବା ସ୍ୱାଧୀନ ହାତକୁ ଯାଇଛି। ସେହିପରି ଅନ୍ୟ କେଉଁଠି ପୌରାଧ୍ୟକ୍ଷ ଆସନ ବିଜେଡି ରଖିଥିଲେ ମଧ୍ୟ ଅଧିକ କାଉନ୍‌ସିଲର ଆସନ ବିରୋଧୀଙ୍କ ଦଖଲରେ ରହିଛି। ଅନ୍ୟପଟେ ଆଗକୁ ଡେପୁଟି ମେୟର ନିର୍ବାଚନ ଥିବାରୁ ଅସନ୍ତୁଷ୍ଟ ବିଜେଡି ପ୍ରାର୍ଥୀଙ୍କୁ ବୁଝାଶୁଝା କରିବା ଲାଗି ଶାସକ ଦଳ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଯାଇଛି। ହେଲେ ରାଜ୍ୟର ବହୁ ହେଭିୱେଟ ନେତାଙ୍କ ନିର୍ବାଚନମଣ୍ଡଳୀରେ ଭଲ ପ୍ରଦର୍ଶନ ନ ରହିବା ରାଜନୈତିକ ମହଲରେ ଆଲୋଚନା ଲାଗି ଖୋରାକ ଯୋଗାଇଛି।

ବିଜେଡିର ବହୁ ହେଭିୱେଟ୍‌ଙ୍କ ପୌର ନିର୍ବାଚନରେ ଖରାପ ପ୍ରଦର୍ଶନ ହେବା ଶାସକ ଦଳ ଶିବିରରେ ଚର୍ଚ୍ଚା ହେଉଛି। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ମନ୍ତ୍ରୀ ଟୁକୁନି ସାହୁ, ମନ୍ତ୍ରୀ ସୁଶାନ୍ତ ସିଂ, ଶାସକ ଦଳ ଉପ ମୁଖ୍ୟସଚେତକ ରୋହିତ ପୂଜାରୀ ଏବଂ ମନ୍ତ୍ରୀ ନବ ଦାସଙ୍କ ପୌର ନିର୍ବାଚନରେ ପ୍ରଦର୍ଶନ ସେତେ ଭଲ ହୋଇନାହିଁ। ଏମାନେ ସବୁ ନିଜ ଗଡ଼କୁ ଠିକ୍ ଭାବେ ସମ୍ଭାଳି ପାରିନାହାନ୍ତି। ସେହିପରି ବିଧାୟକ ସଞ୍ଜୀବ ମଲ୍ଲିକ, ପ୍ରଶାନ୍ତ ମୁଦୁଲି, ସୁଧୀର ସାମଲ ଏବଂ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଭଳି ନେତା ଏହି ନିର୍ବାଚନରେ ସେତେଟା ଭଲ କରିପାରିନାହାନ୍ତି। ଉପ ବାଚସ୍ପତି ରଜନୀକାନ୍ତ ସିଂଙ୍କ ନିର୍ବାଚନମଣ୍ଡଳୀ ଅନୁଗୋଳରେ ବିଜେଡି ପୌରାଧ୍ୟକ୍ଷ ପଦ ହାତେଇଥିଲେ ମଧ୍ୟ ପୌର ପରିଷଦରେ ଭାଜପା ସଂଖ୍ୟାଗରିଷ୍ଠତା ହାସଲ କରିଛି। ଗଞ୍ଜାମ ଜିଲାର କୋଦଳା, ରମ୍ଭା ଏବଂ ଛତ୍ରପୁରରେ ପୌରାଧ୍ୟକ୍ଷ ପଦବୀ ଭାଜପା ଖାତାକୁ ଚାଲିଯାଇଛି।

ସେହିପରି ଭାଜପାର ବହୁ ଟାଣୁଆ ନେତା ପୌର ଭୋଟରେ ଭଲ ପ୍ରଦର୍ଶନ କରିପାରିନାହାନ୍ତି। କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ପ୍ରତାପ ଷଡ଼ଙ୍ଗୀ, କନକବର୍ଦ୍ଧନ ସିଂଦେଓ, ବସନ୍ତ ପଣ୍ଡା, ପୃଥ୍ୱୀରାଜ ହରିଚନ୍ଦନ ଏବଂ ମନମୋହନ ସାମଲଙ୍କ ଭଳି ନେତାଙ୍କୁ ପୌର ନିର୍ବାଚନରେ ଭଲ ସଫଳତା ମିଳିନାହିଁ। କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର, ଭକ୍ତ ଦାସ, ସୁରେଶ ରାଉତରାୟ ଏବଂ ମହମ୍ମଦ ମୋକିମଙ୍କ ଭଳି ନେତାଙ୍କ ଗଡ଼ରେ କଂଗ୍ରେସ ପ୍ରାର୍ଥୀ ସେତେଟା ଭଲ ପ୍ରଦର୍ଶନ କରିପାରିନାହାନ୍ତି। ତେବେ ପଞ୍ଚାୟତ ଓ ପୌର ନିର୍ବାଚନ ଫଳାଫଳ ଆଗାମୀ ଦିନରେ ଶାସକ ଦଳ ନେତାଙ୍କ ମନ୍ତ୍ରୀ ପାହ୍ୟା ପାଇବା ନ ପାଇବା କଥା ସ୍ଥିର କରିବ ବୋଲି ଚର୍ଚ୍ଚା ଜୋର୍ ଧରିଛି।

ତେବେ ଏହି ଫଳାଫଳ ନେଇ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ସରକାରୀ ଲୋକମାନେ ଟଙ୍କା ବାଣ୍ଟୁଥିଲେ। ପ୍ରତ୍ୟେକ ଲୋକଙ୍କୁ ହଜାରେ ଟଙ୍କା ଲେଖାଏ ଦେଇ ଶଙ୍ଖରେ ଭୋଟ ଦେବାକୁ କହୁଥିଲେ। ଗୁଣ୍ଡାଙ୍କୁ ଭଡ଼ାରେ ଆଣି ଲୋକମାନଙ୍କୁ ଭୟଭୀତ କରି ଶାସକ ଦଳ ସପକ୍ଷରେ ଦେବାକୁ ଡରାଇଛନ୍ତି ବୋଲି ସେ କହିଛନ୍ତି। ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ସମସ୍ତେ ଜାଣନ୍ତି ବ୍ୟାପକ ଅର୍ଥ ବଳ ଏବଂ ଶାସନ କଳ ନିୟୋଜିତ କରି କାମ କରାଗଲା। ଅନ୍ୟପଟେ ବ୍ୟାପକ ଜାଗାରେ ପଶ୍ଚିମବଙ୍ଗ ଭଳି ହିଂସାକାଣ୍ଡ ଘଟାଗଲା। ଫଳାଫଳକୁ ସାଙ୍ଗରେ ଦୀର୍ଘ ସମୟ ରଖିବାର ଯେଉଁ ଅଭ୍ୟାସ ସେକଥା ବିଜେଡି କେବେହେଲେ କରିପାରିବ ନାହିଁ ବୋଲି ସେ କହିଛନ୍ତି। ବିଧାୟକ ପ୍ରଶାନ୍ତ ମୁଦୁଲି କହିଛନ୍ତି, ଦୁଇ ପ୍ରକାର ଭୋଟ ବ୍ୟବସ୍ଥାରେ ପୌର ଭୋଟ ହେଲା। ଏହି ଧାରା ଭିତରେ କେତେକ ସ୍ଥାନରେ ସ୍ପ୍ଲିଟ୍ ଭୋଟିଂ ହୋଇଛି। କେତେକ ସ୍ଥାନରେ ଏହି ପରିଚାଳନାରେ ତ୍ରୁଟି ଦେଖିବାକୁ ମିଳିଛି। ହେଲେ ଲୋକଙ୍କ ଭୋଟିଂ ବ୍ୟବସ୍ଥା ଦେଖିଲେ ଗୋଟିଏ କଥା ସ୍ପଷ୍ଟ ସେମାନେ ବିଜେଡିକୁ ସମର୍ଥନ ବିପୁଳ ମାତ୍ରାରେ କରିଛନ୍ତି।

# ନୀତୀଶ କୁମାରଙ୍କ ଉପରେ ଆକ୍ରମଣ



**ପାଟନା, ୨୭।୩:** ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରବିବାର ନିଜ ସହର ଭଖ୍‌ତିୟାରପୁରରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିବାବେଳେ ତାଙ୍କୁ ଜଣେ ବ୍ୟକ୍ତି ଆକ୍ରମଣ କରିଛନ୍ତି। ସଙ୍ଗେ ସଙ୍ଗେ ସୁରକ୍ଷାକର୍ମୀମାନେ ଆକ୍ରମଣକାରୀଙ୍କୁ କାବୁ କରିନେଇଥିଲେ। ତାଙ୍କୁ ଗିରଫ କରାଯାଇ ପୋଲିସ ହାଜତରେ ରଖାଯାଇଛି। ସ୍ଥାନୀୟ ସଫର ହସ୍ପିଟାଲ କମ୍ପ୍ଲେକ୍ସରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶିଳଭଦ୍ର ଯାଜିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଦେବାକୁ ନୀତୀଶ ଯାଉଥିବାବେଳେ ଆକ୍ରମଣର ସମ୍ମୁଖୀନ ହୋଇଥିଲେ। ଆକ୍ରମଣକାରୀ ଜଣକ ପଛପଟୁ ଦ୍ରୁତ ବେଗରେ ମଞ୍ଚ ଉପରକୁ ଉଠିଆସି ନୀତୀଶଙ୍କୁ ଠେଲିଦେଇଥିବା ସିସିଟିଭି ଫୁଟେଜ୍‌ରୁ ଦେଖିବାକୁ ମିଳିଛି। ସେତେବେଳେ ନୀତୀଶ ଶ୍ରଦ୍ଧାସୁମନ ଦେବା ଲାଗି ନଇଁଥିଲେ। ଆକ୍ରମଣକୁ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ନିନ୍ଦା କରିଛନ୍ତି।

ସୂଚନାଯୋଗ୍ୟ, ୨୦୨୦ ନଭେମ୍ବରରେ ନୀତୀଶ ବିହାରର ମଧୁବନିଠାରେ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର କରୁଥିବାବେଳେ ଆକ୍ରମଣର ସମ୍ମୁଖୀନ ହୋଇଥିଲେ। ହରଲଖିଠାରେ ସେ ନିଯୁକ୍ତି ସମ୍ପର୍କରେ କହୁଥିବାବେଳେ ଗହଳି ମଧ୍ୟରୁ କେହି ତାଙ୍କ ଉପରକୁ ପିଆଜ ଫୋପାଡ଼ିଥିଲେ। ପିଆଜ ଫିଙ୍ଗିଥିବା ବ୍ୟକ୍ତି ଧରାହେବା ପରେ ତାଙ୍କୁ ଛାଡ଼ିଦେବାକୁ ନୀତୀଶ କହିଥିଲେ।

# ପୂର୍ବତନ ମନ୍ତ୍ରୀ ରିପୁନାଥ ସେଠ୍‌ଙ୍କ ପରଲୋକ

**ବରଗଡ଼ ଅଫିସ୍/ବରପାଲି, ୨୭।୩**



ରିପୁନାଥ ସେଠ୍

ପୂର୍ବତନ ଶିକ୍ଷାମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ବରଗଡ଼ ଜିଲା ବରପାଲି ନିବାସୀ ରିପୁନାଥ ସେଠ୍‌ଙ୍କ ରବିବାର ପୂର୍ବାହ୍ନ ୧୧ଟା ୨୦ମିନିଟ୍‌ରେ ଦେହାନ୍ତ ହୋଇଛି। ତାଙ୍କୁ ୬୭ବର୍ଷ ବୟସ ହୋଇଥିଲା। ତାଙ୍କ ପରଲୋକରେ ଜିଲାରେ ଗଭୀର ଶୋକପ୍ରକାଶ ପାଇଛି। ସକାଳେ ସେ ବରପାଲି ନୂଆପଡ଼ା ସ୍ଥିତ ବାସଭବନରେ ଥିବାବେଳେ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

ରିପୁନାଥ ୧୯୮୩ରେ ଆଇନରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଏହାପରେ ସେ କିଛିଦିନ ପାଇଁ ଦିଲ୍ଲୀ ଚାଲିଯାଇଥିଲେ ଏବଂ ସେଠାରୁ ବରପାଲିକୁ ଫେରିବା ପରେ ନିଜ ରାଜନୀତି କ୍ୟାରିୟର ଆରମ୍ଭ କରିଥିଲେ। ୧୯୯୨ରେ ସେ ବରପାଲି ଏନ୍‌ଏସି ନିର୍ବାଚନରେ ପୌରାଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ଏହାପରେ ୧୯୯୫ ବିଧାନସଭା ନିର୍ବାଚନରେ କଂଗ୍ରେସ ଟିକେଟରେ ସେ ବିଧାୟକ ନିର୍ବାଚିତ ହୋଇଥିଲେ ଏବଂ ରାଜ୍ୟ ମନ୍ତ୍ରୀମଣ୍ଡଳରେ ଶିକ୍ଷା ଓ ଶକ୍ତି ବିଭାଗର ଦାୟିତ୍ୱ ତୁଲାଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ସେ ବିଜେପୁର ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ହୋଇ ହାରିଯାଇଥିଲେ। ତାଙ୍କ ପରଲୋକରେ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଗ୍ରାମ୍ୟ ଉନ୍ନୟନ ଓ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ, ପୂର୍ବତନ ବିଧାୟକ ସାଧୁ ନେପାକ, ବିଜେପୁର ବିଧାୟିକା ରୀତା ସାହୁ, ବିଜେପୁର ଏନ୍‌ଏସି ଅଧ୍ୟକ୍ଷ ଦିନେଶ ଗହୀର, ପ୍ରଭାତାଦିତ୍ୟ ମିଶ୍ର, ସୁରେଶ୍ୱର ଶତପଥୀ ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି।

## ପିସିସିର ଶୋକ

**ଭୁବନେଶ୍ୱର, ୨୭।୩(ବ୍ୟୁରୋ)**

ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସର ବିଶିଷ୍ଟ ଦଳିତ ନେତା ରିପୁନାଥ ସେଠ୍‌ଙ୍କ ବିୟୋଗରେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ଶୋକ ପ୍ରକାଶ କରିଛି। ରବିବାର କଂଗ୍ରେସ ଭବନରେ ଆୟୋଜିତ ଶୋକସଭାରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି ଯେ, ରିପୁନାଥ ବାବୁ ଜଣେ ପରିଶ୍ରମୀ ଓ ଦକ୍ଷ ସଂଗଠକ ଥିଲେ। କଂଗ୍ରେସରେ କାର୍ଯ୍ୟ କରିବା ଭିତରେ ତାଙ୍କୁ ଯେଉଁ ଦାୟିତ୍ୱ ଦିଆଯାଇଛି ସେ ତାହାକୁ ସଫଳତାର ସହ ନିର୍ବାହ କରୁଥିଲେ। ଏହି ଅବସରରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା ପୂର୍ବକ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଓଡ଼ିଶା ପ୍ରଦେଶ ନିର୍ବାଚନ ଅଧିକାରୀ ତଥା ଏମ୍‌ପି ନୀରଜ ଡାଙ୍ଗୀ, ଏଆଇସିସି ସମ୍ପାଦକ ଜି ରୁଦ୍ର ରାଜୁ, କଂଗ୍ରେସ ନେତା ଜୟଦେବ ଜେନା, ତାରାପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ, ଯଜ୍ଞେଶ୍ୱର ବାବୁ, ଭୁଜବଳ ମାଝୀ, ଚିନ୍ମୟ ସୁନ୍ଦର ଦାସ, ପଦ୍ମାକର ଗୁରୁ, ସୁରେଶ ମହାପାତ୍ର, ବିଶ୍ୱଜିତ ଦାଶ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ରାଜ୍ୟ ନେତୃତ୍ୱ ସୁଦୃଢ଼ ହେବା ଦରକାର: ଅପରାଜିତା

**ଭୁବନେଶ୍ୱର, ୨୭।୩(ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ନିର୍ବାଚନ ପାଇଁ ଭାଜପାରୁ ହୋଇଥିବା ମେୟର ପ୍ରାର୍ଥିନୀ ସୁନୀତି ମୁଣ୍ଡ ୧,୧୩,୪୧୯ ଖଣ୍ଡ ଭୋଟ ପାଇଛନ୍ତି। ବହୁତ ଅଳ୍ପ ଖର୍ଚ୍ଚ କରି ସେ ଏତେ ସଂଖ୍ୟାରେ ଭୋଟ ପାଇଛନ୍ତି। ଶାସକ ଦଳ ପକ୍ଷରୁ ବାହୁବଳ ଏବଂ ଅର୍ଥବଳର ଏତେ ପ୍ରୟୋଗ କରାଯିବାର କାରଣ କ'ଣ କହିବା ଦରକାର। ଯେଉଁ ଭୋଟ ମିଳିଛି ତାକୁ ନେଇ ବହୁତ ଉତ୍ସାହ ଏବଂ ଉଦ୍ଦୀପନା ରହିଛି। କିନ୍ତୁ ଭାଜପାର ରାଜ୍ୟ ନେତୃତ୍ୱକୁ ସବଳ, ସଶକ୍ତ ଏବଂ ସୁଦୃଢ଼ ହେବାକୁ ପଡ଼ିବ ବୋଲି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଛନ୍ତି।

ସେ କହିଛନ୍ତି, ପୌର ନିର୍ବାଚନରେ ଆମ ଫଳାଫଳ ବହୁତ ଖରାପ ହୋଇଛି। ଭାଜପା ବହୁତ ବଡ଼ ପରାଜୟର ସମ୍ମୁଖୀନ ହୋଇଛି। ଏହାକୁ ସ୍ୱୀକାର କରୁଛି। ଜନାଦେଶ ଶିରୋଧାର୍ଯ୍ୟ। ଯାହା ଲୋକମାନେ ଚାହିଁବେ ତାହା ହିଁ ହେବ। ପଞ୍ଚାୟତ ନିର୍ବାଚନ ପରେ ଯାହା କହିଥିଲି ଏବେ ବି କହୁଛି। ସୁନ୍ଦରଗଡ଼ରୁ ଆରମ୍ଭ କରି ମାଲକାନଗିରି ପର୍ଯ୍ୟନ୍ତ ଭାଜପାର ଯେତେ କର୍ମୀ ଅଛନ୍ତି ସେମାନଙ୍କ ଲାଗି ଗର୍ବିତ। ସେମାନଙ୍କ ଭିତରେ ଉତ୍ସାହ ଏବଂ ଉଦ୍ଦୀପନା ରହିଛି। ଭାଜପାକୁ ଜିତାଇବା ଲାଗି ସେମାନଙ୍କ ପାଖରେ ସାମର୍ଥ୍ୟ ଓ କ୍ଷମତା ରହିଛି। ହେଲେ କେଉଁଠି ନା କେଉଁଠି ଅନୁଭବ ହେଉଛି ରାଜ୍ୟ ନେତୃତ୍ୱକୁ ଆହୁରି ସୁଦୃଢ଼, ସଶକ୍ତ ଏବଂ ବଳଶାଳୀ ହେବାକୁ ପଡ଼ିବ। ରାଜ୍ୟର ନେତୃତ୍ୱ ଯେପର୍ଯ୍ୟନ୍ତ ଏହା କରିପାରିବ ନାହିଁ ସେ ପର୍ଯ୍ୟନ୍ତ ଦଳର ତୃଣମୂଳସ୍ତରରେ ଏହା ପରିଲକ୍ଷିତ ହେବ। ଏହା ଜଣଙ୍କ ଦାୟିତ୍ୱ କହିହେବ ନାହିଁ ବୋଲି ଅପରାଜିତା କହିଛନ୍ତି। ଅପରାଜିତାଙ୍କ ଏଭଳି କଥାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିବା ଆରମ୍ଭ ହୋଇଛି। ଭାଜପା ରାଜ୍ୟ ନେତୃତ୍ୱକୁ ନେଇ ଅପରାଜିତା ଏକ ପ୍ରକାର ପ୍ରଶ୍ନ ଉଠାଇବା ପରେ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିବାରେ ଲାଗିଛି। ଅନ୍ୟପଟେ ଭାଜପା ବିଧାୟକ ମୋହନ ମାଝି ମଧ୍ୟ ଅପରାଜିତାଙ୍କ କଥାରେ ସହମତି ପ୍ରକାଶ କରିଛନ୍ତି। ମୋହନ କହିଛନ୍ତି ଯେ, ତାଙ୍କ ଦଳରେ ଫ୍ଲୋର୍ ମ୍ୟାନେଜମେଣ୍ଟରେ ସମସ୍ୟା ରହିଲା। ତାହା ସୁଧାରି ନ ପାରିବାରୁ ସଫଳ ହୋଇପାରିଲେ ନାହିଁ। ରାଜ୍ୟ ନେତୃତ୍ୱକୁ ସଜାଡିବାର ଆବଶ୍ୟକତା ରହିଛି। ଆର୍ଥିକ ସ୍ଥିତିରେ ମଧ୍ୟ ସୁଧାର ଆବଶ୍ୟକ। ହେଲେ ପୌର ନିର୍ବାଚନରେ ପଞ୍ଚାୟତ ତୁଳନାରେ ସେମାନେ ଭଲ ପ୍ରଦର୍ଶନ କରିଛନ୍ତି। ଯେହେତୁ ପଞ୍ଚାୟତ ଭୋଟ୍ ସରୁସରୁ ପୌର ନିର୍ବାଚନ କରିଦେଲେ ସେଥିଲାଗି ଏଭଳି ସ୍ଥିତି ଦେଖାଦେଲା ବୋଲି ମୋହନ କହିଛନ୍ତି।

ବିଜେଡି ମେୟର ପ୍ରାର୍ଥୀ ସୁଲୋଚନା ଦାସ ୬୧,୧୪୩ ଖଣ୍ଡ ଭୋଟ୍ ବ୍ୟବଧାନରେ ତାଙ୍କ ନିକଟତମ ପ୍ରାର୍ଥୀ ଭାଜପାର ସୁନୀତି ମୁଣ୍ଡଙ୍କଠାରୁ ବିଜୟୀ ହୋଇଛନ୍ତି। ତେବେ ୬୭ଟି କର୍ପୋରେଟର ଆସନରୁ ବିଜେଡି ୪୮ଟି ସ୍ଥାନରେ ବିଜୟୀ ହୋଇଥିବା ବେଳେ ଭାଜପା ୧୦ଟି ଏବଂ ୯ ଜଣ ସ୍ୱାଧୀନ ପ୍ରାର୍ଥୀ ଜିତିଛନ୍ତି। ତେବେ ଫଳାଫଳକୁ ନେଇ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି, ମେୟର ବହୁ ଭୋଟରେ ବିଜୟୀ ହୋଇଛନ୍ତି। ତାଙ୍କ ନିର୍ବାଚନମଣ୍ଡଳୀରେ ୨୪ଟି କର୍ପୋରେଟର ଆସନ ମଧ୍ୟରୁ ୮ଟିରେ ପରାଜିତ ହୋଇଛୁ। ସେଥିରୁ ଭାଜପାକୁ ୪ଟି ଏବଂ ସ୍ୱାଧୀନ ହାତକୁ ୪ଟି ଆସନ ଯାଇଛି। ଏହାଦ୍ୱାରା କିଛି ଅସୁବିଧା ନାହିଁ। ଅନ୍ୟ ଦୁଇ ନିର୍ବାଚନମଣ୍ଡଳୀରେ ମଧ୍ୟ ସେମିତି ହୋଇଛି। ଏହାର କିଛି ପ୍ରଭାବ ପଡ଼ିବ ନାହିଁ ବୋଲି ସେ କହିଛନ୍ତି। ତେବେ କଂଗ୍ରେସର ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନକୁ ନେଇ ସବୁଆଡେ ଆଲୋଚନା ଚାଲିଛି। ବିଏମ୍‌ସି ଅଞ୍ଚଳରେ ଗୋଟିଏ ହେଲେ କର୍ପୋରେଟର କଂଗ୍ରେସରୁ ଜିତିପାରି ନ ଥିବାବେଳେ ମେୟର ଭୋଟରେ ଅମାନତ ହରାଇଛି। ତେବେ ତାହାକୁ ନେଇ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, କଂଗ୍ରେସ ଲୋକମାନେ ବାହାରକୁ ବାହାରୁ ନାହାନ୍ତି, ଘରେ ଯାଇ ଶୋଉଛନ୍ତି। ଦଳରେ ବହୁ ତ୍ରୁଟି ରହିଗଲା। ସେହି ତ୍ରୁଟି ସମ୍ପର୍କରେ ଏହା ଭିତରେ ତର୍ଜମା କରି ତାହାକୁ ସୁଧାରିବୁ ବୋଲି ସୁରେଶ କହିଛନ୍ତି।


**EXPRESSION OF INTEREST**

**STATE INSTITUTE OF HOTEL MANAGEMENT**

**TITILAGARH ROAD, BALANGIR - 767001 (ODISHA)**

**No.722/723/724/SIHM/2021-22/TENDER Date: 25.03.2022**

**E-tender invited by SIHM, Balangir from established firms/shops registered in India for supply / contract of following items:**

1. Kitchen Equipments for Hotel Management Trade for the Academic Session 2021-2022. (No.722/SIHM/2021-22/TENDER,dt.25.03.2022)
2. Bakery (Small Tools) for Hotel Management Trade for the Academic Session 2021-2022. (No.723/SIHM/2021-22/TENDER, dt.25.03.2022)
3. Crockery & Cutlery for Hotel Management Trade for the Academic Session 2021-2022. (No.724/SIHM/2021-22/TENDER,dt.25.03.2022)

Interested parties may kindly visit the below mentioned website for further details:

**www.tenderwizard.com/SIHM or www.sihmbalangir.org**

**Sd./-Principal**

**Odisha State Disaster Management Authority**

**(A Govt. of Odisha Agency)**

**Rajiv Bhawan, 9th Floor, Unit-5, Bhubaneswar-751001**

**Phone-0674-2395398/2395376, Fax:0674-2391871**

**Quotation Call Notice No.1037, Dated 25.03.2022**

**No.F-344:** Odisha State Disaster Management Authority (OSDMA) invites sealed quotations from the reputed Travel Agency/Tour Operators or Private individuals for providing 2 (Two) nos. of Scorpio (Mahindra make) diesel driven for official use in OSDMA on monthly basis. The details of may be seen in OSDMA website (https://www.osdma.org/all-tenders)

**Sd./- General Manager (Mechanical)**

OIPR-24007/11/0008/2122

**NOTICE INVITING TENDER**

**OFFICE OF THE DISTRICT MANAGER**

**ODISHA STATE CIVIL SUPPLIES CORPORATION LTD. (OSCSC)**

**DISTRICT-JHARSUGUDA,**

**PHONE NO.-9438200044**

**DISTRICT WEBSITE- jharsuguda.nic.in**

**TENDER NO.818, Dt.25.03.2022**

**Cost of Tender Document:- Rs.5900/- Inclusive of GST for each UNIT**

Online tenders are invited from eligible bidders for selection and appointment of transport contractors for transportation of Paddy from Paddy Purchase Centres (PPC) to rice mills with in district or outside the district within the State of Odisha.

| | | |
|---|---|---|
| 1 | Availability of tender documents | From dt.29.03.2022 downloadable from website :www.oscsc.in, & www.tendersodisha.gov.in |
| 2 | Date, Time & Venue for Pre-bid conference | On dt.06.04.2022 at 11:30 AM in the Office of CSO-cum-DM, OSCSC Ltd., Jharsuguda |
| 3 | Last Date and Time for online submission of completed Tender Documents with Enclosures | Through e-Procurement Portal : www.tendersodisha.gov.in upto 01:00 PM on dt.16.04.2022 |
| 4 | Date, Time and Venue for Opening of Technical Bid by the Tender Committee | On dt.18.04.2022 at 11:00 AM in Office Chamber of Collector, Jharsuguda. |
| 5 | Date & Time of Financial Bid opening by the Tender Committee (Only of Technically Qualified Bidders) | To be Announced after Technical Bid |

**NB:-1.** If the office happens to be closed on the date of opening of tenders, tenders will be opened on the next working day in the same time. 2. Tender documents & other details can be seen from the e-procurement portal www.tendersodisha.gov.in along with district website. Amendments / Corrigendum / Cancellation / Retenders etc. if any shall be published only in above websites.

**Sd./- CSO-cum-District Manager**
**OSCSC Ltd., Jharsuguda**


# ନବୀନ ନିବାସରେ ବିଜୟୀ ପ୍ରାର୍ଥୀଙ୍କ ଶୁଭେଚ୍ଛା

**ଭୁବନେଶ୍ୱର, ୨୭।୩(ବ୍ୟୁରୋ)**

ପୌର ନିର୍ବାଚନରେ ୩ ମହାନଗର ନିଗମ ସମେତ ଅଧିକାଂଶ ପୌର ପରିଷଦରେ ବିଜେଡିର ବିପୁଳ ବିଜୟ ପରେ ନବୀନ ନିବାସକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ବିଜୟୀ ପ୍ରାର୍ଥୀ, ସମର୍ଥକ, ନେତା ଓ କର୍ମୀଙ୍କ ସମେତ ପ୍ରଶାସନିକ ଅଧିକାରୀ ଓ ପୁଲିସ୍ ଅଧିକାରୀ ମଧ୍ୟ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇଛନ୍ତି। ଗତକାଲି ବିଜୟୀ ହେବାପରେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭୁବନେଶ୍ୱରର ନବନିର୍ବାଚିତ ମେୟର ସୁଲୋଚନା ଦାସ ସାକ୍ଷାତ କରିଥିଲେ। କଟକ ଓ ବ୍ରହ୍ମପୁରର ନବନିର୍ବାଚିତ ମେୟର ସୁବାସ ସିଂ ଏବଂ ସଂଘମିତ୍ରା ଦଳେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି।

ବାରବାଟୀ କଟକ ନିର୍ବାଚନମଣ୍ଡଳୀରେ ଥିବା ସିଏମ୍‌ସିର ବିଜୟୀ ବିଜେଡି କର୍ପୋରେଟର୍‌ମାନେ ଶାସକ ଦଳ ନେତା ଦେବାଶିଷ ସାମନ୍ତରାୟଙ୍କ ନେତୃତ୍ୱରେ ନବୀନ ନିବାସରେ ପହଞ୍ଚିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଶୀର୍ବାଦ ନେଇଥିଲେ। ସେହିପରି ବ୍ରହ୍ମପୁର ମହାନଗର ନିଗମରେ ମଧ୍ୟ ବିଜେଡି ପ୍ରାର୍ଥୀ ସଂଘମିତ୍ରା ଦଳେଇ ବିପୁଳ ଭୋଟ୍ ପାଇ ମେୟର ଭାବେ ନିର୍ବାଚିତ ହୋଇଛନ୍ତି। ସଂଘମିତ୍ରା ଏବଂ ବ୍ରହ୍ମପୁରରେ ନିର୍ବାଚିତ ହୋଇଥିବା ସମସ୍ତ କର୍ପୋରେଟର ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି। ବିଧାୟକ ବିକ୍ରମ ପଣ୍ଡାଙ୍କ ସହ ସମସ୍ତ କର୍ପୋରେଟର ଆସି ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ନେଇଛନ୍ତି। ସେହିପରି ଅତାବିରା ଏନ୍‌ଏସି, ଜଟଣୀ ଆଦି ବିଭିନ୍ନ ସ୍ଥାନରୁ ବିଜୟୀ ବିଜେଡି ପ୍ରାର୍ଥୀମାନେ ନେତା ଓ ସମର୍ଥକଙ୍କ ସହ ଆସି ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ଦିନତମାମ ଆଜି ନବୀନ ନିବାସ ବେଶ୍ ଗହଳ ଥିବା ଦେଖିବାକୁ ମିଳିଛି।



କଟକ ମହାନଗର ନିଗମ ନିର୍ବାଚନରେ ବିପୁଳ ବିଜୟ ପରେ ନବନିର୍ବାଚିତ ମେୟର ଓ କର୍ପୋରେଟରମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟୁଛନ୍ତି।



ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରୁଛନ୍ତି ବିଏମ୍‌ସିର ମେୟର ଓ କର୍ପୋରେଟର।

# ପରାଜିତ ପ୍ରାର୍ଥୀଙ୍କୁ ଆକ୍ରମଣ ଉଦ୍ୟମ

**୨ ଦୁର୍ବୃତ୍ତଙ୍କୁ ଧରି ପୋଲିସ ଜିମା ଦେଲେ ଲୋକେ**

**ଯୋଡ଼ା, ୨୭।୩ (ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ପୌର ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିବା ରବୀନ୍ଦ୍ର କୁମାର ଦାସଙ୍କୁ ରବିବାର ରାତିରେ ଆକ୍ରମଣ ଉଦ୍ୟମ କରାଯାଇଛି। ସୂଚନା ଅନୁଯାୟୀ, ରବୀନ୍ଦ୍ର ସମର୍ଥକମାନଙ୍କ ସହ ତାଙ୍କ ବାସଭବନରେ ଥିବାବେଳେ ଏକ ନାନୋ କାର୍‌ରେ ୩ ଜଣ ଦୁର୍ବୃତ୍ତ ଆସି ଅତର୍କିତ ଭାବେ ଭୁଜାଲି ଧରି ପଶିଯାଇଥିଲେ। ରବୀନ୍ଦ୍ରଙ୍କ ସମର୍ଥକମାନେ ଦୁଇଜଣଙ୍କୁ କାବୁ କରି ମାରଣାସ୍ତ୍ର ଛଡ଼ାଇ ନେଇଥିଲେ। ଏହି ସମୟରେ ଅନ୍ୟ ଜଣେ ଦୁର୍ବୃତ୍ତ ସେଠାରୁ ଖସି ପଳାଇଥିବା ବେଳେ ବ୍ୟବହାର କରିଥିବା ନାନୋକୁ ଛାଡ଼ି ଯାଇଛନ୍ତି। ଖବର ପାଇ ଯୋଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଲୋକେ ଅଟକ ଦୁଇ ଦୁର୍ବୃତ୍ତଙ୍କୁ ଜିମା ଦେଇଥିଲେ। ସେମାନଙ୍କୁ ଅଟକ ରଖି ତଦନ୍ତ ଜାରି ରହିଥିବା ଥାନାଧିକାରୀ ପଦ୍ମାଳୟା ସାହୁ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୮ ମାର୍ଚ୍ଚ, ୨୦୨୨

"ଏକ ଆଧ୍ୟାତ୍ମିକ ଜୀବନ ବଞ୍ଚିବା ପାଇଁ ବିଶ୍ୱ ସଂଗ୍ରାମ କରି ଚାଲିଛି। କିନ୍ତୁ ଅଦିବ୍ୟ ଓ ବିରୋଧୀ ଶକ୍ତିମାନେ ଏଠାରେ ଠୁଳ ହୋଇ ସମସ୍ତଙ୍କୁ ଭୀତତ୍ରସ୍ତ କରୁଛନ୍ତି। ପ୍ରଭୁ ! ଆମେ ଚାହୁଁ – ଆପଣଙ୍କ ପକ୍ଷରେ ରହି ବୀର ଯୋଦ୍ଧା ରୂପେ ଲଢ଼ିବାକୁ ଏବଂ ବିଜୟ ଲାଭ କରିବାକୁ। –ଶ୍ରୀମା



# ସମାପ୍ତି ଦିଶୁ ନାହିଁ

ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ ୧ ମାସ ଅତିକ୍ରମ କରିଯାଇଥିଲେ ମଧ୍ୟ ଯୁଦ୍ଧ ଥମିବାର ସଙ୍କେତ ମିଳୁନାହିଁ। ୟୁକ୍ରେନ୍ ପ୍ରତି ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଭିତିରି ସମର୍ଥନ ରହୁଥିବାରୁ ରୁଷିଆ ଅଧିକ ଆକ୍ରମଣାତ୍ମକ ହୋଇପଡ଼ିଥିବା ମନେହେଉଛି। ନିକଟରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ପୋଲାଣ୍ଡ ଗସ୍ତ କରି ନାଟୋର ସମରସଜ୍ଜା ତଦାରଖ କରିଥିଲେ। ଏହା ପରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଆମେରିକାକୁ ପରୋକ୍ଷରେ ଧମକ ଦେବାକୁ ଯାଇ ୨୬ ମାର୍ଚ୍ଚରେ ୟୁକ୍ରେନ୍‌ର ଲଭିଭ୍ ସହର ଉପରେ ରାତିଅଧିଆ କ୍ରମାଗତ ରକେଟ୍ ମାଡ଼ କରିଛନ୍ତି। ସହରର ପୂର୍ବ ଉପକଣ୍ଠରେ ଥିବା ତୈଳ ଡିପୋକୁ ରୁଷିଆ ନଷ୍ଟ କରିଦେଇଥିବା ବେଳେ ସାମରିକ କାରଖାନାକୁ ଟାର୍ଗେଟ କରିଛି। ଉଲ୍ଲେଖ କରାଯାଇପାରେ ଯେ, ଲଭିଭ୍ ୧୯୩୯ ପର୍ଯ୍ୟନ୍ତ ପୋଲାଣ୍ଡର ଅଂଶବିଶେଷ ଥିଲା। ସୋଭିଏତ୍ ୟୁନିୟନ ଏହାକୁ ଆକ୍ରମଣ କରି ଦଖଲ କରିଥିଲା। ପରେ ଏହା ୟୁକ୍ରେନ୍ ଅଧୀନରେ ରହିଛି। ୟୁକ୍ରେନ୍‌ର ଲଭିଭ୍ ସହରକୁ ରୁଷିଆ ଟାର୍ଗେଟ କରିବାର ଉଦ୍ଦେଶ୍ୟ ହେଉଛି ପୋଲାଣ୍ଡକୁ ଯାଇ ବାଇଡେନ୍ ମସ୍କୋ ବିରୋଧୀ ମନ୍ତ୍ରଣା କରିଥିବାରୁ ତାଙ୍କୁ ଜବାବ ଦେବା। ଏହାଦ୍ୱାରା ପୁଟିନ୍ ଜଣାଇଦେଇଛନ୍ତି ଯେ, ଆମେରିକା ରାଷ୍ଟ୍ରପତି ଉଭୟ ଦେଶ ମଧ୍ୟରେ ଚାଲିଥିବା ଯୁଦ୍ଧରେ ହସ୍ତକ୍ଷେପ ନ କରନ୍ତୁ।

ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ଆଣବିକ ଅସ୍ତ୍ର ବ୍ୟବହାର କରାଯିବାର ଆଶଙ୍କା ବଢ଼ୁଥିବା ବେଳେ ପୁଟିନ୍ ଉତ୍ତର ଆଟଲାଣ୍ଟିକ୍‌ରେ ଏକାଧିକ ବୁଡ଼ାଜାହାଜ ମୁତୟନ କରିଥିବା ଜଣାପଡ଼ିଛି। ରୁଷିଆର ଯୁଦ୍ଧ ଗତି ପୂର୍ବ ୟୁରୋପ ଆଡ଼କୁ ମୁହାଁଇବାର ଏହା ସଙ୍କେତ ବୋଲି ଧରାଯାଇପାରେ। ମସ୍କୋର ସାମରିକ ଶକ୍ତି ବିଷୟରେ ଜାଣିଥିବା ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ଏବେ ବୁଡ଼ାଜାହାଜ ଉପରେ ଧ୍ୟାନ କେନ୍ଦ୍ରିତ କରିଥିବା କୁହାଯାଉଛି। ୟୁକ୍ରେନ୍‌କୁ ସାହାଯ୍ୟ କରିବାଠାରୁ ନିଜ ରାଷ୍ଟ୍ରର ସୁରକ୍ଷା ସେମାନଙ୍କୁ ଅଧିକ ଘାରିଲାଣି। ବୁଡ଼ାଜାହାଜଗୁଡ଼ିକ ଅଣୁଅସ୍ତ୍ର ରଖିବାରେ ସକ୍ଷମ। ତେବେ ସବୁଥିରେ ଅଣୁଅସ୍ତ୍ର ଅଛି ବୋଲି କହିବା ସମ୍ଭବପର ନୁହେଁ। କେତେକ ଅନ୍ତର୍ଜାତୀୟ ପର୍ଯ୍ୟବେକ୍ଷକ କହୁଛନ୍ତି ଯେ, ନଟୋକୁ ଡରାଇବା ଲକ୍ଷ୍ୟରେ ରୁଷିଆ ବୁଡ଼ାଜାହାଜରୁ କ୍ଷେପଣାସ୍ତ୍ର ଓ ଆଣବିକ ଆକ୍ରମଣ କରିବାର ବାର୍ତ୍ତା ପ୍ରଚାର କରୁଛି। ହେଲେ ବିଶ୍ୱ ସମୁଦାୟ ଜାଣିଛି ରୁଷିଆ ନିକଟରେ ଦୁନିଆର ସବୁଠୁ ବଡ଼ ଆଣବିକ ଅସ୍ତ୍ରଭଣ୍ଡାର ରହିଛି, ଯାହାର ପରିମାଣ ୪,୪୭୭ ବୋଲି କୁହାଯାଉଛି। ସେହିପରି ଖବର ମିଳିଛି ଯେ ରୁଷିଆର ମିଲିଟାରୀ ପୃଥିବୀର ପୂର୍ବାଞ୍ଚଳ ତଥା ପ୍ରଶାନ୍ତ ମହାସାଗରରେ ଥିବା କେତେକ ଦ୍ୱୀପରେ ସମରାଭ୍ୟାସ ଆରମ୍ଭ କରିଛି। ଏହି ଦ୍ୱୀପଗୁଡ଼ିକ ରୁଷିଆ ଓ ଜାପାନ ମଧ୍ୟରେ ଦୀର୍ଘଦିନ ଧରି ଲାଗିରହିଥିବା ବିବାଦର ଅଂଶ। ଏଥିରୁ ବୁଝିବାକୁ ହେବ ଯେ ପୂର୍ବରୁ ପଶ୍ଚିମ ପର୍ଯ୍ୟନ୍ତ ରୁଷିଆ ତା'ର ଯୁଦ୍ଧଶକ୍ତି ପ୍ରଦର୍ଶନ କରିବାକୁ ଚେଷ୍ଟା କରୁଛି। ଏଥିସହିତ ପ୍ରଶାନ୍ତ ମହାସାଗରରେ ଏଭଳି ସାମରିକ ଅଭ୍ୟାସ କରିବା ପଛରେ ଆଉ ଏକ ବିରାଟ କାରଣ ଥାଇପାରେ। ଏହି ଅଞ୍ଚଳରେ ଚାଇନା ତା'ର ପ୍ରତିପତ୍ତି ଜାହିର କରିବାକୁ ଚେଷ୍ଟା କରୁଛି। ଯଦି ରୁଷିଆର ମିଲିଟାରୀ ଏହି ଅଞ୍ଚଳରେ ଜାପାନ ସହିତ କୌଣସି ପ୍ରକାରର ସମସ୍ୟା ସୃଷ୍ଟି କରେ ତେବେ ଚାଇନାକୁ ଏହି ଗଣ୍ଡଗୋଳ ଭିତରକୁ ଟାଣିଆସିବା ମସ୍କୋ ପାଇଁ ସମ୍ଭବପର ହୋଇପାରେ। ସେଥିରୁ ଚାଇନାର ରୁଷିଆ ପ୍ରତି ଆଭିମୁଖ୍ୟ ଖୋଲାଖୋଲି ଜଣାପଡ଼ିବ।

ନିକଟରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ନାଫ୍ଟାଲି ବେନେଟ୍ ମସ୍କୋ ଗସ୍ତରେ ଯାଇ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍‌ଙ୍କ ସହିତ ଆଲୋଚନା କରିଛନ୍ତି। ଏହି କଥାବାର୍ତ୍ତା ବେଳେ ଯୁଦ୍ଧବିରତି ପାଇଁ ପୁଟିନ୍ ୟୁକ୍ରେନ୍ ଉଦ୍ଦେଶ୍ୟରେ କିଛି ସର୍ତ୍ତ ରଖିଛନ୍ତି, ଯାହା ଏହାର ରାଷ୍ଟ୍ରପତି ଭୋଲୋଡିମିର୍ ଜେଲେନ୍‌ସ୍କିଙ୍କୁ ବେନେଟ୍ ଜଣାଇଛନ୍ତି। ୟୁକ୍ରେନ୍‌ର କ୍ରିମିଆ ଅଞ୍ଚଳ ରୁଷିଆର ବୋଲି ମାନ୍ୟତା ଦେବା, ଡୋନେସ୍କ ଓ ଲୁହାନସ୍କକୁ ସ୍ୱାଧୀନ ରାଷ୍ଟ୍ର କରିବା ଏବଂ ୟୁକ୍ରେନ ନାଟୋରେ ନ ମିଶିବା ଆଦି ଉକ୍ତ ସର୍ତ୍ତରେ ରହିଛି। ତେବେ ଜେଲେନ୍‌ସ୍କି ତାହାକୁ ସହଜରେ ଗ୍ରହଣ କରିବେ ବୋଲି ସଙ୍କେତ ମିଳିନାହିଁ। ଏବର ସ୍ଥିତି ଦେଖିଲେ ଯଦି ଏହି ଯୁଦ୍ଧ ଅଧିକ ଦିନ ଚାଲେ ତାହା କେବଳ ରୁଷିଆ ଓ ୟୁକ୍ରେନ୍ ନୁହେଁ, ସାରା ବିଶ୍ୱ ପାଇଁ ଭୟଙ୍କର ପରିସ୍ଥିତି ଆଣିଦେବ। ଏହାର ଆଶୁ ସମାପ୍ତି ଏପର୍ଯ୍ୟନ୍ତ ଦିଶୁ ନାହିଁ।

> ୟୁକ୍ରେନ୍‌ର ଲଭିଭ୍ ସହରକୁ ରୁଷିଆ ଟାର୍ଗେଟ କରିବାର ଉଦ୍ଦେଶ୍ୟ ହେଉଛି ପୋଲାଣ୍ଡକୁ ଯାଇ ବାଇଡେନ୍ ମସ୍କୋ ବିରୋଧୀ ମନ୍ତ୍ରଣା କରିଥିବାରୁ ତାଙ୍କୁ ଜବାବ ଦେବା। ଏହା ଦ୍ୱାରା ପୁଟିନ୍ ଜଣାଇଦେଇଛନ୍ତି ଯେ ଆମେରିକା ରାଷ୍ଟ୍ରପତି ଉଭୟ ଦେଶ ମଧ୍ୟରେ ଚାଲିଥିବା ଯୁଦ୍ଧରେ ହସ୍ତକ୍ଷେପ ନ କରନ୍ତୁ।

# ଶିଶୁଠାରେ ଅପାର ସମ୍ଭାବନା



ଡ. ମନୋରଞ୍ଜନ ପ୍ରଧାନ

ବହୁ ସମୟରେ ଆମ ମନରେ ଅନେକ ପ୍ରଶ୍ନ ସ୍ୱତଃ ସୃଷ୍ଟି ହୁଏ, ଯଥା- ବୟସରେ ଛୋଟ ହେଲେ ମଧ୍ୟ ଶିଶୁମାନେ ବଡ଼ ଲୋକମାନଙ୍କ ସବୁକଥା ଜାଣିପାରନ୍ତି କି? ଗୁରୁଜନଙ୍କ ଆଚରଣକୁ ପର୍ଯ୍ୟବେକ୍ଷଣ କରିପାରନ୍ତି କି? ଅନ୍ୟର ଭୁଲ୍ ଠିକ୍ ମୂଲ୍ୟାୟନ କରିପାରନ୍ତି କି? ତାଙ୍କ ପ୍ରତି ହେଉଥିବା ଅନ୍ୟାୟ, ଅବହେଳା, ଅଣଦେଖା ବା ପାତରଅନ୍ତର ବୁଝିପାରନ୍ତି କି? ଇତ୍ୟାଦି। ଏସବୁ ପ୍ରଶ୍ନର ଉତ୍ତର ପାଇବାପାଇଁ କେତୋଟିଏକକ ଅଧ୍ୟୟନ ସମ୍ପର୍କରେ ଅବଗତ ହେବା।

କେଇଦିନ ତଳର କଥା। କଲେଜରୁ ଫେରିବା ବହୁତ ବିଳମ୍ବ ହୋଇଥାଏ। ଭୋକ ବି ପ୍ରବଳ ହେଉଥାଏ। ପହଞ୍ଚିବା କ୍ଷଣି ଖାଇବା ବଢ଼ା ହେଲା। ବୋଉ ମଧ୍ୟ ମୋତେ ଅପେକ୍ଷା କରିଥିଲା। ଉଭୟେ ଖାଇବା ଆରମ୍ଭ କଲୁ। ଅଧାଖିଆ ବେଳେ ଧର୍ମପତ୍ନୀ ମୋ ଥାଳିରେ ଆଉ କିଛି ଖାଦ୍ୟ ଦେଇଦେଲେ ଯାହା ମୁଁ ମାଗି ନ ଥିଲି। ମୋର ଭାରାକ୍ରାନ୍ତ ମନ କାହିଁକି କ୍ରୋଧରେ ପଞ୍ଚମ ହୋଇଗଲା। ରାଗି ଯାଇ ଖାଇବା ଥାଳି ଛାଡି ଉଠିଗଲି। ବୋଉ ମଧ୍ୟ ଉଠିଗଲା। ନିଜ ପାଇଁ ଖାଇବା ବାଢୁଥିବା ଧର୍ମପତ୍ନୀ ଆଉ ଖାଇବାକୁ ଆଣିଲେ ନାହିଁ। ଏକ ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଗଲା। ଯାହାହେଉ ଦଶ ମିନିଟ୍ ମଧ୍ୟରେ ଆମେ ସମସ୍ତେ ପୁଣି ଖାଇବା ପାଇଁ ବସିଲୁ। ଏ ଘଟଣାକୁ ମୋ ପାଞ୍ଚ ବର୍ଷର ଝିଅ ଅତ୍ୟନ୍ତ ଭାବପ୍ରବଣତା ସହ ଦେଖୁଥିଲା। ମୁଁ ଖାଇବା ଆରମ୍ଭ କରିବା କ୍ଷଣି ମୋ ଝିଅ ହିନ୍ଦୀ ଇଂଲିଶ ଓଡ଼ିଆ ମିଶାମିଶି ଭାଷାରେ କହିଲା- ମା'କୁ ରିସ୍‌ପେକ୍ଟ ଦେନା ଚାହିହେ। ଏ ବୁରି ବାତ୍ ହେ। ମୁଁ ତଟସ୍ଥ ହୋଇ ବାମ ହାତ କାନକୁ ଧରି ଦୁଃଖ ପ୍ରକାଶ କରିବାକୁ ଚେଷ୍ଟା କଲି। ତୀବ୍ର ବିରୋଧ କରି ଝିଅ ତୁରନ୍ତ କହିଲା ମା'କୁ ସରି କୁହ। ବକଟେ ପିଲା। ପ୍ରତ୍ୟକ୍ଷ ଶିକ୍ଷାଦାନର ଶ୍ରୀଗଣେଶ ହୋଇନାହିଁ। ଅନ୍‌ଲାଇନ ପାଠପଢ଼ା ଓ ମୋବାଇଲ ଫୋନରେ ତିନି ଭାଷାରେ କିଛି ଶବ୍ଦ ହାସଲ କରିଛି। କିନ୍ତୁ ତା'ର ନିରୀକ୍ଷଣ, ପର୍ଯ୍ୟବେକ୍ଷଣ, ସମୟୋପଯୋଗୀ ମନ୍ତବ୍ୟ, ବିଚାର ଓ ଦଣ୍ଡ ଶୁଣାଣି ଆମ ସମସ୍ତଙ୍କୁ ଅବାକ୍ କରିଦେଇଥିଲା। ତେବେ ଏବେ କୁହନ୍ତୁ ଛୋଟ ଶିଶୁ ଠିକ୍ ଭୁଲ୍ ଜାଣିପାରେ ନାହିଁ କି?

ବର୍ତ୍ତମାନ ଦ୍ୱିତୀୟ ଏକକ ଅଧ୍ୟୟନ ଭାବରେ ଜାଣିବା ଆଉ ଗୋଟିଏ ଜୀବନ୍ତ ଘଟଣା। ସେତେବେଳେ ମୋ ପୁଅର ବୟସ ସାଢ଼େ ତିନି ବର୍ଷ। ମୋ ପଢ଼ାଘରେ ଲାପ୍‌ଟପ୍ ଜରିଆରେ ବାପ ପୁଅ ଅମିତାଭ ବଚ୍ଚନଙ୍କ 'ବାଗବାନ' ଚଳଚ୍ଚିତ୍ର ଦେଖୁଥାଉ। ମୋର ଧାରଣା ଥିଲା କୁନି ପିଲାଟି ଚିତ୍ରଗୁଡ଼ିକୁ ଦେଖୁଥିବ କିଛି ବୁଝିପାରୁ ନ ଥିବ। ଗୋଟିଏ ଦୃଶ୍ୟରେ ବୃଦ୍ଧ ଅମିତାଭ ବଚ୍ଚନଙ୍କୁ ତାଙ୍କ ପିଲାମାନେ କିଭଳି ହତାଦର, ଅପମାନିତ ଓ ପ୍ରତ୍ୟାଖ୍ୟାନ କରିଛନ୍ତି ସେ ଦୃଶ୍ୟ (ସିନେମାରେ) ପ୍ରଦର୍ଶିତ ହେଲା। ବଚ୍ଚନଙ୍କ ଏ ଦୁର୍ଦ୍ଦଶା ଓ ଦୁର୍ଦ୍ଦିନ ଦେଖି କୁନି ପୁଅର ଆଖିରୁ ଧାର ଧାର ଲୁହ ଝରି ପଡୁଥାଏ। ସିନେମାରୁ ଦୃଷ୍ଟି ଫେରେଇ ମୁଁ ଯେତେବେଳେ ତାକୁ ଚାହିଁଲି, ସେ ଖନିଖନି ପାଟିରେ କହିଲା- ବାବା ମୁଁ ଏମିତି କରିବିନି। ତୁମକୁ ମୁଁ ବଡ଼ ଘରେ ମୋ ପାଖରେ ରଖିବି। ପୁଅର କେଇ ପଦ କଥା ଓ ସମବେଦନା ମୋର ମନସ୍ତାତ୍ତ୍ୱିକ ଅନୁଶୀଳନକୁ ଉଜାଗର କରିଦେଇଥିଲା। ସତରେ ପିଲାମାନେ ଅଜ୍ଞ ଓ ଅଜ୍ଞାନ ନୁହନ୍ତି। ସେମାନେ ଭଲମନ୍ଦ ବୁଝିବା ସହ ସମବେଦନା ଜଣାଇବାକୁ ମଧ୍ୟ ଭୁଲି ନ ଥାନ୍ତି। ଆପଣ ନିଜ ପରିବାରରେ ଏଭଳି ଘଟଣା ସମ୍ପର୍କରେ ଅବଗତ ଥିବେ। ପରିବାରର କେହି ଯଦି କାହା ଭଲମନ୍ଦରେ ଗାଳି ଖାଏ, ଘରର ଛୋଟ ଶିଶୁ ସାନ୍ତ୍ୱନା ଦେଉଥିବେ। ବିଶେଷକରି ଘରର ବୃଦ୍ଧାବୃଦ୍ଧ ସଦସ୍ୟମାନଙ୍କ ପ୍ରତି ଅଣଦେଖା ଓ ଅବହେଳାକୁ ଶିଶୁମାନେ କେବଳ ବିରୋଧ କରନ୍ତି ନାହିଁ ଅବହେଳିତ ସଦସ୍ୟମାନଙ୍କ ସାନ୍ତ୍ୱନା ଓ ସମ୍ଭାବନାର ଆଶାବାଡି ସାଜିଥାନ୍ତି।

ବର୍ତ୍ତମାନ ତୃତୀୟ ଏକକ ଅଧ୍ୟୟନଟି ମୋ ଗାଇଡ୍‌ଙ୍କ ଝିଅକୁ ନେଇ। ପ୍ରାୟ ପନ୍ଦର ବର୍ଷ ତଳର କଥା। ଝିଅଟି ତୃତୀୟ ଶ୍ରେଣୀରେ ପଢୁଥାଏ। ସ୍କୁଲରୁ ଫେରି କହିଲା, ନନା ଆମ ମିସ୍ ଏତେ ଗନ୍ଦି ଗନ୍ଦି (ତା' ଭାଷାରେ) ହିନ୍ଦୀ ଓ ଇଂଲିଶ କହୁଛନ୍ତି, ତୁମେ ଶୁଣିଲେ ଆଶ୍ଚର୍ଯ୍ୟ ହୋଇଯିବ। ବେଳେବେଳେ ତୁମକୁ ଜୋରରେ ହସ ମାଡିବ। ପ୍ରୋନାନ୍‌ସେସନ (ଉଚ୍ଚାରଣ)ତ ପୂରା ଭୁଲ୍। ତାଙ୍କୁ ପାଠ ଜଣା ନାହିଁ ବୋଧେ। ଆମେ ଚକିତ ହୋଇଗଲୁ। କାରଣ ପିଲାଟି କେବଳ ଅଭିଯୋଗ କରି ନ ଥିଲା ମିସ୍ କରିଥିବା ଭୁଲ୍‌ଗୁଡ଼ିକୁ ଗୋଟି ଗୋଟି କରି କହିଥିଲା। ଅର୍ଥାତ୍ ଆମେ ଶିକ୍ଷକ ଭାବରେ ଯଦି ଭାବୁଥିବା ଆମ ଭୁଲ୍, ଆମ ଆଚରଣ ଓ ଉଚ୍ଚାରଣ ମଧ୍ୟରେ ଫରକ ଓ ଅନ୍ୟାନ୍ୟ ବିଷୟରେ ପିଲା ଜାଣି ପାରେନାହିଁ ବା ଆକଳନ କରିପାରେ ନାହିଁ,ଏହା ଆମର ଅଜ୍ଞାନତା ଓ ଭ୍ରମଧାରଣା ନିଶ୍ଚୟ। ଶିଶୁମାନେ ସବୁ ଜାଣନ୍ତି ଓ ବୁଝନ୍ତି। ହୁଏତ ଭୟ ବା ଶବ୍ଦ ଅଥବା ସୁଯୋଗ ଅଭାବରୁ ପ୍ରକାଶ କରିପାରନ୍ତି ନାହିଁ। କିନ୍ତୁ ସେମାନେ ନିର୍ବୋଧ ନୁହନ୍ତି।

ଆଉ ଗୋଟିଏ ଛୋଟିଆ ଅନୁଭବ କହିଲେ ଏ ସମ୍ପର୍କରେ ଅବଧାରଣାଟି ସମ୍ପୂର୍ଣ୍ଣ ସ୍ପଷ୍ଟ ହୋଇଯିବ। ଆପଣମାନଙ୍କର ମଧ୍ୟ ଏଭଳି ଅନୁଭୂତି ନିଶ୍ଚୟ ଥିବ। ଛୋଟ ଶିଶୁଟି ଯେତେବେଳେ ଗୋଡ଼ ବଢ଼େଇ ପାହାଚ ଓହ୍ଲାଉଥାଏ, ସେ ଜାଣିପାରେ ତଳ ପାହାଚକୁ ତା'ର ଗୋଡ଼ ପାଉନାହିଁ, ସେତେବେଳେ ସେ ଚେଷ୍ଟା ତ କରେ ହେଲେ ଆଉ ଆଗକୁ ନ ଯାଇ ଫେରିଯାଏ। ଅର୍ଥାତ୍ ସେ ବୁଝିପାରେ କି ସେ ଆଗକୁ ବଢ଼ିବା ଠିକ୍ ନୁହେଁ ବା ସମ୍ଭବପର ନୁହେଁ। ଉପରୋକ୍ତ ଉଦାହରଣଗୁଡିକରୁ ଏହା ସ୍ପଷ୍ଟ ଯେ ପିଲାମାନେ ନିର୍ବୋଧ, ଅବୋଧ, ଅଜ୍ଞାନ ନୁହନ୍ତି। ବରଂ ସେମାନେ ସବୁ କଥା ଜାଣିପାରନ୍ତି, ବୁଝିପାରନ୍ତି ଓ ଅଳ୍ପ ବହୁତ ମୂଲ୍ୟାୟନ କରିପାରନ୍ତି। ଆଜିକାଲି ମୋବାଇଲ କମ୍ପ୍ୟୁଟର ଯୁଗରେ ପିଲାମାନେ ଓଳିଆରୁ ଗଜା। ସେମାନଙ୍କୁ ଫାଙ୍କିଦେବା ସହଜ ନୁହେଁ। ତେଣୁ ପିଲାଙ୍କୁ ଅଣଦେଖା କରି କୌଣସି ଭୁଲ୍ କାର୍ଯ୍ୟ କରାଯିବା ଅନୁଚିତ। ଘରେ ମାତାପିତା, ଭାଇଭଉଣୀ ଓ ଅନ୍ୟାନ୍ୟ ସଦସ୍ୟା ସଦସ୍ୟ କୌଣସି ତ୍ରୁଟିଯୁକ୍ତ କାର୍ଯ୍ୟ ବା ଆଚରଣ କରିବା ଉଚିତ ନୁହେଁ। କାରଣ ତାହା ପିଲା ତ ଜାଣିପାରେ ଏବଂ ଅନେକ ସମୟରେ ସେ ତାହା ନିଜ ଜୀବନରେ ଉତାରି ଦିଏ। ଫଳରେ ତା'ର ତ୍ରୁଟିଯୁକ୍ତ ଆଚରଣଗୁଡ଼ିକୁ ବଡ଼ହେବା ପରେ ମଧ୍ୟ ସୁଧାରି ପାରେନାହିଁ। ଅର୍ଥାତ୍ ପିଲାବେଳର ଆଚରଣ ପରବର୍ତ୍ତୀ ବୟସରେ ଅଭ୍ୟାସରେ ପରିଣତ ହୋଇ ତା'ର ବ୍ୟକ୍ତିତ୍ୱର ଏକ ଅଂଶ ହୋଇଯାଏ। ତେଣୁ ୱିଲିୟମ ୱାର୍ଡସ୍‌ୱର୍ଥ ଶିଶୁକୁ ମଣିଷର ବାପା ବା ଜନକ ଭାବରେ ଅଭିହିତ କରିଅଛନ୍ତି।

ତେବେ ଏତେ ଶିଶୁ ଅବସ୍ଥାରୁ ପିଲା ଅନେକ କଥା ଜାଣିବା, ବୁଝିବା ଓ ମୂଲ୍ୟାୟନ କରିବା ପଛରେ ଅନେକ ଯୁକ୍ତି ରହିଛି। ଯଥା ଆଧ୍ୟାତ୍ମିକବାଦୀମାନେ ଏହାକୁ ପ୍ରାରାବ୍ଧ ବା ପୂର୍ବଜନ୍ମର ଇତିବୃତ୍ତ ବୋଲି ବିଶ୍ୱାସ କରନ୍ତି। ସେମାନେ ବିଶ୍ୱାସ କରନ୍ତି ମାନବ ଶିଶୁଭାବେ ଜନ୍ମଗ୍ରହଣ କରିବା ଅନେକ ଜନ୍ମର ପୁଣ୍ୟଫଳ। ତେଣୁ ପୂର୍ବ ଜନ୍ମର ଗୁଣ ଓ ଅନୁଭୂତି ମାନ ମାନବ ଶିଶୁ ପାଖରେ ସୁପ୍ତ ବା ଲୁକ୍କାୟିତ ଭାବରେ ରହିଥାଏ। ଅପରପକ୍ଷରେ ମନସ୍ତତ୍ତ୍ୱବିତ୍‌ମାନଙ୍କ ମତରେ ଶିଶୁ ମଧ୍ୟରେ ଅପାର ସମ୍ଭାବନା ଭରପୂର ହୋଇରହିଛି ଯାହାକୁ ଅନ୍ତର୍ନିହିତ ଗୁଣାବଳୀ କୁହାଯାଏ। ଉଭୟଙ୍କ ମତ ହେଉଛି ଆମର କାମ ହେଲା ଶିଶୁ ଭିତରେ ଥିବା ଅନ୍ତର୍ନିହିତ ଗୁଣାବଳୀକୁ ଉନ୍ମୋଚନ ବା ଇଂଲିଶରେ ଡିସ୍- କଭର (Dis-cover)ମାନେ ପରଦା ହଟେଇବା କଥା। ସ୍ୱାମୀ ବିବେକାନନ୍ଦଙ୍କ ମତରେ- ଶିକ୍ଷାର ପ୍ରମୁଖ ଲକ୍ଷ୍ୟ ହେଉଛି ଶିଶୁ ମଧ୍ୟରେ ଥିବା ଅନ୍ତର୍ନିହିତ ଦୈବୀ ଶକ୍ତିର ସର୍ବୋତ୍ତମ ପରିପ୍ରକାଶ କରିବା। ପାଶ୍ଚାତ୍ୟ ଶିକ୍ଷାବିତ୍ ଓ ମନୋବିଜ୍ଞାନୀ ପେସ୍ତାଲୋଜି କହନ୍ତି, ଶିଶୁ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣାବଳୀର ସ୍ୱାଭାବିକ, ସାମଗ୍ରିକ ଓ ପ୍ରଗତିଶୀଳ ବିକାଶ କରିବା ଶିକ୍ଷାର ଲକ୍ଷ୍ୟ।

ତେଣୁ ମାତାପିତା ଓ ଶିକ୍ଷୟିତ୍ରୀ ଶିକ୍ଷକ ଭାବରେ ଆମର କର୍ତ୍ତବ୍ୟ କ'ଣ ହେବା ଉଚିତ। ପ୍ରଥମତଃ ଶିଶୁ ଓ ତା'ର ଧୀଶକ୍ତିକୁ ଅଣଦେଖା କରିବା ଅନୁଚିତ। ଦ୍ୱିତୀୟରେ ସେମାନଙ୍କୁ ଛୋଟଶିଶୁ ଭାବି ଅବହେଳା କରିବା ନାହିଁ। ତୃତୀୟ ସେମାନଙ୍କ ଆଗରେ ପରିବାରର କୌଣସି ସଦସ୍ୟ ଅନ୍ୟମାନଙ୍କୁ ଠିକ୍ ବ୍ୟବହାର କରିବେ ବିଶେଷକରି ପରିବାରର ବୃଦ୍ଧାବୃଦ୍ଧ ସଦସ୍ୟଙ୍କୁ କୌଣସି ପ୍ରକାର ଦାୟିତ୍ୱହୀନତା ପ୍ରଦର୍ଶନ କରିବେ ନାହିଁ। ଅର୍ଥାତ୍ ମାତାପିତା ଓ ବରିଷ୍ଠ ସଦସ୍ୟମାନଙ୍କ ଆଚରଣ ଶିକ୍ଷଣୀୟ ଓ ପ୍ରେରଣାଦାୟୀ ହେବା ଉଚିତ। ଚତୁର୍ଥରେ ନିଜର ଅପାରଗତା ବା ଅପରାଧକୁ ଲୁଚେଇବା ପାଇଁ ପିଲାଙ୍କୁ ମିଛ କହିବେ ନାହିଁ କି ନାଲିଆଖି ଦେଖେଇ ତା'ର ପାଟି ବନ୍ଦ କରିବେ ନାହିଁ। ପଞ୍ଚମରେ ପିଲାଙ୍କ ସବୁ ପ୍ରଶ୍ନ ବା ଉତ୍କଣ୍ଠାର ଉତ୍ତର ଠିକ୍ ଭାବେ ଦେବେ। କାରଣ ୬ ବର୍ଷ ବେଳକୁ ଶିଶୁର ବୌଦ୍ଧିକ ବିକାଶ ଅତ୍ୟଧିକ ତୀବ୍ର ଓ ଗତିଶୀଳ ହୋଇଥାଏ। ଷଷ୍ଠରେ ପିଲାମାନଙ୍କ ଆଗରେ କୌଣସି ନକାରାତ୍ମକ ଆଲୋଚନା, ପରନିନ୍ଦା ବା ଅନ୍ୟ କୌଣସି ବ୍ୟକ୍ତିଗତ ଆଲୋଚନା ଯାହା ଶିଶୁ ଜାଣିବା ଅନାବଶ୍ୟକ ତାହା କରିବା ଅନୁଚିତ। ସପ୍ତମରେ ପିଲାଙ୍କ ସମ୍ମୁଖରେ କୌଣସି ନିଶା ପାନ ବା ମାଦକ ଦ୍ରବ୍ୟ ବ୍ୟବହାର କରିବେ ନାହିଁ। ନଚେତ୍ ଅନୁକରଣପ୍ରିୟ ଶିଶୁ ତାହାକୁ ହନୁକରଣ କରିବାର ସମ୍ଭାବନା ଯଥେଷ୍ଟ।

ଶେଷରେ ଗୋଟିଏ କଥା କୁହାଯାଇପାରେ କି ବୟସକୁ ଆଖିଆଗରେ ରଖି ଶିଶୁକୁ ନିର୍ବୋଧ ନ ଭାବି ତା' ଭିତରେ ଥିବା ଅପାର ସମ୍ଭାବନାକୁ ଅନ୍ୱେଷଣ, ଉନ୍ମୋଚନ ଓ ଉନ୍ମୀଳନ ପାଇଁ ପ୍ରଯତ୍ନ ହୋଇପାରିଲେ ଦେବଶିଶୁ ଭାବେ ଜନ୍ମ ଲାଭ କରିଥିବା ଶିଶୁଟି ଦିନେ ମହାମାନବ ଭାବରେ ଅଜସ୍ର ସମ୍ଭାବନା ସୃଷ୍ଟି କରି ମାନବ ସମାଜକୁ ନୂତନ ଆଲୋକ ପ୍ରଦାନ କରିପାରିବ। କବିଙ୍କ ଭାଷାରେ- ଭାବ ନାହିଁ କେବେ ଶିଶୁଟିକୁ ଶିଶୁ, ଶିଶୁ କେବେ ନୁହେଁ ନିଃସ୍ୱ, ଶିଶୁର ଭିତରେ ଲୁଚି ରହିଅଛି ଏକ ଏକ ମହାବିଶ୍ୱ।

ଜୟପୁର, ମୋ:୯୪୩୭୯୧୪୮୧୮

# ବିଭାଜନ ଲୋଡ଼ା ନାହିଁ



ପ୍ରଭାତ କୁମାର ଦାସ

ଦେଶକୁ ସାମ୍ପ୍ରଦାୟିକ ଭାବନାରେ ବିଭାଜନ କରା ନ ଯାଉ, ଏ କଥା ମୂଳରୁ ଗାନ୍ଧିଜୀ କହୁଥିଲେ। ନିଜ ଅନୁଭବରୁ ସେ ଜାଣିଥିଲେ, ଭ୍ରାତୃତ୍ୱର ଅମୃତ ଶକ୍ତିକୁ ଏକାଠି କରି ସ୍ୱାଧୀନତା ସଂଗ୍ରାମ ପାଇଁ ସେ ଯେଉଁ ଆୟୁଧ ତିଆରି କରିଥିଲେ, ବିଭାଜନ ପରେ ଦେଶ ଗଠନ ପାଇଁ ସେ ଅମିୟ ଶକ୍ତି ଆଉ ମିଳିବ ନାହିଁ। ଦେଶ ବିଭାଜିତ ହେଲା, ଦୁଇ ବିଭାଜିତ ଦେଶ ଏବେ ପରସ୍ପର ବିରୋଧରେ ଶକ୍ତି କ୍ଷୟ କରିବାରେ ଲାଗି ପଡିଛନ୍ତି। ଦେଶ ନିର୍ମାଣ ପାଇଁ ଉତ୍ସର୍ଗୀକୃତ ଭାବନା କାହା ପାଖରେ ନାହିଁ। ଦୁଇ ଦେଶର ଦୁର୍ଭାଗ୍ୟ, ପରିସ୍ଥିତି ଓ ଅନୁଭବରୁ କେହି କିଛି ଶିଖିଲେ ନାହିଁ।

ଏବେ ଆସିବା ଆଜିର ପ୍ରସଙ୍ଗକୁ, ଆମ ରାଜ୍ୟର କଥା। ଯାହାକୁ ଆମେ ନିକଟ ଅତୀତରେ ଅଙ୍ଗେନିଭାଇ ଦେଖିସାରିଛୁ। ପଞ୍ଚାୟତ ନିର୍ବାଚନରେ ମହିଳାମାନଙ୍କୁ ପର୍ଯ୍ୟାପ୍ତ ସଂରକ୍ଷଣ ଦେଇ ଶାସକ ସରକାର ସେମାନଙ୍କୁ ସଶକ୍ତ କରିବାର ଅଭିଯାନ ଆରମ୍ଭ କଲେ ନା ନିଜ ଦଳପାଇଁ ସୁଦୃଢ଼ ଭୋଟବ୍ୟାଙ୍କଟିଏ ପ୍ରସ୍ତୁତ କରିରଖିଲେ, ସେ କଥା ସମୟ କହିବ। ପରବର୍ତ୍ତୀ ସମୟରେ ଯେଉଁ ଇତିହାସ ଲେଖାହୋଇ ରହିବ, ଏଭଳି ସଂରକ୍ଷଣ ମହିଳାମାନଙ୍କୁ ତୃଣମୂଳରୁ ସଶକ୍ତ କଲା ନା ପୁରୁଷ ଓ ମହିଳାଙ୍କ ଭିତରେ ଏକ ବିବଦମାନ ପ୍ରାଚୀର ଛିଡା କରିବାର ଭିତ୍ତିପ୍ରସ୍ତର ସ୍ଥାପନ ହେଲା, ସେକଥା ଲେଖି ରଖିବ।

ସ୍ୱାଧୀନତା ପରେ ଦଳିତମାନଙ୍କୁ ସାମାଜିକ ସ୍ତରକୁ ଯଥାଶୀଘ୍ର ଆଣିବା ପାଇଁ ସାମ୍ବିଧାନିକ ବ୍ୟବସ୍ଥା ଭିତରେ ସେମାନଙ୍କ ଲାଗି ସଂରକ୍ଷଣ ରଖାଗଲା। ପରବର୍ତ୍ତୀ କାଳରେ ଶାସକ ଦଳମାନେ ସେଥିରୁ ରାଜନୈତିକ ଫାଇଦା ଉଠାଇବା ପାଇଁ ତାକୁ ଅବାଧ ପ୍ରସାରିତ ଓ ବିସ୍ତୃତ କଲେ। ଏ ପର୍ଯ୍ୟନ୍ତ କୌଣସି ଗୋଟିଏ ଦଳ ବି ସାହସ ଜୁଟାଇ ପାରୁନାହିଁ ସଂରକ୍ଷଣର ଅର୍ଗଳି ଭିତରୁ ଦେଶର ସାମାଜିକ ଜୀବନକୁ ମୁକ୍ତ କରିବାକୁ। ଏକଥା କିନ୍ତୁ ସମସ୍ତେ ଜାଣନ୍ତି, ସଂରକ୍ଷଣର ଯଥେଷ୍ଟ ଦୁରୁପଯୋଗ କ୍ରମାଗତ ଭାବରେ ଚାଲିଛି। ଯେଉଁମାନଙ୍କ ପାଇଁ ତାହା ପ୍ରକୃତ ଆବଶ୍ୟକ ଥିଲା, ସେମାନେ କେହି ତା'ର ସୁଫଳ ପାଇପାରିଲେ ନାହିଁ। କିନ୍ତୁ ଯେଉଁମାନେ ଏହାର ଯଥେଷ୍ଟ ସୁଯୋଗ ନେଇ ସାରିଲେଣି, ସେମାନେ କେବଳ ଚାହୁଁଛନ୍ତି ଏହାର ସୀମା-ପରିସୀମା ଆହୁରି ବୃଦ୍ଧି ହେଉ, ଯାହାଫଳରେ ସେମାନେ ଲାଭବାନ ହେବେ। ଏହା ଫଳରେ ଦେଶର ମେଧାଶକ୍ତି କ୍ରମଶଃ ଅବହେଳିତ ହେଉଛି, ମସ୍ତିଷ୍କ ଅନ୍ୟ ଦେଶକୁ ସ୍ଥାନାନ୍ତରିତ ହେଉଛି। ଏକଥା ନିଜ ସ୍ୱାର୍ଥରେ ଅନ୍ଧ ଶାସକ ଦଳ ବୁଝିବାକୁ ପ୍ରସ୍ତୁତ ନୁହନ୍ତି। ବରଂ ସେମାନେ ଚାହାନ୍ତି ସଂରକ୍ଷଣକୁ ଆହୁରି ବ୍ୟାପକ କରାଇ ଶସ୍ତା ଲୋକପ୍ରିୟତା କିଣିନେବାକୁ।

ଦେଶର ଉତ୍ତର ପ୍ରାନ୍ତରେ ଅତ୍ୟଧିକ ଜାତିଆଣ ମନୋଭାବ, ରାଜନୈତିକ ଦଳଗୁଡ଼ିକ ପାଇଁ ଏକ କୁଟିଳ କୌଶଳ। ଜାତିଆଣ ଅସହିଷ୍ଣୁତାର ମଦ ଓ ମୋଦକ ଖୁଆଇ ଭୋଟପାଇଁ ଲୋକମତକୁ ଅକ୍ତିଆର କରିବା ଅଭିଳାଷରେ ସେମାନେ ଜନତାଙ୍କ ଭିତରେ ମାନସିକ ବିଭାଜନ ସୃଷ୍ଟି କରୁଛନ୍ତି। ଏହି ରାଜନୈତିକ ଘୂର୍ଣ୍ଣିବାତ୍ୟା ଓ ଆବର୍ତ୍ତ ଭିତରେ ଗଣତନ୍ତ୍ର ତା'ର ମୌଳିକ ପରିଚୟ ହରାଇ ସାରିଛି। ଯେଉଁ ମହତ ଉଦ୍ଦେଶ୍ୟ ସାଧନ ପାଇଁ ରାଜତନ୍ତ୍ରକୁ ପ୍ରତ୍ୟାଖ୍ୟାନ କରାଯାଇ ଗଣତନ୍ତ୍ରର ଚାରାରୋପଣ କରାଯାଇଥିଲା, ସେ ଚାରା ଏବେ ମୃତପ୍ରାୟ ହୋଇଗଲାଣି। ପୁଣି ରାଜତନ୍ତ୍ର ଏବେ ଭିନ୍ନ ରୂପରେ ଆତ୍ମପ୍ରକାଶ କରୁଛି।

ମଣିଷ ଗୋଟିଏ ଜାତି। ତାକୁ ଧର୍ମଦ୍ୱାରା, କର୍ମଦ୍ୱାରା କି ଲିଙ୍ଗଭିତ୍ତିକ ବିଭାଜନ କରାଯାଇ ପାରେନା। ନାରୀ ଓ ପୁରୁଷ ସମାନ ନୁହନ୍ତି-ସେ ଦୁହେଁ ପରସ୍ପରର ପରିପୂରକ। ଗୋଟିଏ ନ ଥିଲେ ଅନ୍ୟଟି ନିର୍ଜୀବ। ପ୍ରକୃତି କୌଣସି ପ୍ରାଣୀକୁ ନିଜ ବିଚାର ଧାରାରେ କେବେ ବିଭାଜିତ କରି ନାହିଁ। ଈଶ୍ୱର ପ୍ରକୃତିର ପରବର୍ତ୍ତୀ ସଂସ୍କରଣ। କାଳକ୍ରମେ ପ୍ରକୃତିକୁ ଈଶ୍ୱର ରୂପେ ପୂଜା କରାଗଲା। ଈଶ୍ୱର ବି କେବେ କେଉଁଠି ଏଭଳି ବିଭାଜିତ ହେବା କଥା କହି ନାହାନ୍ତି। ତା'ର ପରବର୍ତ୍ତୀ ସଂସ୍କରଣ ହେଲା ଜ୍ଞାନ, ଯାହାକୁ ମଣିଷ ଚେତନାର ଉତ୍କର୍ଷରେ ଅନୁଭବ କରିଛି। ସେ ବି କେଉଁଠି କହିନାହାନ୍ତି- ମଣିଷକୁ କାଟି ଭାଗ ଭାଗ କରିଦିଅ। ତେବେ କାହିଁକି ଏ ବିଭାଜନ?

ବ୍ୟକ୍ତିହେଉ ବା ବସ୍ତୁ- ବିଭାଜିତ ହେଲେ ଶକ୍ତି କ୍ଷୟ ହୁଏ। ଇଂରେଜମାନଙ୍କ divide and rule ଆମକୁ ୩୦୦ବର୍ଷ ପରାଧୀନ କରି ରଖିବାକୁ ସମର୍ଥ ହେଲା। ବିଭାଜନ କେବଳ ସ୍ୱାର୍ଥସାଧନ ପାଇଁ ଏକ ଆୟୁଧ। କେତେଜଣ ସ୍ୱାର୍ଥପର ମଣିଷ, ସମଗ୍ର ମଣିଷ ଜାତିକୁ ବିଭିନ୍ନ ପ୍ରକାର ବିଭାଜନ କରି, ନିଜେ ଶାସକ ବା ପ୍ରଭୁ ହେବାର ଉଚ୍ଚାକାଂକ୍ଷା ଚରିତାର୍ଥ କରୁଛନ୍ତି। ଅବଶିଷ୍ଟ ମଣିଷ ମେଣ୍ଢାପଲ ପରି ଅନ୍ୟକୁ ଅନୁସରଣ କରି ଦାସାନୁଦାସ ହୋଇ ରହନ୍ତି। ଇଂରେଜ ଶାସନ ପରେ ଗଣତନ୍ତ୍ରର ଏକ ପବିତ୍ର ମନ୍ଦିର ନିର୍ମାଣ ପାଇଁ ସହଭାଗିତାର ପ୍ରକ୍ରିୟା ଆରମ୍ଭ ହୋଇଥିଲା। କିନ୍ତୁ ଆମ ସମ୍ବିଧାନର ବ୍ୟବସ୍ଥା ସାମ୍ପ୍ରଦାୟିକ, ଜାତିଗତ ଓ ଲିଙ୍ଗଗତ ବିଭାଜନକୁ ଆମଠାରୁ ନିର୍ଦ୍ଦିଷ୍ଟ ଭାବରେ ଦୂରେଇ ରଖିପାରିଲା ନାହିଁ। ରାଜନୈତିକ କ୍ଷମତା ପିପାସୁମାନେ ଏ ଦୁର୍ବଳତାର ସୁଯୋଗ ନେଲେ। ଆମକୁ ଭାଗ ଭାଗ କରି ସଂରକ୍ଷଣକୁ ଜବରଦସ୍ତ ଆମ ଉପରେ ଲଦି, କ୍ଷମତା ଭୋଗ କରିବାର ପ୍ରୟାସ ଜାରି ରଖିଲେ। ସେହି ବିଭାଜନର ଅନ୍ତର୍ଦ୍ୱନ୍ଦ୍ୱ ଭିତରେ ସାଧାରଣ ଜନତା ଲହୁଲୁହାଣ ହେଉଛନ୍ତି। ଦେଶର ଆଇନ ବି ସେମାନଙ୍କୁ ସହାୟତା କରିପାରୁନି।

ଏଇ କିଛିଦିନ ଧରି ଦେଶର ନିର୍ବାଚନ ବ୍ୟବସ୍ଥାକୁ ସୂକ୍ଷ୍ମ ଚେତନାର ଆଖିରେ ନିରୀକ୍ଷଣ କରାଯାଉ- ଉତ୍ତମ ମଣିଷ କେତେଜଣଙ୍କୁ ଖୋଜାଯାଇ ଦେଶକୁ ଶୃଙ୍ଖଳାର ସହ ଚଳାଇବାକୁ ସେମାନଙ୍କୁ କ୍ଷମତା ଅର୍ପଣ କରିବା, ଯଦି ନିର୍ବାଚନର ମୌଳିକ ଲକ୍ଷ୍ୟ ହୁଏ, ତେବେ କ୍ଷୋଭ ପ୍ରକାଶ କରିବାର କଥା। ନିର୍ବାଚନ ବ୍ୟବସ୍ଥା କିଭଳି ବ୍ୟର୍ଥତାର ଚରମ ସୀମା ସ୍ପର୍ଶ କରିସାରିଛି। ସବୁ ସମ୍ପ୍ରଦାୟ ଭିତରେ, ସବୁ ଜାତି ଭିତରେ, ସବୁ ଲିଙ୍ଗବିଭେଦ ଭିତରେ ଗୁଣିଜନ ଅଛନ୍ତି। ସେମାନଙ୍କୁ ଖୋଜିବା ପରିବର୍ତ୍ତେ ଆମେ ପରସ୍ପର ସହିତ ସେମାନଙ୍କୁ ଲଢ଼େଇ କ୍ଷତାକ୍ତ କରୁଛୁ।

ଏବେ ଭାବିବାର ସମୟ ଆସିଛି। ଦେଶ ଜନତାଙ୍କୁ ପରସ୍ପର ଭିତରେ ଲଢ଼େଇବାର ଏ ବେଳ ନୁହେଁ। ସମସ୍ତଙ୍କୁ ଏକାଠି କରି ଦେଶ ନିର୍ମାଣ ପାଇଁ ଶକ୍ତି ସଞ୍ଚୟ କରିବାର ଏ ବେଳ। ଉତ୍ତର ପିଢ଼ି ପାଇଁ ଏକ ଭାବମଗ୍ନ, ଶୃଙ୍ଖଳିତ ଦେଶ ତିଆରି କରିବାକୁ ହେବ। ତା'ହେଲେ ଆମ ପର ପୁରୁଷ ଶାନ୍ତିରେ ସୁଖରେ ସମୟ କାଟିବେ।

୫୮ ସ୍ୱର୍ଣ୍ଣପୁରୀ, ଭୁବନେଶ୍ୱର
ମୋ-୯୪୩୭୦୧୫୨୫୦

## ଏଇ ଭାରତରେ

ମହିଳାମାନେ ଶବଦାହ କରିବାର ପରମ୍ପରା ନ ଥିବା ବେଳେ କେରଳର ସେଲିନା ମାଇକେଲ ଦୀର୍ଘ ଦଶନ୍ଧି ଧରି ଏହି କାର୍ଯ୍ୟ କରୁଛନ୍ତି। କୋଚିର କାକାଣ୍ଡାରେ ରହୁଥିବା ସେଲିନା ଶବଦାହ ଭଳି ଏକ ପବିତ୍ର କାର୍ଯ୍ୟ କରି ତାଙ୍କ ପରିବାର ପ୍ରତିପୋଷଣ କରନ୍ତି। ସେ କୋଚିରେ ଶବଦାହ ଗୃହର କର୍ମଚାରୀ ଭାବେ ରହି ୧୫ ବର୍ଷ ମଧ୍ୟରେ ହଜାର ହଜାର ମୃତଦେହ ଦାହ କରିସାରିଲେଣି। ସେଲିନା ଆବଶ୍ୟକ କାଠ ନିଜେ ସଂଗ୍ରହ କରି ବିଧି ମୁତାବକ ଦାହ କରନ୍ତି ଓ ସେହି ସ୍ଥାନକୁ ସଫା କରିଥାନ୍ତି। ମୃତ ବ୍ୟକ୍ତିଙ୍କ ପରିବାର ବା ସମ୍ପର୍କୀୟଙ୍କଠାରୁ କଲ୍ ପାଇବା କ୍ଷଣି ପ୍ରସ୍ତୁତି ଆରମ୍ଭ କରିଦିଅନ୍ତି ଓ ଖୁବ୍ କମ୍ ସମୟରେ ଦାହ କାର୍ଯ୍ୟ ସମ୍ପାଦନ କରନ୍ତି। ୨୦ ବର୍ଷ ପୂର୍ବେ ସେଲିନାଙ୍କୁ ତାଙ୍କ ସ୍ୱାମୀ ଘରୁ ବାହାର କରିଦେବା ପରେ ସେ ଏହି କାର୍ଯ୍ୟ ଆରମ୍ଭ କରିଥିଲେ। ସାମାଜିକ ବାରଣ ସତ୍ତ୍ୱେ ପିଲାଙ୍କ ଯତ୍ନ ନେବା ଓ ଋଣ ଶୁଝିବା ପାଇଁ ଏ କ୍ଷେତ୍ରରେ ପାଦ ଦେଇଥିବା କହନ୍ତି ୫୮ ବର୍ଷୀୟା ସେଲିନା। ପ୍ରଥମେ ସେ ଜଣେ ଦିନ ମଜୁରିଆ ଭାବେ କାର୍ଯ୍ୟ କରିଥିଲେ। ହେଲେ ମଜୁରି ଅର୍ଥ ପରିବାର ପାଇଁ ପର୍ଯ୍ୟାପ୍ତ ନ ହେବାରୁ ସେ ଶ୍ମଶାନ କର୍ମଚାରୀ ଭାବେ ଯୋଗ ଦେଇଥିଲେ। ଗୋଟିଏ ମୃତଦେହ ଦାହ କରିବାକୁ ସେ ୧୦୦୦ ଟଙ୍କା ନିଅନ୍ତି। ଏଥିରେ କାଠ କିଣନ୍ତି ଓ ମ୍ୟୁନିସିପାଲିଟିକୁ ୭୮୦ ଟଙ୍କା ଦିଅନ୍ତି। ଆଉ ଯାହା ବଳେ ତାହା ତାଙ୍କ ପାରିଶ୍ରମିକ।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ମାର୍ଚ୍ଚ ୧୯୯୭

- ଆଫଗାନ ରାଜଧାନୀ କାବୁଲର ଉତ୍ତର ପଟେ ଥିବା ସାଲଙ୍ଗ ପାଶ୍‌ଠାରେ ବରଫ ଅତଡ଼ା ଖସି ୮୦ ଜଣଙ୍କ ମୃତ୍ୟୁ।
- ଚାଞ୍ଚଲ୍ୟକର ବୋଫର୍ସ ଦୁର୍ନୀତି ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଓ ତାଙ୍କ ପରିବାର ସଦସ୍ୟ ଜଡ଼ିତ ଥିବାର ପ୍ରମାଣ ନ ଥିବା ସିବିଆଇ ରିପୋର୍ଟରେ ପ୍ରକାଶ।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | 1 | | | | | |
| | | | | 9 | 4 | | 5 | |
| | | 3 | 7 | | 8 | | 2 | |
| | 2 | 9 | 4 | | | | 6 | |
| | | | 6 | | | 1 | | |
| | 3 | | | 7 | 9 | | | |
| 6 | | | | | | 8 | | |
| | 1 | | | | | | | |
| | | | | 5 | 2 | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 1 | 3 | 9 | 4 | 5 | 2 | 6 |
| 2 | 9 | 6 | 8 | 5 | 7 | 4 | 1 | 3 |
| 4 | 5 | 3 | 6 | 1 | 2 | 7 | 9 | 8 |
| 1 | 6 | 4 | 9 | 2 | 3 | 8 | 7 | 5 |
| 5 | 2 | 9 | 7 | 6 | 8 | 1 | 3 | 4 |
| 7 | 3 | 8 | 5 | 4 | 1 | 2 | 6 | 9 |
| 6 | 1 | 7 | 4 | 8 | 9 | 3 | 5 | 2 |
| 3 | 8 | 5 | 2 | 7 | 6 | 9 | 4 | 1 |
| 9 | 4 | 2 | 1 | 3 | 5 | 6 | 8 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସତ୍ୟବାଦୀ ଧର୍ମଶାଳା ପ୍ରତି ଅବହେଳା କାହିଁକି

ମହାଶୟ,

ପୁରୀ ଜିଲାର ସତ୍ୟବାଦୀ ବା ସାକ୍ଷୀଗୋପାଳ ଏକ ଧାର୍ମିକ, ଐତିହାସିକ, ସାଂସ୍କୃତିକ, ପର୍ଯ୍ୟଟନ ସ୍ଥାନ । ଏଥିପାଇଁ ଏଠାର ଦୂରନ୍ତ ତୀର୍ଥଯାତ୍ରୀ ତଥା ପର୍ଯ୍ୟଟକଙ୍କ ରହଣି ପାଇଁ ଧର୍ମଶାଳା ନିର୍ମାଣ କରାଯାଇଥିଲା। ଏହା ପ୍ରଭୁ ଶ୍ରୀଗୋପୀନାଥ ଦେବଙ୍କ ଖାସ୍ ଦଖଲରେ ଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ପରିତ୍ୟକ୍ତ ଅବସ୍ଥାରେ ରହିଛି। ମନ୍ଦିର ଟ୍ରଷ୍ଟବୋର୍ଡ, ଏଣ୍ଡାଓମେଣ୍ଟ ବିଭାଗ କିମ୍ବା ରାଜ୍ୟ ସରକାର ଏହାର ପୁନରୁଦ୍ଧାର ପାଇଁ ଚିନ୍ତା କରୁ ନ ଥିବାରୁ ଉପକୃତ ହେଉଥିବା ଦର୍ଶନାର୍ଥୀ, ପର୍ଯ୍ୟଟକ, ଜନସାଧାରଣ ଘୋର ଅସନ୍ତୁଷ୍ଟ ହେଉଛନ୍ତି। ବର୍ତ୍ତମାନ ସତ୍ୟବାଦୀରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା କାର୍ଯ୍ୟ ଚାଲିଛି। ତେବେ ପୁରାତନ ଧର୍ମଶାଳାଟିକୁ ଅବହେଳା କରାଯାଉଛି। ଏହାକୁ ପୁନଃ କାର୍ଯ୍ୟକ୍ଷମ କରାଯାଉ।

–ବନମାଳୀ ବେହେରା, ସାକ୍ଷୀଗୋପାଳ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସକଳ ଧରା ଅଙ୍ଗେ ମହା
କମ୍ପନ ହେ କମ୍ପନ
ପଉଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ !
-(ପଉଷ ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ସୀମା ଟପିଛି ରାମ୍‌କୋ ସିମେଣ୍ଟର ପ୍ରଦୂଷଣ

## ବିପଦ ବଢ଼ାଉଛି ସିମେଣ୍ଟ, ଜିପ୍‌ସମ୍ ଗୁଣ୍ଡ



ଯାଜପୁର ଅଫିସ,୨୭।୩

ରାମ୍‌କୋ ସିମେଣ୍ଟ କାରଖାନା ଦ୍ୱାରା ବାୟୁ ପ୍ରଦୂଷଣ ଏବେ ଯାଜପୁର ଜିଲା ଧର୍ମଶାଳା ବ୍ଲକ ଥାନୁଆଳ ପଞ୍ଚାୟତ ରଘୁନାଥପୁର, ଜୋଗରଡା, ଗୁଆରଙ୍ଗ, ମୁରାରିପୁର ଗ୍ରାମବାସୀଙ୍କୁ କବଳିତ କରିଛି। ବିଷାକ୍ତ ଜିପ୍‌ସମ୍ ଓ ସିମେଣ୍ଟ ଗୁଣ୍ଡ ମଧ୍ୟରେ ରହି କାଳ କାଟୁଥିବା ଏହି ଗ୍ରାମବାସୀ ଚରମ ଦୁର୍ଦ୍ଦଶା ଭୋଗୁଛନ୍ତି। ପ୍ରଦୂଷଣରେ ଗାଁର ପାଣି, ପବନ, ମୃତ୍ତିକା ସବୁ ବିଷାକ୍ତ ହୋଇଯାଇଛି। ସ୍ୱଚ୍ଛ ପାଣି ଟୋପାଏ ପାଇବା ଲୋକଙ୍କ ପାଇଁ ସ୍ୱପ୍ନ ହୋଇଛି। ଏଥିସହ କାରଖାନାର ଭାରିଯାନଗୁଡିକର ବହୁଳ ଚଳାଚଳ ଯୋଗୁ ନିର୍ଗତ ଧୂଳିଧୂଆଁ, ବିଷାକ୍ତ ଗ୍ୟାସ୍ ପ୍ରଭାବରେ ବାୟୁ ପ୍ରଦୂଷଣ ଚରମ ସୀମାକୁ ଟପିଯାଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

ରାମ୍‌କୋ ସିମେଣ୍ଟ ଲିମିଟେଡକୁ କାରଖାନା ପ୍ରତିଷ୍ଠା କରିବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ପକ୍ଷରୁ୧୪୩୪୯/୨୮।୧୦।୨୦୧୭ରେ ବିଭିନ୍ନ ସର୍ତ୍ତରେ ଅନୁମତି ମିଳିଥିଲା। ତାମିଲନାଡୁର ବିରୁଧୁନଗର ରାଜାପଲୟମ ତହସିଲ ଅଧୀନ ଏହି କମ୍ପାନୀ ୪୪୦ କୋଟି ଟଙ୍କା ବ୍ୟୟରେ ୧୦୦ ଏକର ଜମିରେ ଏହି ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ୍ ସ୍ଥାପନ କରିଛି। ହେଲେ ଏଥିପାଇଁ ଜମି ଅଧିଗ୍ରହଣରେ ବ୍ୟାପକ ଅନିୟମିତତା କରାଯାଇଛି। ଓଡ଼ିଶା ଭୂସଂସ୍କାର ଆଇନର ଖୋଲାଖୋଲି ଉଲ୍ଲଂଘନ କରାଯାଇ ଯାଜପୁର ଜିଲା ଧର୍ମଶାଳା ତହସିଲ ହରିଦାସପୁରଠାରେ ଶାଗମାଛ ଦରରେ ଲୋକଙ୍କଠାରୁ ପର୍ଯ୍ୟାୟକ୍ରମେ ଚାଷଜମି ଓ ଘରବାଡି ଜମିକୁ ହାତେଇ ନିଆଯାଇଛି। ଇଡ୍‌କୋ ଜରିଆରେ ଅଧିଗ୍ରହଣ ହୋଇ ନ ଥିବାବେଳେ ଜିଲା ଜମି ଅଧିଗ୍ରହଣ ଉପଦେଷ୍ଟା ମଣ୍ଡଳୀର ମଧ୍ୟ ଅନୁମତି ଲୋଡ଼ା ଯାଇନାହିଁ। ଫଳରେ କ୍ଷତିଗ୍ରସ୍ତ ପରିବାର ଲୋକେ ଏହି କମ୍ପାନୀରୁ କୌଣସି ପ୍ରକାରେ ଉପକୃତ ହେଉ ନ ଥିବାବେଳେ ଓଲଟା ବାୟୁ ପ୍ରଦୂଷଣରେ ଅତିଷ୍ଠ ହେଉଛନ୍ତି। ରାମ୍‌କୋ କାରଖାନାର ଏହି ବେଆଇନ କାର୍ଯ୍ୟକୁ କେତେଜଣ ସ୍ଥାନୀୟ ନେତା ସହଯୋଗ କରୁଥିବାରୁ ଜିଲା ପ୍ରଶାସନ ମୁହଁ ଖୋଲିବାରେ ସାହସ ଜୁଟାଇ ପାରୁନାହିଁ। ଏସ୍‌ପିସିବି ରାମ୍‌କୋ କମ୍ପାନୀର ହାତବାରିସ ସାଜିଥିବାରୁ ବାୟୁ ଓ ପ୍ରଦୂଷଣ କେବଳ ଅନିୟନ୍ତ୍ରିତ ନୁହେଁ, ସାଂଘାତିକ ହେଉଥିବା କ୍ଷୋଭ ପ୍ରକାଶ ପାଇଛି। ଏହି ସିମେଣ୍ଟ କାରଖାନାର ଉତ୍ତର ଦିଗକୁ ରଘୁନାଥପୁର ଓ ଜୋଗରଡ଼ା ଗ୍ରାମ ରହିଛି। ଏହି ଦୁଇ ଗ୍ରାମର ପୋଖରୀ ପାଣି ଉପରେ ସିମେଣ୍ଟ କାରଖାନାରୁ ନିର୍ଗତ ଗୁଣ୍ଡ ଆସ୍ତରଣ ଜମି ରହିଛି। ସମଗ୍ର ଅଞ୍ଚଳରେ ଧଳା ପାଉଁଶର କୁହୁଡି ସୃଷ୍ଟି ହେଉଛି। ପ୍ରଦୂଷଣର ବିଷ ବଳୟରେ ଆଖପାଖ ୫ଟି ଗ୍ରାମର ପ୍ରାୟ ୧୦ ହଜାର ଲୋକ ଦହଗଞ୍ଜ ହେଉଛନ୍ତି। ବିନା ଜନଶୁଣାଣିରେ ନିର୍ମାଣ ହୋଇଥିବା ଅତି ପ୍ରଦୂଷିତ ସିମେଣ୍ଟ କାରଖାନା ପ୍ରତି ପ୍ରଭାବଶାଳୀଙ୍କ ଆଶୀର୍ବାଦ ରହିଥିବାରୁ ସେମାନେ ଆଉ କାହାକୁ ମାନୁନାହାନ୍ତି। ସରକାର ଗୋଟିଏ ପଟେ ପରିବେଶର ସୁରକ୍ଷା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ, ଜଙ୍ଗଲ ସୃଷ୍ଟି ପ୍ରତି ଗୁରୁତ୍ୱାରୋପ କରୁଥିବା ବେଳେ ଅନ୍ୟପଟେ ଘରୋଇ କମ୍ପାନୀଗୁଡିକୁ ପରିବେଶର ବିପର୍ଯ୍ୟୟ ପାଇଁ ସହଯୋଗ କରାଯାଉଛି। ମୁରାରିପୁର ଗ୍ରାମର ଜୟଦେବ ନାଏକ ଓ ସତ୍ୟବ୍ରତ ରାଉତ, ଗୁଆରଙ୍ଗ ଗ୍ରାମର ଟୁନା ବାରିକ କୁହନ୍ତି, ରାମ୍‌କୋ ସିମେଣ୍ଟର ବିଷାକ୍ତ ଗ୍ୟାସ୍ ସହ ଗୁଣ୍ଡ ଯୋଗୁ ଜୀବନଜୀବିକା ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ରହୁ ନ ଥିବାବେଳେ ଅଧିକାଂଶ ଲୋକ କାଶ ରୋଗରେ ଆକ୍ରାନ୍ତ ହେଉଛନ୍ତି। ସେମାନେ ଯକ୍ଷ୍ମାରୋଗରେ ପୀଡ଼ିତ ହେବା ଆଶଙ୍କା ରହିଛି। ତେଣୁ ଏସ୍‌ପିସିବି ଏଥିପ୍ରତି ଦୃଷ୍ଟି ନ ଦେଲେ ସେମାନେ ବଞ୍ଚିବା କଷ୍ଟକର ହେବ ବୋଲି କହିଛନ୍ତି। ଏ ସଂକ୍ରାନ୍ତରେ ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ଏଯାଏ କୌଣସି ଅଭିଯୋଗ ଆସିନାହିଁ। ତେବେ ଆବଶ୍ୟକ ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରାଯିବ।

## ‘ସ୍ୱାମୀଙ୍କ ଉପରେ କାମ ଚାପ ରହିଥିଲା’

ଗୁଣପୁର/ରାମନାଗୁଡ଼ା,୨୭।୩(ଡି.ଏନ୍.ଏ.)



ଦେବ୍‌ଙ୍କ ସ୍ତ୍ରୀ କିରଣ।

ସର୍ଭିସ ରିଭଲଭରରୁ ଗୁଳି ଫୁଟି ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ଆଇଆଇସି ଦେବ୍ ଗମାଙ୍ଗଙ୍କ ମୃତ୍ୟୁ ଘଟଣାରେ ଶନିବାର ମୁହଁ ଖୋଲିଛନ୍ତି ସ୍ତ୍ରୀ କିରଣ ମହାନ୍ତି। ସ୍ୱାମୀଙ୍କ ଉପରେ କାମର ଚାପ ରହିଥିଲା। ତେଣୁ ଠିକ୍‌ରେ ତଦନ୍ତ କରାଯାଇ ନ୍ୟାୟ ପ୍ରଦାନ କରାଯାଉ ବୋଲି ସେ ଦାବି କରିଛନ୍ତି। ପୈତୃକ ଗ୍ରାମ ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ କୁଜେନ୍ଦ୍ରୀ ପଞ୍ଚାୟତ କଇଠପଦର କୁଡ଼ିଆ ଗ୍ରାମରେ ଶନିବାର ଦେବ୍‌ଙ୍କର ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଏହି ସମୟରେ ଗଣମାଧ୍ୟମ ନିକଟରେ ସ୍ୱାମୀଙ୍କ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି କିରଣ।

କିରଣଙ୍କ କହିବା ଅନୁଯାୟୀ, ସ୍ୱାମୀଙ୍କ ମୃତ୍ୟୁ ଘଟିବା ଦିନ ଉକ୍ତ ଘରକୁ ଦୁଇ ପୋଲିସ ଅଧିକାରୀ ଆସିଥିଲେ। ସମସ୍ତେ ମିଶି ଗୋଟିଏ ଟେବୁଲରେ ଖାଇଥିଲେ। ଦେବ୍‌ଙ୍କ ମା’ ଗାଧୋଇବାକୁ ଯାଇଥିବାବେଳେ କିଛି ସମୟ ମଧ୍ୟରେ ଗୁଳି ଫୁଟିବା ଶବ୍ଦ ଶୁଣିଥିଲେ। ବାଥରୁମ୍‌ରୁ ଆସି ଦେଖିବାବେଳେ ପୁଅ ତଳେ ପଡ଼ିଥିବା ବିଷୟରେ ମା’ ଜଣାଇଥିବା କିରଣ କହିଛନ୍ତି। ଅନ୍ୟପକ୍ଷରେ ଉଭୟ ସ୍ତ୍ରୀ ଏବଂ ସ୍ୱାମୀ ପୋଲିସ ବିଭାଗରେ ଚାକିରି କରୁଥିଲେ। ଦମ୍ପତି ପରସ୍ପରଠାରୁ ଦୂରରେ ରହୁଥିଲେ। ଦେବ୍ ଛୁଟି ଆବେଦନ କଲେ ମଧ୍ୟ ମିଳୁ ନ ଥିଲା। ଦୂରରେ ଥିବାରୁ ସ୍ୱାମୀଙ୍କ ମୃତ୍ୟୁର କାରଣ ଜାଣିପାରୁନି ବୋଲି କିରଣ କହିଛନ୍ତି। ସ୍ୱାମୀଙ୍କ ଏଭଳି ମୃତ୍ୟୁକୁ ନେଇ ସେ ସନ୍ଦେହ ପ୍ରକାଶ କରିଛନ୍ତି। ପୋଲିସରେ ଥାଇ ପୋଲିସ ଅଧିକାରୀ ନ୍ୟାୟ ପାଇବେ ନାହିଁ କି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାୟ ରବିବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଏହା ଦୁଃଖଦାୟକ ଘଟଣା। ସାଇଣ୍ଟିଫିକ୍ ଟିମ୍ ଓ ମେଡିକାଲ ରିପୋର୍ଟ ଆଧାରରେ ତଦନ୍ତ ଚାଲିଛି। ଏଚ୍ଆର୍‌ପିସି ମଧ୍ୟ ଏହାର ତଦନ୍ତ କରୁଛନ୍ତି। ପୋଷ୍ଟମର୍ଟମ ରିପୋର୍ଟକୁ ଅପେକ୍ଷା କରାଯାଇଛି।

ସୂଚନାଯୋଗ୍ୟ, ଘରେ ଥିବା ସମୟରେ ନିଜ ସର୍ଭିସ୍ ବନ୍ଧୁକରୁ ଗୁଳି ଫୁଟି ଦେବ୍‌ଙ୍କର ଶୁକ୍ରବାର ମୃତ୍ୟୁ ଘଟିଥିଲା। ପୋଲିସ ପକ୍ଷରୁ ଶନିବାର ତାଙ୍କ ମୃତଦେହ ଜନ୍ମସ୍ଥାନକୁ ନିଆଯାଇ ସଂସ୍କାର କରାଯାଇଥିଲା।

# ମନ୍ କି ବାତ୍‌ରେ ଖୋର୍ଦ୍ଧାର ରାହୁଲଙ୍କୁ ପ୍ରଶଂସା କଲେ ମୋଦି

**ପ୍ଲାଷ୍ଟିକମୁକ୍ତ ଭାରତ ପାଇଁ ପ୍ରୟାସ ଜାରି ରହିବ: ରାହୁଲ**

ପୁରୀ ଅଫିସ,୨୭।୩

‘ମନ୍ କି ବାତ୍’ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଆ ପୁଅ ରାହୁଲ ମହାରଣାଙ୍କୁ ପ୍ରଶଂସା କରିଛନ୍ତି। ରାହୁଲ ପୁରୀ-କୋଣାର୍କ ବେଳାଭୂମିକୁ ସ୍ୱଚ୍ଛ କରି ସ୍ୱଚ୍ଛ ଭାରତ ମିଶନରେ ସାମିଲ ହୋଇଥିବାରୁ ପ୍ରଧାନମନ୍ତ୍ରୀ ତାଙ୍କୁ ସାବାସି ଦେଇଛନ୍ତି।

ରବିବାର ପ୍ରଧାନମନ୍ତ୍ରୀଙ୍କ ‘ମନ୍ କି ବାତ୍’ କାର୍ଯ୍ୟକ୍ରମରେ ମୋଦି କହିଛନ୍ତି, ଖୋର୍ଦ୍ଧା ଜିଲା ବାଲିପାଟଣା ବ୍ଲକ ଆମ୍ବଡିହ ଗ୍ରାମର ରାହୁଲ ମହାରଣା ପ୍ରତି ରବିବାର ସକାଳୁ ପୁରୀର ତୀର୍ଥସ୍ଥଳୀ ପାଖରେ ପହଞ୍ଚିଯାଆନ୍ତି। ସେଠାରେ ଥିବା ପ୍ଲାଷ୍ଟିକ୍ ଆବର୍ଜନାକୁ ସଫା କରନ୍ତି। ବର୍ତ୍ତମାନ ସୁଦ୍ଧା ସେ ଶହେ କିଲୋରୁ ଊର୍ଦ୍ଧ୍ୱ ପ୍ଲାଷ୍ଟିକ ଆବର୍ଜନା ସଫା କରିସାରିଲେଣି। ରାହୁଲ ଆମ ସମସ୍ତଙ୍କୁ ଅନେକ କିଛି ଶିକ୍ଷା ଦେଉଛନ୍ତି। ତାଙ୍କଠାରୁ ପ୍ରେରଣା ନେଇ ଭାରତବାସୀ ଦେଶକୁ ଆବର୍ଜନାମୁକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା ପରେ ରାହୁଲ କହିଛନ୍ତି, ୨୦୧୮ରୁ ଏହି ସଫେଇ ଜାରି ରଖିଛି। କେହି କେବେ ସହଯୋଗ କରିନାହାନ୍ତି। କେହି ମଧ୍ୟ ମୋ’ କାମ ପ୍ରତି ନଜର ଦେଉ ନ ଥିଲେ। ପ୍ରତି ରବିବାର ବିଭିନ୍ନ ତୀର୍ଥସ୍ଥାନ, ପର୍ଯ୍ୟଟନସ୍ଥଳୀ ଓ ବେଳାଭୂମିକୁ ଯାଇ ସଫେଇ କରୁଛି। ଆଜୀବନ ଏହି କାର୍ଯ୍ୟ ଜାରି ରଖିବି। ପ୍ଲାଷ୍ଟିକ୍‌ମୁକ୍ତ ଭାରତ ପାଇଁ ସଦା ଚେଷ୍ଟିତ ରହିବି। ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା ପରେ ସଫେଇ କାର୍ଯ୍ୟ କରିବା ଲାଗି ପ୍ରେରଣା ମିଳିଛି। ସେହିଭଳି ପାଠପଢ଼ା ସହ ସମାଜସେବା ଓ ବିଶେଷ ଭାବେ ପ୍ରକୃତି ସେବା କରିବା ପାଇଁ ପିଲାବେଳୁ ଚେଷ୍ଟା କରୁଛି। ମୋ’ ସହ ସମସ୍ତେ ଯୋଡ଼ିହେଲେ ଆହୁରି ଖୁସି ଲାଗିବ। ସମସ୍ତେ ଯେଉଁ ପ୍ରକୃତିର ଅଂଶ, ସେହି ଧରାପୃଷ୍ଠକୁ ସଫାସୁତରା ରଖିବା ଓ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ପ୍ରୟାସ କରିବା ଦରକାର ବୋଲି ରାହୁଲ ପ୍ରକାଶ କରିଛନ୍ତି।



ରାହୁଲ ମହାରଣା

## ୭ ସହର ତାପମାତ୍ରା ୪୦ ଡିଗ୍ରୀ ଉପରେ

ଭୁବନେଶ୍ୱର, ୨୭।୩(ବ୍ୟୁରୋ)

ରାଜ୍ୟରେ ଏବେ ପ୍ରବଳ ଗରମ ଅନୁଭୂତ ହେଉଥିବାବେଳେ ରବିବାର ୭ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ୪୦.୮ ଡିଗ୍ରୀ ସହ ସମ୍ବଲପୁର ସବୁଠାରୁ ଉତ୍ତପ୍ତ ସହର ପାଲଟିଥିଲା। ସେହିପରି ବୌଦ୍ଧରେ ସର୍ବାଧିକ ତାପମାତ୍ରା ୪୦.୫, ଝାରସୁଗୁଡ଼ା ୪୦.୪, ହୀରାକୁଦ ୪୦.୪, ବଲାଙ୍ଗୀର ୪୦.୪, ତାଳଚେର ୪୦ ଓ ବାରିପଦାରେ ୪୦ ଡିଗ୍ରୀ ରେକର୍ଡ କରାଯାଇଛି। ଅନ୍ୟପକ୍ଷରେ ସୋନପୁର ୩୯.୮, ଟିଟିଲାଗଡ଼ ୩୯.୮, ଭବାନୀପାଟଣା ୩୯.୫, ଅନୁଗୋଳ ୩୯.୧, ମାଲକାନଗିରି ୩୮.୫, ଭୁବନେଶ୍ୱର ୩୮.୪, ଫୁଲବାଣୀ ୩୮.୪, ବାଲେଶ୍ୱର ୩୭.୨, ଚାନ୍ଦବାଲି ୩୬.୫, କଟକ୩୭.୪, ପାରାଦୀପ ୩୨.୬, ପୁରୀ ୩୩.୨, କେନ୍ଦୁଝର ୩୭, କୋରାପୁଟ ୩୫.୬, ଦାରିଙ୍ଗବାଡ଼ି ୩୫.୫, ନୟାଗଡ଼ ୩୮, ଯାଜପୁର ୩୭ ଓ ପାରଳାଖେମୁଣ୍ଡି ୩୬.୫ ଡିଗ୍ରୀ ତାପମାତ୍ରା ରହିଥିଲା। ତେବେ ରାଜ୍ୟରେ ଆସନ୍ତା ୪ ରୁ ୫ ଦିନ ମଧ୍ୟରେ ଦିନ ତାପମାତ୍ରାରେ ସେଭଳି କୌଣସି ବଡ଼ ପରିବର୍ତ୍ତନ ହେବ ନାହିଁ। ଏହି ସମୟରେ ଆଭ୍ୟନ୍ତରୀଣ ଓଡ଼ିଶାରେ ୨ ରୁ ୩ ଡିଗ୍ରୀ ତାପମାତ୍ରା ବଢ଼ିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସେପଟେ ସୋମବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଗଜପତି, ରାୟଗଡ଼ା, ମାଲକାନଗିରି ଓ କୋରାପୁଟ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ବାକି ସବୁ ଜିଲାରେ ପାଗ ଶୁଖିଲା ରହିବ ବୋଲି ପାଣିପାଗ କେନ୍ଦ୍ର ଆଶଙ୍କା କରିଛି।

# ଆଜିଠୁ ଜାତୀୟ ତୋଷାଳି ମେଳା

- ଅପରାହ୍ଣ ୩ରୁ ରାତି ୧୦ ଯାଏ ଚାଲିବ, ଖୋଲିବ ୩୯୦ ଷ୍ଟଲ୍,
- ସାରା ଦେଶର କାରିଗର ଓ ବୁଣାକାର ଯୋଗଦେବେ




ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ପଦ୍ମିନୀ ଦିଆନ୍ ମେଳା ସମ୍ପର୍କରେ ସୂଚନା ଦେଉଛନ୍ତି।

ଭୁବନେଶ୍ୱର,୨୭।୩(ବ୍ୟୁରୋ)

ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଷୋଡ଼ଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା ସୋମବାର ୨୮ ତାରିଖରୁ ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ଆରମ୍ଭ ହେବ। ଏପ୍ରିଲ ୧୦ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସନ୍ଧ୍ୟା ୬ଟାରେ ଉଦ୍‌ଘାଟନ କରିବେ। ଦେଶର ବିଭିନ୍ନ ସ୍ଥାନରୁ କାରିଗର ଓ ବୁଣାକାର ଏଥିରେ ଅଂଶଗ୍ରହଣ କରି ସେମାନଙ୍କ ପାରମ୍ପରିକ ତଥା ସମସାମୟିକ ହସ୍ତତନ୍ତ ଏବଂ ହସ୍ତଶିଳ୍ପ ଉତ୍ପାଦ ପ୍ରଦର୍ଶନ କରିବେ। ଚଳିତ ବର୍ଷ ୩୯୦ଟି ହସ୍ତତନ୍ତ ଏବଂ ହସ୍ତଶିଳ୍ପ ଷ୍ଟଲ୍ ଖୋଲିବ। ଚଳିତବର୍ଷ ପ୍ରଥମକରି ଅନ୍ୟ ରାଜ୍ୟର ହସ୍ତଶିଳ୍ପ ଓ ହସ୍ତତନ୍ତ ନିଗମଗୁଡିକୁ ଆମନ୍ତ୍ରଣ କରାଯାଇଛି। ଓଡ଼ିଆ ପାରମ୍ପରିକ ଖାଦ୍ୟ ସହିତ ସମସ୍ତ ପ୍ରକାର ସୁସ୍ୱାଦୁ ଖାଦ୍ୟର ମଜା ଉଠାଇବା ନିମନ୍ତେ ୩୦ ଷ୍ଟଲ ବିଶିଷ୍ଟ ଏକ ଖାଦ୍ୟ ବଜାରର ବ୍ୟବସ୍ଥା କରାଯାଇଛି। ଖରାକୁ ଦୃଷ୍ଟିରେ ରଖି ଏହି ମେଳା ଅପରାହ୍ଣ ୩ରୁ ରାତି ୧୦ ଯାଏ ଚାଲିବ। ମେଳା ପରିସରରେ ମାସ୍କ ବ୍ୟବହାର ଏବଂ ସାମାଜିକ ଦୂରତା ବାଧ୍ୟତାମୂଳକ କରାଯାଇଛି। ମେଳାର ଥିମ୍ ପାଭିଲିଅନ୍‌ରେ ସଂକଳ୍ପ ଜାତୀୟ ପ୍ରକଳ୍ପ ଅଧୀନରେ କେନ୍ଦ୍ରାପଡାର କାଇଁଚ ହସ୍ତଶିଳ୍ପକୁ ପ୍ରଦର୍ଶନ କରାଯିବ। କୌଣସି ଉଚ୍ଚମାନର ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ନାହିଁ। ଛୋଟ ତଥା ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ଧୁଡୁକି, କେନ୍ଦରା, ଦାସକାଠିଆ, ପାଲା, କୀର୍ତ୍ତନ ଏବଂ ସ୍ଥାନୀୟ ଲୋକନୃତ୍ୟ ଇତ୍ୟାଦି ତୋଷାଳି ଜାତୀୟ ମେଳା ପରିସରରେ ପ୍ରଦର୍ଶିତ ହେବ। ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ସହିତ ଭାରତ ସରକାରଙ୍କ ହସ୍ତତନ୍ତ ମନ୍ତ୍ରଣାଳୟର ବିକାଶ ଆୟୁକ୍ତ (ହସ୍ତଶିଳ୍ପ) ଓ ବିକାଶ ଆୟୁକ୍ତ (ହସ୍ତତନ୍ତ)ଙ୍କ ସହଭାଗିତାରେ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ (ସିଡାକ) ତରଫରୁ ଏହି ଜାତୀୟ ମେଳାର ଆୟୋଜନ କରାଯାଉଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଭାଗୀୟ ମନ୍ତ୍ରୀ ପଦ୍ମିନୀ ଦିଆନ୍ ଏ ସମ୍ପର୍କରେ ସୂଚନା ଦେଇଥିବାବେଳେ ଶାସନ ସଚିବ ଶୁଭାଶର୍ମା, ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ ଏବଂ ବିଭାଗୀୟ ସ୍ୱତନ୍ତ୍ର ସଚିବ ସରୋଜ କୁମାର ପଟେଲ ଉପସ୍ଥିତ ଥିଲେ।

## ଫସ୍‌ଫେଟ୍‌ସ ପି ୨୦୫ ସାର ଉତ୍ପାଦନ ଆରମ୍ଭ

- ଏସିଆ ମହାଦେଶରେ ପ୍ରଥମ
- ପୂର୍ବରୁ ବିଦେଶରୁ ଆମଦାନୀ ହେଉଥିଲା

ପାରାଦୀପ,୨୭।୩(ସ୍ୱ.ପ୍ର.)

ଦେଶର ଅନ୍ୟତମ ବୃହତ୍ ସାର କାରଖାନା ଇଫ୍‌କୋ ପାରାଦୀପ ୟୁନିଟ ଚାଷୀମାନଙ୍କ ପାଇଁ ସବୁଠାରୁ ବଡ଼ ଆବଶ୍ୟକତା ଫସ୍‌ଫେଟ୍‌ସ ପି ୨୦୫ ସାରର ଉତ୍ପାଦନ ଆରମ୍ଭ କରିଛି। ଏହି ଉତ୍ପାଦ ଏସିଆ ମହାଦେଶରେ ପ୍ରଥମ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହା ପୂର୍ବରୁ ଉକ୍ତ ସାର ବିଦେଶରୁ ଆମଦାନୀ ହେଉଥିଲା। ଏହି ସାର ପ୍ରସ୍ତୁତି ପାଇଁ ରକ ଫସ୍‌ଫେଟସ୍ ଏସିଡ, କମ୍ପ୍ଲେକ୍ସ ଫର୍ଟିଲାଇଜର ଆଦି କଞ୍ଚାମାଲ ବିଦେଶରୁ ଆମଦାନୀ କରାଯିବ। ଏହି ସାର ଦୈନିକ ୨୬୫୦ ଟନ ଉତ୍ପାଦନ ହେଉଛି। ୨୦୨୧-୨୨ ଆର୍ଥିକ ବର୍ଷରେ ୮ ଲକ୍ଷ ୫ ହଜାର ଟନ ସାର ଉତ୍ପାଦନ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ‘ଦୁର୍ନୀତି ମୂଳୋତ୍ପାଟନ ପାଇଁ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆବଶ୍ୟକ’

ଭୁବନେଶ୍ୱର, ୨୭।୩(ବ୍ୟୁରୋ)

ଦୁର୍ନୀତି ହେଉଛି ଉଇ ସଦୃଶ। ଏହାକୁ ଆମ ଜୀବନରୁ ଦୂର କରିବାକୁ ହେବ। ଏହି ଦୁର୍ନୀତି ରୂପକ ଉଇର ମୂଳୋତ୍ପାଟନ ନିମନ୍ତେ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ହେବା ଆବଶ୍ୟକ। ଆମମାନଙ୍କ ମଧ୍ୟରେ ନୈତିକ ମୂଲ୍ୟବୋଧ ବଦ୍ଧପରିକର ହେବା ଉଚିତ୍ ବୋଲି ଭାରତର ଲୋକପାଳ ଚେୟାରପର୍ସନ ବିଚାରପତି ପିନାକୀ ଚନ୍ଦ୍ର ଘୋଷ ମତ ପ୍ରକାଶ କରିଛନ୍ତି। କିଟ୍ ଲ’ ସ୍କୁଲ୍ ପକ୍ଷରୁ ରବିବାର ବିଚାରପତିଙ୍କ ବକ୍ତୃତାମାଳା କାର୍ଯ୍ୟକ୍ରମ ଉଦ୍‌ଘାଟନ ଅବସରରେ ‘ଭାରତରେ ଲୋକପାଳଙ୍କ ଭୂମିକା ଓ ଗୁରୁତ୍ୱ’ ଉପରେ ବକ୍ତୃତା ପ୍ରଦାନ କରି ଜଷ୍ଟିସ୍ ଘୋଷ ଦୁର୍ନୀତି ନିବାରଣରେ ଲୋକପାଳଙ୍କ ଭୂମିକା ଓ କାର୍ଯ୍ୟ ପରିସର ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ସମାଜରୁ ଦୁର୍ନୀତି ଦୂର ପାଇଁ ସାଧାରଣ ଲୋକଙ୍କ ସହଯୋଗର ଆବଶ୍ୟକତା ରହିଛି। ଏହା ଆମ ସମସ୍ତଙ୍କ ଭିତରେ ଏକ ଦୃଢ଼ ଧାରଣା ସୃଷ୍ଟି ହେବା ଉଚିତ୍। ଆମେମାନେ ଆମ ଜୀବନରେ ବ୍ୟକ୍ତିଗତ ସ୍ୱାର୍ଥ ହାସଲ ଓ ଦୁର୍ନୀତି ଉପାୟରେ ସମ୍ପତ୍ତି ଆହରଣ ଚିନ୍ତାଧାରା ଯେବେ ମନରୁ ସମ୍ପୂର୍ଣ୍ଣ ଦୂରେଇ ଦେବା, ସେବେ ସମାଜରୁ ଦୁର୍ନୀତି ଦୂର ହୋଇପାରିବ। ଆମେ ଯାହା କିଛି କରିବା, ସତ୍ ଉପାୟରେ କରିବା ଉଚିତ୍। ଦୁର୍ନୀତି ଦୂର ପାଇଁ ଆମ ଦେଶରେ ଅନେକ ଆଇନ କାର୍ଯ୍ୟକାରୀ ହୋଇଛି, ତଥାପି ଦୁର୍ନୀତି ଦୂର ହୋଇପାରୁନାହିଁ। କାରଣ ଏଥିପାଇଁ ଲୋକଙ୍କ ମଧ୍ୟରେ ସଚେତନତା ଓ ସହଯୋଗର ଆବଶ୍ୟକତା ରହିଛି ବୋଲି ଘୋଷ କହିଛନ୍ତି। କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସସ୍ମିତା ସାମନ୍ତ, କିଟ୍ ଲ’ ସ୍କୁଲ୍‌ର ନିର୍ଦ୍ଦେଶକ ପ୍ରଫେସର ଭବାନୀ ପ୍ରସାଦ ପଣ୍ଡାଙ୍କ ସମେତ ସ୍କୁଲ୍‌ର ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ସୁବାସ ଚନ୍ଦ୍ର ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କିଟ୍ ଲ’ ସ୍କୁଲ୍‌ର ଡିନ୍ ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ।



ପିନାକୀ ଚନ୍ଦ୍ର ଘୋଷ

# ‘ରହଣି’ରେ ରାଜ୍ୟର ଦ୍ୱିତୀୟ ସୈନିକ ସ୍କୁଲ

- ସଂସ୍କାର ପବ୍ଲିକ ସ୍କୁଲରେ କାର୍ଯ୍ୟକ୍ଷମ ହେବ
- ସହଭାଗୀ ହେବେ ଏନ୍‌ଜିଓ, ଘରୋଇ ଶିକ୍ଷାନୁଷ୍ଠାନ

ଢେଙ୍କାନାଳ ଅଫିସ, ୨୭।୩



ଭୁବନେଶ୍ୱର ପରେ ରାଜ୍ୟର ଦ୍ୱିତୀୟ ସୈନିକ ସ୍କୁଲ ଢେଙ୍କାନାଳ ଜିଲାର ଆଦିବାସୀ ବହୁଳ କଙ୍କଡ଼ାହାଡ଼ ବ୍ଲକର ‘ରହଣି’ଠାରେ ପ୍ରତିଷ୍ଠା ହେବ। ଆସନ୍ତା ଶିକ୍ଷାବର୍ଷରୁ ଏହା କାର୍ଯ୍ୟକ୍ଷମ ହେବ। ଏଥିଲାଗି କେନ୍ଦ୍ର ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସବୁଜସଙ୍କେତ ମିଳିଛି। ତେବେ ପ୍ରସ୍ତାବିତ ସୈନିକ ସ୍କୁଲ ଭିନ୍ନଧରଣର ହେବ। ଆକାଶ ଫାଉଣ୍ଡେଶନ ପକ୍ଷରୁ ପରିଚାଳିତ ‘ସଂସ୍କାର ପବ୍ଲିକ୍ ସ୍କୁଲ’ରେ ଏହାକୁ କାର୍ଯ୍ୟକାରୀ କରାଯିବ। ଶିକ୍ଷାନୁଷ୍ଠାନ ପରିଚାଳନାରେ ବିଭିନ୍ନ ଏନ୍‌ଜିଓ, ଘରୋଇ ଏବଂ ସରକାରୀ ସ୍କୁଲ ସହଭାଗୀ ହେବେ ବୋଲି ନିଷ୍ପତ୍ତି ହୋଇଛି।

ସେନାବାହିନୀରେ ଭର୍ତ୍ତି ହେବାଲାଗି ଆବଶ୍ୟକ ଜ୍ଞାନକୌଶଳ, ପ୍ରଶିକ୍ଷଣ ଏବଂ ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ସୈନିକ ସ୍କୁଲର ବଡ଼ ଭୂମିକା ରହିଛି। ଏଥିଲାଗି ସର୍ବଭାରତୀୟସ୍ତରରେ ୧୧୦୦ ସ୍କୁଲ ପକ୍ଷରୁ ଆବେଦନ କରାଯାଇଥିଲା। ଓଡ଼ିଶା ସମେତ ୨୧ ରାଜ୍ୟରେ ଏଭଳି ସହଭାଗିତାଭିତ୍ତିକ ସୈନିକ ସ୍କୁଲ ଖୋଲିବାକୁ ପ୍ରତିରକ୍ଷା ମନ୍ତ୍ରଣାଳୟର ଅନୁମୋଦନ ମିଳିଥିବାବେଳେ ଏଥିରେ ସାମିଲ ହୋଇଛି ସଂସ୍କାର ପବ୍ଲିକ୍ ସ୍କୁଲ। ଶିକ୍ଷାନୁଷ୍ଠାନରେ ସୈନିକ ସ୍କୁଲ କାର୍ଯ୍ୟକ୍ଷମ କରିବା ଲାଗି ଦୁଇମାସ ତଳେ ବିଦ୍ୟାଳୟ କର୍ତ୍ତୃପକ୍ଷ କେନ୍ଦ୍ର ସରକାରଙ୍କ ନିକଟରେ ଆବେଦନ କରିଥିଲେ। ଏହାପରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଭିତ୍ତିଭୂମି ପରଖିବା ପାଇଁ ପରିଦର୍ଶନରେ ଆସିଥିଲେ। ସେଣ୍ଟ୍ରାଲ କମାଣ୍ଡର ବରିଷ୍ଠ ଅଧିକାରୀ, ଭୁବନେଶ୍ୱର ସୈନିକ ସ୍କୁଲ ପ୍ରିନ୍ସିପାଲ, ସରାଙ୍ଗ ନବଦୋୟ ବିଦ୍ୟାଳୟ ପ୍ରିନ୍ସିପାଲ ପ୍ରମୁଖ ଏହି ପ୍ରତିନିଧି ଦଳରେ ସାମିଲ ଥିଲେ। ‘ରହଣି’ଠାରେ ସୈନିକ ସ୍କୁଲ ପ୍ରତିଷ୍ଠା ହେଲେ ଢେଙ୍କାନାଳ, ଅନୁଗୋଳ, ଯାଜପୁର ଜିଲାର ଛାତ୍ରୀଛାତ୍ର ପ୍ରତିରକ୍ଷା ବିଭାଗରେ କ୍ୟାରିୟର କରିବାରେ ସୁଯୋଗ ପାଇପାରିବେ ବୋଲି ଆଶା ଉଜ୍ଜୀବିତ ହୋଇଛି। ସୈନିକ ସ୍କୁଲରେ ଷଷ୍ଠରୁ ଦ୍ୱାଦଶ ଯାଏ ପିଲା ପଢ଼ିବାର ସୁଯୋଗ ପାଇବେ। ପ୍ରତି ଶ୍ରେଣୀରେ ୧୦୦ ଜଣ ଲେଖାଏ ଛାତ୍ରୀଛାତ୍ର ନାମ ଲେଖାଇପାରିବେ ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି।

ସୂଚନାଯୋଗ୍ୟ, ସବୁଜିମା ବଳୟ ଘେରା ‘ରହଣି’ର ୧୮ ଏକର ଜମିରେ ୨୦୧୪ରୁ କାର୍ଯ୍ୟକ୍ଷମ ହୋଇଛି ସଂସ୍କାର ପବ୍ଲିକ ସ୍କୁଲ। ସିବିଏସ୍‌ଇ ମାନ୍ୟତାପ୍ରାପ୍ତ ଏହି ଇଂଲିଶ ମାଧ୍ୟମ ବିଦ୍ୟାଳୟରେ ସୈନିକ ସ୍କୁଲ ଖୋଲିବା ପାଇଁ ଆବଶ୍ୟକ ସମସ୍ତ ଭିତ୍ତିଭୂମି ରହିଛି। ଏଠାରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସୁବିଧା ଥିବାବେଳେ ୬୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢୁଛନ୍ତି। ୨୫୦ ପିଲାଙ୍କ ପାଇଁ ହଷ୍ଟେଲ ବ୍ୟବସ୍ଥା ରହିଛି। ଶିକ୍ଷାଦାନ ପାଇଁ ୩୦ରୁ ଅଧିକ ଶିକ୍ଷୟିତ୍ରୀଶିକ୍ଷକ ଏବଂ ୫୦ କର୍ମଚାରୀ ଅଛନ୍ତି। ଉତ୍ତମ ଯୋଗାଯୋଗ ବ୍ୟବସ୍ଥା ଥିବାରୁ ଢେଙ୍କାନାଳ, ଯାଜପୁର ଜିଲାର ବିଭିନ୍ନ ସ୍ଥାନରୁ ବହୁ ଛାତ୍ରୀଛାତ୍ର ଦୈନିକ ବସ୍‌ରେ ଯାତାୟାତ କରୁଛନ୍ତି। ସମ୍ବଲପୁର, ମୟୂରଭଞ୍ଜ, ବାଲେଶ୍ୱର, କଟକ, ଅନୁଗୋଳ ଜିଲାର ପିଲାମାନେ ହଷ୍ଟେଲରେ ରହି ପଢୁଛନ୍ତି। ଏଠାରେ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ପାଇଁ ଆବଶ୍ୟକ ସମସ୍ତ ସୁବିଧା ଉପଲବ୍ଧ ଅଛି। ଗୋପାଳନ, ମତ୍ସ୍ୟଚାଷ, ବତକ ଚାଷ, ମହୁଚାଷ, ଉଦ୍ୟାନ କୃଷି, ଜୈବିକ କୃଷି, କମ୍ପ୍ୟୁଟର କୋଡିଂ ବିଷୟରେ ଶିକ୍ଷାଦାନ କରାଯାଉଛି। ଗୁଜରାଟ ଭାବାନଗରରୁ ‘ଗିର୍’ ପ୍ରଜାତିର ଗାଈ ଅଣାଯାଇ ଗୋ-ଶାଳା କରାଯାଇଛି। ସ୍ୱତନ୍ତ୍ର ଭାବେ ଏନ୍‌ସିସି, ସ୍କାଉଟ୍ସ, ଗାଇଡ୍ସ ବିଭାଗ ରହିଛି। ଏହି ସ୍କୁଲ ସର୍ବଭାରତୀୟସ୍ତରରେ ୨ ଥର ଶ୍ରେଷ୍ଠ ସିବିଏସ୍‌ଇ ସ୍କୁଲ ଆୱାର୍ଡ ପାଇଛି। କ୍ରୀଡ଼ା, କୁଇଜ୍ ପ୍ରତିଯୋଗିତାରେ ମଧ୍ୟ ଛାତ୍ରୀଛାତ୍ରମାନେ ସର୍ବଭାରତୀୟସ୍ତରରେ ପାରଦର୍ଶିତା ଲାଭ କରିଛନ୍ତି। ମନୋଜ କୁମାର ଥମ୍ବ ବିଦ୍ୟାଳୟର ପ୍ରିନ୍ସିପାଲ ଦାୟିତ୍ୱ ନିର୍ବାହ କରୁଛନ୍ତି।

### ସାମରିକ ବାହିନୀରେ କ୍ୟାରିୟର ଗଢ଼ିବାରେ ସହାୟକ ହେବ



“ଆମ ଶିକ୍ଷାନୁଷ୍ଠାନ ପରିସରରେ ସୈନିକ ସ୍କୁଲ ହେବ ବୋଲି କେବେ ଭାବି ନ ଥିଲୁ। ଏଠାରେ ଶିକ୍ଷାଦାନ ସାଙ୍ଗକୁ ଦକ୍ଷତା ବିକାଶ ପାଇଁ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ। ଛାତ୍ରୀଛାତ୍ରମାନେ ସାମରିକ ବାହିନୀରେ କ୍ୟାରିୟର ଗଢ଼ିବାରେ ଏହି ବିଦ୍ୟାଳୟ ସହାୟକ ହେବ।

-ଶିବାନୀ ପତି, ବିଦ୍ୟାଳୟ ପରିଚାଳନା ପରିଷଦର ଅଧ୍ୟକ୍ଷା

### ସାଧାରଣବର୍ଗ ପିଲାଙ୍କ ଆଶା ପୂରଣ ହେବ



“ମଧ୍ୟବିତ୍ତ ଏବଂ ଗରିବ ଶ୍ରେଣୀର ପିଲାମାନେ ଉଚ୍ଚଶିକ୍ଷା କ୍ଷେତ୍ରରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ଏହାକୁ ଲକ୍ଷ୍ୟ କରି ରହଣିଠାରେ ସଂସ୍କାର ପବ୍ଲିକ ସ୍କୁଲ ପ୍ରତିଷ୍ଠା କରାଯାଇଥିଲା। ଆମ ଶିକ୍ଷାନୁଷ୍ଠାନରେ କମ୍ ଖର୍ଚ୍ଚରେ ପିଲାମାନେ ପାଠ ପଢୁଛନ୍ତି। ଏଥିଲାଗି ଗତଦିନରେ ପୂର୍ବତନ ଏମ୍‌ପି ତଥାଗତ ସତପଥୀ ଆମକୁ ଉତ୍ସାହିତ କରିଛନ୍ତି। ପ୍ରତିରକ୍ଷା ବିଭାଗ ଚାହିଁଲେ, ଶିକ୍ଷାନୁଷ୍ଠାନର ସମ୍ପୂର୍ଣ୍ଣ ପରିଚାଳନା ଦାୟିତ୍ୱ ଅର୍ପଣ କରିଦେବୁ।

-ଡ. ମଳୟ ରଞ୍ଜନ ପତି, ମେଣ୍ଟର

# ଶରଣଶ୍ରୀକ୍ଷେତ୍ରରେ ଦାରୁଦିଅଁ ସ୍ଥାପନ ନେଇ ବିବାଦ

**ପୁରୀ ଅଫିସ,୨୭।୩**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ୍ ଅଧୀନ ଏକଘରିଆ ଗ୍ରାମର ଶରଣଶ୍ରୀକ୍ଷେତ୍ରରେ ଦାରୁଦିଅଁ ସ୍ଥାପନକୁ ନେଇ ବିବାଦ ଦେଖାଦେଇଛି। ପୁରୀରୁ କେତେଜଣ ସେବାୟତ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିବାବେଳେ ବନଯାଗ ଯାତ୍ରା ଭଳି ଗୁପ୍ତନୀତି ଏବଂ ଅବଢ଼ା ବିକ୍ରି ବିଜ୍ଞାପନ ସୋସିଆଲ ମିଡିଆରେ ଘୂରିବୁଲୁଛି। ଏନେଇ ଶ୍ରୀମନ୍ଦିର ଦଇତାପତି ସେବାୟତ ଜଗଦୀଶ ଦାସମହାପାତ୍ରଙ୍କ ସମେତ ଅନ୍ୟ ଦଇତାପତି ଆପତ୍ତି ଉଠାଇବା ସହ ରବିବାର ପୁରୀ ସିଂହଦ୍ୱାର ଥାନାରେ ଏତଲା ଦେଇଛନ୍ତି। ଉକ୍ତ କାର୍ଯ୍ୟକଳାପ ଶ୍ରୀଜଗନ୍ନାଥ ପରମ୍ପରା ଓ ସଂସ୍କୃତି ବିରୋଧୀ ବୋଲି ଦର୍ଶାଇ ସେମାନେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଶ୍ରୀକ୍ଷେତ୍ର ଦାରୁଦିଅଁଙ୍କ ନବକଳେବର ପାଇଁ ବନଯାଗ ଯାତ୍ରା କରାଯାଇଥାଏ। ଖଡ଼ିରତ୍ନ ପଞ୍ଜିକାରେ ମହାପ୍ରଭୁଙ୍କ ନିର୍ଦ୍ଧାରିତ ତିଥି ଓ ଲଗ୍ନରେ ମହାପ୍ରଭୁଙ୍କ ନବକଳେବର ହୋଇଥାଏ। ଏହା ଏକ ଗୁପ୍ତନୀତି। ସେହିଭଳି ଦଇତାପତି ସେବାୟତମାନେ କାକଟପୁରର ମା' ମଙ୍ଗଳାଙ୍କଠାରୁ ସ୍ୱପ୍ନାଦେଶ ପାଇସାରିବା ପରେ ବନଯାଗ ଯାତ୍ରାରେ ଯାଇ ଦାରୁ ଚିହ୍ନଟ କରନ୍ତି। ମାତ୍ର ପରିତାପର ବିଷୟ ଯେ, ଶରଣଶ୍ରୀକ୍ଷେତ୍ର ଢେଙ୍କାନାଳର ଏକଘରିଆଠାରେ ନୂତନ ଭାବେ ଜଗନ୍ନାଥ ମନ୍ଦିର ନିର୍ମାଣ ହେବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପାଇଁ ଦାରୁ ଚିହ୍ନଟ ହେଉଛି। ପାରମ୍ପରିକ ନୀତିକାନ୍ତି ତଥା ବନଯାଗ ଯାତ୍ରା କରିବା ପାଇଁ ଦିନ ଓ ସମୟ ନିର୍ଘଣ୍ଟ କରାଯାଇଛି। ଏପରିକି ସାମାଜିକ ଗଣମାଧମରେ ଏହାର ଭିଡିଓ ଭାଇରାଲ କରାଯାଇଛି। ଏଭଳି କାର୍ଯ୍ୟକଳାପ ଶ୍ରୀଜଗନ୍ନାଥ ପରମ୍ପରା ଓ ସଂସ୍କୃତିର ବିରୋଧୀ ବୋଲି ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଦଇତାପତି ଜଗଦୀଶ ଦାସମହାପାତ୍ର କହିଛନ୍ତି। ସେହିପରି ଶ୍ରୀକ୍ଷେତ୍ରରୁ ଅନେକ ଶ୍ରୀମନ୍ଦିର ସେବାୟତ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଦାଶମହାପାତ୍ର ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି। ଯେଉଁ ବ୍ୟକ୍ତିମାନେ ଉକ୍ତ ଘୃଣ୍ୟ କାର୍ଯ୍ୟ କରି ହିନ୍ଦୁଧର୍ମ ଓ ଜଗନ୍ନାଥ ସଂସ୍କୃତିକୁ କୁଠାରାଘାତ କରିଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ଜଗନ୍ନାଥ ସଂସ୍କୃତି ବିରୋଧୀ କାର୍ଯ୍ୟକଳାପକୁ ରୋକାଯାଉ ବୋଲି ସେ ଦାବି କରିଛନ୍ତି। ସମ୍ପୃକ୍ତ କାର୍ଯ୍ୟକ୍ରମରେ ଶ୍ରୀମନ୍ଦିରର କେତେଜଣ ସେବାୟତଙ୍କ ନାମ ଉଲ୍ଲେଖ କରାଯିବା ସହ ସେମାନେ ଉପସ୍ଥିତ ଥିବାର ପ୍ରମାଣ ସମ୍ବଳିତ ଫଟୋଚିତ୍ରକୁ ମଧ୍ୟ ଏତଲାରେ ସଂଲଗ୍ନ କରାଯାଇଛି। ଏହି ଏତଲା ପ୍ରଦାନ ବେଳେ ବିନାୟକ ଦାସମହାପାତ୍ର ଓ ହରପ୍ରସାଦ ଦାସମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଏହି ଏତଲାରେ ଚୁନରା ସେବାୟତ ଶରତ ଚନ୍ଦ୍ର ମହାନ୍ତିଙ୍କ ନାମ ଥିବାବେଳେ ସେ କହିଛନ୍ତି, ଚିଣ୍ଟୁ ବାବା ଫୁଲ ତୁଳସୀ ଧରି ଦୀର୍ଘବର୍ଷ ହେବ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଆସୁଛନ୍ତି। ଅନେକ ସମୟରେ ଶ୍ରୀମନ୍ଦିର ସେବାୟତମାନଙ୍କୁ ନେଇ ସେ ଢେଙ୍କାନାଳ ଯାଇଥାଆନ୍ତି ଓ କପିଳାସ ଦର୍ଶନ କରାଇଥାଆନ୍ତି। ତେବେ ବନଯାଗ ଯାତ୍ରା କିମ୍ବା ଦାରୁଦିଅଁ ସ୍ଥାପନ ସମ୍ପର୍କିତ କୌଣସି ସୂଚନା ମୋ' ନିକଟରେ ନ ଥିଲା। ସବୁଥର ଭଳି ଏଥର ଆମେ ବସ୍ ଯୋଗେ ଶରଣଶ୍ରୀକ୍ଷେତ୍ରରେ ପହଞ୍ଚିଥିଲୁ। ସାଙ୍ଗରେ ସେବାୟତମାନେ ଗୀତଗୋବିନ୍ଦ ଖଣ୍ଡୁଆପାଟ ନେଇଥିଲେ, ଯାହାକୁ ଚିହ୍ନଟ ବୃକ୍ଷରେ ଘୋଡ଼ାଇ ଦିଆଯାଇଥିଲା ବୋଲି ସେ ପ୍ରକାଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଗତ ୨୨ରୁ ୨୯ ତାରିଖ ପର୍ଯ୍ୟନ୍ତ ବନଯାଗ ଯାତ୍ରା ନୀତି ଅନୁଷ୍ଠିତ ହେବ ବୋଲି ଚିଣ୍ଟୁ ବାବା ଏକ ବିଜ୍ଞାପନ ମଧ୍ୟ ପ୍ରକାଶ କରିଥିଲେ। ସେହିପରି ଅବଢ଼ା କେବଳ ଶ୍ରୀମନ୍ଦିର ଆନନ୍ଦବଜାରରେ ମିଳୁଥିବାବେଳେ ସେଠାରେ ଅବଢ଼ା ମହାପ୍ରସାଦ ମିଳେ ବୋଲି ଲେଖାଥିବା ଫଟୋ ସୋସିଆଲ୍ ମିଡ଼ିଆରେ ଘୂରି ବୁଲୁଛି। ମହାପ୍ରଭୁଙ୍କ ଗୁପ୍ତନୀତିକୁ ଅବିକଳ ଢ଼ଙ୍ଗରେ ପାଳନ କରିବା ସହ ବନଯାଗ ଯାତ୍ରା ହେଉଥିବା ନେଇ ଘୋଷଣା ହେବାର ଫଟୋ ଓ ଭିଡିଓ ଦେଖିବାକୁ ମିଳିବା ପରେ ଦଇତାପତି ସେବାୟତ କ୍ଷୋଭ ପ୍ରକାଶ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅନ୍ୟପକ୍ଷରେ ଜାଣିଶୁଣି କିଛି ଭୁଲ କରାଯାଇନାହିଁ ବୋଲି ଶରଣଶ୍ରୀକ୍ଷେତ୍ର ମୁଖ୍ୟ ଚିଣ୍ଟୁ ବାବା କହିଛନ୍ତି।


ଶରଣଶ୍ରୀକ୍ଷେତ୍ରରେ ବିଗ୍ରହ ପ୍ରତିଷ୍ଠା ପାଇଁ ଚିହ୍ନଟ ଦାରୁକୁ ପୂଜାର୍ଚ୍ଚନା କରାଯାଉଛି।

**ସିଂହଦ୍ୱାର ଥାନାରେ ଏତଲା**

- ସୋସିଆଲ ମିଡିଆରେ ବନଯାଗ ଯାତ୍ରା, ଅବଢ଼ା ବିକ୍ରି ବିଜ୍ଞାପନ
- ପୁରୀରୁ ବସ୍ ଯୋଗେ ଢେଙ୍କାନାଳ ଯାଇଥିଲେ ସେବାୟତ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସାହତ୍ୟ ଏକାଡେମୀ ପକ୍ଷରୁ ସ୍ନାତକୋତ୍ତର ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର ମିଳିତ ଆନୁକୂଲ୍ୟରେ ଏକବିଂଶ ଶତାବ୍ଦୀର ଓଡ଼ିଆ ସମାଲୋଚନାସାହିତ୍ୟ: ପଦ୍ଧତି ଓ ଆଭିମୁଖ୍ୟ ସମ୍ପାନ, ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା।
- ୧୬ତମ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା, ଜନତା ମଇଦାନ, ଅପରାହ୍ନ ୩ଟା।
- ଏସ୍ଏସ୍ଆଇ ଫାଞ୍ଜିନ୍ ପକ୍ଷରୁ ଉଦ୍ଘାଟନୀ ଉତ୍ସବ, ସୂର୍ଯ୍ୟ ନଗର, ୟୁନିଟ୍-୭, ପୂର୍ବାହ୍ନ ୧୧ଟା।
- ଦ ଓଡ଼ିଶା ଷ୍ଟେଟ୍ ଭାରତ ସ୍କାଉଟସ୍ ଆଣ୍ଡ ଗାଇଡସ୍ ପକ୍ଷରୁ 'ରୋଭର ରେଞ୍ଜର ଫିଏସ୍ଟା', ଷ୍ଟେଟ୍ ହେଡ୍କ୍ୱାଟର, ଅପରାହ୍ନ ୪ଟା ୩୦।
- ସାହତ୍ୟ ଏକାଡେମୀ ପକ୍ଷରୁ 'ବ୍ୟକ୍ତି ଓ ବହି', ସୂଚନା ଭବନ, ୬ଟା।
- ୧୫ତମ ଗୁରୁ ଦେବପ୍ରସାଦ ଆୱାର୍ଡ କାର୍ଯ୍ୟକ୍ରମ-୨୦୨୧, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**

- କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ କର୍ମଚାରୀ ଫେଡ୍ରେସନ ସମୁହ ପକ୍ଷରୁ ସାଧାରଣ ଧର୍ମଘଟ, ଜିଲାପାଳଙ୍କ ଅଫିସ୍ ସମ୍ମୁଖ, ସକାଳ ୧୦ଟା ୩୦ ।

## ବଟି ମାଗି ୩ ଗିରଫ

**ପୁରୀ ଅଫିସ, ୨୭।୩:** ପୁରୀ ଟାଉନ ଥାନା ପୋଲିସ ଏସ୍ସିଏସ୍ କଲେଜ ଛକ ନିକଟରେ ଦୋକାନୀଙ୍କଠାରୁ ବଟି ଆଦାୟ ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଟାଉନଥାନା ଅନ୍ତର୍ଗତ ଦୋଳମଣ୍ଡପ ସାହି ପାତ୍ର ଗଳିର ବିକାଶ ବାରିକ ଓ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଦଇତାପଡ଼ା ସାହିର ବୁଲି ନାୟକ। ସେହିପରି ବଳିଆପଣ୍ଡା ଥାନା ପୋଲିସ ବଟି ଆଦାୟ କରି ଫେରାର ଥିବା ତାଳବଣିଆ ଥାନା ଅନ୍ତର୍ଗତ ବାଲିଘାଟ ସିଂହାରୀ ବଗିଚାର ବିକାଶ ସେଠୀଙ୍କୁ ଗିରଫ କରିଛି। ତାଙ୍କଠାରୁ ଦୁଇଟି ମୋବାଇଲ ଫୋନ ଜବତ ହୋଇଛି।


ସିଡିଏ ନେତାଜୀ ସେତୁ ପାର୍ଶ୍ୱ ଗାନ୍ଧୀ ସ୍ମାରକୀ ପାର୍କ ପରିସରରେ ଅନୁଷ୍ଠିତ ବ୍ୟାଣ୍ଡ୍ ଶୋ'।

# କମିଶନରେଟ୍ ପୋଲିସର ବ୍ୟାଣ୍ଡ୍ ଶୋ'

**କଟକ ଅଫିସ,୨୭।୩**

ସିଡିଏ ନେତାଜୀ ସେତୁ ପାର୍ଶ୍ୱ ଗାନ୍ଧୀ ସ୍ମାରକୀ ପାର୍କ ପରିସରରେ କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାଣ୍ଡ୍ ଶୋ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ୬ରୁ ରାତି ୮ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିଥିଲା। ଏଥିରେ ୨୦ରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀ ସ୍ୱତନ୍ତ୍ର ପୋଷାକ ପିନ୍ଧି ବାଦ୍ୟଯନ୍ତ୍ରରେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ। ନିଜସ୍ୱ ବ୍ୟାଣ୍ଡ୍ ମାଧ୍ୟମରେ କମିଶନରେଟ୍ ପୋଲିସର ଏହି କାର୍ଯ୍ୟକ୍ରମ ସହରରେ ପ୍ରଥମଥର ପାଇଁ ଆୟୋଜିତ ହୋଇଥିଲା। ଏହାକୁ ଦେଖିବା ପାଇଁ ଲୋକଙ୍କ ଭିଡ ଜମିଥିଲା। ପୋଲିସ ଜନସାଧାରଣଙ୍କ ନିକଟତର ହେବା ଉଦ୍ଦେଶ୍ୟରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ବୋଲି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଡିସିପି ପ୍ରତୀକ୍ ସିଂ, ସିଏମ୍ସି କମିଶନର ଅନନ୍ୟା ଦାସଙ୍କ ସହ ଅନ୍ୟମାନେ ଯୋଗଦେଇଥିଲେ। ଏପରି କାର୍ଯ୍ୟକ୍ରମକୁ ସହରବାସୀ ବେଶ୍ ପସନ୍ଦ କରିଛନ୍ତି।


ବୈଠକରେ ଉପସ୍ଥିତ ଜିଲାପାଳ, ସିଏମ୍ସି କମିଶନର,ସିପି ଓ ଡିସିପିଙ୍କ ସହ ଅନ୍ୟମାନେ।

# ଏପ୍ରିଲ ୨୭ରେ ପାଇକ ସମାବେଶ

**ଭୁବନେଶ୍ୱର,୨୭।୩(ବ୍ୟୁରୋ)**

ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ଓ ଓଡ଼ିଶା ପାଇକ ରେଜିମେଣ୍ଟ ଗଠନ ଦାବିରେ ଓଡ଼ିଶା ବୀର ମହାସଂଘ ପକ୍ଷରୁ ବିରାଟ ପାଇକ ଜନଗର୍ଜନ ସମାବେଶ ଏପ୍ରିଲ ୨୭ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଏହା ମାର୍ଚ୍ଚ ୨୭ରେ ହେବାକୁ ଥିଲା। ପୌର ନିର୍ବାଚନ ପାଇଁ ଘୁଞ୍ଚାଇ ଦିଆଯାଇଥିବା ସ୍ଥାନୀୟ ଏକ ହୋଟେଲରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିରେ ଓଡ଼ିଶା ବୀର ମହାସଂଘ ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ, ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ଡ. ଦିଲୀପ ଶ୍ରୀଚନ୍ଦନ, କାର୍ଯ୍ୟକ୍ରମ ସଂଯୋଜକ ନରେନ୍ଦ୍ର ପୃଷ୍ଟି, ଅଶୋକ ସୁନ୍ଦରାୟ ଓ ଗଣେଶ ସାମନ୍ତ କହିଛନ୍ତି, ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ରାଜଧାନୀ ଭୁବନେଶ୍ୱରଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ଏପରି ସଂଗ୍ରାମ ଜାରି ରହିବ। ଉକ୍ତଦିନ ଓଡ଼ିଶାର ପ୍ରତି ଜିଲାରୁ ପାଇକ ବାହିନୀ ଭୁବନେଶ୍ୱରରେ ଏକତ୍ରିତ ହେବେ। ଖୋର୍ଦ୍ଧାରୁ ପାଇକବାହିନୀ ସକାଳ ୮ଟାରେ ବିରାଟ ପଟୁଆରରେ ଆସିବେ। ମାଷ୍ଟର କ୍ୟାଣ୍ଟିନ ଛକରୁ ଏକ ଶୋଭାଯାତ୍ରା ବାହାରି ପ୍ରଦର୍ଶନୀ ପଡ଼ିଆ ପର୍ଯ୍ୟନ୍ତ ଯିବ। ସେଠାରେ ଏକ ଜନଗର୍ଜନ ସମାବେଶ ଅନୁଷ୍ଠିତ ହେବ।

## ଆଜିଠାରୁ ଗୁରୁ ଦେବପ୍ରସାଦ ସମ୍ମାନ ପ୍ରଦାନ ଉତ୍ସବ

**ଭୁବନେଶ୍ୱର,୨୭।୩(ବ୍ୟୁରୋ)**

ଓଡ଼ିଶୀ ନୃତ୍ୟ ଗୁରୁ ଦେବପ୍ରସାଦ ଦାସଙ୍କ ସ୍ମୃତିରେ ତ୍ରିଧାରା ଅନୁଷ୍ଠାନ ପକ୍ଷରୁ ୧୫ତମ ଗୁରୁ ଦେବପ୍ରସାଦ ସମ୍ମାନ ପ୍ରଦାନ ଉତ୍ସବ ସୋମବାରଠାରୁ ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହେବ। ଗୁରୁ ଦେବପ୍ରସାଦ ସମ୍ମାନ ୨୦୨୧ ତିନିଜଣ ଗୁରୁଙ୍କୁ ପ୍ରଦାନ କରାଯିବ। ସେମାନେ ହେଲେ ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଅମୂଲ୍ୟ ଅବଦାନ ପାଇଁ ମାଲେସିଆର ପଦ୍ମଶ୍ରୀ ରାମଲି ଇବ୍ରାହିମ୍ , କଥକ ନୃତ୍ୟ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ବିଦୁଷୀ ଶାଶ୍ୱତୀ ସେନ ଏବଂ ଛଉ ନୃତ୍ୟ କ୍ଷେତ୍ରରେ ଗୁରୁ ସଦାଶିବ ପ୍ରଧାନ। ସେହିଭଳି ଗୁରୁ ଦେବପ୍ରସାଦ ଯୁବ ପ୍ରତିଭା ସମ୍ମାନ ୨୦୨୧ ଜାପାନର ଓଡ଼ିଶୀ ନୃତ୍ୟଶିଳ୍ପୀ କାଓରୀ ନାକା, ଗଞ୍ଜାମ ଜିଲାର ପ୍ରସିଦ୍ଧ ସଖୀ ନାଟ ଗୁରୁ ଆଲୋକ ବିଶୋଇ ଓ ତେଲଙ୍ଗାନାର ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଶ୍ରୀ ଜି ନାଗେସ୍ୱରୀଙ୍କୁ ମିଳିବ। ଚଳିତ ବର୍ଷ ବିଶିଷ୍ଟ ବଂଶୀବାଦକ ତଥା ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ସଂଯୋଜକ ଓ ନିର୍ଦ୍ଦେଶକ ପଦ୍ମବିଭୂଷଣ ପଣ୍ଡିତ ହରିପ୍ରସାଦ ଚଉରାଶିଆଙ୍କୁ ସଙ୍ଗୀତ ସାଧନା ନିମନ୍ତେ 'ଗୁରୁ ଦେବପ୍ରସାଦ ଲାଇଫଟାଇମ ଆଚିଭମେଣ୍ଟ ସମ୍ମାନ ୨୦୨୧' ପ୍ରଦାନ କରାଯିବ। ଉତ୍ସବରେ ତ୍ରିଧାରା ଓ କଟକ କଳାବିକାଶ କେନ୍ଦ୍ରର ଶିଳ୍ପୀଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ, ମାଲେସିଆର ଗୀତିକା ଶ୍ରୀ ଓ ଜାପାନର କାଓରୀ ନାକାଙ୍କ ଦ୍ୱାରା ଏକକ ଓଡ଼ିଶୀ ନୃତ୍ୟ, ଅନସୁଲ ପ୍ରତାପ ସିଂଙ୍କ ଦ୍ୱାରା ଏକକ ତବଲା ବାଦନ, ଆଂଶିକା ଚୌହାନଙ୍କ ଦ୍ୱାରା ଗଜଲ ଗାୟନ, ଗୁରୁ ଆଲୋକ ବିଶୋୟୀ ଓ ସାଥୀଙ୍କ ଦ୍ୱାରା ସଖୀ ନାଟ, ଗୁରୁ ରାମଲି ଇବ୍ରାହିମ ଓ ଗୀଥିକା ଶ୍ରୀଙ୍କ ଦ୍ୱାରା ଓଡ଼ିଶୀ ଦ୍ୱୈତ ନୃତ୍ୟ, ସାଶ୍ୱତୀ ସେନଙ୍କ ଦ୍ୱାରା ଏକକ କଥକ ନୃତ୍ୟ, ଗୁରୁ ସଦାଶିବ ପ୍ରଧାନ ଓ ସାଥୀଙ୍କ ଦ୍ୱାରା ଦଳଗତ ଛଉ ନୃତ୍ୟ ପରିବେଷଣ କରାଯିବ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଲିପ୍ସା


@ ଚିକୁନ୍


@ ରବି


@ ସୁଶ୍ରୀତା


@ ଗୁଲୁ


ପୁରୀ ଆର୍ଟିଷ୍ଟ ଆସୋସିଏଶନ୍ ପକ୍ଷରୁ ରବିବାର ବିଶ୍ୱ ନାଟ୍ୟ ଦିବସ ପାଳନ ଅବସରରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ମଞ୍ଚସ୍ଥ ହରିହର ମିଶ୍ରଙ୍କ ରଚିତ ଓ ରବି ତ୍ରିପାଠୀଙ୍କ ନିର୍ଦ୍ଦେଶିତ ନାଟକ 'ଗୋଟିଏ ଗୁଳି ବାକି 'ର ଏକ ଦୃଶ୍ୟ


ବିଶ୍ୱ ନାଟକ ଦିବସ ଅବସରରେ ରବିବାର ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ପରିବେଷିତ ନାଟକ 'ଡାକ ବଙ୍ଗଳା'ର ଏକ ଦୃଶ୍ୟ।



ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନର ୪୩ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ଜାତୀୟ ଆଲୋଚନାଚକ୍ର 'ଶ୍ରୀଜଗନ୍ନାଥ : ଗବେଷଣା ଓ ଗବେଷକ'ରେ ଯୋଗଦେଇଥିବା ଅତିଥିମାନେ।

# ଦୋକାନ ଉପରକୁ ବୋମାମାଡ଼



ପିପିଲି,୨୭।୩(ଡି.ଏନ୍.ଏ.): ପୂର୍ବ ବିବାଦକୁ କେନ୍ଦ୍ରକରି ସାତଶଙ୍ଖ ଫାଣ୍ଡି ଅନ୍ତର୍ଗତ ସୁବଳପୁର ଗ୍ରାମ ଛକସ୍ଥିତ ଏକ ଦୋକାନ ଉପରକୁ ବୋମାମାଡ଼ ହୋଇଛି। ଏଥିରେ ଦୋକାନରେ ଥିବା କେତେକ ସାମଗ୍ରୀ ନଷ୍ଟ ହୋଇଥିବା ବେଳେ ମା' ଓ ପୁଅ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ଏହା ବୋମା ନୁହେଁ, ଏକ ସୁତୁଲି ବାଣ ବୋଲି ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ କୁମାର ଭୂୟାଁ କହିଛନ୍ତି। ସୂଚନା ମୁତାବକ, ସୁବଳପୁର ଗ୍ରାମ ଛକରେ ଗଙ୍ଗାଧର ବିଶ୍ୱାଳଙ୍କ ଏକ ପଇଡ଼ ଓ ପାନ ଦୋକାନ ରହିଛି। ଶନିବାର ସନ୍ଧ୍ୟାରେ ଗଙ୍ଗାଧରଙ୍କ ପୁତୁରା ସହ ଜଣେ ଯୁବକଙ୍କ ମଧରେ କୌଣସି କାରଣରୁ ମାର୍‌ପିଟ ହୋଇଥିବା ନେଇ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ରବିବାର ଅପରାହ୍ନରେ ଗଙ୍ଗାଧର ଦୋକାନରେ ନ ଥିବା ବେଳେ ତାଙ୍କ ସ୍ତ୍ରୀ ଓ ୧୦ବର୍ଷର ପୁଅ ଥିଲେ। ଏହି ସମୟରେ କେହି ଦୁର୍ବୃତ୍ତ ତାଙ୍କ ଦୋକାନ ଉପରକୁ ୩ଟି ବୋମା ଫିଙ୍ଗିଥିଲେ। ଏଥିରେ ଦୋକାନର କେତେକ ସାମଗ୍ରୀ ନଷ୍ଟ ହୋଇଯାଇଥିବା ବେଳେ ଗଙ୍ଗାଧରଙ୍କ ସ୍ତ୍ରୀ ଓ ପୁଅ ଦୌଡ଼ି ପଳାଇ ଆସିଥିଲେ। ଖବରପାଇ ଫାଣ୍ଡି ପୋଲିସ ପହଞ୍ଚି ସେଠାରେ ପଡିଥିବା ସୁତୁଲି ଓ ବିଭିନ୍ନ ସାମଗ୍ରୀ ଜବତ କରି ଘଟଣାର ତଦନ୍ତ ଚଳାଇଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

# ଅଢ଼େଇ ଘଣ୍ଟାର ଯାଞ୍ଚ ପରେ ଦୟାଳ ଆଶ୍ରମ ସିଲ୍

## କ୍ୟାମେରାମ୍ୟାନ୍ ମାନସ ହତ୍ୟା ଘଟଣା

- କେୟାରଟେକରଙ୍କୁ ଧରି କ୍ରାଇମ୍‌ବ୍ରାଞ୍ଚର ତଦନ୍ତ
- ଆଶ୍ରମ, କାର୍‌ରୁ ନମୁନା ସଂଗ୍ରହ କଲା ଫରେନ୍‌ସିକ୍ ଟିମ୍
- ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ରେକର୍ଡ

ଭୁବନେଶ୍ୱର,୨୭।୩(ବ୍ୟୁରୋ)

ନୟାଗଡ଼ ଜିଲା ରଣପୁର ଥାନା ଅନ୍ତର୍ଗତ ମଖିଆଖଣ୍ଡ ଗୋଡ଼ିପୋଖରୀ ଗ୍ରାମର କ୍ୟାମେରାମ୍ୟାନ୍ ମାନସ ସ୍ୱାଇଁଅପହରଣ ଓ ହତ୍ୟା ଘଟଣାକୁ ନେଇ କ୍ରାଇମ୍‌ବ୍ରାଞ୍ଚ ଟିମ୍ ତଦନ୍ତକୁ ତ୍ୱରାନ୍ୱିତ କରିଛି। ରବିବାର ମାନସଙ୍କୁ ହତ୍ୟା କରାଯାଇଥିବା ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଶର୍ମିଷ୍ଠାଙ୍କ ଦୟାଳ ଆଶ୍ରମରେ ଟିମ୍ ଛାନ୍‌ଭିନ୍ କରିଛି। ଫରେନ୍‌ସିକ୍ ଟିମ୍ ସହ କ୍ରାଇମବ୍ରାଞ୍ଚର ଅଧିକାରୀମାନେ ପୂର୍ବାହ୍ନ ପ୍ରାୟ ୧୧ଟାରେ ଆଶ୍ରମର ତାଲା ଖୋଲି ଭିତରେ ପଶିଥିଲେ। ଆଶ୍ରମର ମହିଳା କେୟାରଟେକରଙ୍କୁ ସାଙ୍ଗରେ ଧରି ଆଶ୍ରମ ଭିତର ଓ ବାହାରେ ଯାଞ୍ଚ କରିଥିଲା। ଏଥିସହ ଫରେନ୍‌ସିକ୍ ଟିମ୍ ଆଶ୍ରମର ସମସ୍ତ ରୁମ୍‌ରେ କିଛି ନମୁନା ସଂଗ୍ରହ କରିଥିଲା। ଅନ୍ୟପକ୍ଷରେ କେୟାରଟେକର ଓ ଆଖପାଖରେ ଥିବା ପଡୋଶୀଙ୍କ ବୟାନ ରେକର୍ଡ କରିଛି କ୍ରାଇମବ୍ରାଞ୍ଚ। ବିଶେଷକରି ମାନସଙ୍କୁ କେତେବେଳେ ଆଶ୍ରମକୁ ଆଣିଥିଲେ, କେଉଁ ରୁମ୍‌ରେ ରଖିଥିଲେ, ସେତେବେଳେ କେଉଁମାନେ ଥିଲେ, ମାନସଙ୍କୁ କେଉଁମାନେ ମାଡ଼ ମାରିଥିଲେ, ମାନସ ଲେଖିଥିବା ଉକ୍ତ ଚିଠି କେଉଁଠୁ ମିଳିଥିଲା, କେବେ ମାନସଙ୍କ ମୃତଦେହକୁ ଆଶ୍ରମରୁ ନିଆଯାଇଥିଲା, ମେମୋରି ଚିପ୍‌କୁ ନେଇ କିଛି କଥା ସେ ଜାଣିଛନ୍ତି କି, ଏଭଳି ବିଭିନ୍ନ ଦିଗକୁ ନେଇ କେୟାରଟେକରଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ପ୍ରଶ୍ନ ପଚାରିବା ସହ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ତେବେ ପ୍ରାୟ ୨ ଘଣ୍ଟା ୩୦ ମିନିଟ୍‌ରୁ ଅଧିକ ସମୟ ତଦନ୍ତ ସାରି କ୍ରାଇମବ୍ରାଞ୍ଚ ଟିମ୍ ଉକ୍ତ ଆଶ୍ରମକୁ ସିଲ୍ କରିଛି। ତେବେ ଏହି ତଦନ୍ତ ନେଇ କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା ଭିଡିଓ ରିଲିଜ୍ କରି କହିଛନ୍ତି, ମାନସ ସ୍ୱାଇଁ ହତ୍ୟା ମାମଲାରେ ଆମ ଟିମ୍ ଦୟାଳ ଆଶ୍ରମର ହତ୍ୟାକାଣ୍ଡ ସ୍ଥଳ ଗସ୍ତ କରିଛି। ଫରେନ୍‌ସିକ୍ ଟିମ୍ ଓ ଥ୍ରୀ-ଡି ସ୍କାନର ମାଧ୍ୟମରେ ଉକ୍ତ ସ୍ଥାନକୁ ଭଲଭାବେ ଯାଞ୍ଚ କରାଯାଇଛି। ଏଥିସହ ସେଠାରେ ଥିବା ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ରେକର୍ଡ କରାଯାଇଛି। ଜବତ ହୋଇଥିବା ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ରାଉତଙ୍କ କାର୍‌ର ଫରେନ୍‌ସିକ୍ ପରୀକ୍ଷା କରାଯାଇଛି। କ୍ରାଇମବ୍ରାଞ୍ଚର ଗୋଟିଏ ଟିମ୍ ଓ ଭଦ୍ରକର ଆଉ ଏକ ଟିମ୍ ଶର୍ମିଷ୍ଠାଙ୍କୁ ଗିରଫ କରିବାକୁ ପ୍ରୟାସ ଜାରି ରଖିଥିବା ଏଡିଜି ପଣ୍ଡା କହିଛନ୍ତି। ଅପରପକ୍ଷରେ ଗୋଟିଏ ଚିପ୍ ପାଇଁ ମାନସଙ୍କୁ ହତ୍ୟା କରାଯାଇଥିବା ପୋଲିସ କହୁଥିବାବେଳେ ସେଥିରେ ପୁରୀ ବେଳାଭୂମିରେ ଗାଧୋଇବାର କିଛି ଦୃଶ୍ୟ ଥିବା କୁହାଯାଉଛି। କିନ୍ତୁ ଏଥିପାଇଁ ଯେ ମାନସଙ୍କୁ ଅମାନୁଷିକ ଭାବେ ୩ଦିନ ଧରି ନିର୍ଯାତନା ଦିଆଯାଇ ହତ୍ୟା କରାଯାଇଥିବ ତାହାକୁ ଲୋକେ ସହଜରେ ବିଶ୍ୱାସ କରିପାରୁନାହାନ୍ତି। ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ଧରାପଡ଼ିଲେ ମଧ ଯଦି ଚିପ୍ ନ ମିଳିବ, ତାହାହେଲେ ଏହି ମାମଲାର ବଡ଼ ରହସ୍ୟ ଆଢୁଆଳରେ ରହିଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି।



ଦୟାଳ ଆଶ୍ରମରେ କେୟାରଟେକରଙ୍କୁ ଧରି କ୍ରାଇମବ୍ରାଞ୍ଚ ଅଧିକାରୀମାନେ ତଦନ୍ତ କରୁଛନ୍ତି।

## ବ୍ୟବହାର ହେଲା ଅତ୍ୟାଧୁନିକ ଥ୍ରୀ-ଡି ସ୍କାନର



ମାନସ ହତ୍ୟାକାଣ୍ଡ ଏକ ଚର୍ଚ୍ଚିତ ତଥା ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଫରେନ୍‌ସିକ୍ ଟିମ୍ ଅତ୍ୟାଧୁନିକ ୩ଡି ସ୍କାନର ବ୍ୟବହାର କରିଥିଲା। ଆଶ୍ରମ ଭିତର ଓ ବାହାରେ ଏହି ସ୍କାନର ଦ୍ୱାରା ୩୬୦ ଡିଗ୍ରୀରେ ଫଟୋ ଓ ଭିଡିଓ ଉତ୍ତୋଳନ କରାଯାଇଥିଲା। ତଦନ୍ତରେ ଏହା ବେଶ୍ ଗୁରୁତ୍ୱ ବହନ କରିବ। ଥ୍ରୀ-ଡ଼ି ସ୍କାନର ଗୋଟିଏ ଶଟ୍‌ରେ ୬୫ଟି ସ୍ଲାପ୍ ନେଇଥାଏ। ବିଭିନ୍ନ ଦିଗରୁ ଉଠାଯାଇଥିବା ଫଟୋକୁ କମ୍ପ୍ୟୁଟର ବା ଲାପ୍‌ଟପ୍‌ରେ ଯାଞ୍ଚ କରାଯିବ। ସବୁଠୁ ବଡ଼କଥା ହେଲା, ପରବର୍ତ୍ତୀ ସମୟରେ କ୍ରାଇମ ସିନ୍ ରିକ୍ରିଏଶନ୍ କରିବାବେଳେ ସହାୟକ ହେବ। ଏପରିକି ମାଜିଷ୍ଟ୍ରେଟଙ୍କ ନିକଟରେ ମାମଲାର ବିଚାର ସମୟରେ ଏହି ଚିତ୍ର ପ୍ରମାଣ ଭାବେ ମଧ ଧରାଯିବ ବୋଲି ଫରେନ୍‌ସିକ ଅଧିକାରୀ ସୁଶ୍ରୀ ସବିନୟା ଗଣମାଧମକୁ କହିଛନ୍ତି।

## ଶର୍ମିଷ୍ଠାଙ୍କ କାର୍‌ରୁ ସଂଗୃହୀତ ନମୁନାର ଡିଏନ୍ଏ ଟେଷ୍ଟ ହେବ



ଅପହରଣ ଓ ମୃତଦେହ ନେବାରେ ବ୍ୟବହୃତ ହୋଇଥିବା ପ୍ରେସ୍ ଲେଖାଥିବା ଶର୍ମିଷ୍ଠାଙ୍କ କାର୍‌କୁ ଚାନ୍ଦବାଲି ପୋଲିସ ସେ ରହୁଥିବା ସ୍କାଏ ଆପାର୍ଟମେଣ୍ଟରୁ ଜବତ କରି ଏୟାରଫିଲ୍ଡ ଥାନାରେ ରଖିଥିଲା। ତେବେ ଉକ୍ତ କାର୍‌କୁ ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ଫରେନ୍‌ସିକ୍ ଓ କେମିକାଲ୍ ପରୀକ୍ଷା କରାଯାଇଛି। ଏଥିସହ ଡିଏନ୍ଏ ଟେଷ୍ଟ ପାଇଁ କାର୍ ଭିତରୁ ଫରେନ୍‌ସିକ୍ ଟିମ୍ କିଛି ନମୁନା ସଂଗ୍ରହ କରିଥିବା ଜଣାପଡ଼ିଛି।

## ପୁଅକୁ ନ୍ୟାୟ ଦେବାକୁ ଜମିବିକା ପଇସାରେ ଲଢ଼ିବି: ମାନସଙ୍କ ମା'

ମାନସ ହତ୍ୟା ମାମଲାର ତଦନ୍ତଭାର କ୍ରାଇମବ୍ରାଞ୍ଚ ନେବାର ୫ ଦିନ ବିତିଥିଲେ ମଧ ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ଓ ତାଙ୍କ ସହଯୋଗୀ ଧରାପଡୁନାହାନ୍ତି। ଫଳରେ ସାଧାରଣରେ କ୍ରାଇମବ୍ରାଞ୍ଚର ତଦନ୍ତକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ଏକମାତ୍ର ରୋଜଗାରିଆ ପୁଅ ମାନସକୁ ହରାଇଥିବା ମା' ଯମୁନା ସ୍ୱାଇଁ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ ଗଣମାଧମ ଜରିଆରେ କହିଛନ୍ତି, ଆଜିଯାଏ ସରକାର ନ୍ୟାୟ ଦେଉନାହାନ୍ତି। ମୋ ପୁଅ ପାଇଁ ଜୀବନ ଦେଇ ଲଢ଼ିବି। ପୁଅ ନ୍ୟାୟ ପାଇଲା ଯାଏ ଜମିବିକା ପଇସାରେ ଲଢ଼ିବି ବୋଲି ମା' ଯମୁନା କହିଛନ୍ତି।

## ମିଳିଲା କାଠଫାଳିଆ, ପରୀକ୍ଷା ହେବ

ମାନସଙ୍କୁ ଅପହରଣ କରି ଦୟାଳ ଆଶ୍ରମରେ ହିଁ ରଖାଯିବା ସହ ହତ୍ୟା କରାଯାଇଥିଲା। ତେଣୁ ହତ୍ୟାରେ ବ୍ୟବହୃତ କିଛି ମାରଣାସ୍ତ୍ର ପାଇବା ଉଦ୍ଦେଶ୍ୟରେ କ୍ରାଇମବ୍ରାଞ୍ଚ ଦୃଢ଼ ନିଶ୍ଚିତ ଥିଲା। କ୍ରାଇମବ୍ରାଞ୍ଚ ଟିମ୍ ମହିଳା କେୟାରଟେକରଙ୍କୁ ନେଇ ଆଶ୍ରମ ଭିତରେ ଓ ଏହାର ଚତୁଃପାର୍ଶ୍ୱରେ ଥିବା ଅଳିଆଗଦା ସହ ବିଭିନ୍ନ ସ୍ଥାନରେ ତନ୍ନତନ୍ନ କରି ଖୋଜାଖୋଜି କରିଥିଲା। ଏପରି କି ଘାସ ଗଛ ସବୁକୁ ମଧ ଖେଳାଇ ଦେଖିଥିଲା। ତେବେ ଘଟଣାସ୍ଥଳରୁ କ୍ରାଇମବ୍ରାଞ୍ଚକୁ ସବୁଠୁ ବଡ଼ ପ୍ରମାଣ ମିଳିଛି। ଆଶ୍ରମ ପରିସରରେ ପଡ଼ିଥିବା କିଛି କାଠଫାଳିଆକୁ ମଧ କ୍ରାଇମବ୍ରାଞ୍ଚ ଜବତ କରିଛି। ଉକ୍ତ କାଠଫାଳିଆ ହତ୍ୟାରେ ବ୍ୟବହୃତ ହୋଇଛି କି ନାହିଁ ତାହା ଜାଣିବା ପାଇଁ ସେଗୁଡ଼ିକର ଫରେନ୍‌ସିକ୍ ଯାଞ୍ଚ କରାଯିବ ବୋଲି ସୂଚନା ମିଳିଛି।

# ୨ ଅଭିଯୁକ୍ତଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

## ବଡ଼ବିଲ ମ୍ୟୁନିସିପାଲିଟି ଆକାଉଣ୍ଟରୁ ୨.୪୫ କୋଟି ହଡ଼ପ

### ୧ କୋଟି ୧୫ ଲକ୍ଷ ଟଙ୍କା ଜବତ

ଭୁବନେଶ୍ୱର,୨୭।୩(ବ୍ୟୁରୋ)

କେନ୍ଦୁଝର ଜିଲା ବଡ଼ବିଲ ମ୍ୟୁନିସିପାଲିଟି ଅଫିସିଆଲ ଆକାଉଣ୍ଟରୁ ୨.୪୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ ଘଟଣାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) କେନ୍ଦୁଝର ପୋଲିସ ଓ ପଶ୍ଚିମବଙ୍ଗ ବାରାକପୁର କମିଶନରେଟ ପୋଲିସ ସହାୟତାରେ ଦୁଇ ଠକଙ୍କୁ ଗିରଫ କରିଛି। ଅଭିଯୁକ୍ତ ସୁବାସ ଘିସିଂ ଗିରିଙ୍କୁ ପଶ୍ଚିମବଙ୍ଗରୁ ଗିରଫ କରାଯାଇଥିବାବେଳେ ଅନ୍ୟତମ ଅଭିଯୁକ୍ତ ସୈଦ ଶାହବାଜ ନକ୍‌ଭିଙ୍କୁ ଛତିଶଗଡ ରାୟପୁରରୁ ଗିରଫ କରାଯାଇଛି। ସୁବାସଙ୍କ ଘର ପଶ୍ଚିମବଙ୍ଗରେ ହୋଇଥିବାବେଳେ ତାଙ୍କୁ ଶନିବାର ଗିରଫ ପରେ ପ୍ରଥମେ ବାରାକପୁର ଏସିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ସେଠାରୁ ଟ୍ରାଞ୍ଜିଟ ରିମାଣ୍ଡରେ ଅଣାଯାଇ ବଡବିଲ କୋର୍ଟରେ ହାଜର କରାଯାଇଥିଲା। ସେହିପରି ନକ୍‌ଭିଙ୍କ ଘର ରାୟପୁର ଜିଲା ମୁଜଗାହାନ ଥାନା ଅନ୍ତର୍ଗତ ପ୍ରଗତି କଲେଜ ନିକଟ ଛତିଶଗଡ ହାଉସିଂ ବୋର୍ଡ କଲୋନୀରେ। ତାଙ୍କୁ ଗିରଫ ପରେ ରବିବାର ବଡବିଲ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବଡ଼ବିଲ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅଭିଯୋଗ ମୁତାବକ, ବ୍ୟାଙ୍କ ଅଫ୍ ବରୋଦାରେ ବଡ଼ବିଲ ମ୍ୟୁନିସିପାଲିଟିର ଅଫିସିଆଲ ଆକାଉଣ୍ଟ ରହିଛି। ମାର୍ଚ୍ଚ ୧୬ ଓ ୨୨ରେ ଅଭିଯୁକ୍ତମାନେ ୪ଟି ନକଲି ଚେକ୍ ବ୍ୟବହାର କରି ଉକ୍ତ ଆକାଉଣ୍ଟରୁ ମୋଟ ୨ କୋଟି ୪୫ ଲକ୍ଷ ୬୦ ହଜାର ୮୦୦ ଟଙ୍କା ଉଠାଇ ନେଇଥିଲେ। ଏନେଇ ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଘଟଣା ବିଷୟରେ ଜାଣିବା ପରେ କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ହଡ଼ପ ହୋଇଥିବା ଟଙ୍କାରୁ ଗିରଫ ଅଭିଯୁକ୍ତ ନକ୍‌ଭିଙ୍କ ଆକାଉଣ୍ଟକୁ ୭୦ ଲକ୍ଷ ଟଙ୍କା ଓ ସୁବାସଙ୍କ ପାଖକୁ ଅନ୍ୟ ଏକ ଆକାଉଣ୍ଟରୁ ୨୫ ଲକ୍ଷ ଟଙ୍କା ଟ୍ରାନ୍ସଫର ହୋଇଥିଲା ବୋଲି ତଦନ୍ତରୁ ଜଣାପଡିଛି। ସେଥିରୁ କିଛି ଟଙ୍କା ଅଭିଯୁକ୍ତ ଦ୍ୱୟ ଉଠାଇଦେଇଥିଲେ। ବାକି ଟଙ୍କା ଉଠାଇବା ପୂର୍ବରୁ ଉଭୟ ଧରାପଡିଯାଇଥିଲେ। ସେମାନଙ୍କ ଆକାଉଣ୍ଟରେ ଥିବା ୧ କୋଟି ୧୫ଲକ୍ଷ ଟଙ୍କାକୁ ଜବତ କରାଯାଇଛି। ଏଥିରେ ଏକାଧିକ ବ୍ୟକ୍ତିଙ୍କ ସଂପୃକ୍ତି ଥିବାବେଳେ ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଇଓଡବ୍ଲ୍ୟୁ ଏସ୍‌ପି ଦିଲୀପ କୁମାର ତ୍ରିପାଠୀ କହିଛନ୍ତି। ମ୍ୟୁଲ ଆକାଉଣ୍ଟ (ଅନ୍ୟର ଡକ୍ୟୁମେଣ୍ଟ ବ୍ୟବହାର କରି ଖୋଲାଯାଇଥିବା ବ୍ୟାଙ୍କ ଖାତା)କୁ ଟଙ୍କା ଟ୍ରାନ୍ସଫର ହୋଇଥିବାରୁ ଅଭିଯୁକ୍ତଙ୍କ ପାଖରେ ପହଞ୍ଚିବା ସହଜ ନ ଥିଲା। ଏପରିକି ଯେଉଁମାନଙ୍କ ଖାତାରେ ଏହି ଠକେଇ ଟଙ୍କା କାରବାର କରୁଥିଲେ ସେମାନଙ୍କୁ ୧୫ ପ୍ରତିଶତ ଦିଆଯିବ ବୋଲି କୁହାଯାଇଥିଲା ବୋଲି ପଚରା ଉଚରାବେଳେ ଅଭିଯୁକ୍ତମାନେ କହିଛନ୍ତି।




ଭୃଗୁ ଜ୍ୟୋତିଷ ସଂସ୍ଥାନ ଓଡ଼ିଶା ପକ୍ଷରୁ ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସଠାରେ ରବିବାର ଅନୁଷ୍ଠିତ ୧୪ତମ ଏସୀୟ ଜ୍ୟୋତିଷ ସମ୍ମିଳନୀରେ ଅତିଥିମାନେ ସମ୍ମିଳନୀ ପୁସ୍ତିକାକୁ ଉନ୍ମୋଚନ କରୁଛନ୍ତି।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

ବୋଲଗଡ଼,୨୭।୩(ଡି.ଏନ୍.ଏ.)

ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ବୋଲଗଡ଼ ରେଲୱେ ଓଭରବ୍ରିଜରେ ରବିବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ନୟାଗଡ଼ ଜିଲା ନୂଆଗାଁ ଥାନା ରାଧନାଥପୁର ଅଞ୍ଚଳର ଉପେନ୍ଦ୍ର ଖିଲାର। ବୋଲଗଡ଼ ଥାନା ଅଧୀନ ପଞ୍ଚୁକୋଟ ଗ୍ରାମର ମନୋଜ ଦଳାଇ ଓ ବିଜୟ ବାରିକ ସନ୍ଧ୍ୟାରେ ବାଇକ୍‌ରେ ଗ୍ରାମ ଅଭିମୁଖେ ଯାଉଥିବାବେଳେ ଅନ୍ୟପଟୁ ଉପେନ୍ଦ୍ର ଆସୁଥିବା ସମୟରେ ଏହି ବୋଲଗଡ଼ ରେଲୱେ ଓଭରବ୍ରିଜରେ ଦୁଇ ବାଇକ୍ ମଧରେ ମୁହାଁମୁହିଁ ଧକ୍କା ହୋଇଥିଲା। ଖବରପାଇ ବୋଲଗଡ଼ ଥାନା ଆଇଆଇସି ବିଦିତା ନାୟକ ପହଞ୍ଚି ୩ ଆହତଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ଉପେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ।

# ଲିଙ୍ଗରାଜ ମନ୍ଦିରରେ ଚୋର

- ଦର୍ଶନ ଆଳରେ ନେଇଗଲେ ୮ହଜାର ଟଙ୍କା
- ସିସିଟିଭିରେ ଚୋରି ବେଳର ଦୃଶ୍ୟ କଏଦ

ଭୁବନେଶ୍ୱର,୨୭।୩(ବ୍ୟୁରୋ)

ଘରୁ ନୁହେଁ କି ରାସ୍ତାରୁ ନୁହେଁ, ଖୋଦ୍ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ବି ମାତିଛନ୍ତି ଚୋର। ଠାକୁରଙ୍କ ଦର୍ଶନ ବାହାନାରେ ସର୍ବସମ୍ମୁଖରେ ଚୋରି ବି କରୁଛନ୍ତି। ଶନିବାର ମନ୍ଦିର ପରିସରରେ ଥିବା ଏକ ଦାନପାତ୍ରରୁ ଜଣେ ଚୋର ପ୍ରାୟ ୮ହଜାର ଟଙ୍କା ଚୋରି କରିନେଇଥିବାବେଳେ ତାହା ସିସିଟିଭି ଫୁଟେଜରେ କଏଦ ହୋଇଛି। ଅନ୍ୟଭକ୍ତଙ୍କ ଆଗରେ ଚୋର ଜଣକ ଏପରି କାଣ୍ଡ ଘଟାଉଥିଲେ ମଧ କାହାର ନଜର ନ ଥିଲା। ସିସିଟିଭିରୁ ଏହା ଜଣାପଡିବା ପରେ ଘଟଣାକୁ ନେଇ ସେବାୟତଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଥିସହ ମନ୍ଦିର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାନୁଯାୟୀ, ଲିଙ୍ଗରାଜ ମନ୍ଦିର ଭିତର ଆଡକାଠ ନିକଟରେ ସେବାୟତ ଓ ପାଳିଆ ସେବାୟତଙ୍କ ଉଦ୍ଦେଶ୍ୟରେ ଏକ ଦାନ ଥାଳି ରହିଛି। ଏଠାକୁ ପ୍ରତିଦିନ ଆସୁଥିବା ଭକ୍ତ ଉକ୍ତ ଥାଳିରେ ଟଙ୍କା ଦାନ କରିଥାନ୍ତି। କିନ୍ତୁ ଶନିବାର ଦିନ ଆଡ଼କାଠ ପଡ଼ିବା ସହ ଗର୍ଭଗୃହ ଭିତରକୁ ସାଧାରଣ ଦର୍ଶନ ବାରଣ ଥିଲା। ଏହି ସମୟରେ ଭକ୍ତମାନେ ଆଡ଼କାଠ ପାଖରେ ରହି ଠାକୁରଙ୍କୁ ଭକ୍ତି ନିବେଦନ କରିବା ସହ ଉକ୍ତ ପାତ୍ରରେ ଦାନ କରୁଥିଲେ। ଦୁର୍ବୃତ୍ତ ଜଣକ ମୁହଁରେ ମାସ୍କ ଓ ଗାମୁଛା ଘୋଡ଼ାଇ ହୋଇ ଦାନପାତ୍ର ପାଖକୁ ଆସିଥିଲେ। କିଛି ସମୟ ଧରି ଭକ୍ତଙ୍କ ପଛରେ ଠିଆ ହୋଇ ନିରୀକ୍ଷଣ କରିଥିଲେ। ସୁଯୋଗ ଦେଖି ଥାଳିରେ ଥିବା ଟଙ୍କାକୁ ନେଇ ଚମ୍ପଟ ମାରିଥିଲେ। ତେବେ ସେ ଥରେ ନୁହେଁ, ଏଭଳି ବାରମ୍ବାର କରିଥିବା ଜଣାପଡିଛି। ତେବେ ଏନେଇ ଲିଙ୍ଗରାଜ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଆଇଆଇସି ଶରତ ପାତ୍ର କହିଛନ୍ତି।



ସିସିଟିଭିରେ କଏଦ ହୋଇଥିବା ଚୋରି ବେଳର ଦୃଶ୍ୟ।

# ନକଲି ଡାକ୍ତରଙ୍କ ମୁଖ୍ୟ ସହଯୋଗୀ କଟକରୁ ଗିରଫ

- ଜାଲ୍ ଡକ୍ୟୁମେଣ୍ଟ ପ୍ରସ୍ତୁତ କରି ରମେଶଙ୍କୁ ଦେଉଥିଲେ
- ଜେଲ ଗଲେ, ରିମାଣ୍ଡରେ ଆସିବେ ଅଭିଯୁକ୍ତ ବିଶ୍ୱରଞ୍ଜନ

ଭୁବନେଶ୍ୱର,୨୭।୩(ବ୍ୟୁରୋ)

ବିଭିନ୍ନ ରାଜ୍ୟର ୧୭ରୁ ଅଧିକ ମହିଳାଙ୍କୁ ବିବାହ କରି ପ୍ରତାରଣା ପରେ ସମ୍ପତ୍ତି ଲୁଟ୍ ସହ ଚାକିରି ଠକେଇ ମାମଲାରେ ଗିରଫ ହୋଇ ଜେଲରେ ଥିବା ନକଲି ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁଙ୍କ ମୁଖ୍ୟ ସହଯୋଗୀଙ୍କୁ କମିଶନରେଟ ପୋଲିସ କଟକ ତେଲେଙ୍ଗା ବସ୍ତିରୁ ରବିବାର ଗିରଫ କରିଛି। ସେ ହେଲେ ଭଦ୍ରକ ତିହିଡ଼ି ଥାନା ଅଞ୍ଚଳର ବିଶ୍ୱରଞ୍ଜନ ଦାସ। ତାଙ୍କ ନିକଟରୁ ପୋଲିସ ବିଭିନ୍ନ କାଗଜପତ୍ର ଓ ଗୁଗଲ୍ ଡ୍ରାଇଭ୍‌ରେ ଥିବା ପିଡିଏଫ୍ ଦସ୍ତାବିଜ୍ ଆଦି ଜବତ କରିଛି। ମହିଳା ଥାନା ପୋଲିସ ଅଭିଯୁକ୍ତ ବିଶ୍ୱରଞ୍ଜନଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବାଟିର ବିଭାଗୀୟ ହାଜତକୁ ପଠାଇ ଦେଇଛି।

ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ବିଶ୍ୱରଞ୍ଜନ ୨୦୧୭ରୁ ନକଲି ଡାକ୍ତର ରମେଶଙ୍କ ମୁଖ୍ୟ ସହଯୋଗୀ ଭାବେ କାମ କରୁଥିଲେ। ସେ ଲାବ୍ ଟେକ୍ନିସିଆନ୍‌ରେ ଡିପ୍ଲୋମା କରିଛନ୍ତି। ସେ ନିଜକୁ କେନ୍ଦ୍ର ସରକାରଙ୍କର ଜଣେ ଲିଆସନିଙ୍ଗ୍ ଅଫିସର ବୋଲି କହୁଥିଲେ। ବିଶ୍ୱରଞ୍ଜନ ବୈଷୟିକ ଜ୍ଞାନରେ ନିପୁଣ ଥିବାରୁ ରମେଶ ପ୍ରତି କାର୍ଯ୍ୟରେ ତାଙ୍କଠାରୁ ସହଯୋଗ ଲୋଡୁଥିଲେ। ଏପରିକି ବିଶ୍ୱରଞ୍ଜନଙ୍କୁ ତାଙ୍କ ଘରେ ରଖି ବିଭିନ୍ନ ଜାଲ୍ କାଗଜପତ୍ର ପ୍ରସ୍ତୁତ କରାଉଥିଲେ ରସିକିଆ ନକଲି ଡାକ୍ତର ରମେଶ। ପୋଲିସ ତଦନ୍ତବେଳେ ବିଶ୍ୱରଞ୍ଜନଙ୍କ ସମ୍ପର୍କରେ ଜାଣିବାକୁ ପାଇଥିଲା। ଏପିରିକି ରମେଶଙ୍କ ଠକେଇ ଘଟଣାରେ ବିଶ୍ୱରଞ୍ଜନ ମୁଖ୍ୟ ସହଯୋଗୀ ବୋଲି ଜଣାପଡ଼ିବା ପରେ ପୋଲିସ ଅଧିକ ଅନୁସନ୍ଧାନ ଚଳାଇଥିଲା। ସେ ଗିରଫ ହେବା ପରେ ତାଙ୍କଠାରୁ ବହୁ ଗୋପନ ତଥ୍ୟ ପାଇଛି ପୋଲିସ। ଠକେଇର ଶିକାର ହେଉଥିବା ଲୋକଙ୍କୁ ସେ ଯୋଗାଯୋଗ କରିବା ସହ ରମେଶଙ୍କ ମେଲ୍‌କୁ ସେ ପରିଚାଳନା କରୁଥିବା ଜଣାପଡିଛି। ତେଣୁ ବିଶ୍ୱରଞ୍ଜନଙ୍କ ନିକଟରୁ ଆହୁରି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇବାକୁ ପୋଲିସ ଆଶା ରଖିଛି। ଏନେଇ ମହିଳା ଥାନା ଅଧିକାରିଣୀ ସନ୍ତୋଷିନୀ ବେହେରା କହିଛନ୍ତି, ବିଶ୍ୱରଞ୍ଜନଙ୍କୁ ରିମାଣ୍ଡରେ ଆଣିବାକୁ ସୋମବାର କୋର୍ଟରେ ଆବେଦନ କରାଯିବ। କୋର୍ଟ ଅନୁମତି ଦେଲେ ମଙ୍ଗଳବାର ଜେଲରୁ ତାଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ରମେଶ ନିଜକୁ ଡାକ୍ତର ତଥା କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶକ ପରିଚୟ ଦେଇ ବିଭିନ୍ନ ମାଟ୍ରିମୋନିଆଲ ଓ ସୋସିଆଲ୍ ସାଇଟ୍‌ରୁ ଉଚ୍ଚଶିକ୍ଷିତା ମହିଳାଙ୍କୁ ଫସାଇ ବିବାହ କରନ୍ତି। ପରେ ସମ୍ପତ୍ତି ଲୁଟିବା ସହ ପ୍ରତାରଣା କରୁଥିଲେ। ତେବେ ରମେଶଙ୍କ ଦ୍ୱାରା ପ୍ରତାରଣାର ଶିକାର ହୋଇଥିବା ଦିଲ୍ଲୀର ଜଣେ ମହିଳା ଗତବର୍ଷ ଜୁଲାଇରେ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିବା ପରେ ରମେଶଙ୍କ କଳାକାରନାମା ପଦାକୁ ଆସିଥିଲା। ଏହାପରେ ଚାକିରି ଓ ଡାକ୍ତରୀ ପାଠରେ ନାମଲେଖା ପାଇଁ ବହୁ ଲକ୍ଷ ଟଙ୍କା ଠକେଇ କରିଥିବା ମଧ ଅଭିଯୋଗ ହୋଇଥିଲା।



ବିଶ୍ୱରଞ୍ଜନ ଦାସ

# ଲଭିଭ୍‌ରେ ଘନଘନ କ୍ଷେପଣାସ୍ତ୍ର ମାଡ଼



ଖର୍କିଭ୍‌ରେ ରୁଷିଆ ଆକ୍ରମଣରେ ନଷ୍ଟ ହୋଇଯାଇଥିବା ଏକ କାର୍ ନିକଟ ଦେଇ ଯାଉଛନ୍ତି ଜଣେ ୟୁକ୍ରେନ୍ ନାଗରିକ।

ଲଭିଭ୍, ୨୭।୩

ଫେବୃୟାରୀ ୨୪ରୁ ପଶ୍ଚିମ ୟୁକ୍ରେନ୍‌ର ଲଭିଭ୍ ସହର ରୁଷିଆର ପ୍ରଚଣ୍ଡ ଆକ୍ରମଣରୁ ଏକପ୍ରକାର ରକ୍ଷା ପାଇଥିବାବେଳେ ହଠାତ୍ ଘନଘନ ରୁଷୀୟ ମିଶାଇଲର ସାମ୍ନା କରିଛି। ଶନିବାର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପୋଲାଣ୍ଡ ଗସ୍ତବେଳଠାରୁ ଏହାର ସୀମା ନିକଟ ଲଭିଭ୍ ସହରରେ ରୁଷିଆ ଗୋଟିଏ ପରେ ଗୋଟିଏ ରକେଟ୍ ମାଡ଼ କରିଚାଲିଛି। ନାଟୋ ସଦସ୍ୟ ପୋଲାଣ୍ଡର ସୀମାଠାରୁ ମାତ୍ର ୭୦ କିଲୋମିଟର ଦୂରରେ ଥିବା ଲଭିଭ୍‌ରେ ମସ୍କୋର ତୀବ୍ର ଆକ୍ରମଣ ବାଇଡେନ୍‌ଙ୍କ ପାଇଁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଏକ ବାର୍ତ୍ତା ବୋଲି ଏହି ସହରର ମେୟର ଆଣ୍ଡ୍ରି ସାଡୋଭି କହିଛନ୍ତି। ଏହା ଏକ ବାସ୍ତବ ବିପଦ ବୋଲି ପୁଟିନ୍ ବାଇଡେନ୍‌ଙ୍କୁ ଚେତାବନୀ ଦେଇଥିବା ସେ ପ୍ରକାଶ କରିଛନ୍ତି।

ଐତିହାସିକ ଏବଂ ରଣନୈତିକ ଦୃଷ୍ଟିକୋଣରୁ ଲଭିଭ୍ ସହରର ବେଶ୍ ଗୁରୁତ୍ୱ ରହିଛି। ୧୯୩୯ ମସିହା ପୂର୍ବରୁ ଲଭିଭ୍ ପୋଲାଣ୍ଡର ଅଂଶ ଥିଲା। ୧୯୩୯ରେ ଜର୍ମାନ-ସୋଭିଏତ୍‌ର ପୋଲାଣ୍ଡ ଆକ୍ରମଣ ପରେ ଏହା ସୋଭିଏତ୍ ସଂଘର ଅଂଶ ହୋଇଥିଲା। ୧୯୪୪-୪୬ରେ ପୋଲାଣ୍ଡ ଓ ସୋଭିଏତ୍ ୟୁକ୍ରେନ୍ ମଧ୍ୟରେ ପପୁଲେଶନ ଏକ୍ସଚେଞ୍ଜ ବା ଲୋକଙ୍କ ସ୍ଥାନାନ୍ତର ହୋଇଥିଲା। ୧୯୯୧ରେ ଲଭିଭ୍ ସ୍ୱାଧୀନ ୟୁକ୍ରେନ୍‌ର ଅଂଶ ପାଲଟିଥିଲା। ପଶ୍ଚିମ ୟୁକ୍ରେନ୍‌ର ସବୁଠୁ ବଡ଼ ସହର ଲଭିଭ୍ ଏବେ ରୁଷିଆ ଟାର୍ଗେଟରେ। ଆମେରିକା ଓ ପାଶ୍ଚାତ୍ୟ ଦେଶ ୟୁକ୍ରେନ୍‌କୁ ଯୋଗାଉଥିବା ସାମରିକ ସହାୟତାର ପ୍ରମୁଖ ଟ୍ରାନ୍‌ଜିଟ୍ ପଏଣ୍ଟ ଲଭିଭ୍‌ରେ ରୁଷିଆ ଆକ୍ରମଣ କରି ସେଠାରେ ଥିବା ଯୁଦ୍ଧାସ୍ତ୍ର ଭଣ୍ଡାରକୁ ଟାର୍ଗେଟ କରିଛି। ଏଥିସହ କ୍ରୁଜ୍ ମିଶାଇଲ ଓ ଅନ୍ୟ ଦୂର ଲକ୍ଷ୍ୟଭେଦୀ କ୍ଷେପଣାସ୍ତ୍ର ଦ୍ୱାରା ଲଭିଭ୍‌ରେ ଥିବା ତୈଳ ଡିପୋ, ଆଣ୍ଟାଇ-ଏୟାରକ୍ରାଫ୍ଟ ସିଷ୍ଟମ୍ ମରାମତି ପାଇଁ ବ୍ୟବହାର ହେଉଥିବା ଏକ ପ୍ଲାଣ୍ଟ, ରାଡାର ସିଷ୍ଟମ, ଟ୍ୟାଙ୍କଗୁଡ଼ିକୁ ନଷ୍ଟ କରାଯାଇଥିବା ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ୟୁକ୍ରେନ୍‌ର ତୈଳ ଡିପୋ ଉପରେ ମସ୍କୋ ଲଗାତର ଆକ୍ରମଣ କରି ଏହାର ଅର୍ଥନୀତିକୁ ଧ୍ୱଂସ କରିଦେବାକୁ ଉଦ୍ୟମ କରୁଥିବା କୁହାଯାଉଛି। ସେପଟେ ଲଭିଭ୍‌ରେ ମିଶାଇଲ ଷ୍ଟ୍ରାଇକ୍‌ର ଭିଡିଓ ଉକ୍ତ ମନ୍ତ୍ରଣାଳୟ ପକ୍ଷରୁ ଜାରି ହୋଇଛି। ରୁଷିଆ ଆକ୍ରମଣରେ ସାଧାରଣ ନାଗରିକ ଆହତ ହୋଇଥିବା ଲଭିଭ୍ ପ୍ରଶାସନ କହିଛି।

### ବାଇଡେନ୍‌ଙ୍କ ପାଇଁ ପୁଟିନ୍‌ଙ୍କ ବାର୍ତ୍ତା

## ୟୁକ୍ରେନ୍‌କୁ ଦୁଇ ଭାଗ କରିବାକୁ ଚାହୁଁଛି ରୁଷିଆ

**କିଭ୍, ୨୭।୩:** ମିଲିଟାରି ଅପରେଶନ ନାଁରେ ୟୁକ୍ରେନ୍‌ରେ ଆକ୍ରମଣ ଜାରି ରଖିଥିବା ରୁଷିଆ ଏହି ପୂର୍ବ ୟୁରୋପୀୟ ଦେଶକୁ ଦୁଇ ଭାଗ କରିବାକୁ ଚାହୁଁଛି ବୋଲି ୟୁକ୍ରେନ୍ ଗୋଇନ୍ଦା ମୁଖ୍ୟ କିରିଲୋ ବୁଦାନୋଭ୍ କହିଛନ୍ତି। ଆକ୍ରମଣ ପୂର୍ବରୁ ଫେବୃୟାରୀ ୨୧ରେ ବିଚ୍ଛିନ୍ନତାବାଦୀଙ୍କ କବଳରେ ଥିବା ଡୋନ୍‌ବାସ୍ ଅଞ୍ଚଳର ଡୋନେସ୍କ ଓ ଲୁହାନ୍‌ସ୍କକୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ସ୍ୱାଧୀନ ରାଷ୍ଟ୍ର ଘୋଷଣା କରିଥିଲେ। ଏବେ ଲୁହାନ୍‌ସ୍କକୁ ରୁଷିଆରେ ମିଶାଇବା ପାଇଁ ସେଠାରେ ଥିବା ବିଚ୍ଛିନ୍ନତାବାଦୀ ସଙ୍ଗଠନ ଉଦ୍ୟମ କରୁଛନ୍ତି। ରୁଷିଆର ଅଂଶ ହେବାପାଇଁ ସେହି ଅଞ୍ଚଳରେ ଗଣଭୋଟ୍ ହେବ ବୋଲି ଲୁହାନ୍‌ସ୍କର ମୁଖ୍ୟ ଲିଓନିଡ୍ ପାସେଚିକ୍ କହିଛନ୍ତି। ଖୁବଶୀଘ୍ର ଲୁହାନ୍‌ସ୍କରେ ଭୋଟ ଗ୍ରହଣ ହେବ ଏବଂ ଲୋକେ ରୁଷିଆରେ ମିଶିବା ନିମନ୍ତେ ସେମାନଙ୍କ ମତ ଦେବେ ବୋଲି ଲିଓନିଡ୍ ପ୍ରକାଶ କରିଛନ୍ତି। ୨୦୧୪ରେ ରୁଷିଆ ଆକ୍ରମଣ କରି ୟୁକ୍ରେନ୍‌ର କ୍ରିମିଆ ଉପଦ୍ୱୀପକୁ କବ୍‌ଜା କରିବା ପରଠାରୁ ଡୋନେସ୍କ ଓ ଲୁହାନ୍‌ସ୍କ କିଭ୍ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ଏଠାକାର ଲୋକ ସାଧାରଣତଃ ରୁଷିଆ ଭାଷା କହିଥାନ୍ତି।

### ଲୁହାନ୍‌ସ୍କରେ ହୋଇପାରେ ଗଣଭୋଟ

## 'ମୁଁ ଥିଲେ ରୁଷିଆକୁ ନ୍ୟୁକ୍ଲିଅର ଆକ୍ରମଣ ଧମକ ଦେଇଥାନ୍ତି'



ୱାଶିଂଟନ୍, ୨୭।୩

ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ଆମେରିକା ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ସାକ୍ଷାତକାରରେ କହିଛନ୍ତି, ସେ ଏବେ ରାଷ୍ଟ୍ରପତି ଥିଲେ ମସ୍କୋକୁ ଆଣବିକ ଯୁଦ୍ଧର ଧମକ ଦେଇଥାନ୍ତେ। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ବାରମ୍ବାର ନ୍ୟୁକ୍ଲିୟର ଶବ୍ଦର ବ୍ୟବହାର କରୁଛନ୍ତି। କିନ୍ତୁ ଆମେରିକାର ଆଣବିକ ଶକ୍ତି ଅଧିକ। ଆମେରିକା ନିକଟରେ ସବୁଠୁ ବଡ଼ ବୁଡ଼ାଜାହାଜ ଅଛି। ଏବେ ପର୍ଯ୍ୟନ୍ତର ସବୁଠାରୁ ଶକ୍ତିଶାଳୀ ମେଶିନ୍ ରହିଛି। ତେଣୁ ରୁଷିଆକୁ ଆମେରିକା ସ୍ପଷ୍ଟ ଶୁଣାଇଦେବା କଥା ଯେ, ଯଦି ପୁଟିନ୍ ଆଉଥରେ ନ୍ୟୁକ୍ଲିୟର ଶବ୍ଦ ବ୍ୟବହାର କରନ୍ତି ତେବେ ଏହି ଦେଶ ଚାରିପଟକୁ ଆଣବିକ ଯୁଦ୍ଧାସ୍ତ୍ର ପଠାଯିବ। ୟୁକ୍ରେନ୍ ଘଟଣାକୁ ଆଗକୁ ବଢ଼ିବାକୁ ଦିଆଯାଇପାରିବ ନାହିଁ। ହଜାର ହଜାର ଲୋକଙ୍କୁ ମୃତ୍ୟୁମୁଖକୁ ଠେଲି ଦିଆଯାଇପାରିବ ନାହିଁ ବୋଲି ଟ୍ରମ୍ପ କହିଛନ୍ତି।

## ୟୁପିରେ ଆତ୍ମସମର୍ପଣ କଲେଣି ୫୦ ଅପରାଧୀ

ଲକ୍ଷ୍ନୌ, ୨୭।୩

ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଭାବେ ଯୋଗୀ ଆଦିତ୍ୟନାଥ ଦ୍ୱିତୀୟ ଥର ପାଇଁ କ୍ଷମତାକୁ ଆସିବାର ୧୫ ଦିନ ମଧ୍ୟରେ ଅନ୍ୟୂନ ୫୦ ଅପରାଧୀ ଆତ୍ମସମର୍ପଣ କରିସାରିଲେଣି। ପୋଲିସ ଏନ୍‌କାଉଣ୍ଟର କିମ୍ବା ଘର ଉପରେ ବୁଲ୍‌ଡୋଜର ଚାଲିବା ଭୟରେ ସେମାନେ ଆତ୍ମସମର୍ପଣ କରୁଥିବା କୁହାଯାଉଛି। ସେମାନେ 'ମୁଁ ଆତ୍ମସମର୍ପଣ କରୁଛି, ଦୟାକରି ଗୁଳି କରା ନ ଯାଉ' ପ୍ଲାକାର୍ଡ ବେକରେ ଝୁଲାଇ ଥାନାରେ ସରେଣ୍ଡର କରୁଥିବା ଦେଖାଯାଉଛି। ଦୀର୍ଘଦିନ ହେଲା ଫେରାର ଥିବା ଗୌତମ ସିଂ ଗତ ୧୫ ତାରିଖରେ ଗୋଣ୍ଡା ଜିଲାର ଛାପିଆ ଥାନାରେ ଆତ୍ମସମର୍ପଣ କରିଛନ୍ତି। ତାଙ୍କ ବିରୋଧରେ ଅପହରଣ ଓ ବଟି ଆଦାୟ ଅଭିଯୋଗ ଥିଲା। ସେହିପରି ସାହରନପୁର ଜିଲାରେ ୩ ଦିନରେ ୨୩ ଅପରାଧୀ ଆତ୍ମସମର୍ପଣ କରିସାରିଲେଣି। ଦେଓବନ୍ଦ ଥାନାରେ ୪ ଜଣ ମଦ ଚୋରାବେପାରୀ ଆଉ ଅପରାଧ କରିବେ ନାହିଁ ସତ୍ୟପାଠ ମାଧ୍ୟମରେ ଜଣାଇଛନ୍ତି। ସେହିପରି ଶାମ୍‌ଲି ଜିଲାର ୧୮ ଜଣ ଥାନାଭବନ ଓ ଗରହିପୁଖ୍‌ତା ଥାନାରେ ଆତ୍ମସମର୍ପଣ କରିଛନ୍ତି। ଗୋହତ୍ୟା ମାମଲାରେ ସେମାନେ ଅଭିଯୁକ୍ତ ଥିଲେ। ଅନ୍ୟତମ ୱାଣ୍ଟେଡ୍ ଅପରାଧୀ ହିମାଂଶୁ ଓରଫ ହନି ଫିରୋଜାବାଦର ସିର୍ସାଗଞ୍ଜ ଥାନାରେ 'ମୋତେ ଗୁଳି କରନାହିଁ' ପ୍ଲାକାର୍ଡ ପକାଇ ସରେଣ୍ଡର କରିଥିଲେ। ଏହି ସମୟ ମଧ୍ୟରେ ୨ ଅପରାଧୀଙ୍କୁ ଏନ୍‌କାଉଣ୍ଟର କରାଯାଇଥିବାବେଳେ ଅନ୍ୟ ୧୦ ଜଣଙ୍କୁ ଗିରଫ କରାଯାଇଥିବା ଆଇନଶୃଙ୍ଖଳା ଏଡିଜି ପ୍ରକାଶ କୁମାର କହିଛନ୍ତି।

## ସଂକ୍ଷେପରେ

### ବସ୍ ଦୁର୍ଘଟଣାରେ ୮ ମୃତ

**ତିରୁପତି, ୨୭।୩ :** ଆନ୍ଧ୍ରପ୍ରଦେଶର ଚିତ୍ତୋର ଜିଲାରେ ଶନିବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୮ ଜଣଙ୍କ ମୃତ୍ୟୁ ଘଟିବା ସହ ୪୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଭାକରପେଟ ନିକଟ ଘାଟ ରୋଡ୍‌ରୁ ଘରୋଇ ବସ୍‌ଟି ଉପତ୍ୟକା ମଧକୁ ଖସିପଡ଼ିଥିଲା। ମୃତକମାନେ ଅନନ୍ତପୁରାମୁ ଜିଲାର। ସେମାନେ ଏକ ନିର୍ବନ୍ଧ କାର୍ଯ୍ୟରେ ଯୋଗଦେବା ଲାଗି ଯାଉଥିଲେ। ଦ୍ରୁତ ଗାଡ଼ିଚାଳନା ଯୋଗୁ ଦୁର୍ଘଟଣା ଘଟିଲା ବୋଲି ପୋଲିସ କହିଛି। ଘଟଣାସ୍ଥଳରେ ତିରୁପତି ସହରାଞ୍ଚଳ ଏସ୍‌ପି ପୋଲିସ ଟିମ୍ ସହ ପହଞ୍ଚି ଆହତମାନଙ୍କୁ ହସ୍ପିଟାଲ ପଠାଇଥିଲେ। ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଯୋଗାଇଦେବାକୁ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ ଘୋଷଣା କରିଛନ୍ତି।

### ୩ ବର୍ଷରେ ୧୦ ଆଣବିକ ରିଆକ୍ଟର ନିର୍ମାଣ ହେବ

**ନୂଆଦିଲ୍ଲୀ, ୨୭।୩(ପି.ଟି.):** ଆସନ୍ତା ବର୍ଷ କର୍ଣ୍ଣାଟକର କାଇଗାରେ ୭୦୦ ମେଗାୱାଟ୍‌ର ଆଣବିକ ବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ ହେବାକୁ ଯାଉଥିବାବେଳେ ଆଗାମୀ ୩ ବର୍ଷ ମଧ୍ୟରେ ଫ୍ଲିଟ୍ ମୋଡ୍‌ରେ ୧୦ ଆଣବିକ ରିଆକ୍ଟର ନିର୍ମାଣ କରାଯିବାର ଲକ୍ଷ୍ୟ ରଖାଯାଇଛି। କାଇଗାର ୟୁନିଟ ୫ ଓ ୬ କାର୍ଯ୍ୟ ୨୦୨୩ରେ ଆରମ୍ଭ ହେବାକୁ ଥିବାବେଳେ ଗୋରଖପୁର ହରିୟାନା ଅଣୁବିଦ୍ୟୁତ୍ ପରିଯୋଜନା ୟୁନିଟ ୩ ଓ ୪, ମାହି ବନସ୍ୱର ରାଜସ୍ଥାନ ଆଟମିକ୍ ପାୱାର ପ୍ରୋଜେକ୍ଟର ୟୁନିଟ ୧ ଓ ୪ କାର୍ଯ୍ୟ ୨୦୨୪ରେ ଏବଂ ଚୁଟ୍‌କା ମଧ୍ୟପ୍ରଦେଶ ଆଟମିକ ପାୱାର ପ୍ରୋଜେକ୍ଟ ୟୁନିଟ ୧ ଓ ୨ କାର୍ଯ୍ୟ ୨୦୨୫ରେ ଆରମ୍ଭ ହେବା ଆଶା କରାଯାଉଥିବା ଆଣବିକ ଶକ୍ତି ବିଭାଗ ବିଜ୍ଞାନ ଓ ପ୍ରଯୁକ୍ତି ସମ୍ପର୍କିତ ସଂସଦୀୟ କମିଟିକୁ କହିଛି। ସ୍ୱଦେଶୀ ଜ୍ଞାନକୌଶଳରେ ୧୦ ଆଣବିକ ରିଆକ୍ଟର ନିର୍ମାଣ ଲାଗି ୨୦୧୭ ଜୁନ୍‌ରେ କେନ୍ଦ୍ର ସରକାର ଅନୁମୋଦନ କରିଥିଲେ। ଏଥିପାଇଁ ୧.୦୫ ଲକ୍ଷ କୋଟି ଟଙ୍କା ବ୍ୟୟ ହେବ।

### ଜୁନ୍ ୩୦ରୁ ଅମରନାଥ ଯାତ୍ରା

**ଜମ୍ମୁ, ୨୭।୩:** କୋଭିଡ୍ ମହାମାରୀ ଯୋଗୁ ଦୁଇବର୍ଷ ହେଲା ବନ୍ଦ ଥିବା ଅମରନାଥ ଯାତ୍ରା ଚଳିତ ବର୍ଷ ଜୁନ୍ ୩୦ରୁ ଆରମ୍ଭ ହେବାକୁ ଯାଉଛି। ପରମ୍ପରା ଅନୁଯାୟୀ ଏହି ଯାତ୍ରା ୪୩ ଦିନ ଚାଲିବା ପରେ ରକ୍ଷା ବନ୍ଧନ ଉତ୍ସବରେ ସମାପନ ହେବ ବୋଲି ରାଜ ଭବନ ପକ୍ଷରୁ ସୂଚନା ଦିଆଯାଇଛି। କୋଭିଡ୍ ନିୟମ ଅନୁଯାୟୀ ଚଳିତ ବର୍ଷ ଅମରନାଥ ଯାତ୍ରା ଅନୁଷ୍ଠିତ ହେବ ବୋଲି ଜଣେ ଅଧିକାରୀ କହିଛନ୍ତି। ୨୦୨୦ ଏବଂ ୨୦୨୧ରେ ମହାମାରୀ ଯୋଗୁ ଯାତ୍ରା ବନ୍ଦ ଥିବାବେଳେ ୨୦୧୯ରେ ସମ୍ବିଧାନର ଅନୁଚ୍ଛେଦ ୩୭୦ ଏବଂ ୩୫ଏ ଉଚ୍ଛେଦ କାରଣରୁ ଏହାକୁ ଅଧାରୁ ବନ୍ଦ କରିଦିଆଯାଇଥିଲା।

### ଆଜି ଶପଥ ନେବେ ସାୱନ୍ତ



**ପଣଜୀ, ୨୭।୩:** ଭାଜପା ନେତା ପ୍ରମୋଦ ସାୱନ୍ତ ସୋମବାର ଦ୍ୱିତୀୟ ଥର ଲାଗି ଗୋଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାକୁ ଯାଉଛନ୍ତି। ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଭାଜପାର ଶୀର୍ଷ ନେତୃବୃନ୍ଦ ଯୋଗଦେବେ। ପୂର୍ବାହ୍ନ ୧୧ଟାରେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ଶପଥ ଗ୍ରହଣ ଉତ୍ସବରେ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଯୋଗଦେବା ଆଶା କରାଯାଉଛି। ରାଜ୍ୟପାଳ ପି.ଏସ୍. ଶ୍ରୀଧରନ ପିଲ୍ଲାଇ ନୂଆ ବିଧାନସଭାର ଦୁଇଦିନିଆ ଅଧିବେଶନ ମାର୍ଚ୍ଚ ୨୯ରେ ଡାକିଛନ୍ତି। ଏହି ଅଧିବେଶନରେ ସାୱନ୍ତ ଆସ୍ଥା ଭୋଟ ଲୋଡ଼ିପାରିବେ। ସୂଚନାଯୋଗ୍ୟ, ୪୦ ଆସନ ବିଶିଷ୍ଟ ଗୋଆ ବିଧାନସଭାରେ ସାୱନ୍ତଙ୍କ ନେତୃତ୍ୱରେ ଭାଜପା ୨୦ ଆସନରେ ବିଜୟୀ ହୋଇଛି। ସରକାର ଗଠନ ଲାଗି ଗୋଟିଏ ଆସନ କମ୍ ଥିବାବେଳେ ୩ ସ୍ୱାଧୀନ ବିଧାୟକ ଏବଂ ମହାରାଷ୍ଟ୍ରବାଦୀ ଗୋମନ୍ତକ ପାର୍ଟି (ଏମ୍‌ଜିପି)ର ୨ ବିଧାୟକ ଭାଜପାକୁ ସମର୍ଥନ ଜଣାଇଛନ୍ତି।

## ବିଏସ୍‌ପିର ସବୁ ୟୁନିଟ୍ ଭାଙ୍ଗିଲେ ମାୟାବତୀ

ଲକ୍ଷ୍ନୌ, ୨୭।୩(ଆଇଏଏନ୍‌ଏସ୍)

ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଅଧ୍ୟକ୍ଷା ମାୟାବତୀ ରବିବାର ତାଙ୍କ ଦଳର ରାଜ୍ୟ ସଭାପତି, ବିଧାନସଭା ବାଚସ୍ପତି ଏବଂ ଜିଲା ସଭାପତି ପଦକୁ ବାଦ୍ ଦେଇ ଅନ୍ୟ ସମସ୍ତ ୟୁନିଟ୍‌କୁ ଭଙ୍ଗ କରିଛନ୍ତି। ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ବିଏସ୍‌ପିର ଶୋଚନୀୟ ପରାଜୟ ସମ୍ପର୍କରେ ଆଲୋଚନା ପାଇଁ ଡକାଯାଇଥିବା ବୈଠକରେ ଦଳ ସୁପ୍ରିମୋ ଏହା ଘୋଷଣା କରିଛନ୍ତି। ଏତଦ୍‌ବ୍ୟତୀତ ଆଜମଗଡ଼ ଉପନିର୍ବାଚନ ଲାଗି ବିଏସ୍‌ପି ଗୁଡ୍ଡୁ ଜମାଲିଙ୍କୁ ପ୍ରାର୍ଥୀ ଘୋଷଣା କରିଛନ୍ତି। କରହଲ ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିବା ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଆଜମଗଡ଼ ଲୋକ ସଭା ଆସନରୁ ଇସ୍ତଫା ଦେଇଥିବାରୁ ସେଠାରେ ଉପନିର୍ବାଚନର ଆବଶ୍ୟକତା ରହିଛି। ଗୁଡ୍ଡୁ ଜମାଲି ଓରଫ ଶାହ ଆଲମ୍ ନିକଟରେ ଏଆଇଏମ୍‌ଆଇଏମ୍ ଛାଡ଼ି ବିଏସ୍‌ପିରେ ଯୋଗଦେଇଥିଲେ। ଏହା ପୂର୍ବରୁ ସେ ଏଆଇଏମ୍‌ଆଇଏମ୍ ଟିକେଟରେ ମୁବାରକପୁର ଆସନରୁ ନିର୍ବାଚନ ଲଢ଼ିଥିଲେ। ରବିବାର ବୈଠକରେ ବିଏସ୍‌ପିର ସମସ୍ତ ୪୦୨ ପ୍ରାର୍ଥୀ ଉପସ୍ଥିତ ଥିଲେ।

### 'ରାଷ୍ଟ୍ରପତି ପଦ ଗ୍ରହଣ କରିବି ନାହିଁ'

ଉତ୍ତରପ୍ରଦେଶରେ ଭାଜପାକୁ ଜିତାଇଦେଲେ ମାୟାବତୀଙ୍କୁ ରାଷ୍ଟ୍ରପତି କରାଯିବ ବୋଲି ଭାଜପା ଏବଂ ଆର୍‌ଏସ୍‌ଏସ୍ ପକ୍ଷରୁ ମିଥ୍ୟା ପ୍ରଚାର କରାଯାଇ ତାଙ୍କ ସମର୍ଥକମାନଙ୍କୁ ବିଭ୍ରାନ୍ତ କରାଯାଇଥିଲା ବୋଲି ବିଏସ୍‌ପି ଅଧ୍ୟକ୍ଷା କହିଛନ୍ତି। କୌଣସି ଦଳଠାରୁ ସେ କଦାପି ଏଭଳି ଅଫର ଗ୍ରହଣ କରିବେ ନାହିଁ ବୋଲି ମାୟାବତୀ କହିଛନ୍ତି।



ରୁଷିଆ ଆକ୍ରମଣ ପରେ ୟୁକ୍ରେନୀୟମାନେ ଦେଶ ଛାଡ଼ି ପଳାୟନ କରୁଥିବାବେଳେ ଲଭିଭ୍ ସହରରେ ପୋଷା କୁକୁରଙ୍କୁ ସାଙ୍ଗରେ ନେଇ ପଡ଼ୋଶୀ ରାଷ୍ଟ୍ରକୁ ଯାଉଛନ୍ତି।

## ଝିଅଙ୍କୁ ଟାର୍ଗେଟ କରା ନ ଯାଉ




ମୁମ୍ବାଇ, ୨୭।୩

ହିଜାବ ପ୍ରସଙ୍ଗରେ ଝିଅମାନଙ୍କୁ ଟାର୍ଗେଟ କରାଯାଉଛି ବୋଲି କହିଛନ୍ତି ମିସ୍ ୟୁନିଭର୍ସ-୨୦୨୧ ହର୍‌ନାଜ ସାନ୍ଧୁ। ଗଣମାଧ୍ୟମକୁ ଏ ବାବଦରେ ପ୍ରତିକ୍ରିୟା ଦେଇ ହରନାଜ କହିଛନ୍ତି, ଝିଅମାନଙ୍କୁ ଉଡ଼ିବାକୁ ଦିଅ। ସେମାନଙ୍କ ଡେଣା କାଟନାହିଁ। ସେମାନେ ଯେପରି ଚାହୁଁଛନ୍ତି ସେପରି ବଞ୍ଚନ୍ତୁ, ନିଜ ଲକ୍ଷ୍ୟ ହାସଲ କରନ୍ତୁ। କର୍ଣ୍ଣାଟକରେ ଦେଖାଦେଇଥିବା ହିଜାବ ବିବାଦ ଉପରେ ନିକଟରେ କର୍ଣ୍ଣାଟକ ହାଇକୋର୍ଟର ୩ ଜଣିଆ ଖଣ୍ଡପୀଠ ଶ୍ରେଣୀଗୃହରେ ହିଜାବ ଜରୁରୀ ଧର୍ମୀୟ ପ୍ରଥା ନୁହେଁ କହିବା ସହ ଶିକ୍ଷାନୁଷ୍ଠାନରେ ସମସ୍ତେ ୟୁନିଫର୍ମ ପିନ୍ଧିବା ଉଚିତ ବୋଲି ରାୟ ଦେଇଥିଲେ। ଏ ନେଇ ହର୍‌ନାଜଙ୍କ ପ୍ରତିକ୍ରିୟାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ବ୍ରହ୍ମାଣ୍ଡ ସୁନ୍ଦରୀ ମୁକୁଟ ହାସଲ କରି ଘରକୁ ଫେରିବାପରେ ମାର୍ଚ୍ଚ ୧୭ରେ ତାଙ୍କୁ ସ୍ୱାଗତ ଉପଲକ୍ଷେ ହୋଇଥିବା ଏକ କାର୍ଯ୍ୟକ୍ରମରେ ହର୍‌ନାଜ ଏହା କହିଥିଲେ।

### ହିଜାବ ପ୍ରସଙ୍ଗରେ ହରନାଜ୍

## ଭାରତ ପ୍ରସ୍ତୁତ ସାମଗ୍ରୀ ଚାହିଦା ବିଶ୍ୱରେ ବଢ଼ିଛି

ନୂଆଦିଲ୍ଲୀ, ୨୭।୩(ପି.ଟି.)

ଭାରତରେ ଉତ୍ପାଦିତ ସାମଗ୍ରୀଗୁଡ଼ିକର ଚାହିଦା ବିଶ୍ୱବ୍ୟାପୀ ବୃଦ୍ଧି ପାଇଛି। ଚଳିତ ଆର୍ଥିକ ବର୍ଷରେ ଭାରତ ଏହାର ରପ୍ତାନି ଲକ୍ଷ୍ୟ ୪୦୦ ବିଲିୟନ ଡଲାର (ପ୍ରାୟ ୩୦ ଲକ୍ଷ କୋଟି ଟଙ୍କା) ହାସଲ କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ କହିଛନ୍ତି। ପ୍ରତ୍ୟେକ ଭାରତୀୟ ସ୍ଥାନୀୟ ସାମଗ୍ରୀଗୁଡ଼ିକର ପ୍ରଚାର ପ୍ରସାର କଲେ, ଏହାର ବିଶ୍ୱସ୍ତରରେ ପହଞ୍ଚିବାକୁ ବେଶି ସମୟ ଲାଗିବ ନାହିଁ। ଗତ ଏକ ବର୍ଷ ମଧ୍ୟରେ ସରକାର ୧ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଇ-ମାର୍କେଟ ଜରିଆରେ କିଣିଛନ୍ତି। ଅର୍ଥାତ୍ ପ୍ରାୟ ୧.୨୫ ଲକ୍ଷ କ୍ଷୁଦ୍ର ଉଦ୍ୟୋଗୀ ଓ ବ୍ୟବସାୟୀ ସିଧାସଳଖ ସେମାନଙ୍କ ସାମଗ୍ରୀ ସରକାରଙ୍କୁ ବିକ୍ରି କରିବାର ସୁଯୋଗ ପାଇଛନ୍ତି। ଭାରତୀୟ ଉତ୍ପାଦର ସାମର୍ଥ୍ୟ ଦେଶର କୃଷକ,



କାରିଗର, ବୁଣାକାର, ଇଞ୍ଜିନିୟର, କ୍ଷୁଦ୍ର ଉଦ୍ୟୋଗୀ, ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ତଥା ବିଭିନ୍ନ ପେସାର ଲୋକମାନଙ୍କ ଶକ୍ତି ଉପରେ ଆଧାରିତ। ସେମାନଙ୍କ କଠିନ ପରିଶ୍ରମ ଯୋଗୁ ଦେଶ ଆଜି ୪୦୦ ବିଲିୟନ ଡଲାର ରପ୍ତାନି ଲକ୍ଷ୍ୟ ହାସଲ କରିପାରିଛି। ମୋଦି ନିକଟରେ ପଦ୍ମ ପୁରସ୍କାର ଗ୍ରହଣ କରିଥିବା ୧୨୬ ବର୍ଷୀୟ ସ୍ୱାମୀ ଶିବାନନ୍ଦଙ୍କ କଥା ଉଲ୍ଲେଖ କରିଥିଲେ। ସାରା ଦେଶ ତାଙ୍କ କାର୍ଯ୍ୟ ଓ ଜୀବନୀ ଦ୍ୱାରା ଅନୁପ୍ରାଣିତ ହୋଇପାରିଛି, ଯାହା ସ୍ୱାସ୍ଥ୍ୟ ଓ ଫିଟ୍‌ନେସ ପାଇଁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା। ଏହି ଅବସରରେ ପ୍ରଧାନମନ୍ତ୍ରୀ ପୁରୀ ଜିଲାର ସ୍ୱେଚ୍ଛାସେବୀ ରାହୁଲ ମହାରଣାଙ୍କ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଛନ୍ତି। ପରିବେଶକୁ ପରିଷ୍କାର ରଖିବା ଲାଗି ରାହୁଲ ପ୍ରତି ରବିବାର ସକାଳୁ ପୁରୀ ଯାଇ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଓ ଆବର୍ଜନା ଉଠାଇଥାନ୍ତି। ସେହିପରି ମହାରାଷ୍ଟ୍ର ନାଶିକ୍‌ର ଚନ୍ଦ୍ରକିଶୋର ପାଟିଲ ଗୋଦାବରୀ କୂଳରେ ଛିଡ଼ାହୋଇ ନଦୀରେ ବର୍ଜ୍ୟବସ୍ତୁ ନ ପକାଇବାକୁ ଲୋକମାନଙ୍କୁ ପ୍ରବର୍ତ୍ତାଇଥାନ୍ତି। ରାହୁଲ ହୁଅନ୍ତୁ କି ଚନ୍ଦ୍ରକିଶୋର, ସେମାନେ ନିଜ ନିଜର କାର୍ଯ୍ୟ ଜରିଆରେ ଆମକୁ ଅନେକ ଶିକ୍ଷା ଦେଇଛନ୍ତି। ନାଗରିକ ଭାବେ ଆମେ ଆମର କର୍ତ୍ତବ୍ୟ ପାଳନ କରିବା ଉଚିତ ବୋଲି ମୋଦି କହିଛନ୍ତି।

### ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍

### ପୁରୀର ରାହୁଲ ମହାରଣାଙ୍କ କାର୍ଯ୍ୟକୁ ପ୍ରଶଂସା

## ମଣ୍ଡେଲାଙ୍କ ଆରେଷ୍ଟ ୱାରେଣ୍ଟ ୧.୩୦ ଲକ୍ଷ ଡଲାରରେ ବିକ୍ରି

କେପ୍ ଟାଉନ, ୨୭।୩



ବର୍ଣ୍ଣଭେଦ ବିରୋଧୀ କ୍ରାନ୍ତିକାରୀ ନେତା ତଥା ଦକ୍ଷିଣ ଆଫ୍ରିକାର ପ୍ରଥମ ରାଷ୍ଟ୍ରପତି ନେଲସନ୍ ମଣ୍ଡେଲାଙ୍କ ଅରିଜିନାଲ ଆରେଷ୍ଟ ୱାରେଣ୍ଟର ନନ୍ ଫଞ୍ଜିବଲ ଟୋକନ (ଏନ୍‌ଏଫ୍‌ଟି) ୧,୩୦,୦୦୦ ଡଲାର (ପ୍ରାୟ କୋଟିଏ ଟଙ୍କା)ରେ ନିଲାମ ହୋଇଛି। ଗଣତନ୍ତ୍ର ପାଇଁ ଦକ୍ଷିଣ ଆଫ୍ରିକାର ସଂଘର୍ଷକୁ ଦର୍ଶାଉଥିବା ଏକ ଐତିହ୍ୟସ୍ଥଳୀ 'ଲିଲିସ୍ ଲିଫ୍ ମ୍ୟୁଜିୟମ' ନିମନ୍ତେ ଏହି ଅର୍ଥ ବିନିଯୋଗ କରାଯିବ। ଦକ୍ଷିଣ ଆଫ୍ରିକାରେ ସଂଖ୍ୟାଲଘୁ ଶ୍ୱେତାଙ୍ଗ ସରକାରକୁ ଭାଙ୍ଗିବା ପାଇଁ ଷଡ଼ଯନ୍ତ୍ର କରିଥିବା ଅଭିଯୋଗରେ ନୋବେଲ ଶାନ୍ତି ପୁରସ୍କାର ବିଜେତା ମଣ୍ଡେଲାଙ୍କୁ ୧୯୬୨ରେ ଗିରଫ କରାଯାଇଥିଲା। ୨୭ ବର୍ଷ ଜେଲରେ ରହିବା ପରେ ସେ ଦକ୍ଷିଣ ଆଫ୍ରିକାର ପ୍ରଥମ ଅଣଶ୍ୱେତାଙ୍ଗ ରାଷ୍ଟ୍ରପତି ହୋଇଥିଲେ। ଉକ୍ତ ମ୍ୟୁଜିୟମ ୨୦୦୪ରେ ଦକ୍ଷିଣ ଆଫ୍ରିକାର ଗଣତନ୍ତ୍ର ଲାଭ ସମ୍ପର୍କିତ ଅସଲି ଦସ୍ତାବିଜ୍ ହାସଲ କରିଥିଲା। ସୂଚନାଯୋଗ୍ୟ, ଏନ୍‌ଏଫ୍‌ଟି ହେଉଛି ଏକ ପ୍ରକାର ଡିଜିଟାଲ ଆସେଟ୍ ବା ଡାଟା। ଏହାକୁ ବ୍ଲକଚେନ୍‌ରେ ରେକର୍ଡ କରାଯାଏ। ଜଣେ ବ୍ୟକ୍ତି ଫଟୋ, ଭିଡିଓ, ଫିଲ୍ମ, ଟୁଇଟ୍, ଗେମ୍, ପେଣ୍ଟିଂ ଆଦିଅନେକ ଜିନିଷକୁ ଏନ୍‌ଏଫ୍‌ଟିରେ ପରିବର୍ତ୍ତନ କରିବା ସହ ସେଗୁଡ଼ିକୁ ବିକ୍ରି କରିପାରିବେ।

# ପେଟ୍ରୋଲ ପମ୍ପରେ ତେଲପକାକୁ ନେଇ ଗୁଳିମାଡ଼

- ଗୋଡ଼ରେ ଗୁଳି ବାଜି ଜଣେ ଆହତ
- ୨ ଖୋକା ଜବତ, ଦୁର୍ବୃତ୍ତ ଫେରାର

ଭୁବନେଶ୍ୱର,୨୭।୩ (ବ୍ୟୁରୋ)

ରାଜଧାନୀ ଏବେ ଅପରାଧୀଙ୍କ ସହର ପାଲଟିଲାଣି। କଥା କଥାକେ ଦୁର୍ବୃତ୍ତମାନେ ଗୁଳି ଫୁଟାଉଛନ୍ତି। ପତିଆରା ଜାହିର କରିବାକୁ ଅପରାଧୀମାନେ ଆତଙ୍କରାଜ ସୃଷ୍ଟି କରୁଛନ୍ତି। କମିଶନରେଟ ପୋଲିସକୁ ବି ଖାତିର କରୁନାହାନ୍ତି। ଗାଡ଼ି ମରାମତିକୁ ନେଇ ସପ୍ତାହକ ତଳେ ତମାଣ୍ଡୋ ଥାନା ଅଞ୍ଚଳରେ ଗୁଳି ଫୁଟିଥିବାବେଳେ ରବିବାର ରାତିରେ ସହର ଭିତରେ ବନ୍ଧୁକ ଗର୍ଜିଛି। ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡ଼ା ଗୋଲେଇ ଛକ ନିକଟ ଇଣ୍ଡିଆନ୍ ଅଏଲ ପେଟ୍ରୋଲ ପମ୍ପରେ ତେଲ ପକାଇବାକୁ କେନ୍ଦ୍ର କରି ଗୋଟିଏ ଗୋଷ୍ଠୀର ୧୦ରୁ ଊର୍ଦ୍ଧ୍ୱ ଯୁବକ କର୍ମଚାରୀଙ୍କୁ ମାଡ଼ ମାରିବା ସହ ଗୁଳିମାଡ଼ କରିଛନ୍ତି। ଏଥିରେ ପେଟ୍ରୋଲ କର୍ମଚାରୀଙ୍କର ଜଣେ ସମ୍ପର୍କୀୟଙ୍କ ଗୋଡ଼ରେ ଗୁଳି ବାଜିଛି। ସେ ହେଲେ ବିଶ୍ୱଜିତ୍ ବେହେରା। ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅପରପକ୍ଷରେ ସିପୁନ୍ ଖୁଣ୍ଟିଆ ନାମକ ପେଟ୍ରୋଲ କର୍ମଚାରୀ ଦୁର୍ବୃତ୍ତଙ୍କ ମାଡ଼ରେ ଆହତ ହୋଇଛନ୍ତି। ତେବେ ଏପରି ଆତଙ୍କ ସୃଷ୍ଟି କରିବା ପରେ ଦୁର୍ବୃତ୍ତମାନେ ଫେରାର ହୋଇଯାଇଛନ୍ତି। ପୋଲିସ ପହଞ୍ଚି ଘଟଣାସ୍ଥଳରୁ ୨ଟି ଖୋକା ଜବତ କରିବା ସହ ପେଟ୍ରୋଲ ପମ୍ପ କର୍ମଚାରୀ ଓ ଉପସ୍ଥିତ ଅନ୍ୟମାନଙ୍କୁ ପଚରାଉଚରା କରିଛି। ଏଥିସହ ସେଠାରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ ମଧ୍ୟ ଦୁର୍ବୃତ୍ତମାନେ କିଏ ତାହା ଜଣାପଡ଼ିନାହିଁ। ତେବେ ଅଭିଯୁକ୍ତମାନେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଗୋଷ୍ଠୀର ବୋଲି କୁହାଯାଉଛି। ଏନେଇ ଲକ୍ଷ୍ମୀସାଗର ଥାନା ପୋଲିସ ଆର୍ମ୍ସ ଆକ୍ଟ ସହ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ଖୋଳତାଡ଼ ଚଳାଇଛି। ପୋଲିସ ଘଟଣାସ୍ଥଳ ଓ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ ଆରମ୍ଭ କରିଛି।




ଘଟଣାସ୍ଥଳରେ ପୋଲିସ ଯାଞ୍ଚ କରୁଛି (ବାମ)। ରାସ୍ତା ଉପରେ ପଡ଼ିଥିବା ଖୋକା (ବୃତ୍ତ ଚିହ୍ନିତ)।

ସୂଚନା ଅନୁଯାୟୀ, ସୋମବାର ଓ ମଙ୍ଗଳବାର ୨ ଦିନ ପାଇଁ ଭାରତ ବନ୍ଦ ହେବାର ଥିବାରୁ ସମସ୍ତ ପେଟ୍ରୋଲ ଟାଙ୍କି ବନ୍ଦ ରହିବାର ସମ୍ଭାବନା ରହିଛି। ତେଣୁ ରବିବାର ରାତିରେ ସହରର ପେଟ୍ରୋଲ ପମ୍ପରେ ତେଲ ପକାଇବାକୁ ଭିଡ଼ ରହିଥିଲା। ରାତି ପ୍ରାୟ ୧୦ ଟା ୩୦ରେ ଝାରପଡ଼ା ଇଣ୍ଡିଆନ୍ ଅଏଲ୍ ପେଟ୍ରୋଲ ପମ୍ପରେ ତେଲ ପକାଇବାକୁ ବିଭିନ୍ନ ଗାଡ଼ି ଧାଡ଼ିରେ ରହିଥିଲା। ଏହି ସମୟରେ ଗୋଟିଏ କାରରେ ଥିବା ଦୁଇଜଣ ଯୁବକ ତେଲ ପକାଇବାକୁ ଲାଇନ୍‌ରେ ଥିଲେ। ସେପଟେ ଆଉଏକ କାର ଧାଡି ଭାଙ୍ଗି ମଝିରେ ପଶି ଆସି ତେଲ ପକାଇଥିଲା। ଏହାକୁ ନେଇ ଧାଡି ଭାଙ୍ଗିଥିବା ଗ୍ରାହକ ଓ ସମ୍ପୃକ୍ତ ଦୁଇ ଯୁବକଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏହାପରେ ଉକ୍ତ ଯୁବକଦ୍ୱୟ ତେଲ ପକାଉଥିବା କର୍ମଚାରୀ ସିପୁନ ଖୁଣ୍ଟିଆଙ୍କୁ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। କିଛି ସମୟ ପରେ ସେମାନେ ତେଲ ପକାଇ ପେଟ୍ରୋଲ ପମ୍ପ ନିକଟରେ ଗାଡ଼ି ପାର୍କ କରି ସହଯୋଗୀଙ୍କୁ ଡାକିଥିଲେ। ୧୦ ମିନିଟ୍ ମଧ୍ୟରେ ୧୦ରୁ ଅଧିକ ଯୁବକ ୩ରୁ ଅଧିକ ବାଇକରେ ଆସି ରାସ୍ତାର ଅପରପାର୍ଶ୍ୱରେ ଛିଡ଼ା ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨ଜଣ ଆସି ପୂର୍ବରୁ ଅପେକ୍ଷା କରିଥିବା ୨ ଯୁବକଙ୍କ ସହ ମିଶି ପେଟ୍ରୋଲ କର୍ମଚାରୀ ସିପୁନ୍ ଖୁଣ୍ଟିଆକୁ ରାସ୍ତା ମଝିକୁ ଟେକି ନେଇ ମାଡ଼ ମାରିଥିଲେ। ଏହାଦେଖି ଅନ୍ୟ କର୍ମଚାରୀମାନେ ସେଠାକୁ ଦୌଡ଼ି ଯାଇ ସିପୁନଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ସେହି ସମୟରେ ଆକ୍ରମଣକାରୀଙ୍କ ମଧ୍ୟରୁ ଜଣେ ପିସ୍ତଲ ବାହାର କରି ୨ ରାଉଣ୍ଡ୍ ଗୁଳି ଫୁଟାଇଥିଲେ। ଗୋଟିଏ ରାଉଣ୍ଡ୍ ଲକ୍ଷ୍ୟଚ୍ୟୁତ ହୋଇଥିବାବେଳେ ଅନ୍ୟ ଗୁଳିଟି ନିକଟରେ ଥିବା ବିଶ୍ୱଜିତଙ୍କ ଗୋଡରେ ବାଜିଥିଲା। ଆଖପାଖରେ ଥିବା ଲୋକେ ଘେରିଯିବାରୁ ଦୁର୍ବୃତ୍ତମାନେ ଗାଡ଼ିରେ ଫେରାର ହୋଇଯାଇଥିଲେ। ଘଟଣା ପରେ ଲକ୍ଷ୍ମୀସାଗର ଥାନା ଅଧିକାରୀ ଓମ୍ ପ୍ରକାଶ ମହାନ୍ତି, ବଡ଼ଗଡ଼ ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ ଓ ଜୋନ୍-୪ ଏସିପି ପରେଶ କୁମାର ରାଉତ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଥିଲେ।

## ଗୋଷ୍ଠୀ ସଂଘର୍ଷରୁ ଯୁବକଙ୍କୁ ଛୁରାମାଡ଼

ଭୁବନେଶ୍ୱର,୨୭।୩ (ବ୍ୟୁରୋ)

ଶହୀଦନଗର ଥାନା ଅଧୀନ ବାୟାବାବା ବସ୍ତି ପେଟ୍ରୋଲ ପମ୍ପ ନିକଟରେ ରବିବାର ରାତିରେ ଗୋଷ୍ଠୀ ସଂଘର୍ଷରୁ ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଛି। ଯୁବକଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆହତ ଯୁବକଙ୍କ ପରିଚୟ ମିଳି ନ ଥିବା ବେଳେ ସେ ୩ ନମ୍ବର ଅଞ୍ଚଳର ବାସିନ୍ଦା ବୋଲି ସୂଚନା ମିଳିଛି। ଆକ୍ରମଣ କରିଥିବା ଯୁବକମାନେ ବାୟାବାବା ବସ୍ତିର ପିଲାମାନେ ବୋଲି ପୋଲିସ କହିଛି। ପେଟ୍ରୋଲ ପକାଇବାକୁ କେନ୍ଦ୍ର କରି ଏହି ଗୋଷ୍ଠୀ ସଂଘର୍ଷ ଘଟିଥିବା ସୂଚନା ମିଳିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ପୋଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

## ସଂକ୍ଷେପରେ

### 'ବାର୍ତ୍ତାବିହୀନ ଲେଖା କେବେ ସାହିତ୍ୟ ପଦବାଚ୍ୟ ହୋଇପାରେ ନାହିଁ'

ଭୁବନେଶ୍ୱର ସାହିତ୍ୟ ପର୍ବ ଉଦ୍‌ଯାପିତ

**ଭୁବନେଶ୍ୱର,୨୭।୩(ବ୍ୟୁରୋ):** ବିନା ସାହିତ୍ୟରେ ଜୀବନଟି ଏକ ଦୀଶାହୀନ ଶୁଷ୍କ ଜୀବନ ଭଳି ଲାଗୁଥିବାରୁ ସ୍ରଷ୍ଟା କାଗଜ କଲମରେ କିଛି କିଛି କସରତ କରିଚାଲନ୍ତି, ଯାହାକୁ ପରବର୍ତ୍ତୀ ଅବସ୍ଥାରେ ସାହିତ୍ୟ କୁହଯାଏ। ଆଉ ସାହିତ୍ୟ ସ୍ରଷ୍ଟାଙ୍କୁ ସମାଜରେ ସ୍ୱତନ୍ତ୍ର ମାନ୍ୟତା ମିଳେ। ପ୍ରତ୍ୟେକ ସାହିତ୍ୟର ଗୋଟିଏ ନିର୍ଦ୍ଦିଷ୍ଟ ବାର୍ତ୍ତା ଥାଏ। ବାର୍ତ୍ତାବିହୀନ ଲେଖା କେବେ ସାହିତ୍ୟ ପଦବାଚ୍ୟ ହୋଇପାରେ ନାହିଁ ବୋଲି ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ସୂଚନା ଭବନରେ ଚାଲିଥିବା ଦୁଇଦିନିଆ 'ଭୁବନେଶ୍ୱର ସାହିତ୍ୟ ପର୍ବ'ର ରବିବାର ଉଦଯାପନ ଅବସରରେ ଅତିଥିମାନେ ଏହା କହିଛନ୍ତି। ପ୍ରଥମ ମୁକ୍ତ ଅଧିବେଶନରେ ସମ୍ବାଦର ସମ୍ପାଦକ ତଥା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ସ୍ତମ୍ଭକାର ତଥା ଆଲୋଚକ ପ୍ରଫେସର ନିରଞ୍ଜନ ପାଢ଼ୀ ଯୋଗଦେଇ ସାହିତ୍ୟିକ, ସାହିତ୍ୟ ଓ ସାହିତ୍ୟ ସଂଗଠନଗୁଡ଼ିକ ଉପରେ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ଉପସଭାପତି କବି ରକ୍ଷକ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଆଭାସ ବରାଳଙ୍କ ଗପବହି 'ଇଣ୍ଟରଭ୍ୟୁ', ସୁନନ୍ଦା ତ୍ରିପାଠୀଙ୍କ କବିତା ବହି 'କବିତା କାରୁରୂପା' ଓ ସୂର୍ଯ୍ୟ ମିଶ୍ରଙ୍କ କବିତା ବହି 'ଅନ୍ୟମନସ୍କ' ଉନ୍ମୋଚିତ ହୋଇଥିଲା। ଉତ୍ସବର ନିର୍ଦ୍ଦେଶକ ଡ. ଅଶୋକ କୁମାର ସିଂହ ଧନ୍ୟବାଦ ଦେଇଥିଲେ । ପରବର୍ତ୍ତୀ କାର୍ଯ୍ୟକ୍ରମରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶିକା ଲିପିକା ସିଂହ ଦାରାଇଙ୍କ ସହ ସିନେ ସମୀକ୍ଷକ ଓ ଗବେଷକ ସୂର୍ଯ୍ୟ ଦେଓଙ୍କ ସାକ୍ଷାତକାର ଅନୁଷ୍ଠିତ ହୋଇଥିଲା। ପରେ ଓଡ଼ିଆ ଅନୁବାଦ ସାହିତ୍ୟ ସଂପର୍କିତ ଆଲୋଚନାଚକ୍ରରେ ପ୍ରଫେସର ଡ. ମେରୀ ମହାନ୍ତି, ଡ. ବେଦୁଲା ରାମଲକ୍ଷ୍ମୀ ଓ ଡ. ପ୍ରଦୀପ କୁମାର ରାୟ ଅଂଶଗ୍ରହଣ କରିଥିଲେ। ଅନୁବାଦିକା ରନ୍ଧମାଳା ସ୍ୱାଇଁ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ଅପରାହ୍ନରେ କବିତା ପାଠୋତ୍ସବ ହୋଇଥିଲା। ଅନୁଷ୍ଠାନର ଉପସଭାପତି ମିନତି ଦାଶ ଓ ଅଧାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ୩୧ରେ ତୈଳଦର ବୃଦ୍ଧିର ପ୍ରତିବାଦ: କଂଗ୍ରେସ

**ଭୁବନେଶ୍ୱର,୨୭।୩ (ବ୍ୟୁରୋ):** ତେଲ ଦରବୃଦ୍ଧି ନେଇ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କୁ ବିଭିନ୍ନ ମହଲରୁ ବିରୋଧ ଜାରି ରହିଥିବା ବେଳେ ପିସିସି ସଭାପତି ନିରଞ୍ଜନ ଟୁଇଟର ମାଧମରେ ବର୍ଦ୍ଧିତ ଦରକୁ ଦର୍ଶାଇଛନ୍ତି। ଭୁବନଶ୍ୱରରେ ଗତ ୧୦ ଦିନରେ ବଢ଼ିଥିବା ପେଟ୍ରୋଲ ଦରର ସୂଚିକୁ ସେୟାର କରିଛନ୍ତି। ଭୁବନେଶ୍ୱରରେ ତୈଳ ଦର ୧୦୨ଟଙ୍କା ୧୦ପଇସାରୁ ବଢ଼ି ୧୦୫ଟଙ୍କା ୨୨ପଇସାରେ ପହଞ୍ଚିଛି। ଅନ୍ୟପକ୍ଷରେ ଆସନ୍ତା ୩୧ ତାରିଖରେ ଏଆଇସିସି ପକ୍ଷରୁ ସର୍ବଭାରତୀୟ ସ୍ତରରେ ତୈଳ ଦର ବୃଦ୍ଧି ପ୍ରତିବାଦ କରି ବିଭିନ୍ନ ଛକଗୁଡିକରେ ଘଣ୍ଟ ଓ ଡୋଲ ବଜାଇ ପ୍ରତିବାଦ କରିବାକୁ ଘୋଷଣା କରିଛି। ଏଥିରେ ପିସିସି ମଧ ସାମିଲ ହେବ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପେଟ୍ରୋଲ ଓ ଡିଜେଲ ଉପରେ ନିଆଯାଉଥିବା ଏକ୍ସାଇଜ୍ ଡ୍ୟୁଟି ଓ ଭାଟରେ କମାଇବା ପାଇଁ ନେଇ ଏହି ପ୍ରତିବାଦର ପ୍ରମୁଖ ଦାବି ରହିବ।

### ବନ୍ଦ ପାଳନରେ ସାମିଲ ହେବେ ୧୦ ଶ୍ରମିକ ସଙ୍ଗଠନ, ବିଭିନ୍ନ ରାଜନୈତିକ ଦଳ

**ଭୁବନେଶ୍ୱର,୨୭।୩(ବ୍ୟୁରୋ):** ୧୨ ଦଫା ଦାବି ନେଇ ଶ୍ରମିକ ସଙ୍ଗଠନ ଓ କର୍ମଚାରୀ ସଙ୍ଗଠନ ପକ୍ଷରୁ ମିଳିତ ଭାବେ ସୋମବାର ଓ ମଙ୍ଗଳବାର ସର୍ବଭାରତୀୟ ବନ୍ଦ ଡାକରା ଦିଆଯାଇଛି। ରାଜ୍ୟରେ ଏହି ବନ୍ଦ ପାଳନ ପାଇଁ ବିଭିନ୍ନ ରାଜନୈତିକ ଦଳ, ମହିଳା ଓ ଛାତ୍ର ସଙ୍ଗଠନ ସମର୍ଥନ ପ୍ରଦାନ କରି ଏହି ଧର୍ମଘଟରେ ସାମିଲ ହେବେ। ସକାଳ ୬ଟାରୁ ଏହି ଧର୍ମଘଟ ଆରମ୍ଭ ହୋଇ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଚାଲିବ। ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଟିୟୁସିସି, ଏଲ୍‌ପିଏଫ୍, ସେବା, ବିଏମ୍‌ଏସ୍ ଓ ୧୦ଟି ଶ୍ରମିକ ସଙ୍ଗଠନ ମିଳିତ ଭାବେ ଏହି ବନ୍ଦ ଡାକରା ଦେଇଥିବାବେଳେ ଏହାକୁ ସମର୍ଥନ ଜଣାଇଛନ୍ତି ସମାଜବାଦୀ ପାର୍ଟି, ବିଭିନ୍ନ ବାମଦଳ ସିପିଆଇ(ଏମ୍), ସିପିଆଇ ଏମ୍‌ଏଲ୍, ସିପିଆଇ ଏମ୍‌ଏଲ ରେଡ୍‌ଷ୍ଟାର, ଫରୱାର୍ଡ ବ୍ଲକ୍, ଓଡ଼ିଶା କୃଷକ ସଭା, ଓଡ଼ିଶା କ୍ଷେତ ମଜଦୁର ୟୁନିୟନ, ଗଣତାନ୍ତ୍ରିକ ମହିଳା ସମିତି, ଷ୍ଟୁଡେଣ୍ଟ ଫେଡେରେଶନ ଅଫ୍ ଇଣ୍ଡିଆ(ଏସ୍‌ଏଫ୍‌ଆଇ), ଡେମୋକ୍ରେଟି ୟୁଥ୍ ଫେଡେରେଶନ ଅଫ୍ ଇଣ୍ଡିଆ(ଡିୱାଇଏଫ୍‌ଆଇ) ତଥା ବ୍ୟାଙ୍କ ଓ ଏଲ୍‌ଆଇସି କର୍ମଚାରୀ ସଂଘ ବନ୍ଦ ପାଳନରେ ସାମିଲ ହେବେ।

## ଓଡ଼ିଆ କାବ୍ୟ ସାହିତ୍ୟକୁ ଜୟଦେବଙ୍କ ଅବଦାନ ଅତୁଳନୀୟ




ବାଲିଅନ୍ତା,୨୭।୩ (ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକ କେନ୍ଦୁଲିସ୍ଥିତ ଜୟଦେବ ପୀଠ ସଂଗ୍ରହାଳୟ ସମ୍ମିଳନୀ କକ୍ଷରେ ରବିବାର ସାହିତ୍ୟ ପତ୍ରିକା ସୃଜନର ପାହାଚ ପକ୍ଷରୁ ରାଜ୍ୟସ୍ତରୀୟ ସାହିତ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ କବି ଅମରେଶ ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହ ଜୟଦେବ ପୀଠକୁ ସର୍ବଜନ ବିଦିତ କରିବା ପାଇଁ ଆହୁରି ପଦକ୍ଷେପ ନେବା ଉପରେ ମତ ରଖିଥିଲେ। ମୁଖ୍ୟ ଅତିଥିଭାବେ ସରୋଜ ରଞ୍ଜନ ମହାନ୍ତି ଯୋଗଦେଇ ଓଡ଼ିଆ କବିତା ରଚନାରେ ଭାଷାର ଠିକ୍ ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ବକ୍ତାଭାବେ କବି ଅପର୍ଣ୍ଣା ମହାନ୍ତି ଯୋଗଦେଇ ଓଡ଼ିଆ କାବ୍ୟ ସାହିତ୍ୟରେ ଜୟଦେବଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ। କବି ଯୋଗେନ୍ଦ୍ର ନାୟକ, ଚିନ୍ତାମଣି ମହାଳିକ, ଶୋଭନା ଜେନା, ତନ୍ମୟ ହୋତା, ଶାନ୍ତି ମହାନ୍ତି, ହିମାଂଶୁ ପରିଡ଼ାଙ୍କ ସଂଯୋଜନାରେ ରାଜ୍ୟର ବିଭିନ୍ନ ଅଞ୍ଚଳର କବି ଓ ଲେଖକମାନେ ଯୋଗଦେଇ କବିତା ପାଠ ଏବଂ ସଙ୍ଗୀତ ପରିବେଷଣ କରିଥିଲେ। କବି କମଳ ମହାନ୍ତି ବିବରଣୀ ପାଠ ସହ ଜୟଦେବଙ୍କୁ ସଙ୍ଗୀତ ମାଧ୍ୟମରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କବି ସତ୍ୟବାଦୀ ରାଉତ, ଶ୍ରୀଦେବ, ପ୍ରସନ୍ନ ସ୍ୱାଇଁ, କଥାକାର ଆର୍ଯ୍ୟ ଯଜ୍ଞଦତ୍ତ, ସୁନୀଲ ମିଶ୍ର, ଗିରିଜା ପ୍ରସାଦ ଦାସ, ଦିପୁନ ପୁହାଣ, ଗାଲ୍ପିକ ବିପ୍ଲବଙ୍କ ସମେତ ୧୬ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଔପନ୍ୟାସିକ ଭାସ୍କର ଜେନା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସୁବ୍ରତ ଦାସ, ଗିରିଜା ପ୍ରସାଦ ମିଶ୍ର, ଯୋଗେନ୍ଦ୍ର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶାନ୍ତିନିକେତନ ଭାରତୀୟ ସାହିତ୍ୟ, କଳାଶିକ୍ଷାର ଦିଗ୍‌ଦର୍ଶକ

ଭୁବନେଶ୍ୱର,୨୭।୩ (ବ୍ୟୁରୋ)



ବିଶ୍ୱଭାରତୀ ପ୍ରାକ୍ତନୀ ଓଡ଼ିଶାର ୫ମ ବାର୍ଷିକ ଉତ୍ସବ ବୁଦ୍ଧମନ୍ଦିରଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପଦ୍ମଶ୍ରୀ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ଚିତ୍ରଶିଳ୍ପୀ ଶ୍ୟାମସୁନ୍ଦର ପଟ୍ଟନାୟକ ଅତୀତର ପ୍ରଜ୍ଞା ଓ ବର୍ତ୍ତମାନର ଯୌବନଦୀପ୍ତ ଶକ୍ତିକୁ ପାଥେୟ କରି ଉଜ୍ଜଳ ଭବିଷ୍ୟତ ନିର୍ମାଣ କରିବା ବିଶ୍ୱଭାରତୀ ପ୍ରାକ୍ତନୀର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଅନୁଷ୍ଠାନର ଉପଦେଷ୍ଟା ତଥା ଶାସ୍ତ୍ରୀୟ ଭାଷା ଉତ୍କର୍ଷ କେନ୍ଦ୍ର ଭୁବନେଶ୍ୱରର ମୁଖ୍ୟ ପ୍ରଫେସର ବସନ୍ତ କୁମାର ପଣ୍ଡା କହିଲେ, ଶାନ୍ତିନିକେତନ ଭାରତୀୟ ସଂସ୍କୃତି, ସାହିତ୍ୟ ଓ କଳାଶିକ୍ଷାର ଦିଗଦର୍ଶକ ହୋଇ ରହିବ। ଅନୁଷ୍ଠାନର ସମ୍ପାଦିକା ମମତା ଷଡ଼ଙ୍ଗୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉପସଭାପତି ତଥା କବି ଡକ୍ଟର ସୁରେନ୍ଦ୍ର କୁମାର ପାଣିଗ୍ରାହୀ ସମସ୍ତଙ୍କ ସହଯୋଗରେ ଏହି ଅନୁଷ୍ଠାନଟି ଓଡ଼ିଶାରେ ଶାନ୍ତିନିକେତନର ମହତ୍ତ୍ୱ ପ୍ରତିପାଦନ କରିଛି ବୋଲି କହିଥିଲେ। ଏହି ଅବସରରେ ପ୍ରାକ୍ତନୀ ପରିବାରର ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ସମ୍ବର୍ଦ୍ଧନା ପର୍ବରେ ବିଶିଷ୍ଟ ଶିକ୍ଷାବିତ୍, କବି ଓ ସାହିତ୍ୟ ସମାଲୋଚକ ପ୍ରଫେସର ଅଭିନ୍ନ ଚନ୍ଦ୍ର ସାହୁଙ୍କୁ ' ଗୁରୁଗୌରବ ସମ୍ମାନ-୨୦୨୧, ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଭାପତି ତଥା ବରିଷ୍ଠ କବି ଓ ସମାଲୋଚକ ଡ. ହୃଷୀକେଶ ମଲ୍ଲିକଙ୍କୁ 'ସୃଜନୀ ସମ୍ମାନ', ବିଶିଷ୍ଟ ମୂର୍ତ୍ତିକଳା ସ୍ଥପତି ତଥା ଲଳିତକଳା ଏକାଡ଼େମୀର ପୂର୍ବତନ ସଚିବ ରବିନାରାୟଣ ରଥ, ବିଶିଷ୍ଟ ଚିତ୍ରଶିଳ୍ପୀ ଲଲାଟ ମୋହନ ପଟ୍ଟନାୟକ, ଡ. ଅଲେଖ ଚରଣ ସାହୁ ଓ ସତ୍ୟବ୍ରତ ଦାସଙ୍କୁ 'ପ୍ରାକ୍ତନୀ କଳା ସମ୍ମାନ' ଓ ବିଶିଷ୍ଟ ନାଟ୍ୟକାର ତଥା ସ୍ତମ୍ଭକାର ଡକ୍ଟର ସଂଜୟ ହାତୀଙ୍କୁ 'ପ୍ରାକ୍ତନୀ ନାଟକ ସମ୍ମାନ' ଏବଂ ତରୁଣ କୁମାର ସାହୁଙ୍କୁ 'ପ୍ରଫେସର ମାନସ ରଞ୍ଜନ ତ୍ରିପାଠୀ ସ୍ମୃତି ସମ୍ମାନ' ଦିଆଯାଇଥିଲା। ଏଥିସହ ଡ. ପ୍ରଫୁଲ୍ଲ କୁମାର ପାଣିଙ୍କ କବିତା ସଂକଳନ 'ଲୋଡ଼ିବାର ବେଳ' ଲୋକର୍ପିତ ହୋଇଥିଲା। ଶାନ୍ତିନିକେତନର ପୂର୍ବତନ ଛାତ୍ରୀଛାତ୍ରଙ୍କୁ 'ପ୍ରାକ୍ତନୀ ଛାତ୍ରଗୌରବ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଡକ୍ଟର ଦେବାନନ୍ଦ ଦାସ, ରଶ୍ମୀରେଖା ପାହାଡ଼ି ଓ ଡ. ନିହାର ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟା ଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ
## ଗୋବିନ୍ଦ ମହାନ୍ତ ସଙ୍ଗଠନ ମନ୍ତ୍ରୀ, ବସନ୍ତ ପଣ୍ଡା ଉପାଧ୍ୟକ୍ଷ

ଭୁବନେଶ୍ୱର, ୨୭।୩(ବ୍ୟୁରୋ)

ବିଦ୍ୟା ଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ଗୋବିନ୍ଦ ଚନ୍ଦ୍ର ମହାନ୍ତଙ୍କୁ ସଙ୍ଗଠନ ମନ୍ତ୍ରୀ ଏବଂ ଡ. ବସନ୍ତ କୁମାର ପଣ୍ଡାଙ୍କୁ ଉପାଧ୍ୟକ୍ଷ ଦାୟିତ୍ୱ ପ୍ରଦାନ କରାଯାଇଛି। ଝାଡ଼ଖଣ୍ଡର ରାଞ୍ଚିଠାରେ ଅନୁଷ୍ଠିତ ସାଧାରଣ ସଭାରେ ଏହି ଦୁଇଜଣ କର୍ମକର୍ତ୍ତାଙ୍କୁ ଉକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ମହାନ୍ତ ପୂର୍ବରୁ ଶିକ୍ଷା ବିକାଶ ସମିତି ଓଡ଼ିଶାର ସଙ୍ଗଠନ ମନ୍ତ୍ରୀ ଓ ପୂର୍ବ କ୍ଷେତ୍ରର ସଙ୍ଗଠନ ମନ୍ତ୍ରୀ ଦାୟିତ୍ୱ ଦକ୍ଷତାର ନିର୍ବାହ କରିବା ସହିତ ଅଖିଳ ଭାରତୀୟ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସେହିପରି ଓଡ଼ିଶାର ଜଣାଶୁଣା ଶିକ୍ଷାବିତ୍ ତଥା ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅବସରପ୍ରାପ୍ତ ଓଡ଼ିଆ ବିଭାଗ ମୁଖ୍ୟ ଡ. ବସନ୍ତ କୁମାର ପଣ୍ଡାଙ୍କୁ ନୂତନ ଭାବେ ବିଦ୍ୟାଭାରତୀର ଉପାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ପୂର୍ବରୁ ଡ. ପଣ୍ଡା ଶିକ୍ଷା ବିକାଶ ସମିତି ଓଡ଼ିଶାର ଉପସଭାପତି ଓ ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ। ଅଧୁନା ଶିକ୍ଷା ସେ ବିକାଶ ସମିତି ଓଡ଼ିଶାର ମୁଖପତ୍ର 'ଶିକ୍ଷା ସୃଜନୀ'ର ସଭାପତି ଦାୟିତ୍ୱ ନିର୍ବାହ କରୁଛନ୍ତି। ଓଡ଼ିଶାରୁ ଏହି ଦୁଇଜଣ ପ୍ରମୁଖ କାର୍ଯ୍ୟକର୍ତ୍ତା ବିଦ୍ୟାଭାରତୀ ଭଳି ଶୈକ୍ଷିକ ସଙ୍ଗଠନର ମଞ୍ଚ ଧରି ଶିକ୍ଷା ବିକାଶ ସମିତିକୁ ଗୌରବାନ୍ୱିତ କରାଇଛନ୍ତି। ଏଥିଲାଗି ମହାନ୍ତ ଏବଂ ଡ. ପଣ୍ଡାଙ୍କୁ ଶିକ୍ଷା ବିକାଶ ସମିତି, ଓଡ଼ିଶାର ସଙ୍ଗଠନ ସମ୍ପାଦକ, ସଭାପତି, ସମସ୍ତ ପ୍ରବନ୍ଧ ସମିତିର କାର୍ଯ୍ୟକର୍ତ୍ତାଙ୍କ ସମେତ ସମସ୍ତ ଶିଶୁ ବିଦ୍ୟା ମନ୍ଦିର ଅଭିନନ୍ଦନ ଜଣାଇଛନ୍ତି।

# ଦଳୀୟଙ୍କ ଉପରେ ଭାରି ପଡ଼ିଲେ ସ୍ୱାଧୀନ ପ୍ରାର୍ଥୀ

ଭୁବନେଶ୍ୱର, ୨୭।୩ (ବ୍ୟୁରୋ)


ଚନ୍ଦ୍ରଶେଖର ମଲିଆ


ଦିପକ ମିଶ୍ର


ଇତିଶ୍ରୀ ଦାସ


ନମିତା ମହାପାତ୍ର


ପିଙ୍କି ସ୍ୱାଇଁ


ବନ୍ଦିତା ପାଳ


ପୁଷ୍ପା ରାଉତ


ରଶ୍ମିରଞ୍ଜନ ପାଟ୍ଟଶାଣୀ


ସୁଷମା ସାହୁ

ଚଳିତ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ନିର୍ବାଚନରେ ବାଜିମାତ୍ କରିଛି ବିଜେଡି। ଦଳ ଭୁବନେଶ୍ୱରର ୬୭ଟି ୱାର୍ଡରୁ ୪୮ଟି ସିଟ୍ ହାତେଇ ଥିବାବେଳେ ୧୦ଟି ଭାଜପା ଓ ୯ଟି ସିଟ୍ ସ୍ୱାଧୀନ ପ୍ରାର୍ଥୀଙ୍କ ହାତକୁ ଯାଇଛି। ଅନ୍ୟତମ ପ୍ରମୁଖ ଦଳ କଂଗ୍ରେସ ଏଠାରେ କୌଣସି ସିଟ୍ ଅକ୍ତିଆର କରି ପାରି ନ ଥିବାବେଳେ ଭାଜପାକୁ କଡା ଟକ୍କର ଦେଇଛନ୍ତି ସ୍ୱାଧୀନ ପ୍ରାର୍ଥୀ। କେବଳ ଭୁବନେଶ୍ୱର ନୁହେଁ ବରଂ ପୁରା ରାଜ୍ୟରେ ବିଜେଡ଼ି ଶଙ୍ଖ ବଜାଇ ତା'ର ବିଜୟ ବାନା ଉଡାଉଛି। ଏଭଳି ସ୍ଥିତିରେ ଦଳୀୟ ପ୍ରାର୍ଥୀଙ୍କୁ ହରାଇ ନିଜ ଦମ୍‌ରେ ୱାର୍ଡ ହାସଲ କରିବା ନିହାତି ପକ୍ଷେ ଦୁଃସାହସର ବିଷୟ। ୱାର୍ଡ ନଂ ୯, ୧୩, ୧୫, ୨୪, ୩୭, ୪୬ , ୫୮, ୬୦ ଏବଂ ୬୫ରେ ସ୍ୱାଧୀନ ପ୍ରାର୍ଥୀ ବିପୁଳ ପରିମାଣର ଭୋଟ୍ ହାସଲ କରି ବିଜୟୀ ହୋଇଛନ୍ତି।

ଗତ ୨୦୧୪ ବିଏମ୍‌ସି ନିର୍ବାଚନରେ ୯ନଂ ୱାର୍ଡରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢି ବିଜୟ ମୁକୁଟ ପିନ୍ଧିଥିଲେ ସୂର୍ଯ୍ୟକାନ୍ତି ଜେନା। ପରେ ସେ ବିଜେଡିରେ ସାମିଲ ହୋଇଥିଲେ। ତାଙ୍କର କାର୍ଯ୍ୟ ଦକ୍ଷତାକୁ ଦେଖି ଏଥର ଦଳ ତାଙ୍କୁ ଭରସା କରି ଟିକେଟ ଦେଇଥିଲା। ମାତ୍ର ଦଳର ଏହି ଭରସାକୁ ରଖିବାରେ ସୂର୍ଯ୍ୟକାନ୍ତି ସମର୍ଥ ହୋଇ ପାରି ନାହାନ୍ତି। ତାଙ୍କ ସପକ୍ଷରେ ମେୟର ପ୍ରାର୍ଥୀ ସୁଲୋଚନା ଦାସ ଏବଂ ବିଧାୟକ ସୁଶାନ୍ତ ରାଉତ ବହୁବାର ୱାର୍ଡକୁ ଯାଇ ରୋଡ୍ ଶୋ' କରିଥିଲେ। ମାତ୍ର ୱାର୍ଡବାସୀ ସ୍ୱାଧୀନ ପ୍ରାର୍ଥୀ ସୁଷମା ସାହୁଙ୍କ ସପକ୍ଷରେ ଯାଇ ତାଙ୍କୁ ଭୋଟ୍ ଦେଇଥିଲେ। ସୂର୍ଯ୍ୟକାନ୍ତି ମୋଟ୍ ୨ହଜାର ୫୭୭ ଭୋଟ୍ ହାତେଇ ଥିବାବେଳେ ସୁଷମା ୨ହଜାର ୭ଶହ ୩୫ ଖଣ୍ଡ ଭୋଟ୍ ହାତେଇ ୨୫୮ ଖଣ୍ଡ ଭୋଟ୍‌ରେ ବିଜୟୀ ହୋଇଛନ୍ତି। ଏଠାରେ ମୋଟ୍ ୬ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ସେହିପରି ୱାର୍ଡ ନଂ ୧୩ରେ ସ୍ୱାଧୀନ ପ୍ରାର୍ଥୀ ଇତିଶ୍ରୀ ଦାଶ ବିଜେଡି ପ୍ରାର୍ଥୀ ଗୀତାଞ୍ଜଳି ବେହେରାଙ୍କ ସମେତ ଆଉ ୪ଜଣଙ୍କୁ ହରାଇ ନିଜର ବିଜୟ ବାନା ଉଡାଇଛନ୍ତି। ଇତିଶ୍ରୀ ୨ହଜାର ୪ଶହ ୪୩ ଖଣ୍ଡ ଭୋଟ୍ ପାଇଥିବାବେଳେ ଗୀତାଞ୍ଜଳି ୧ହଜାର ୭ଶହ ୩୩ଖଣ୍ଡ ଭୋଟ୍ ପାଇଥିଲେ। ୭୧୦ଖଣ୍ଡ ଭୋଟ୍‌ରେ ହରାଇ ସ୍ୱାଧୀନ ପ୍ରାର୍ଥୀ ଏହି ୱାର୍ଡକୁ ଅକ୍ତିଆର କରିଛନ୍ତି। ୱାର୍ଡ ନଂ ୧୫ରେ ମଧ୍ୟ ସ୍ୱାଧୀନ ପ୍ରାର୍ଥୀ ପିଙ୍କି ସ୍ୱାଇଁ ବିଜେଡି ପ୍ରାର୍ଥୀ ରାଜଲକ୍ଷ୍ମୀ ବେହେରାଙ୍କୁ ୮୯୨ ଭୋଟ୍‌ରେ ହରାଇ ବିଜୟୀ ହୋଇଛନ୍ତି। ସବୁଠାରୁ ବଡ କଥା ହେଉଛି ଏହି ୱାର୍ଡରେ ବିଜେଡି ପ୍ରାର୍ଥୀ ୧ହଜାର ଭୋଟ୍ ପାଇବାରେ ବିଫଳ ହୋଇଛନ୍ତି। ପିଙ୍କି ୧୬୭୭ ଖଣ୍ଡ ଭୋଟ୍ ପାଇଥିବାବେଳେ ରାଜଲକ୍ଷ୍ମୀ ୭୮୫ ଖଣ୍ଡ ଭୋଟ୍ ପାଇଛନ୍ତି। ମୋଟ୍ ୫ଜଣ ପ୍ରାର୍ଥୀ ଏହି ୱାର୍ଡ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ୱାର୍ଡ ନଂ ୨୪ରେ ୩ ପ୍ରମୁଖ ଦଳଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାବେ ସ୍ୱାଧୀନ ପ୍ରାର୍ଥୀ ଦୀପକ କୁମାର ମିଶ୍ର ମଇଦାନକୁ ଓହ୍ଲାଇଥିଲେ। ବିଜେଡି ପ୍ରାର୍ଥୀ ପ୍ରତାପ କିଶୋର ସାହୁଙ୍କୁ ପଛରେ ପକାଇ ୩୯୬ଖଣ୍ଡ ଭୋଟ୍‌ରେ ବିଜୟୀ ହୋଇଛନ୍ତି। ପ୍ରତାପ ୧ହଜାର ୯ଶହ ୮୧ଖଣ୍ଡ ଭୋଟ୍ ପାଇଥିବାବେଳେ ଦୀପକ ୨ହଜାର ୩ଶହ ୭୭ ଖଣ୍ଡ ଭୋଟ୍ ହାତେଇବାରେ ସଫଳ ହୋଇଛନ୍ତି।

ୱାର୍ଡ ନଂ ୩୭ରେ କିଛି ରୋଚକ ସ୍ଥିତି ଦେଖିବାକୁ ମିଳିଥିଲା। ଚଳିତ ନିର୍ବାଚନରେ ଏହି ୱାର୍ଡ ମହିଳାଙ୍କ ପାଇଁ ସଂରକ୍ଷିତ ଥିଲା। ତେଣୁ ଏଠାରୁ ଦୁଇ ଦୁଇଥର କର୍ପୋରେଟର ସାଜିଥିବା ନବ ବେହେରା ତାଙ୍କ ସ୍ତ୍ରୀ ରଞ୍ଜିତା ବେହେରାଙ୍କୁ ମଇଦାନକୁ ଓହ୍ଲାଇଥିଲେ। ତେବେ ତାଙ୍କୁ କଡା ଟକ୍କର ଦେବା ପାଇଁ ବିଜେଡି ଦଳର ଅସନ୍ତୁଷ୍ଟ ପ୍ରାର୍ଥୀ ଅର୍ଜୁନ ବେହେରା ତାଙ୍କ ସ୍ତ୍ରୀ ବନ୍ଦିତା ପାଲଙ୍କୁ ପ୍ରାର୍ଥୀ ସଜାଇଥିଲେ। ଅର୍ଜୁନ ପୂର୍ବରୁ ମଧ୍ୟ ଟିକେଟ ନ ପାଇ ସ୍ୱାଧୀନ ଭାବେ କର୍ପୋରେଟର ପାଇଁ ଲଢିଥିଲେ। ତେବେ ଖୁବ୍ କମ୍ ବ୍ୟବଧାନରେ ହାରି ଯାଇଥିଲେ। ମାତ୍ର ଏଥର ତାଙ୍କ ରଣନୀତି ସଫଳ ହୋଇଛି। ବିଜେଡ଼ିର ଦୁଇ ଦଳୀୟ କର୍ମୀଙ୍କ ଆପୋଷ ଦ୍ୱନ୍ଦ୍ୱରେ ବନ୍ଦିତା ବାଜିମାତ୍ କରିଛନ୍ତି। ବନ୍ଦିତା ୨ହଜାର ୧୬ ଖଣ୍ଡ ଭୋଟ୍ ହାତେଇଥିବାବେଳେ ରଞ୍ଜିତାଙ୍କୁ ୧ହଜାର ୬ଶହ ୫୯ ଖଣ୍ଡ ଭୋଟ୍‌ରେ ସନ୍ତୁଷ୍ଟ ହେବାକୁ ପଡିଛି। ୪୬ନମ୍ବର ୱାର୍ଡରେ ମଧ୍ୟ ସ୍ୱାଧୀନ ପ୍ରାର୍ଥୀ ପୁଷ୍ପା ରାଉତ ବିଜେଡି ପ୍ରାର୍ଥୀ ପୁଷ୍ପଲତା ମହାରଥୀଙ୍କୁ ଉପରେ ଭାରି ପଡିଛନ୍ତି। ପୁଷ୍ପା ୩ହଜାର ଶହେ ୮୧ଟି ଭୋଟ୍ ପାଇଥିବାବେଳେ ପୁଷ୍ପଲତା ୨ହଜାର ୧୨ ଖଣ୍ଡ ଭୋଟ୍ ପାଇଛନ୍ତି। ୫୮ ନଂ ୱାର୍ଡରେ ପୂର୍ବତନ କର୍ପୋରେଟର ମଳୟ ମହାପାତ୍ରଙ୍କ ଭଉଣୀ ନମିତା ମହାପାତ୍ର ବିଜେଡି ପ୍ରାର୍ଥୀ ତଥା ପୂର୍ବତନ କର୍ପୋରେଟର ପୁଷ୍ପା ଦାସଙ୍କୁ ହରାଇଛନ୍ତି। ନମିତା ୨ହଜାର ୧୬ଖଣ୍ଡ ଭୋଟ୍ ପାଇଥିବାବେଳେ ପୁଷ୍ପା ୧ହଜାର ୬ଶହ ୫୯ଖଣ୍ଡ ଭୋଟ୍ ପାଇଛନ୍ତି।

ସବୁଠାରୁ ରୋଚକ ଲଢେଇ ୱାର୍ଡ ନଂ ୬୦ରେ ଦେଖିବାକୁ ମିଳିଥିଲା। କାରଣ ଏଠାରେ ବିଜେଡି ପ୍ରାର୍ଥୀ ଏବଂ ବିଜେଡି ଅସନ୍ତୁଷ୍ଟ ପ୍ରାର୍ଥୀଙ୍କ ମଧ୍ୟରେ କଡା ଟକ୍କର ହୋଇଥିଲା। ଦଳରୁ ଟିକେଟ ପାଇଥିବା ରାଜେନ୍ଦ୍ର ସମର୍ଥା ବିଜେଡିର ଏକାମ୍ର ସଭାପତି ଥିବାବେଳେ ଅସନ୍ତୁଷ୍ଟ କର୍ମୀ ଚନ୍ଦ୍ରଶେଖର ମଲିଆ ଭୁବନେଶ୍ୱର ଜିଲା ବିଜେଡିର ଉପସଭାପତି ପଦରେ ଥିଲେ। ତେଣୁ ଦୁହେଁ ଦଳରୁ ଟିକେଟ ପାଇବା ପାଇଁ ଆଶାବାନ୍ଧି ବସିଥିଲେ। ମାତ୍ର ଦଳ ରାଜେନ୍ଦ୍ରଙ୍କୁ ଟିକେଟ ଦେବା ପରେ ସ୍ୱାଧୀନ ଭାବେ ମଇଦାନକୁ ଓହ୍ଲାଇଥିଲେ ଚନ୍ଦ୍ରଶେଖର। ଶେଷରେ ସେ ରାଜେନ୍ଦ୍ରଙ୍କୁ ୯୫୦ ଭୋଟ୍‌ରେ ହରାଇ ବିଜୟୀ ମୁକୁଟ ପିନ୍ଧିଛନ୍ତି। ଚନ୍ଦ୍ରଶେଖରଙ୍କୁ ୩ହଜାର ୩ଶହ ୨୯ଖଣ୍ଡ ଭୋଟ୍ ମିଳିଥିବାବେଳେ ରାଜେନ୍ଦ୍ରଙ୍କୁ ୨ହଜାର ୩ଶହ ୭୯ ଭୋଟ୍ ମିଳିଛି। ସେହିପରି ୱାର୍ଡ ନଂ ୬୫ରେ ମଧ ସ୍ୱାଧୀନ ପ୍ରାର୍ଥୀ ରଶ୍ମିରଞ୍ଜନ ପାଟ୍ଟଶାଣୀ ଓ ବିଜେଡି ପ୍ରାର୍ଥୀ ରାଜେଶ କୁମାର ପାତ୍ରଙ୍କ ମଧ୍ୟରେ କଡା ଟକ୍କର ହୋଇଥିଲା। ଏହି ୱାର୍ଡରୁ ରଶ୍ମିରଞ୍ଜନ ପ୍ରଥମେ ବିଜେଡି ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିଲେ। ମାତ୍ର ଦଳ ତାଙ୍କ ବଦଳରେ ରାଜେଶଙ୍କୁ ଭରସା କରିଥିଲା। ଶେଷରେ ରଶ୍ମି ୩ହଜାର ୩ଶହ ୫୩ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଛନ୍ତି। ଅପରପକ୍ଷେ ରାଜେଶଙ୍କୁ ମାତ୍ର ୧ହଜାର ୭ଶହ ୩୧ ଭୋଟ୍‌ରେ ସନ୍ତୁଷ୍ଟ ହେବାକୁ ପଡିଛି।

## ୨୦୨୬ ସୁଦ୍ଧା ୧.୨ କୋଟି ନିଯୁକ୍ତି ସୁଯୋଗ

**ନୂଆଦିଲ୍ଲୀ:** ଇଞ୍ଜିନିୟରିଂ, ଟେଲିକମ୍ ଏବଂ ହେଲ୍‌ଥକେୟାର କ୍ଷେତ୍ରରେ ୨୦୨୫-୨୬ ଆର୍ଥିକ ବର୍ଷ ସୁଦ୍ଧା ୧.୨ କୋଟି ଅର୍ଥାତ୍ ୧୨ ବିଲିୟନ୍ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ହାୟାରିଂ ଫାର୍ମ, ଟିମ୍ ଲିଜ୍ ସର୍ଭିସ୍‌ର ଷ୍ଟାଫିଂ ଡିଭିଜନ୍ ଟିମଲିଜ୍ ଡିଜିଟାଲ୍ ଦ୍ୱାରା ପ୍ରକାଶିତ 'ପ୍ରୋଫେସନାଲ୍ ଷ୍ଟାଫିଂ ଡିଜିଟାଲ୍ ଏମ୍ପ୍ଲଏମେଣ୍ଟ ଟ୍ରେଣ୍ଡସ୍ ରିପୋର୍ଟ'ରେ ଏ ସମ୍ପର୍କରେ ଅନୁମାନ ଲଗାଯାଇଛି। ଏହି ରିପୋର୍ଟରେ କୁହାଯାଇଛି ଯେ, ଟେକ୍ନୋଲୋଜି ଏବଂ ଡିଜିଟାଲକରଣରେ ଅଗ୍ରଗତି ପାଇଁ ଏହି ସେକ୍ଟରରେ ରୋଜଗାର ସୁଯୋଗ ବୃଦ୍ଧି କରାଯାଇଛି। ଏହି କ୍ୱାଲିଟେଟିଭ୍ ରିସର୍ଚ୍ଚ ରିପୋର୍ଟକୁ ଇଞ୍ଜିନିୟରିଂ, ଟେଲିକମ୍ ଏବଂ ହେଲ୍‌ଥକେୟାର ସେକ୍ଟର ୭୫୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଏବଂ ଲିଡର୍‌ମାନଙ୍କ ମତାମତ ନେଇ ପ୍ରସ୍ତୁତ କରାଯାଇଛି।

### ସଂକ୍ଷେପରେ

## ୫୪ କମ୍ପାନୀ କ୍ରୟ କରିବ ରିଲାଏନ୍ସ କ୍ୟାପ୍

**ନୂଆଦିଲ୍ଲୀ,୨୭।୩:** ଟାଟା ଏଆଇଜି, ଆଇସିଆଇସିଆଇ ଲମ୍ବାର୍ଡ, ନିପ୍ପନ ଲାଇଫ୍ ଭଳି ୫୪ଟି ଭାରତୀୟ ତଥା ବିଦେଶୀ ଫାଇନାନ୍ସ କମ୍ପାନୀ ରିଲାଏନ୍ସ କ୍ୟାପିଟାଲ୍‌ର ପ୍ରଫିଟ୍ ମେକିଂ ବୀମା ବିଭାଗ ଦୌଡ଼ରେ ସାମିଲ ହେବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଗତ ବର୍ଷ ଡିଫଲ୍ଟ ଏବଂ କମ୍ପାନୀର ଗଭର୍ନାନ୍ସ ସମସ୍ୟା କାରଣରୁ ରିଲାଏନ୍ସ କ୍ୟାପିଟାଲ୍ ପ୍ରଶାସନ ଅଧୀନରେ ରହିଥିଲା। ଏହି କମ୍ପାନୀ ସହିତ ସାମିଲ ହେବା ପାଇଁ ଏକ୍ସପ୍ରେସ୍ ଅଫ୍ ଇଣ୍ଟରେଷ୍ଟ (ଇଓଆଇ) ଦାଖଲର ସମୟ ସୀମା ଦୁଇ ସପ୍ତାହ ବୃଦ୍ଧି କରି ମାର୍ଚ୍ଚ ୨୫କୁ ଶେଷ ତାରିଖ ନିର୍ଦ୍ଧାରଣ କରାଯାଇଥିଲା। ଏଚ୍‌ଡିଏଫ୍‌ସି ଆଗ୍ରୋ, ବନ୍ଧନ ଫାଇନାନ୍‌ସିଆଲ୍ ହୋଲ୍ଡିଂ, ଚୋଳମଣ୍ଡମ୍ ଇନ୍‌ଭେଷ୍ଟମେଣ୍ଟ, ଆଦାନୀ ଫିନ୍‌ସର୍ଭ, ୟେସ୍ ବ୍ୟାଙ୍କ୍, ଓକ୍‌ଟ୍ରି କ୍ୟାପିଟାଲ୍, ବ୍ଲାକ୍ ଷ୍ଟୋନ୍, ବ୍ରୁକ୍‌ଫିଲ୍ଡ, ଟିପିଜି, କ୍ୟାପ୍ରି ଗ୍ଲୋବାଲ୍ ହୋଲ୍ଡିଂ, ସ୍କୋୟାର ଫୋର୍ ହାଉସିଂ, ୟୁଭି ମଲ୍ଟିପଲ୍ ଆସେଟ୍ ଇନ୍‌ଭେଷ୍ଟମେଣ୍ଟ କମ୍ପାନୀ ଭଳି ୫୪ଟି କମ୍ପାନୀ ଇଓଆଇ ଦାଖଲ କରିଛନ୍ତି। ପୂର୍ବରୁ ଇଓଆଇ ଦାଖଲ ତାରିଖ ମାର୍ଚ୍ଚ ୧୧ ରହିଥିବା ବେଳେ ବିଡରଙ୍କ ଅନୁରୋଧ ପରେ ଏହାକୁ ବୃଦ୍ଧି କରାଯାଇଥିଲା।

## ୧୫୦୦ ଚାର୍ଜିଂ ଷ୍ଟେଶନ ସ୍ଥାପନ କରିବ ଆଦାନୀ

**ନୂଆଦିଲ୍ଲୀ,୨୭।୩:** ଆଦାନୀ ଗ୍ରୁପ୍‌ର ଆଦାନୀ ଟୋଟାଲ୍ ଗ୍ୟାସ୍ ଲିମିଟେଡ୍ (ଏଟିଜିଏଲ୍) ପକ୍ଷରୁ ସାରା ଦେଶରେ ୧୫୦୦ ଇଲେକ୍ଟ୍ରିକ୍ ଭେହିକିଲ୍(ଇଭି) ଚାର୍ଜିଂ ଷ୍ଟେଶନ୍ ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହା ଜରିଆରେ କମ୍ପାନୀ ନିଜ ନେଟ୍‌ୱର୍କ ବିସ୍ତାର କରିବାକୁ ଲକ୍ଷ୍ୟ ରଖିଛି। ସୂଚନାଯୋଗ୍ୟ, କମ୍ପାନୀ ଅହମ୍ମଦାବାଦଠାରେ ନିଜର ଚାର୍ଜିଂ ଷ୍ଟେଶନ୍ ଆରମ୍ଭ କରିଛି। ଏଟିଜିଏଲ୍ ସୂଚନା ଅନୁସାରେ, ଏହି ଇଭି ଚାର୍ଜିଂ ଷ୍ଟେଶନ୍‌ଗୁଡ଼ିକ ଗ୍ରାହକଙ୍କୁ ସର୍ବଶ୍ରେଷ୍ଠ ସୁବିଧା ଯୋଗାଇଦେବ ଏବଂ ଡିଜିଟାଲ୍ ଫ୍ୟାସିଲିଟି ମଧ୍ୟ ଉପଲବ୍ଧ ହେବ। ଏଟିଜିଏଲ୍ ହେଉଛି ଦେଶର ଘରୋଇ କ୍ଷେତ୍ରରେ ସର୍ବବୃହତ୍ କମ୍ପ୍ରେସ୍‌ଡ ନ୍ୟାଚୁରାଲ୍ ଗ୍ୟାସ୍ (ସିଏନ୍‌ଜି) ଏବଂ ପାଇପ୍‌ଡ ନ୍ୟାଚୁରାଲ୍ ଗ୍ୟାସ୍ (ପିଏନ୍‌ଜି) ବିତରକ।

# ପିଭିଆର୍, ଆଇନକ୍ସର ମିଶ୍ରଣ

**ନୂଆଦିଲ୍ଲୀ,୨୭।୩**

■ମିଳିତ ଭାବରେ କରିବେ ୧୫୪୬ଟି ସ୍କ୍ରିନ୍ ସଂଚାଳନ

■ଅଜୟ ବିଜ୍‌ଲିଙ୍କୁ ଦିଆଯିବ ଏମ୍‌ଡି ଦାୟିତ୍ୱ

ଦେଶର ପ୍ରମୁଖ ମଲ୍ଟିପ୍ଲେକ୍ସ ଇଣ୍ଡଷ୍ଟ୍ରୀ ମଧ୍ୟରେ ଏକ ବଡ଼ ଧରଣର ପରିବର୍ତ୍ତନ ହୋଇଛି। ଭାରତର ଦୁଇ ସର୍ବବୃହତ୍ ମଲ୍ଟିପ୍ଲେକ୍ସ ଇଣ୍ଡଷ୍ଟ୍ରୀ ପିଭିଆର୍ ଲିମିଟେଡ୍ ଏବଂ ଆଇନକ୍ସ ଲିଜର ଲିମିଟେଡ୍ ମଧ୍ୟରେ ମିଶ୍ରଣ ହୋଇଯାଇଛି। ରବିବାର ଉକ୍ତ ମିଶ୍ରଣ ପ୍ରସ୍ତାବକୁ ଉଭୟ କମ୍ପାନୀର ବୋର୍ଡ ପକ୍ଷରୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏହି ମିଶ୍ରଣ ପରେ ଫିଲ୍ମ ଏକ୍ସିବିସନ୍ ଇଣ୍ଡଷ୍ଟ୍ରୀରେ କିଛି ନୂଆ ଏବଂ ପରିବର୍ତ୍ତନ ଦେଖିବାକୁ ମିଳିବ ବୋଲି କୁହାଯାଉଛି। ବର୍ତ୍ତମାନ ଆଇନକ୍ସ ଦେଶର ୭୨ଟି ସହରରେ ୬୭୫ଟି ସ୍କ୍ରିନ୍ ପରିଚାଳନା କରୁଥିବା ବେଳେ ପିଭିଆର୍ ୭୩ଟି ସହରରେ ୧୮୧ ସମ୍ପତ୍ତିରେ ୮୭୧ଟି ସ୍କ୍ରିନ୍ ଅପରେଟ୍ କରୁଛି। ଏହି ମିଶ୍ରଣ ଫଳରେ ଉଭୟ ପିଭିଆର୍ ଏବଂ ଆଇନକ୍ସ ମିଳିତ ଭାବେ ସାରା ଦେଶର ୧୦୯ଟି ସହରରେ ୩୪୧ ପ୍ରପର୍ଟିରେ ୧୫୪୬ଟି ସ୍କ୍ରିନ୍ ସଂଚାଳନ କରୁଥିବା ସର୍ବବୃହତ୍ ଫିଲ୍ମ ପ୍ରଦର୍ଶନୀ କମ୍ପାନୀ 'ପିଭିଆର୍ ଆଇନକ୍ସ ଲିମିଟେଡ୍' ଭାବରେ ପରିଚିତ ହେବ। ତେବେ ପିଭିଆର୍ ଏବଂ ଆଇନକ୍ସ ଦୁଇ କମ୍ପାନୀ ବର୍ତ୍ତମାନ ଶେୟାର ବଜାରରେ ନିଜର ଉପସ୍ଥିତି ଜାହିର୍ କରୁଛନ୍ତି। ଏହି ମିଶ୍ରଣ ପରେ ଉଭୟ କମ୍ପାନୀର ଶେୟାର ଅନୁପାତ ଆଇନକ୍ସର ୧୦ଟି ଶେୟରରେ ପିଭିଆର୍‌ର ୩ଟି ଶେୟାର ରହିବ। ଏହାଛଡା ମିଶ୍ରଣ ପରେ ଆଇନକ୍ସ ପ୍ରମୋଟରମାନଙ୍କ ସଂଯୁକ୍ତ ୟୁନିଟ୍‌ରେ ୧୬.୬୬% ଅଂଶଧନ ରହିବ ଏବଂ ପିଭିଆର୍‌ର ୧୦.୬୨% ଭାଗ ରହିବ। ମିଶ୍ରଣ ପରେ ଆଇନକ୍ସ ପ୍ରମୋଟରମାନେ ପିଭିଆର୍‌ର ବର୍ତ୍ତମାନର ପ୍ରମୋଟରମାନଙ୍କ ସହିତ କୋ-ପ୍ରମୋଟର ହୋଇଯିବେ। ଉଭୟ କମ୍ପାନୀ ପକ୍ଷରୁ ସ୍ୱାକ୍ଷରିତ ହୋଇଥିବା ଚୁକ୍ତି ଅନୁସାରେ ପିଭିଆର୍‌ର ଏମ୍‌ଡି ଅଜୟ ବିଜ୍‌ଲିଙ୍କୁ ପିଭିଆର୍ ଆଇନକ୍ସ ଲିମିଟେଡ୍‌ର ଏମ୍‌ଡି ଭାବରେ ନିଯୁକ୍ତ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ବେଳେ ସଞ୍ଜୀବ କୁମାରଙ୍କୁ ଏକ୍‌ଜିକ୍ୟୁଟିଭ୍ ଦାୟିତ୍ୱ ଦିଆଯିବ। ଏଥିସହିତ ଆଇନକ୍ସ ଗ୍ରୁପ୍‌ର ଚେୟାରମ୍ୟାନ୍ ପବନ କୁମାର ଜୈନଙ୍କୁ ବୋର୍ଡର ନନ୍ ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଭାବେ କାର୍ଯ୍ୟ ତୁଲାଇବେ। ଏହାଛଡା ଆଇନକ୍ସର ନିର୍ଦ୍ଦେଶକ ସିଦ୍ଧାର୍ଥ ଜୈନ ମିଶ୍ରିତ୍ କମ୍ପାନୀର ନନ୍-ଏକ୍‌ଜିକ୍ୟୁଟିଭ ନନ୍-ଇଣ୍ଡିପେଣ୍ଡେଣ୍ଟ ଡାଇରେକ୍ଟର ପଦରେ ରହିବେ ବୋଲି ଜଣାପଡିଛି।

ଏହି ମିଶ୍ରଣ ପ୍ରକ୍ରିୟା ଦେଶର ଦୁଇ ପ୍ରମୁଖ ମଲ୍ଟିପ୍ଲେକ୍ସ ଇଣ୍ଡଷ୍ଟ୍ରୀକୁ ଏକାଠି କରିଛି ବୋଲି ପିଭିଆର୍ ଏମ୍‌ଡି ଅଜୟ ବିଜ୍‌ଲି କହିଛନ୍ତି।

# ଜିଓର ଦୁଇ ନୂଆ ପ୍ଲାନ୍

**ନୂଆଦିଲ୍ଲୀ,୨୭।୩**

ଚଳିତବର୍ଷର ଆଇପିଏଲ୍ ସିଜନ ପାଇଁ ଜିଓ ପକ୍ଷରୁ ଆଇପିଏଲ୍‌ପ୍ରେମୀଙ୍କ ପାଇଁ ଦୁଇଟି ନୂଆ ପ୍ଲାନ୍ ସମ୍ପର୍କରେ ଘୋଷଣା କରାଯାଇଛି। ସେହିଭଳି ଡିଜ୍‌ନି+ହଟ୍‌ଷ୍ଟାର୍ ମୋବାଇଲ୍ ସବ୍‌ସ୍କ୍ରିପ୍‌ସନ୍ ସହିତ ଦୁଇଟି ନୂଆ ମୋବାଇଲ୍ ପ୍ଲାନର ଶୁଭାରମ୍ଭ ମଧ୍ୟ କରାଯାଇଛି। ବିଶେଷକରି ୫୫ଦିନିଆ ବୈଧତା ସହିତ ୫୫୫ ଟଙ୍କିଆ ଜିଓ କ୍ରିକେଟ୍ ଡାଟା ଆଡ୍-ଅନ୍ ପ୍ଲାନ୍ ଓ ୨୯୯୯ ଟଙ୍କିଆ ବାର୍ଷିକ ପ୍ଲାନ୍ ରହିଛି। ୫୫୫ ଟଙ୍କିଆ ଜିଓ କ୍ରିକେଟ୍ ଆଡ୍-ଅନ୍ ପ୍ୟାକ୍‌ରେ ବ୍ୟବହାରକାରୀମାନେ ଅସୀମିତ ଭଏସ୍, ୫୫ଜିବିର ଅସୀମିତ ଡାଟା ସହିତ ଏକ ବର୍ଷର ଡିଜ୍‌ନି+ ହଟ୍‌ଷ୍ଟାର୍ ମୋବାଇଲ୍ ସବ୍‌ସ୍କ୍ରିପ୍‌ସନ୍ ଆଦି ପାଇପାରିବେ। ସେହିପରି ୨୯୯୯ ଟଙ୍କିଆ ବାର୍ଷିକ ପ୍ଲାନ୍, ଯେଉଁଥିରେ ବ୍ୟବହାରକାରୀମାନେ ଦୈନିକ ୨.୫ଜିବି ଡାଟା ସହିତ ଅସୀମିତ ଭଏସ୍ ଓ ଦୈନିକ ୧୦୦ ଏସ୍ଏମ୍ଏସ୍ ପାଇପାରିବେ। ୩୬୫ ଦିନର ବୈଧତା ସହିତ ଏଥିରେ ଜିଓ ଆପ୍ ଓ ଡିଜ୍‌ନି+ହଟ୍‌ଷ୍ଟାର ମୋବାଇଲ୍ ସବ୍‌ସ୍କ୍ରିପ୍‌ସନ୍ ୧ ବର୍ଷ ପାଇଁ ମାଗଣାରେ ମିଳିବ। ଡିଜ୍‌ନି+ହଟ୍‌ଷ୍ଟାର୍ ସହ ସହଯୋଗିତାରେ ଜିଓ ପକ୍ଷରୁ ବହୁ ସୁଲଭ ପ୍ରିପେଡ୍ ପ୍ଲାନର ଶୁଭାରମ୍ଭ କରାଯାଇଛି। ଅପରପକ୍ଷରେ ବଡ଼ ପରଦାରେ ଆଇପିଏଲ୍ ମ୍ୟାଚ୍‌ର ସିଧାପ୍ରସାରଣ ଦେଖିବାକୁ ପସନ୍ଦ କରୁଥିବା ଜିଓ ମୋବାଇଲ୍ ବ୍ୟବହାରକାରୀମାନଙ୍କ ପାଇଁ ୧୪୯୯ ଟଙ୍କା ଓ ୪,୧୯୯ ଟଙ୍କିଆ ପ୍ଲାନ୍ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି।

# 'ନାଓ ଗ୍ରୋସେରି ପ୍ରିମିୟମ୍'ର ଏକ୍ସକ୍ଲୁସିଭ ଷ୍ଟୋର ଉଦ୍‌ଘାଟିତ

**ଭୁବନେଶ୍ୱର,୨୭।୩**



ସହରବାସୀଙ୍କ ଚାହିଦାକୁ ଦୃଷ୍ଟିରେ ରଖି ସ୍ଥାନୀୟ କଳ୍ପନାଛକସ୍ଥିତ ଉତ୍କଳ କନିକା ଗ୍ୟାଲେରିଆ ମଲ୍‌ରେ ଏକ ଅତ୍ୟାଧୁନିକ ବ୍ୟବସ୍ଥାରେ 'ନାଓ ଗ୍ରୋସେରି ପ୍ରିମିୟମ୍' ନାମରେ ଏକ ଏକ୍ସକ୍ଲୁସିଭ ଷ୍ଟୋରର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଓଲିଉଡ୍ ଅଭିନେତ୍ରୀ ଶୀତଲ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଷ୍ଟୋରର ସ୍ୱତ୍ୱାଧିକାରୀ ଅଦିତ ହଂସ କହିଛନ୍ତି, ଲୋକଙ୍କୁ ଅତ୍ୟାବଶ୍ୟକ ଗ୍ରୋସେରି ଗୋଟିଏ ଛାତ ତଳେ ଯୋଗାଇବା ଆମର ଲକ୍ଷ୍ୟ। ଏହା ଜରିଆରେ ଲୋକଙ୍କ ସମସ୍ୟା ଦୂର କରାଯିବା ସାଙ୍ଗକୁ ଗ୍ରାହକଙ୍କୁ ସ୍ୱତନ୍ତ୍ର ଏବଂ କ୍ରୟରେ ଏକ ଭିନ୍ନ ଅଭିଜ୍ଞତା ପ୍ରଦାନ ଆମର ସଂକଳ୍ପ। ସେହିଭଳି ଆଗାମୀ ଦିନଗୁଡ଼ିକରେ ଅନ୍ୟ ସ୍ଥାନରେ ନୂଆ ଷ୍ଟୋର ଖୋଲିବାକୁ ମଧ୍ୟ ଯୋଜନା ରହିଛି। ଏହି ଷ୍ଟୋରରୁ କାରବାର କରିଥିବା ପ୍ରଥମ ୧୦୦ ଗ୍ରାହକଙ୍କ ପାଇଁ ବିଶେଷ ଉପହାର ପ୍ରଦାନର ବ୍ୟବସ୍ଥା ରହିଛି। ଉକ୍ତ ସୁବିଧା ମାର୍ଚ୍ଚ ୨୭ରୁ ଏପ୍ରିଲ ୩ ତାରିଖ ପର୍ଯ୍ୟନ୍ତ ବୈଧ ରହିବ। ଉକ୍ତ କାର୍ଯ୍ୟକ୍ରମରେ ହିନ୍ଦୁସ୍ଥାନ ଏଜେନ୍ସିର ମୁଖ୍ୟ ପପୁ ହଂସ, ଉତ୍କଳ ବିଲ୍ଡର୍ସର ଏମ୍‌ଡି ଶରଦ ବୈଦ, ଅମିତ୍ ବୈଦ, ଯୁବ ଉଦ୍ୟୋଗୀ ମାନିକ୍ ହଂସ ଏବଂ ମଲ୍‌ର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ରୁଷିଆ ସହ କାରବାର ଜାରି ରଖିଛି ଗେଲ୍ ଇଣ୍ଡିଆ

**ନୂଆଦିଲ୍ଲୀ,୨୭।୩**

ଦେଶର ସର୍ବବୃହତ୍ ଗ୍ୟାସ୍ ୟୁଟିଲିଟି ଗେଲ୍ (ଇଣ୍ଡିଆ) ଲିମିଟେଡ୍ ୟୁଏସ୍ ଡଲାର ବିନିମୟରେ ରୁଷିଆର ଗାଜପ୍ରୋମ୍‌ର ଇମ୍ପୋର୍ଟ କରୁଥିବା ଏଲ୍ଏନ୍‌ଜି ପାଇଁ ଦେୟ ଜାରି ରଖିଛି। ଏହାଛଡା 'ୟୁରୋ' ଭଳି ଅନ୍ୟ କୌଣସି ମୁଦ୍ରା ପ୍ରଦାନ କରିବାକୁ ହେଲେ ବିନିମୟ ଦରରେ ନିରପେକ୍ଷତା ରଖିବାକୁ ପଡ଼ିବ ବୋଲି ମଧ୍ୟ ଉଭୟ ପକ୍ଷରୁ କୁହାଯାଇଛି। ବିତରଣ ଭିତ୍ତିରେ ରୁଷିଆର ଗାଜପ୍ରୋମ୍‌ରୁ ବାର୍ଷିକ ୨.୫ ମିଲିୟନ୍ ଟନ୍ ତରଳ ପ୍ରାକୃତିକ ଗ୍ୟାସ୍ (ଏଲ୍ଏନ୍‌ଜି) ପ୍ରାପ୍ୟ ପାଇଁ ଗେଲ୍ ପକ୍ଷରୁ ପୂର୍ବରୁ ଚୁକ୍ତି ହୋଇଛି। ଗାଜ୍‌ପ୍ରୋମ୍ ସହିତ ହୋଇଥିବା ଚୁକ୍ତି ଅନୁଯାୟୀ ୟୁଏସ୍ ଡଲାର ବିନିମୟରେ ଏହି ମାଲ୍ କ୍ରୟ କରାଯାଇଥାଏ। ଏଲ୍ଏନ୍‌ଜି କାର୍ଗୋ ବିତରଣର ୫-୭ ଦିନ ମଧ୍ୟରେ ଏହି ଦେୟ ପୈଠ କରିବାକୁ ପଡ଼ିଥାଏ।

## ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ଆଇଏସ୍‌ଓ ପ୍ରମାଣପତ୍ର

**ନୂଆଦିଲ୍ଲୀ,୨୭।୩**

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ 'ସରଳ-ସରଳ ଲାଇଟ୍ସ (ସରଳ ସିଷ୍ଟମେଟିକ୍ ଆପ୍ରାଇଜାଲ୍ ଆଣ୍ଡ ରିସ୍କ ଆସେସମେଣ୍ଟ ଅଫ୍ ଲୋନ୍) ରେ କ୍ରେଡିଟ୍ ମୂଲ୍ୟାୟନ ପ୍ରକ୍ରିୟାର ମାନକୀକରଣ ପାଇଁ ଆଇଏସ୍‌ଓ ପ୍ରମାଣନ ହାସଲ କରିଛି। ଏହା ହେଉଛି ଏମ୍ଏସ୍ଏମ୍ଇ ଋଣ ପାଇଁ ସେଣ୍ଟ୍ରାଲାଇଜଡ୍ ପ୍ରୋସେସିଂ ସେଣ୍ଟର। ଏହି ଉଲ୍ଲେଖନୀୟ ପ୍ରମାଣନ ହେଉଛି ଏକ ପ୍ରମାଣ ଯାହା ବ୍ୟାଙ୍କର ବ୍ୟାଙ୍କିଙ୍ଗ୍ ସେବାକୁ ସହଜିଆ, ଦ୍ରୁତ ଓ ଝିନ୍‌ଝଟମୁକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏହା କେବଳ ବ୍ୟକ୍ତିବିଶେଷଙ୍କ ପାଇଁ ନୁହେଁ ବରଂ ସ୍ମଲ୍ ସ୍କେଲ ୟୁନିଟ୍ ପାଇଁ ମଧ୍ୟ ଆବଶ୍ୟକ, ଯଦ୍ୱାରା ଏମ୍ଏସ୍ଏମ୍ଇ ଉଦ୍ୟୋଗକୁ ପ୍ରୋତ୍ସାହନ ମିଳିପାରିବ। ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏହାର ଗ୍ରାହକ ସେବାରେ ଉନ୍ନତି ଆଣିବା ପାଇଁ ପ୍ରତିଶ୍ରୁତିବଦ୍ଧ । ଏଥିପାଇଁ ଦକ୍ଷ ମାନବ ସମ୍ବଳର ଉପଯୋଗ କରିବା ସହିତ ଆଧୁନିକ ପ୍ରଯୁକ୍ତିର ମଧ୍ୟ ଉପଯୋଗ କରାଯାଉଛି। ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏହାର ସମସ୍ତ ୧୨୫ଟି ଆଞ୍ଚଳିକ କାର୍ଯ୍ୟାଳୟରେ ସରଳ-ସରଳ ଲାଇଟ୍ ସେଣ୍ଟରର ସ୍ଥାପନା କରିଛି। ଏଠାରେ ସମସ୍ତ ପ୍ରସ୍ତାବକୁ ସିଙ୍ଗିଲ୍ ୱିଣ୍ଡୋ ଆଧାରରେ ସମ୍ପୃକ୍ତ ଶାଖା ସହିତ ଯୋଗାଯୋଗ କରି ବିବେଚନା କରାଯାଉଛି। ଏହାଦ୍ୱାରା ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇପାରିବ। ପ୍ରମାଣନ ଏଜେନ୍ସି ବ୍ୟାଙ୍କର ଏହି କ୍ୱାଲିଟି ମ୍ୟାନେଜମେଣ୍ଟ ପ୍ରକ୍ରିୟାକୁ ଆକଳନ କରିଛନ୍ତି।

### ଫୁରସତ୍

# ଆସିବ 'ଦ କେରଳ ଷ୍ଟୋରି'

**ନୂଆଦିଲ୍ଲୀ**

**୩୨ ହଜାର ଝିଅଙ୍କ ଅପହରଣ କାହାଣୀ**

କଶ୍ମୀର ପଣ୍ଡିତଙ୍କ ଉପରେ ଅତ୍ୟାଚାରର କାହାଣୀକୁ ନେଇ ନିର୍ମିତ ଫିଲ୍ମ 'ଦ କାଶ୍ମୀର ଫାଇଲ୍ସ' ବକ୍ସ ଅଫିସ୍‌ରେ ରେକର୍ଡ କରିଛି। ସିନେମାଟି ବାସ୍ତବ ଘଟଣା ଉପରେ ଆଧାରିତ ହୋଇଥିବାରୁ ଲୋକେ ଏଥିରେ ଅଧିକ ପ୍ରଭାବିତ ହୋଇଛନ୍ତି। ଏହା ପରେ ପୁଣି ଏକ ସତ୍ୟ ଘଟଣାକୁ ନେଇ ଫିଲ୍ମ ତିଆରି ହେବାକୁ ଯାଉଛି। କେରଳରେ ୧୦ ବର୍ଷ ମଧ୍ୟରେ ହୋଇଥିବା ୩୨ ହଜାର ଝିଅଙ୍କ ଅପହରଣ ଘଟଣା ଏବଂ ଏହା ପଛରେ ଆତଙ୍କବାଦୀ ସଂଗଠନ ଆଇଏସ୍‌ଆଇଏସ୍‌ର ସମ୍ପୃକ୍ତିକୁ ନେଇ ଏକ ଚଳଚ୍ଚିତ୍ର ବଡ଼ ପରଦାରେ ରିଲିଜ୍ ହେବାର ସୂଚନା ମିଳିଛି। ସୁଦୀପ୍ତ ସେନ୍‌ଙ୍କ ନିର୍ଦ୍ଦେଶନାରେ ଏହା ନିର୍ମାଣ କରାଯିବ। ଏଥିରେ ମାନବ ଚାଲାଣ, ଆଇଏସ୍‌ଆଇଏସ୍ ଦ୍ୱାରା ଝିଅମାନଙ୍କୁ ଉଠାଇ ନେଇ ଏହି ଆତଙ୍କବାଦୀ ସଙ୍ଗଠନ ସଦସ୍ୟଙ୍କ ସହ ବିବାହ ଏବଂ ଧର୍ମ ପରିବର୍ତ୍ତନ ଆଦି ଘଟଣାକୁ ଚଳଚ୍ଚିତ୍ରରେ ଚିତ୍ରଣ କରାଯିବ। ଫିଲ୍ମର ନାମ 'ଦ କେରଳ ଷ୍ଟୋରି' ରଖାଯିବ ବୋଲି ଚଳଚ୍ଚିତ୍ର ନିର୍ମାତା ଘୋଷଣା କରିଛନ୍ତି। ଫିଲ୍ମମେକର ଭିପୁତ୍ ଅମୃତଲାଲ ଶାହ ଏନେଇ ୧ ମିନିଟ ୧୦ ସେକେଣ୍ଡର ଏକ ଟିଜର ଜାରି କରିଛନ୍ତି, ଯେଉଁଥିରେ କେରଳରେ ହେଉଥିବା ଅନେକ ଝିଅଙ୍କୁ ଅପହରଣ ଏବଂ ଅବୈଧ ବ୍ୟାପାର ବିଷୟରେ ଦେଖାଯାଇଛି। କେରଳରେ ଏକ ଦଶନ୍ଧିରୁ ଅଧିକ ସମୟ ଚାଲିଥିବା ଏଭଳି ଘଟଣା ଉପରେ ଫିଲ୍ମ ପାଇଁ ୩-୪ ବର୍ଷ ରିସର୍ଚ୍ଚ କରାଯାଇଥିବା ଅମୃତଲାଲ କହିଛନ୍ତି।

# ଫିଲ୍ମ ଛାଡ଼ିବାକୁ ଚାହୁଁଥିଲେ ଆମିର


ଆମିର ଖାନ୍

**ମୁମ୍ବାଇ:** କରୋନା ମହାମାରୀ ମଧ୍ୟରେ ଫିଲ୍ମ କ୍ୟାରିୟର ଛାଡିବାକୁ ଚାହୁଁଥିଲେ ବଲିଉଡ୍ ଅଭିନେତା ଆମିର ଖାନ୍। ଏନେଇ ସେ ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି। ସେ କେବେ ସିନେମା ଛାଡିବେ କି ନାହିଁ ପଚରାଯିବାରୁ କହିଛନ୍ତି, କୋଭିଡ୍ ସମୟରେ ଚଳଚ୍ଚିତ୍ର ଦୁନିଆରୁ ବିଦାୟ ନେବାକୁ ସେ ସ୍ଥିର କରିଥିଲେ। ଏ ବିଷୟରେ ସେ ତାଙ୍କ ପରିବାରକୁ ମଧ୍ୟ ଜଣାଇଥିଲେ। ସବୁକିଛି ଛାଡ଼ି ସେ ପରିବାର ସହ ସମୟ ବିତାଇବାକୁ ଚାହୁଁଥିଲେ। ପ୍ରଥମ ଥର ପାଇଁ ସେ ଏମିତି ନିଷ୍ପତ୍ତି ନେଇଥିଲେ, ଯାହା ସମସ୍ତଙ୍କୁ ଚକିତ କରିଥିଲା। କିନ୍ତୁ ଏହି ନିଷ୍ପତ୍ତିକୁ ତାଙ୍କ ପରିବାରର କେହି ବିରୋଧ କରି ନ ଥିଲେ ବୋଲି ଆମିର କହିଛନ୍ତି। ହେଲେ ପରେ ସେ ବୁଝିପାରିଥିଲେ ଯେ କ୍ରୋଧ ଯୋଗୁ ସେ ଏପରି ନିଷ୍ପତ୍ତି ନେଇଛନ୍ତି। ଏପରି କି ଫିଲ୍ମ ଲାଲ ସିଂ ଚଢା ପରେ ଆମିର ତାଙ୍କ ନିଷ୍ପତ୍ତି ଘୋଷଣା କରିବାକୁ ମଧ୍ୟ ସ୍ଥିର କରିଥିଲେ। କିନ୍ତୁ ତାଙ୍କ ପୂର୍ବତନ ସ୍ତ୍ରୀ କିରଣ ଏବଂ ପିଲାମାନେ ଆମିରଙ୍କୁ ବୁଝାଇ କହିଥିଲେ, ସେ ଭୁଲ କରିବାକୁ ଯାଉଛନ୍ତି। କିରଣ ତାଙ୍କୁ କହିଥିଲେ ଯେ, ସେ ଯେତେବେଳେ ଆମିରଙ୍କୁ ଦେଖନ୍ତି ତାଙ୍କ ଭିତରେ ଫିଲ୍ମ ହିଁ ଦେଖାଯାଏ। ଏହା କହି କିରଣ କାନ୍ଦିପକାଇଥିଲେ। ଏହାପରେ ଆମିର ନିଜକୁ ବୁଝାଇବା ସହ ଇଣ୍ଡଷ୍ଟ୍ରିକୁ ଫେରିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ପ୍ରକାଶ କରିଛନ୍ତି।

# ସବୁଠୁ ଛୋଟ ଘୋଡ଼ା



**ବୁଏନସ୍ ଏୟାର୍ସ:** ଘୋଡ଼ାଙ୍କ ଭିତରେ ଏପରି ଏକ ପ୍ରଜାତି ଅଛନ୍ତି, ଯିଏ ଉଚ୍ଚତାରେ ବହୁତ ଛୋଟ। ଏମାନଙ୍କୁ ସବୁଠାରୁ ଛୋଟ ଘୋଡ଼ା ବୋଲି କୁହାଯାଏ। ଆର୍ଜେଣ୍ଟିନାର ଫାଲାବେଲା ଟାଇଟଲଧାରୀ ଏକ ପରିବାର ୧୯୦୦ ଶତାବ୍ଦୀର ମଧ୍ୟଭାଗରେ ଘୋଡ଼ାର ନୂଆ ପ୍ରଜାତିର ବ୍ରିଡ୍ କରିଥିଲେ। ସେହି ପରିବାରର ନାମ ଅନୁସାରେ ଘୋଡ଼ାର ନାମ ଫାଲାବେଲା ରଖାଯାଇଛି। ଏମାନଙ୍କ ଉଚ୍ଚତା ୭୦ ସେଣ୍ଟିମିଟର ପର୍ଯ୍ୟନ୍ତ ହୋଇଥାଏ। ହେଲେ ଏମାନେ ୪୦ରୁ ୪୫ ବର୍ଷ ପର୍ଯ୍ୟନ୍ତ ବଞ୍ଚିପାରନ୍ତି। ଫାଲାବେଲା ଘୋଡ଼ା ବହୁତ ବୁଦ୍ଧିମାନ୍ ହେବା ସହ ଶାନ୍ତ ଏବଂ ମିଳାମିଶା ସ୍ୱଭାବର ହୋଇଥାନ୍ତି। ଅନେକେ ଘରେ ଏହି ଘୋଡ଼ାଙ୍କୁ ପାଳିତ ପଶୁ ଭାବେ ମଧ୍ୟ ରଖିଥାନ୍ତି। ଏମାନଙ୍କୁ ଭାର ଉଠାଇବାର ଟ୍ରେନିଂ ଦିଆଯାଇପାରିବ।

# 'କ୍ରକ୍ କୁଇନ୍'



ଅଟାୱା: ଲୋକଙ୍କ ପସନ୍ଦ ଭିନ୍ନ। ତେବେ ସେ ନିଜ ପସନ୍ଦର ଜିନିଷକୁ ଅତି ଯତ୍ନର ସହ ସାଇତି ରଖିଥାନ୍ତି। କିନ୍ତୁ କିଛି ଲୋକଙ୍କର ଅଜବ ସଉକ ଦେଖିଲେ ବେଳେ ବେଳେ ଆଶ୍ଚର୍ଯ୍ୟ ଲାଗିଥାଏ। କାନାଡାରେ ରହୁଥିବା ଜଣେ ମହିଳା ତାଙ୍କ ଜୋତା କିଣା ସଉକ ପାଇଁ ଚର୍ଚ୍ଚିତ ହେବାରେ ଲାଗିଛନ୍ତି। ରେୟାନ ନାମ୍ନୀ ଏହି ମହିଳା ଟିକଟକ୍ ଜରିଆରେ ନିଜର ଏହି ସଉକ ବାବଦରେ ଲୋକଙ୍କୁ ଜଣାଇଥିଲେ। ସେ ଶୋଇବା ଘର କାନ୍ଥରେ ଶହ ଶହ ଜୋତା କିଣି ସଜେଇ ରଖିଥିବା ଦେଖାଇଛନ୍ତି। ମହିଳାଙ୍କ ଏପରି ଅଜବ ସଉକ ପାଇଁ ସେ ନିଜକୁ 'କ୍ରକ୍ କୁଇନ୍' ବୋଲି କୁହନ୍ତି। କୌଣସି ସ୍ଥାନରେ ସୁନ୍ଦର ଜୋତାଟିଏ ଦେଖିଲେ ସେ ନ କିଣି ରହିପାରନ୍ତି ନାହିଁ। ତେଣୁ କୌଣସି ସ୍ଥାନକୁ ବୁଲିବାକୁ ଯିବାବେଳେ ବି ସେ ଜୋତା କିଣି ଘରକୁ ଆଣନ୍ତି। ସେ ରଙ୍ଗ ବେରଙ୍ଗର ଜୋତା ସବୁକୁ କାନ୍ଥରେ ସୁନ୍ଦର ଭାବେ କଣ୍ଟା ସାହାଯ୍ୟରେ ଟଙ୍ଗାଇଥାନ୍ତି। ନିଜ କାନ୍ଥରେ ଏବେ ସୁଦ୍ଧା ସେ ୧୧୪ ହଳ ଜୋତା ଟାଙ୍ଗି ରଖିଛନ୍ତି।

# କାଠରେ ଟ୍ରେଡ୍‌ମିଲ୍



**ହାଇଦ୍ରାବାଦ:** ବର୍ତ୍ତମାନ ସମୟରେ ଅଧିକାଂଶ ଲୋକ ଜିମ୍ ଯାଇ କସରତ କରିବାକୁ ପସନ୍ଦ କରୁଛନ୍ତି। ଅନେକେ ଘରେ ଏହାର ଉପକରଣ ମଧ୍ୟ ଆଣି ବ୍ୟବହାର କରନ୍ତି। ସେଥିମଧ୍ୟରୁ ଅଧିକାଂଶ ବିଦ୍ୟୁତ୍‌ଚାଳିତ। ହେଲେ ତେଲଙ୍ଗାନାର ଜଣେ ବ୍ୟକ୍ତି କାଠ ସାହାଯ୍ୟରେ ଟ୍ରେଡ୍‌ମିଲ ତିଆରି କରିଛନ୍ତି, ଯାହାକି ବିନା ବିଜୁଳିରେ ଚାଲିପାରିବ। ଯୁବକ ଜଣକ ନିଜ ପ୍ରଚେଷ୍ଟା ଜରିଆରେ କାଠର ଟ୍ରେଡ୍‌ମିଲ ତିଆରି କରୁଥିବାର ଏକ ଭିଡିଓ ଅରୁନ ଭଗବତୁଲା ନାମକ ଜଣେ ବ୍ୟକ୍ତି ଟୁଇଟରରେ ଶେୟାର କରିଛନ୍ତି। ଏହା ଏବେ ଭାଇରାଲ ହେବାରେ ଲାଗିଛି। ଭିଡିଓକୁ ଦେଖି ଯୁବକଙ୍କ ଏପରି କୌଶଳକୁ ପ୍ରଶଂସା କରି ତେଲଙ୍ଗାନା ଆଇଟି ମନ୍ତ୍ରୀ କେ.ଟି. ରାମାରାଓ ଭିଡିଓକୁ ରି-ଟୁଇଟ୍ କରି ଲେଖିଛନ୍ତି, ଏହା ଅତ୍ୟନ୍ତ ସୁନ୍ଦର, ଏହାର ପ୍ରଚାର ପ୍ରସାର ହେବା ଉଚିତ।

# ସର୍ଜରି ସଉକ



**ଅଟାୱା:** ବାରମ୍ବାର ପ୍ଲାଷ୍ଟିକ ସର୍ଜରି ଯୋଗୁ ଚର୍ଚ୍ଚାରେ ଅଛନ୍ତି କାନାଡାର ଟରଣ୍ଟୋରେ ରହୁଥିବା ମଡେଲ ଏବଂ ଗାୟିକା ସେରେନା ସ୍ମିଥ। ଏବେ ପୁଣି ଥରେ ସେ ପ୍ଲାଷ୍ଟିକ ସର୍ଜରି କରିବାକୁ ଯାଉଛନ୍ତି। ରିପୋର୍ଟ ଅନୁସାରେ ସେରେନା ବ୍ରାଜିଲିୟନ୍ ବଟ୍ ଲିଫ୍ଟ ନାମକ ଏକ କସ୍‌ମେଟିକ୍ ସର୍ଜରି କରିବେ, ଯେଉଁଥିରେ ତାଙ୍କୁ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ହେବ। ସେ ବର୍ତ୍ତମାନ ତାଙ୍କର ଏକ ନୂଆ ଆଲବମ୍‌ରେ କାମ କରୁଛନ୍ତି। ସେ ୧୮ ବର୍ଷ ବୟସରେ ପ୍ରଥମ ଥର ପାଇଁ ବ୍ରେଷ୍ଟ ସର୍ଜରି କରିଥିଲେ। ଏହାପରଠାରୁ ସେ ତାଙ୍କ ମୁହଁରେ ଅନେକ ସର୍ଜରି କରିଛନ୍ତି। ସେରେନା କହିଛନ୍ତି, 'ମୋର ଏହି ସର୍ଜରିରେ ଲୋକେ ମୋତେ ଅଜବ ଦୃଷ୍ଟିରେ ଦେଖନ୍ତି, କିନ୍ତୁ ମୋତେ ଏହା ଭଲ ଲାଗେ, ତେଣୁ ମୁଁ ସେମାନଙ୍କ କଥାକୁ ଖାତିର ନ କରି ମୋ ଶୈଳୀରେ ବଞ୍ଚେ'।

## ସଂକ୍ଷେପରେ

### ୨୦ ଘଣ୍ଟା ପଡ଼ି ରହିଲା ମୃତଦେହ

**ବରଗଡ଼ ଅଫିସ୍,୨୭।୩:** ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ମହାପ୍ରୟାଣ ଗାଡ଼ି ଅଭାବରୁ ମୃତଦେହ ବ୍ୟବଚ୍ଛେଦ ପାଇଁ ଯାଇ ନ ପାରି ଘଣ୍ଟା ଘଣ୍ଟା ଧରି ପଡ଼ିରହୁଛି। ରବିବାର ଏଭଳି ଏକ ଘଟଣା ଦେଖିବାକୁ ମିଳିଥିଲା। ଗତ ଶନିବାର ସୋହେଲା ବ୍ଲକ ବାରୁପାଲି ଗ୍ରାମର ଅଶୋକ ପଟେଲ କୀଟନାଶକ ଖାଇଦେବାରୁ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅପରାହ୍ଣ ପ୍ରାୟ ୩ଟାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜିଲା ମୁଖ୍ୟ ଡାକ୍ତରଖାନାରୁ ପ୍ରାୟ ୭ କି.ମି ଦୂର ବରଗଡ଼ ସହର ସ୍ଥିତ ପୁରୁଣା ହସ୍ପିଟାଲରେ ଶବ ବ୍ୟବଚ୍ଛେଦ ଗୃହ ଥିବାବେଳେ ଗାଡ଼ି ଯୋଗାଡ଼ କରି ନ ପାରିବାରୁ ପରିବାର ଲୋକେ ସେଠାକୁ ମୃତଦେହ ନେଇ ପାରି ନ ଥିଲେ। ଏପରିକି ଡାକ୍ତରଖାନା, ପୋଲିସ କର୍ମଚାରୀ ତାହା ଜାଣିବା ସତ୍ତ୍ୱେ ସେଥିପାଇଁ ଗାଡ଼ି ବ୍ୟବସ୍ଥା ମଧ କରି ନ ଥିଲେ ଏବଂ ମୃତଦେହ ରବିବାର ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ପଡ଼ିରହିଥିଲା। ସେହିପରି ବିଜେପୁର ବ୍ଲକ ଅଧୀନ ସାଲେପାଲି ଗ୍ରାମର ଗହଳ ଭୁଏଙ୍କ ମଧ୍ୟ ବାର୍ଦ୍ଧକ୍ୟଜନିତ ରୋଗ କାରଣରୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା ଏବଂ ମୃତଦେହ ପଡ଼ି ରହିଥିଲା। ଏ ନେଇ ସ୍ୱେଚ୍ଛାସେବୀ ବିକାଶ ଅଗ୍ରୱାଲ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅରୁଣ କୁମାର ପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ମୃତଦେହ ନେବା ପାଇଁ ଗାଡ଼ି ବ୍ୟବସ୍ଥା କରାଯାଇଥିଲା।

### ଅଟୋ ଓଲଟି ଜଣେ ମୃତ, ୮ ଗୁରୁତର

**ଲୋଇସିଂହା,୨୭।୩(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ତଲିଉଡାର ତଳିବନ୍ଧ ନିକଟରେ ଏକ ଅଟୋ ଭାରସାମ୍ୟ ହରାଇ ଓଲଟି ପଡିବାରୁ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ଏଥିରେ ଥିବା ଅନ୍ୟ ୮ ଯାତ୍ରୀ ଗୁରୁତର ହୋଇଛନ୍ତି। ମୃତା ହେଲେ ରୋଥ ଗ୍ରାମର ବିମଳା ଭୋଇ(୮୫)। ରୋଥ ଓ ବାଦିମୁଣ୍ଡା ଅଞ୍ଚଳର କେତେଜଣ ବ୍ୟକ୍ତି ଦୁଆନାପାଲିକୁ ଏକ ବିବାହ ଉତ୍ସବରେ ଯୋଗଦେବାକୁ ଯାଇଥିଲେ। ବିବାହ ଉତ୍ସବ ସାରି ଅଟୋରେ ଘରକୁ ଫେରୁଥିବାବେଳେ ବଲାଙ୍ଗୀର-କୁଶଙ୍ଗ ରାସ୍ତାର ତଳିବନ୍ଧ ନିକଟରେ ଗାଡି ଓଲଟି ପଡିଥିଲା।

# ଅଲିଭ୍ ରିଡ୍‌ଲେଙ୍କ ଗଣଅଣ୍ଡାଦାନ ଆରମ୍ଭ

## ପ୍ରଥମ ପର୍ଯ୍ୟାୟରେ ୪୦,୫୩୩ ଅଣ୍ଡା

**ଗଞ୍ଜାମ,୨୭।୩(ଡି.ଏନ୍.ଏ.)**





ଅଲିଭ୍ ରିଡ୍‌ଲେଙ୍କ ଗଣଅଣ୍ଡାଦାନ।

ଗଞ୍ଜାମ ଜିଲାର ପାଲିବନ୍ଧ ପଞ୍ଚାୟତ ପୁରୁଣାବନ୍ଧ ନିକଟସ୍ଥ ରୁଷିକୂଲ୍ୟା ମୁହାଣରେ ସାମୁଦ୍ରିକ କଇଁଛଙ୍କ ଗଣଅଣ୍ଡାଦାନ ପର୍ବ ଆରମ୍ଭ ହୋଇଛି। ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୪୦,୫୩୩ ସାମୁଦ୍ରିକ କଇଁଛ ସମୁଦ୍ରର ନୀଳ ଜଳରାଶିରୁ ଉଠିଆସି ବେଳାଭୂମିର ବାଲୁକା ରାଶିରେ ଗଣଅଣ୍ଡାଦାନ କରିଥିବା ଡିଏଫ୍‌ଓ ଅମ୍ଲାନ କୁମାର ନାୟକ ସୂଚନା ଦେଇଛନ୍ତି। ଶନିବାର ବିଳମ୍ବିତ ରାତ୍ରରୁ ରବିବାର ସକାଳ ୮ଟା ମଧ୍ୟରେ ଗୋଖରକୁଦା ଗ୍ରାମଠାରୁ ପୋଡମ୍‌ପେଟା ଗ୍ରାମ ରୁଷିକୂଲ୍ୟା ନଦୀ ଓ ସମୁଦ୍ର ମଧ୍ୟରେ ସୃଷ୍ଟି ହୋଇଥିବା ଆୟର୍ଲାଣ୍ଡ ମଧ୍ୟରେ ଗଣଅଣ୍ଡାଦାନ ହୋଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଡିଏଫ୍‌ଓ ନାୟକଙ୍କ ନିର୍ଦ୍ଦେଶକ୍ରମେ ଖଲ୍ଲିକୋଟ ରେଞ୍ଜର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ରମ୍ଭା ଫରେଷ୍ଟର ଅବିନାଶ ଚୌଧୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବନ ବିଭାଗ ଟିମ୍ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗରେ ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ଓ ଗଣତି ବ୍ୟବସ୍ଥା କରାଯାଉଛି। କଇଁଛଙ୍କ ସୁରକ୍ଷା ଦୃଷ୍ଟିରୁ ବେଳାଭୂମିରେ ୫୦ଟି ସେଗ୍‌ମେଣ୍ଟ କରାଯାଇଛି। ଗୋଟିଏ ଗୋଟିଏ ସେଗ୍‌ମେଣ୍ଟରେ ଦୁଇଜଣ ଲେଖାଏ ବ୍ୟକ୍ତି ଏପରିକି ୧୦୦ ବ୍ୟକ୍ତିଙ୍କୁ ମୁତୟନ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଗଞ୍ଜାମ ଜିଲାର ରୁଷିକୂଲ୍ୟା ମୁହାଣ, କେନ୍ଦ୍ରାପଡା ଜିଲା ଅନ୍ତର୍ଗତ ରାଜନଗର ବ୍ଲକର ଗହୀରମଥା ଓ ପୁରୀ ଜିଲାର ଦେବୀ ମୁହାଣ ଏହି ତିନୋଟି ସ୍ଥାନକୁ ସେମାନଙ୍କ ପ୍ରଜନନ ସ୍ଥଳ ଭାବେ ବାଛି ନେଇଛନ୍ତି।

# ଯଥେଷ୍ଟ ସାହାଯ୍ୟ କରୁନି ଆମେରିକା

## ବାଇଡେନ୍‌ଙ୍କୁ ୟୁକ୍ରେନ୍ ଏମ୍‌ପିଙ୍କ ସମାଲୋଚନା

**କିଭ୍, ୨୭।୩**



ଇନା ସୋଭସୁନ

ରୁଷିଆ ସହ ଲଢ଼େଇରେ ଆମେରିକା ଯଥେଷ୍ଟ ସହାୟତା ଦେଉନାହିଁ ବୋଲି କହିଛନ୍ତି ୟୁକ୍ରେନ୍ ଏମ୍‌ପି ଇନା ସୋଭସୁନ। ଏକ ଟୁଇଟ୍‌ରେ ଇନା ଲେଖିଛନ୍ତି, 'ୟୁକ୍ରେନୀୟମାନେ ଆମେରିକାଠାରୁ ଯଥେଷ୍ଟ ସହାୟତା ପାଇବା ଭଳି ମନେ କରୁନାହାନ୍ତି। ବାଇଡେନ୍ ଅଧିକ ସାହାଯ୍ୟ କରିବା ବାବଦରେ ଶବ୍ଦଟିଏ ବି କହୁଥିବାର ମୁଁ ଶୁଣିନାହିଁ। ପାଶ୍ଚାତ୍ୟ ଆମକୁ ସହାୟତା କରିବା ନେଇ ଜଣେ ୟୁକ୍ରେନ୍ ନାଗରିକ ଭାବେ ମୁଁ ନିଶ୍ଚିତ ନୁହେଁ। ପୋଲାଣ୍ଡକୁ ସେ ଭରସା ଦେଇଥିବାରୁ ମୁଁ ଖୁସି, କିନ୍ତୁ କିଭ୍ ଓ ଖର୍କିଭ୍‌ରେ ବୋମା ଫୁଟୁଛି, ୱାର୍ସରେ ନୁହେଁ। ସେହିପରି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲନ୍‌ସ୍କି ମଧ ପାଶ୍ଚାତ୍ୟକୁ ଅଧିକ ସହାୟତା ମାଗିଛନ୍ତି। ରୁଷିଆ ସାମ୍ନାରେ ନାଟୋ ସାହସ ଦେଖାଉ। ୟୁକ୍ରେନ୍‌କୁ ନାଟୋର କେବଳ ୧ ପ୍ରତିଶତ ଏୟାରକ୍ରାଫ୍ଟ ଏବଂ ୧ ପ୍ରତିଶତ ଟ୍ୟାଙ୍କ ଆବଶ୍ୟକ। ଏହାଠାରୁ ଅଧିକ ମଗାଯିବ ନାହିଁ ବୋଲି ଜେଲେନ୍‌ସ୍କି କହିଛନ୍ତି।

# ଭାରତ ଆସିପାରନ୍ତି ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ

**ନୂଆଦିଲ୍ଲୀ, ୨୭।୩**



ସେର୍‌ଗି ଲାଭ୍ରୋଭ୍

ଚାଇନା ପରେ ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସେର୍‌ଗି ଲାଭ୍ରୋଭ୍ ଶୀଘ୍ର ଭାରତ ଗସ୍ତ କରିପାରନ୍ତି ବୋଲି ରିପୋର୍ଟ ପ୍ରକାଶ ପାଇଛି। ଭାରତ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଶ୍ରୀଲଙ୍କା ଓ ମାଳଦ୍ୱୀପ ଗସ୍ତରୁ ଫେରିବା ପରେ ତାରିଖ ବାବଦରେ ଘୋଷଣା କରାଯିବ। ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପରଠାରୁ ସୃଷ୍ଟି ହୋଇଥିବା ବୈଶ୍ୱିକ ଭୂରାଜନୈତିକ ସ୍ଥିତି ଉପରେ ଲାଭ୍ରୋଭ୍ ଗୁରୁତ୍ୱ ଦେଇପାରନ୍ତି। ଏହାବାଦ୍ ଭାରତ ଓ ରୁଷିଆ ମଧ୍ୟରେ ଟଙ୍କା-ରୁବଲରେ କାରବାର, ମସ୍କୋରୁ ନୂଆଦିଲ୍ଲୀକୁ ତୈଳ ଯୋଗାଣ ଆଦି ଉପରେ ମଧ ଆଲୋଚନା ହୋଇପାରେ।

# ପୂର୍ବତନ ସରପଞ୍ଚଙ୍କ ପରିବାରକୁ ସାମାଜିକ ବାସନ୍ଦ

## ଥାନାରେ ଏତଲା ଦେଲେ ବଡ଼ପୁଅ

**ଡାବୁଗାଁ, ୨୭।୩ (ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ହାତୀବେଡ଼ା ପଞ୍ଚାୟତର ଜଣେ ପୂର୍ବତନ ସରପଞ୍ଚଙ୍କ ପରିବାରକୁ ସାମାଜିକ ବାସନ୍ଦ କରାଯାଇଛି। ଏ ନେଇ ସମ୍ପୃକ୍ତ ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ମାଝିଙ୍କ ବଡ଼ପୁଅ ନିତ୍ୟାନନ୍ଦ ଶନିବାର ଡ଼ାବୁଗାଁ ଥାନାରେ ଏତଲା ଦେଇଛନ୍ତି। ବଡ଼ପାଞ୍ଜିରିଗୁଡ଼ାର ଜଣେ ଅଣହିନ୍ଦୁ ଯୁବକ ତଥା ବଡ଼ପାଞ୍ଜିରିଗୁଡ଼ା ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା କମିଟି ସଭାପତି ସଞ୍ଜିତ ହରିଜନ ଗ୍ରାମବାସୀଙ୍କୁ ମତାଇ ତାଙ୍କ ପରିବାରକୁ ସାମାଜିକ ବାସନ୍ଦ କରିଥିବା ଏତଲାରେ ଉଲ୍ଲେଖ ରହିଛି। ଡାବୁଗାଁ ପୋଲିସ ଅଭିଯୋଗ ଗ୍ରହଣ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ପାପଡ଼ାହାଣ୍ଡି ବ୍ଲକ ହାତୀବେଡ଼ା ପଞ୍ଚାୟତରେ ୨୦୧୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ରାମଚନ୍ଦ୍ର ଏବଂ ୨୦୧୭ ରେ ତାଙ୍କ ସ୍ତ୍ରୀ ବାସନ୍ତୀ ସରପଞ୍ଚ ନିର୍ବାଚିତ ହୋଇଥିଲେ। ଚଳିତ ପଞ୍ଚାୟତ ନିର୍ବାଚନରେ ତାଙ୍କ ସାନପୁଅ ଗୁପ୍ତ ସରପଞ୍ଚ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ହାରି ଯାଇଥିଲେ। ତେବେ ବଡ଼ପାଞ୍ଜିରିଗୁଡ଼ା ନିକଟସ୍ଥ ସିନ୍ଧିଭଟ୍ଟା ଗ୍ରାମ ଜଙ୍ଗଲକୁ ନେଇ ପୂର୍ବରୁ ଦୁଇ ଗ୍ରାମ ମଧ୍ୟରେ ବିବାଦ ଲାଗି ରହିଛି। ସିନ୍ଧିଭଟ୍ଟା ଗ୍ରାମବାସୀ ଜଙ୍ଗଲ ଉପରେ ଅଧିକାର ଜାହିର କରୁଥିବାବେଳେ ବଡ଼ପାଞ୍ଜିରିଗୁଡ଼ା ଗ୍ରାମବାସୀ ମଧ ଏହି ଜଙ୍ଗଲ ଉପରେ ନିଜ ଅଧିକାର ଥିବା ଦାବି କରି ଆସୁଛନ୍ତି। ସିନ୍ଧିଭଟ୍ଟା ଗ୍ରାମର ରବି ଗୌଡ଼ଙ୍କୁ ଜଙ୍ଗଲ ଅଧିକାର ଆଇନ ବଳରେ ରାମଚନ୍ଦ୍ରଙ୍କ ପୁଅ ନିତ୍ୟାନନ୍ଦ ଓ ତାଙ୍କ ମାମୁ ଭଗବାନ ନାୟକ ସମର୍ଥନ କରିବା ପରେ ବିବାଦ ବଢ଼ିଛି। ଏହି ଘଟଣା ପରେ ବଡ଼ପାଞ୍ଜିରିଗୁଡ଼ାରେ ଏକ ବୈଠକ ବସି ପୂର୍ବତନ ସରପଞ୍ଚଙ୍କ ପରିବାରକୁ ସାମାଜିକ ବାସନ୍ଦ କରିବାକୁ ନିଷ୍ପତ୍ତି ହୋଇଥିଲା। ଏବେ ପୂର୍ବତନ ସରପଞ୍ଚଙ୍କ ପରିବାରକୁ ଗ୍ରାମର କୌଣସି କାର୍ଯ୍ୟରେ ସାମିଲ କରାଯାଉନାହିଁ। ଗ୍ରାମର କୌଣସି ପରିବାର ତାଙ୍କ ସହ କଥାବାର୍ତ୍ତା ମଧ କରୁନାହାନ୍ତି। ଯଦି କେହି ତାଙ୍କ ପରିବାରକୁ କୌଣସି କ୍ଷେତ୍ରରେ ସାହାଯ୍ୟ କରନ୍ତି ତେବେ ୫୦୦ ଟଙ୍କା ଜରିମାନା ଦେବାକୁ ନିଷ୍ପତ୍ତି ହୋଇଛି। ତେଣୁ କେହି ତାଙ୍କ ପରିବାରକୁ ସହଯୋଗ କରୁନାହାନ୍ତି ତେଣୁ ପୂର୍ବତନ ସରପଞ୍ଚଙ୍କ ପରିବାର ମାନସିକ ଦୁଶ୍ଚିନ୍ତାରେ ଥିବା ଅଭିଯୋଗ ହୋଇଛି। ପରିବାରକୁ ନ୍ୟାୟ ଦେବାକୁ ରାମଚନ୍ଦ୍ରଙ୍କ ପୁଅ ଏତଲାରେ ନିବେଦନ କରିଛନ୍ତି।

## ଶ୍ରୀକାନ୍ତ ପରିଡ଼ା ଓମ୍ପା ସଭାପତି



**ପାରାଦୀପ, ୨୭।୩ (ସ୍ୱ.ପ୍ର.)**

ପାରାଦୀପର ଅନ୍ୟତମ ପୁରୁଣା ତଥା ବୃହତ୍ ସଂଘ ଓମ୍ପା (ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ)ର କର୍ମକର୍ତ୍ତା ନିର୍ବାଚନ ରବିବାର ଶେଷ ହୋଇଛି। ଏଥିରେ ଶ୍ରୀକାନ୍ତ ପରିଡା (ଲିଟୁ)ଙ୍କ ୯ ଜଣିଆ ଟିମ୍ ମଧ୍ୟରୁ ୮ ଜଣ ବିଜୟୀ ହୋଇଛନ୍ତି। ସମୁଦାୟ ୪୯୯ ଭୋଟ ମଧ୍ୟରୁ ୪୬୨ ଜଣ ଗୁପ୍ତ ବାଲାଟ ପେପର ଜରିଆରେ ମତଦାନ କରିଥିଲେ। ଏଥିରେ ଶ୍ରୀକାନ୍ତ ସଭାପତି ଓ ସମ୍ପାଦକ ଭାବେ ଅରବିନ୍ଦ ସ୍ୱାଇଁ ଜିତିଛନ୍ତି। ଶ୍ରୀକାନ୍ତ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପୂର୍ବତନ ସଭାପତି ଥିଲେ।

# ଜୟ ଶ୍ରୀରାମ କହିବାରୁ ପିଟି ମାରିଦେଲେ

**କୁଶୀନଗର, ୨୭।୩**



ବବୁର

ଉତ୍ତରପ୍ରଦେଶର କୁଶୀନଗର ଜିଲାରେ ଜଣେ ଭାଜପା ସମର୍ଥକ ମୁସଲମାନ ଯୁବକ ଜୟ ଶ୍ରୀରାମ କହିବାରୁ ତାଙ୍କୁ ପଡ଼ୋଶୀମାନେ ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ବବୁର(୨୦) ରାମକୋଲା ଥାନା କାଠଗ୍ରାହି ଗ୍ରାମର ବାସିନ୍ଦା। ସୂଚନା ଅନୁସାରେ, ୟୁପି ନିର୍ବାଚନରେ ଭାଜପାର ବିଜୟ ଉତ୍ସବ ପାଳନରେ ସେ ସାମିଲ ହେବା ସହ ମିଠା ବାଣ୍ଟିଥିଲେ। ଗତ ୨୦ ତାରିଖରେ ସେ ତାଙ୍କ ଦୋକାନ ବନ୍ଦ କରି ଘରକୁ ଫେରୁଥିବାବେଳେ ଜୟ ଶ୍ରୀରାମ ନାରା ଦେଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ପଡ଼ୋଶୀମାନେ ତାଙ୍କୁ ମାଡ଼ ମାରିଥିଲେ ସ୍ତ୍ରୀ ଫତିମା କହିଛନ୍ତି। ଗୁରୁତର ଅବସ୍ଥାରେ ବବୁରଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ତଦନ୍ତ ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ଡିଏମ୍ ବରୁଣ କୁମାର ପାଣ୍ଡେ କହିଛନ୍ତି।

# ପୁରୀ, କୋଣାର୍କ ବୁଲିଲେ ନବନିଯୁକ୍ତ ସାମାଜିକ ସୁରକ୍ଷା ଅଧିକାରୀ

**ପୁରୀ ଅଫିସ, ୨୭।୩**

ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ଭାବେ ନିଯୁକ୍ତି ପାଇଥିବା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀମାନେ ରବିବାର ପୁରୀ ଭ୍ରମଣରେ ଆସି ବିଭିନ୍ନ ସ୍ଥାନ ବୁଲି ଦେଖିଛନ୍ତି। ଏହି ଅଧିକାରୀମାନଙ୍କୁ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀରେ ଏକ ମାସ ନିମନ୍ତେ ତାଲିମ ଦିଆଯାଉଛି। ସେମାନେ ପ୍ରଥମେ କୋଣାର୍କ, ରାମଚଣ୍ଡି ବୁଲି ଦେଖିସାରିବା ପରେ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ମହାପ୍ରସାଦ ସେବନ ପରେ ସେମାନେ ବ୍ଲୁ ଫ୍ଲାଗ ବିଚ୍ ବୁଲିଥିଲେ। ଏହାପରେ ଅଧିକାରୀମାନେ ଭୁବନେଶ୍ୱର ଫେରି ଯାଇଥିଲେ। ପୁରୀ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ନାୟକ ଏହି ନବନିଯୁକ୍ତ ଅଧିକାରୀମାନଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ଷେତ୍ରରେ ନିଷ୍ଠାର ସହ କାମ କରିବାକୁ ପରାମର୍ଶ ଦେଇଥିଲେ। ଆପଦକାଳୀନ ଅଧିକାରୀ ଜିତେନ୍ଦ୍ର କୁମାର ପାତ୍ର ବିପର୍ଯ୍ୟୟ ପରିଚାଳନା ଉପରେ ସମ୍ୟକ ଅଭିଜ୍ଞତା ବାଣ୍ଟିଥିଲେ। ଜରୁରୀ ସେବା ପ୍ରଦାନ ସମୟରେ କର୍ମକ୍ଷେତ୍ରରେ ନିଜକୁ ଉପଯୋଗୀ କରିବା ଉପରେ ମଧ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ।

# ମାର୍ଚ୍ଚ ସୁଦ୍ଧା ସରିବ କଂଗ୍ରେସ ସଦସ୍ୟ ସଂଗ୍ରହ ଅଭିଯାନ

## ମେ'ରୁ ସେପ୍ଟେମ୍ବର ମଧ୍ୟରେ ଦଳୀୟ ନିର୍ବାଚନ

**ଭୁବନେଶ୍ୱର,୨୭।୩(ବ୍ୟୁରୋ)**




ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)ର ନିର୍ଦ୍ଦେଶକ୍ରମେ ଗତ ନଭେମ୍ବର ୧ରୁ ଆରମ୍ଭ ହୋଇଥିବା କଂଗ୍ରେସର ନୂତନ ସଭ୍ୟ ସଂଗ୍ରହ ଅଭିଯାନ ଚଳିତ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହେବ। ଏନେଇ ରବିବାର ରାଜ୍ୟ କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସଭା ସଦସ୍ୟ ତଥା ଓଡ଼ିଶା ପିଆରଓ ନିରଜ ଡାଙ୍ଗୀ କହିଛନ୍ତି। ଏହି ସଦସ୍ୟ ସଂଗ୍ରହ ଅଭିଯାନ ଶେଷ ପରେ ମେ' ୧୬ରୁ ୩୦ ତାରିଖ ମଧ୍ୟରେ ବ୍ଲକସ୍ତରୀୟ କମିଟି ପାଇଁ ଦଳୀୟ ନିର୍ବାଚନ ଓ ଜୁନ ମାସ ସୁଦ୍ଧା ଜିଲାସ୍ତରୀୟ ନିର୍ବାଚନ ହେବ। ସେହିପରି ଜୁଲାଇ ସୁଦ୍ଧା ପ୍ରଦେଶ କଂଗ୍ରେସ କମିଟିର ନିର୍ବାଚନ ଓ ସେପ୍ଟେମ୍ବର ଶେଷ ସୁଦ୍ଧା ସର୍ବଭାରତୀୟ କଂଗ୍ରେସ ଦଳର ସଭାପତି ଏବଂ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତାଙ୍କ ପାଇଁ ନିର୍ବାଚନ ହେବ। ଏହି ନିଷ୍ପତ୍ତିରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ଡାଙ୍ଗୀ କହିଛନ୍ତି। ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ କହଛନ୍ତି ଯେ, ସଦସ୍ୟ ସଂଗ୍ରହ ଅଭିଯାନ ଓଡ଼ିଶାରେ ବୁଥ ସ୍ତରରୁ କରାଯାଉଛି। ଏହି କାର୍ଯ୍ୟ ପାଖାପାଖି ରାଜ୍ୟରେ ୨ ମାସରୁ ଅଧିକ ଦିନ ଧରି ଚାଲୁ ରହିଛି। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ସଦସ୍ୟ ସଂଗ୍ରହ ଅଭିଯାନ ଏକ ଲଗାତାର ପକ୍ରିୟା ପ୍ରତି ୫ବର୍ଷରେ ନୂତନ ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରାଯାଏ। ଯେତେ ଶୀଘ୍ର ସଭ୍ୟ ସଂଗ୍ରହ ଅଭିଯାନ ଶେଷ ହେବା ପରେ ତୃଣମୂଳ ସ୍ତରରୁ ସାଙ୍ଗଠନିକ ନିର୍ବାଚନ ଆରମ୍ଭ ହେବ। ଏହି ଖବରଦାତା ସମ୍ମିଳନୀରେ ସର୍ବଭାରତୀୟ କଂଗ୍ରେସ ସମ୍ପାଦକ ଜି. ରୁଦ୍ର ରାଜୁ ଓ ପିସିସି ଉପସଭାପତି ଯଜ୍ଞେଶ୍ୱର ବାବୁ ଉପସ୍ଥିତ ଥିଲେ।

# ଯୋଡ଼ା ଶିଶୁକନ୍ୟାଙ୍କ ମୃତ୍ୟୁ

**ସମ୍ବଲପୁର,୨୭।୩ (ବ୍ୟୁରୋ)**

ସମ୍ବଲପୁର ଜିଲା ସଦର ଡାକ୍ତରଖାନାରେ ଶନିବାର ରାତ୍ରିରେ ଜନ୍ମିତ ଯୋଡା ଶିଶୁକନ୍ୟାଙ୍କ ରବିବାର ଅପରାହ୍ନ ପ୍ରାୟ ୨ଟାରେ ମୃତ୍ୟୁ ଘଟିଛି। ଶିଶୁ ବିଶେଷଜ୍ଞ ଡା. ବିଜୟ କୁମାର ପଣ୍ଡା ଏହି ସୂଚନା ଦେଇ କହିଛନ୍ତି, ଯୋଡ଼ା ଶିଶୁକନ୍ୟାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଥିଲା। ସମୟ ପୂର୍ବରୁ ଜନ୍ମ ହୋଇଥିଲା। ଓଜନ ଓ ଆକାରରେ ମଧ ବୃଦ୍ଧି ହୋଇ ନ ଥିଲା। ଆବଶ୍ୟକ ଚିକିତ୍ସା କରାଯାଇଥିଲା। ହେଲେ ଶିଶୁ କନ୍ୟାଙ୍କ ମୃତ୍ୟୁ ହୋଇଥିଲା। ସୂଚନାଯୋଗ୍ୟ ଯେ, ରେଙ୍ଗାଲି ବ୍ଲକ ପଡ଼ା ବାସିନ୍ଦା ବିପିନ ସାହାଣୀଙ୍କ ସ୍ତ୍ରୀ ରବିନା ଦେବୀ ଏହି ଶିଶୁ କନ୍ୟା ଜନ୍ମ କରିଥିଲେ। ଦୁଇ ଶିଶୁକନ୍ୟାଙ୍କ ମୁଣ୍ଡ ଅଲଗା ଅଲଗା ଥିବା ବେଳେ ପେଟ ଓ ଛାତି ଯୋଡ଼ି ହୋଇ ରହିଥିଲା।

# ବାଲ୍ୟବିବାହ ରୋକିଲା ପ୍ରଶାସନ



ପ୍ରଶାସନିକ ଅଧିକାରୀ ଓ ପୋଲିସ ବାଲ୍ୟବିବାହକୁ ବନ୍ଦ କରୁଛନ୍ତି।

**କଳିଙ୍ଗନଗର,୨୭।୩(ଡି.ଏନ.ଏ.)**

ଦାନଗଦି ବ୍ଲକ ଧୂଳିଗଡ଼ ପଞ୍ଚାୟତ ମାନଗୋବିନ୍ଦପୁର ସଅର ସାହିରେ ରବିବାର ହେବାକୁ ଥିବା ଏକ ବାଲ୍ୟ ବିବାହକୁ ଜିଲା ପ୍ରଶାସନ ବନ୍ଦ କରିଛି। ଚାଇଲ୍ଡ ଲାଇନ୍ ଓ ଆସ୍‌ପାୟାରର ମିଳିତ ହସ୍ତକ୍ଷେପ ଯୋଗୁ ଏହି ବିବାହ କାର୍ଯ୍ୟ ବନ୍ଦ ହୋଇପାରିଛି। ସଅରସାହି ବସ୍ତିରେ ରହୁଥିବା ଜଣେ ୧୬ ବର୍ଷୀୟା ନାବାଳିକାଙ୍କ ସହ ଭୁବନେଶ୍ୱରର ଜଣେ ୧୫ ବର୍ଷର ନାବାଳକଙ୍କ ବିବାହ ପାଇଁ ସ୍ଥିର କରାଯାଇଥିଲା। ସନ୍ଧ୍ୟାରେ ବିବାହ କାର୍ଯ୍ୟ ହେବାର ଥିଲା। ତେବେ ସାହିରେ ବାଲ୍ୟ ବିବାହ ହେବାକୁ ଯାଉଥିବା କୌଣସିମତେ ଦାନଗଦି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ତଥା ବାଲ୍ୟବିବାହ ନିଷେଧ ଅଧିକାରୀ ଦେବକୀ ପାତ୍ର ଖବର ପାଇଥିଲେ। ତେଣୁ ସେ ତୁରନ୍ତ ଦାନଗଦି ଫାଣ୍ଡି ଭାରପ୍ରାପ୍ତ ଅଧିକାରୀ ଅଜୟ କୁମାର ସାହୁଙ୍କୁ ଧରି ସଅରସାହିରେ ପହଞ୍ଚିଥିଲେ। ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ପାଇବାପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କୁ ଖବର ଦେଇଥିଲେ।

ଅପରାହ୍ନରେ ସେମାନେ ପହଞ୍ଚି ନାବାଳକ, ନାବାଳିକାଙ୍କୁ ଉଦ୍ଧାର କରି ନିଜ ହେପାଜତକୁ ନେଇଥିଲେ। ଆବଶ୍ୟକ କାଗଜପତ୍ର ଯାଞ୍ଚ ପରେ ପୁଅ ଓ ଝିଅ କମ୍ ବୟସର ଥିବା ଜଣାପଡ଼ିଥିଲା। ବର ଓ କନ୍ୟା ପିତାମାତାଙ୍କୁ ଚାଇଲ୍ଡ ଲାଇନ ସଦସ୍ୟ ଓ ସ୍ୱେଚ୍ଛାସେବୀ ପହଞ୍ଚି ଏଭଳି ନ କରିବାକୁ ପରାମର୍ଶ ଦେଇଥିଲେ। ସ୍ଥାନୀୟ ଅଙ୍ଗନୱାଡି କର୍ମୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଏହି ସମୟରେ ଉପସ୍ଥିତ ଥିଲେ। ବାଲ୍ୟ ବିବାହ ନିଷେଧ ଅଧିକାରୀ ପାତ୍ର ନାବାଳକ ଓ ନାବାଳିକାଙ୍କୁ ଯାଜପୁର ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରିବା ସହ ପରବର୍ତ୍ତୀ ଥଇଥାନ ପାଇଁ ଚାଇଲ୍ଡ ଲାଇନକୁ ଆଦେଶ ଦେଇଛନ୍ତି।

# ଛୁରି ଭୁସି ଯୁବକଙ୍କୁ ହତ୍ୟା

**ଯୋଡ଼ା,୨୭।୩(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ସହରର ଗଣେଶ ଭବନ ଠାରେ ଜଣେ ଯୁବକଙ୍କୁ ଦୁର୍ବୃତ୍ତ ମାନେ ଛୁରୀ ଭୁସି ହତ୍ୟା କରାଯାଇଛି। ମୃତ ଯୁବକ ହେଲେ ନାଜିମ ଶେଖ(୨୨)। ତାଙ୍କ ଘର ପଶ୍ଚିମବଙ୍ଗ ରାଜ୍ୟ ମୁର୍ଶିଦାବାଦରେ। ସେ ଯୋଡ଼ାରେ ରହି ଏକ କମ୍ପାନୀର କଣ୍ଟ୍ରାକ୍ଟର ଅଧୀନରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

ପୋଲିସ ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ଗଣେଶ ଭବନ ଠାରେ ରହୁଥିବା ନାଜିମଙ୍କୁ ଦୁଇ ଜଣ ଦୁର୍ବୃତ୍ତ ବାହାରକୁ ଡକାଇଥିଲେ। ଗେଟ ବାହାରେ କୌଣସି କାରଣରୁ ବଚସା ହୋଇଥିଲା ଏବଂ ତାଙ୍କୁ ଉକ୍ତ ଦୁଇ ଜଣ ଦୁର୍ବୃତ୍ତ ପେଟରେ ଛୁରୀ ଭୁସି ସେଠାରୁ ଫେରାର ହୋଇଯାଇଥିଲେ। ରକ୍ତାକ୍ତ ଅବସ୍ଥାରେ ନାଜିମ ଚିତ୍କାର କରିବାରୁ ସେଠାରେ ଥିବା ଲୋକମାନେ ଆସି ତାଙ୍କୁ ଟାଟାଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଁ କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ନାଜିମଙ୍କ ସାନଭାଇ ସମୟାନ ଯୋଡ଼ା ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଏନେଇ ହତ୍ୟା ମାମଲା (ନଂ.୫୨/୨୦୨୨) ରୁଜୁହୋଇଛି।

# 'ବସନ୍ତଙ୍କ କବିତାରେ ଥିଲା ଭିନ୍ନ ଦିଗନ୍ତ'

## କବି ବସନ୍ତ ମୁଦୁଲି ସ୍ମୃତି ସମାରୋହ

**ଭଣ୍ଡାରିପୋଖରୀ, ୨୭।୩ (ଡି.ଏନ.ଏ.)**




ସମାରୋହରେ ଅତିଥିମାନେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ଆଦମପୁରଠାରେ ରବିବାର ୩୩ତମ କବି ବସନ୍ତ ମୁଦୁଲି ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କଥାଶିଳ୍ପୀ ଦାଶ ବେନହୁର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପବିତ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ଅନ୍ୟତମ ଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ, ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ, ନାଟ୍ୟକାର ସୁଧାକର ନନ୍ଦ, କଥାକାର ବିଜୟ ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମୁଦୁଲିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିସହ ଓଡ଼ିଆ କବିତାର ଜୟଯାତ୍ରା ସମ୍ପର୍କରେ ସେମାନେ ବକ୍ତବ୍ୟ ରଖିଥିଲେ। ବସନ୍ତଙ୍କ କବିତା ଶୈଳୀ ଆଧୁନିକ କବିତାରେ ଏକ ଭିନ୍ନ ଦିଗନ୍ତ ଥିଲା ବୋଲି ଅନ୍ୟତମ ଅତିଥି ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ମଲ୍ଲିକ ମତବ୍ୟକ୍ତ କରିଥିଲେ।

ଏହି ଅବସରରେ କବି ବସନ୍ତ ମୁଦୁଲି ସ୍ମୃତି ସଂସଦ ପକ୍ଷରୁ ୨୦୧୭ ପାଇଁ ଅଧ୍ୟାପକ କିଶୋର ପାଣିଗ୍ରାହୀ, ୨୦୧୮ ପାଇଁ ଡ. ଶୁଭଶ୍ରୀ ଲେଙ୍କା, ୨୦୧୯ ଲାଗି ପ୍ରୀତିଧାରା ସାମଲ, ୨୦୨୦ ପାଇଁ ଇପ୍‌ସିତା ଷଡ଼ଙ୍ଗୀ ଓ ୨୦୨୧ ଲାଗି ବାଦଲ ମହାନ୍ତିଙ୍କୁ ବସନ୍ତ ମୁଦୁଲି ସ୍ମୃତି କବିତା ପୁରସ୍କାର ପ୍ରଦାନ କରାଯାଇଥିଲା। ଅତିଥିମାନଙ୍କ ଉପସ୍ଥିତିରେ ପ୍ରାକ୍ତନ ଏମ୍‌ପି ସ୍ୱର୍ଗତ ବୈଷ୍ଣବ ପରିଡ଼ାଙ୍କ ଅନୁଦାନ ପାଣ୍ଠିରେ ନିର୍ମିତ ପାଠାଗାରକୁ ତାଙ୍କ ସ୍ତ୍ରୀ ସ୍ୱର୍ଣ୍ଣଲତା ପରିଡ଼ା ଲୋକାର୍ପଣ କରିଥିଲେ। କବି ନିରାକାର ଦାସ ଅତିଥି ପରିଚୟ, ଅଭିଜିତ ନାୟକ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିବା ବେଳେ ଗାଳ୍ପିକ ରଜନୀକାନ୍ତ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ବରିଷ୍ଠ ନାଗରିକ ଅରୁଣ କୁମାର ଖିଲାର, ସାମାଜିକ କର୍ମୀ ପାର୍ଥସାରଥୀ ମୁଦୁଲି, ଅମୂଲ୍ୟ ନାୟକ, ବିଜୟ ଖିଲାର, ଅମିତାଭ ଖିଲାର, ବିକାଶ କୁମାର ସାହୁ, ସୁଧାକର ମହାପାତ୍ର, ରବିନାରାୟଣ ପଣ୍ଡା, ଶାନ୍ତନୁ ମହାପାତ୍ର, ଅଭିଷେକ ଖିଲାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଜ୍ୟର ପ୍ରଥମ ଆର୍ଟିଫିସିଆଲ ଫୁଟ୍‌ବଲ ଟର୍ଫ ଉଦ୍‌ଘାଟିତ

## ପ୍ରତିଷ୍ଠିତ ଖେଳାଳି ଓ କୋଚ୍ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ କଲେ ଉଦ୍‌ଘାଟନ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବଲ୍‌କୁ କିକ୍ କରୁଛନ୍ତି ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ।



ନବନିର୍ମିତ ଓଡ଼ିଶାର ପ୍ରଥମ ଆର୍ଟିଫିସିଆଲ ଟର୍ଫ ଫୁଟ୍‌ବଲ ଖେଳପଡିଆ।

**ସୁନାବେଡ଼ା, ୨୭।୩ (ସ୍ୱ.ପ୍ର.)**

ସୁନାବେଡ଼ା ହାଲ୍‌ସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ ଇଣ୍ଡିଆ-ହାଲ୍ ସ୍ପୋର୍ଟ୍ସ ଟ୍ରେନିଂ ସେଣ୍ଟରଠାରେ ଓଡ଼ିଶାର ପ୍ରଥମ ଆର୍ଟିଫିସିଆଲ ଟର୍ଫ ଫୁଟ୍‌ବଲ ଖେଳପଡିଆ ଉଦ୍‌ଘାଟିତ ହୋଇଛି। ହାଲ ପ୍ରଶାସନ ପକ୍ଷରୁ ସିଏସ୍‌ଆର ପାଣ୍ଠିରୁ ପ୍ରାୟ ୨ କୋଟି ୭୫ ଲକ୍ଷ ଟଙ୍କା ବିନିମୟରେ ପଡ଼ିଆ ପ୍ରସ୍ତୁତ ହୋଇଛି। ଏହି ଅବସରରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ଓଡ଼ିଶା ମହିଳା ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ ତଥା ଭାରତୀୟ ମହିଳା ଫୁଟ୍‌ବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ଖେଳପଡିଆକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ସୁନାବେଡ଼ା ହାଲ୍‌ର ଏଭଳି ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଛନ୍ତି। ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲାରେ ଏଭଳି ଅନ୍ତର୍ଜାତୀୟସ୍ତରର ଭିତ୍ତିଭୂମିର ବ୍ୟବସ୍ଥା ଦ୍ୱାରା ଏହି ଅଞ୍ଚଳର ଯୁବ ଖେଳାଳି ବିଶେଷକରି ଝିଅମାନେ ମଧ ଫୁଟ୍‌ବଲ ଖେଳ ପ୍ରତି ଆକୃଷ୍ଟ ହେବେ ବୋଲି ସେ ମତପ୍ରକାଶ କରିଥିଲେ। ଉକ୍ତ ଉଦ୍‌ଘାଟନୀ ଉତ୍ସବରେ ହାଲ୍ କୋରାପୁଟ ପ୍ରଭାଗର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରମୋଦ କୁମାର, ହାଲ୍ ଇଞ୍ଜିନ ବିଭାଗର ମହାପ୍ରବନ୍ଧକ ରାମପ୍ରସାଦ ଚକ୍ରବର୍ତ୍ତୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଏହା ବ୍ୟତୀତ ହାଲ୍‌ର ବରିଷ୍ଠ ଅଧିକାରୀଗଣ, ସ୍ୱୀକୃତିପ୍ରାପ୍ତ କର୍ମଚାରୀ ସଂଘର କର୍ମକର୍ତ୍ତା, ହାଲ ଅଫିସର ଆସୋସିଏଶନର ପ୍ରତିନିଧି, ଏସ୍‌ସିଏସ୍‌ଟି କର୍ମଚାରୀ ଓ ଅଫିସର ସଂଘର କର୍ମକର୍ତ୍ତାଙ୍କ ସମେତ ନାଲ୍‌କୋ ମାନବ ସମ୍ବଳ ବିଭାଗର ମହାପ୍ରବନ୍ଧକ, କୋବ୍ରା ବାଟାଲିୟନର କମାଣ୍ଡାଣ୍ଟ ଏ. ବ୍ରୁନୋଙ୍କ ସମେତ ଆର୍‌ଡି ଆର୍‌ସିଏମ୍‌ଏ, ଡିଜି ଏକ୍ୟୁଏ, ସିଓ ଏଏଫ୍‌ଏଲଇ ଏବଂ ଏଓ ଡିଏଡି ପ୍ରମୁଖ ଉପସ୍ଥିତ ଥିଲେ। ହାଲ୍ ମାନବ ସମ୍ବଳ ବିଭାଗର ଅତିରିକ୍ତ ମହାପ୍ରବନ୍ଧକ କେ. ଅଶୋକନ ସ୍ୱାଗତ ଭାଷଣ ଦେଇଥିବା ବେଳେ ହାଲ୍ ଆଇଆର ବିଭାଗ ଅଧିକାରୀ ସ୍ମିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଏକ ପ୍ରଦର୍ଶନୀ ଫୁଟ୍‌ବଲ ମ୍ୟାଚ୍‌ର ଆୟୋଜନ କରାଯାଇଥିଲା।

**ଜନ୍ମଦିନ ଶୁଭେଚ୍ଛା**



ବଜରଙ୍ଗୀ, ଆଜି ତୋର ସ୍ୱନକ୍ଷତ୍ର ଅବସରରେ ପ୍ରଭୁ ବଜରଙ୍ଗୀବାଲୀଙ୍କର କୃପାରୁ ତୋର ଚଲାପଥ କୁସୁମିତ ହେଉ।

**ଶୁଭେଚ୍ଛା ସହ**

ବାବାଜୀ ଚରଣ ରାଉତ, ବ୍ରହ୍ମାନନ୍ଦ ରାଉତ, ଅଜୟ ରାଉତ, ଜେଜେ ମା, ମଝିଆ ମା, ସାନ ମା, ପାପା, ମାମା, ଭାଇ, ଭଉଣୀ ଏବଂ ଅନ୍ୟମାନେ।

**ବୀର ବଜରଙ୍ଗୀ ସୁନ୍ଦରା ରାଉତ**
**ଚନ୍ଦନ ନଗର, ଆଳୀ, କେନ୍ଦ୍ରାପଡ଼ା**

ଧ-୨୩୪୭୬

## ପ୍ରଧାନମନ୍ତ୍ରୀଙ୍କ ଅଭିନନ୍ଦନ

**ନୂଆଦିଲ୍ଲୀ, ୨୭।୩ (ପି.ଟି.):** ସୁଇସ୍ ଓପନ ଟାଇଟଲ ଜିତିଥିବାରୁ ତାରକା ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିନନ୍ଦନ ଜଣାଇଛନ୍ତି। ତାଙ୍କର ଏହି ସଫଳତା ଯୁବପିଢ଼ିଙ୍କୁ ଉତ୍ସାହିତ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଭବିଷ୍ୟତରେ ଆହୁରି ସଫଳତା ପାଇଁ ସିନ୍ଧୁଙ୍କୁ ମୋଦି ଶୁଭେଚ୍ଛା ଜଣାଇଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଚଳିତ ସିଜନରେ ସିନ୍ଧୁ ଏହାକୁ ମିଶାଇ ଦ୍ୱିତୀୟ ଟାଇଟଲ ହାସଲ କରିଛନ୍ତି। ଫାଇନାଲରେ ସେ ଥାଇଲାଣ୍ଡର ବୁସାନାନ ଓଙ୍ଗବାମରୁଙ୍ଗଫାନଙ୍କୁ ହରାଇ ଥିଲେ।

# ଜାତୀୟ ପାରା ସନ୍ତରଣରେ ସୁମିତ୍‌ଙ୍କୁ ୨ ପଦକ



**ଭୁବନେଶ୍ୱର, ୨୭।୩ (କ୍ରୀଡ଼ା ପ୍ରତିନିଧି)**

ଉଦୟପୁରରେ ଅନୁଷ୍ଠିତ ଜାତୀୟ ପାରା ସନ୍ତରଣରେ ଓଡ଼ିଶାର ସୁମିତ୍ କୁମାର ପଣ୍ଡା ୨ଟି ପଦକ ହାସଲ କରିଛନ୍ତି। ସମ୍ବଲପୁରର ସୁମିତ୍ ପ୍ରଥମ ପଦାର୍ପଣରେ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ୍ ପଦକ ଜିତି ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। ଜୁନିଅର ବାଳକ ବର୍ଗ ଏସ୍-୧୦ ବିଭାଗର ୫୦ ମିଟର ଫ୍ରିଷ୍ଟାଇଲରେ ଭାଗନେଇ ସେ ୩୭.୪୭ ସେକେଣ୍ଡ ସମୟ ସହିତ ପ୍ରଥମେ ବ୍ରୋଞ୍ଜ ଜିତିଥିଲେ। ପରେ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ୪୬.୭୭ ସେକେଣ୍ଡ ସମୟ ସହିତ ରୌପ୍ୟ ପଦକ ହାସଲ କରିଥିଲେ। ଅନ୍ୟତମ ଓଡ଼ିଆ ପ୍ରତିଯୋଗୀ ଲିପୁ ରାଉତ ଅଳ୍ପକେ ପଦକ ଜିତିବାରୁ ବଞ୍ଚିତ ହୋଇ ୪ର୍ଥ ସ୍ଥାନ ପାଇଛନ୍ତି। ପ୍ରଥମ ପଦାର୍ପଣରେ ଭଲ ପ୍ରଦର୍ଶନ କରିଥିବାରୁ ପ୍ରତିଯୋଗୀମାନଙ୍କୁ ସ୍ପେଶାଲ୍ ଅଲିମ୍ପିକ୍ ଭାରତ-ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶ ରଥ ଅଭିନନ୍ଦନ ଜଣାଇଛନ୍ତି। ଭବିଷ୍ୟତରେ ଆହୁରି ଉନ୍ନତ ପ୍ରଦର୍ଶନ ପାଇଁ ଚେଷ୍ଟା ଜାରି ରଖିବାକୁ ସେ ପରାମର୍ଶ ଦେଇଛନ୍ତି। ବିଆର୍‌ଏମ୍-ଆଶାର ଉପସଭାପତି ପ୍ରଦୀପ୍ତ ରଥ, ଓଡ଼ିଶା ପାରା ସ୍ପୋର୍ଟ୍ସ ଫୋରମ୍‌ର ରାଖାଲ ସେଠୀ ଓ ସୁନୀଲ ପ୍ରଧାନ ମଧ ଓଡ଼ିଶା ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି।

# ମହିଳା କ୍ରିକେଟ ବିଶ୍ୱକପ୍‌ରୁ ଭାରତର ଅଭିଯାନ ଶେଷ

**ଖ୍ରୀଷ୍ଟଚର୍ଚ୍ଚ, ୨୭।୩ (ପି.ଟି.)**

ପ୍ରଦର୍ଶନରେ ସ୍ଥିରତା ଅଭାବରୁ ମହିଳା କ୍ରିକେଟ ବିଶ୍ୱକପ୍‌ରେ ଭାରତର ଅଭିଯାନ ଲିଗ୍ ପର୍ଯ୍ୟାୟରୁ ଶେଷ ହୋଇଛି। ରବିବାର ଭାରତ ଏହାର ଶେଷ ଲିଗ୍ ମ୍ୟାଚ୍‌ରେ ନିଶ୍ଚିତ ବିଜୟ ଆବଶ୍ୟକ କରୁଥିଲା। ମାତ୍ର ମିଥାଲି ରାଜ୍‌ଙ୍କ ନେତୃତ୍ୱାଧୀନ ଦଳ ଦକ୍ଷିଣ ଆଫ୍ରିକାଠାରୁ ୩ ଉଇକେଟରେ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛି। ଭାରତ ପକ୍ଷରୁ ଧାର୍ଯ୍ୟ ୨୭୫ ରନ୍‌ର ବିଜୟ ଲକ୍ଷ୍ୟକୁ ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୭ ଉଇକେଟ ହରାଇ ହାସଲ କରି ନେଇଥିଲା। ୩୦ ତାରିଖରେ ପ୍ରଥମ ସେମିଫାଇନାଲ ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଅନୁଷ୍ଠିତ ହେବ। ୩୧ ତାରିଖ ଦ୍ୱିତୀୟ ସେମିଫାଇନାଲରେ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମୁକାବିଲା ହେବ। ଭାରତ ୭ ମ୍ୟାଚ୍‌ରୁ ୩ ବିଜୟ ଓ ୪ ପରାଜୟ ସହ ୬ ପଏଣ୍ଟରେ ରହି ଟେବୁଲର ୫ମ ସ୍ଥାନରେ ସନ୍ତୁଷ୍ଟ ହୋଇଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫୦ ଓଭରରେ ୭ ଉଇକେଟ ହରାଇ ୨୭୪ ରନ୍ କରିଥିଲା। ତାରକା ଓପ୍‌ନର ସ୍ମୃତି ମନ୍ଧାନା ୮୪ ବଲ୍‌ରୁ ୭୧ (୬ ଚୌକା, ୧ ଛକା), ମିଥାଲି ରାଜ୍ ୮୪ ବଲ୍‌ରୁ ୬୮ (୮ ଚୌକା), ଶେଫାଳି ବର୍ମା ୪୬ ବଲ୍‌ରୁ ୫୩ (୮ ଚୌକା) ଓ ହରମନ୍‌ପ୍ରୀତ କୌର ୫୭ ବଲ୍‌ରୁ ୪୮ (୪ ଚୌକା) ରନ୍ କରିଥିଲେ।



ଦୁଃଖାଭିଭୂତ ହରମନପ୍ରୀତ କୌର ଓ ଅନ୍ୟ ଖେଳାଳି।

ପ୍ରତିପକ୍ଷ ଦଳର ଶବ୍‌ନିମ ଇସ୍‌ମାଇଲ ଓ ମାସାବ୍‌ତା କ୍ଲାସ ୨ଟି ଲେଖାଏ ଏବଂ ଆୟାବୋଙ୍ଗା ଖାକା ଓ କ୍ଲୋୟ ଟ୍ରାୟନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଦକ୍ଷିଣ ଆଫ୍ରିକା ଉନ୍ନତ ବ୍ୟାଟିଂ କରି ବିଜୟର ନିକଟତର ହେଉଥିବାବେଳେ ଶେଷଭାଗରେ ଉଇକେଟ ପତନ ଯୋଗୁ ମ୍ୟାଚ ରୋମାଞ୍ଚକ ହୋଇଯାଇଥିଲା। ଶେଷ ଓଭରରୁ ଦଳ ୭ ରନ୍ ଆବଶ୍ୟକ କରୁଥିବାବେଳେ ଶେଷ ବଲ୍‌ରେ ହିଁ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଉଲଭାର୍ଡଟ ସର୍ବାଧିକ ୮୦ (୭୯ ବଲ, ୧୧ ଚୌକା) ରନ୍ କରିଥିଲେ ହେଁ ଅପରାଜିତ ରହି ୫୨ (୬୩ ବଲ, ୨ ଚୌକା) ରନ୍‌ର ମ୍ୟାଚ ବିଜୟୀ ଇନିଂସ ଖେଳିଥିବା ମିଗନନ ଡୁ ପ୍ରିଜ୍ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଲାରା ଗୁଡାଲ ୪୯ ଓ ମାରିଜାନେ କାପ୍ ୩୨ ରନ୍‌ର ଉପଯୋଗୀ ଇନିଂସ ଖେଳିଥିଲେ। ଭାରତ ପକ୍ଷରୁ ରାଜେଶ୍ୱରୀ ଗାଏକ୍ୱାଡ ଓ ହରମନପ୍ରୀତ କୌର ୨ଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୫୦ ଓଭରରେ ୨୭୪/୭ (ସ୍ମୃତି ମନ୍ଧାନା-୭୧, ମିଥାଲି ରାଜ୍-୬୮, ଶେଫାଳି ବର୍ମା-୫୩, ହରମନପ୍ରୀତ କୌର-୪୮, ଶବ୍‌ନିମ ଇସ୍‌ମାଇଲ-୨/୪୧, ମାସାବ୍‌ତା କ୍ଲାସ-୨/୩୮, ଆୟାବୋଙ୍ଗା ଖାକା-୧/୫୮, କ୍ଲୋୟ ଟ୍ରାୟନ-୧/୫୧)। ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୨୭୫/୭ (ଉଲଭାର୍ଡଟ ସର୍ବାଧିକ-୮୦, ମିଗନନ ଡୁ ପ୍ରିଜ୍-୫୨, ଲାରା ଗୁଡାଲ-୪୯, ମାରିଜାନେ କାପ୍-୩୨, ରାଜେଶ୍ୱରୀ ଗାଏକ୍ୱାଡ-୨/୬୧, ହରମନପ୍ରୀତ କୌର-୨/୪୨)।

# ସିନ୍ଧୁ ଜିତିଲେ ସୁଇସ୍ ଓପନ



ମ୍ୟାଚ ଜିତିବାପରେ ପି.ଭି. ସିନ୍ଧୁଙ୍କ ପ୍ରତିକ୍ରିୟା।

**ବାସେଲ, ୨୭।୩ (ପି.ଟି.)**

ଭାରତର ତାରକା ଖେଳାଳି ପି.ଭି. ସିନ୍ଧୁ ଏଠାରେ ଅନୁଷ୍ଠିତ ସୁଇସ୍ ଓପନ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସ ଚାମ୍ପିୟନ ହୋଇଛନ୍ତି। ମାତ୍ର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଭାରତର ଏଚ୍.ଏସ୍. ପ୍ରଣୟ ହାରି ଯାଇଛନ୍ତି। ଡବଲ ଅଲିମ୍ପିକ୍ ମେଡାଲିଷ୍ଟ ସିନ୍ଧୁ ମହିଳା ସିଙ୍ଗଲ୍ସ ଫାଇନାଲରେ ଥାଇଲାଣ୍ଡର ବୁସାନାନ ଓଙ୍ଗବାମରୁଙ୍ଗଫାନଙ୍କୁ ୨୧-୧୬, ୨୧-୮ରେ ପରାସ୍ତ କରିଥିଲେ। ମ୍ୟାଚ ଜିତିବାକୁ ସିନ୍ଧୁ ୪୯ ମିନିଟ ସମୟ ନେଇଥିଲେ। ମାତ୍ର ପ୍ରଣୟ ଫାଇନାଲରେ ଏସିଆନ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ଇଣ୍ଡୋନେସିଆର ଜୋନାଥନ କ୍ରିଷ୍ଟିଙ୍କଠାରୁ ୧୨-୨୧, ୧୮-୨୧ ପଏଣ୍ଟରେ ହାରି ଯାଇଥିଲେ।

ଗତ ସଂସ୍କରଣର ଫାଇନାଲରେ ସିନ୍ଧୁ ରିଓ ଅଲିମ୍ପିକ୍ସ ଗୋଲ୍ଡ ମେଡାଲିଷ୍ଟ ସ୍ପେନର କାରୋଲିନା ମାରିନଙ୍କଠାରୁ ହାରି ଯାଇଥିଲେ। ଏହି ଭେନ୍ୟୁରେ ତାଙ୍କର ଅନେକ ସ୍ମରଣୀୟ ସ୍ମୃତି ରହିଛି। ଏଠାରେ ସେ ୨୦୧୯ରେ ବିଶ୍ୱ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ବୁସାନାନଙ୍କ ବିପକ୍ଷରେ ସିନ୍ଧୁଙ୍କର ୧୭ ମୁକାବିଲାରୁ ଏହା ଥିଲା ୧୬ତମ ବିଜୟ। ଏହି ଥାଇଲାଣ୍ଡ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ସେ ମାତ୍ର ଥରେ ୨୦୧୯ ହଂକଂ ଓପନରେ ହାରିଥିଲେ। ଚଳିତ ସିଜନରେ ସିନ୍ଧୁଙ୍କର ଏହା ଥିଲା ଦ୍ୱିତୀୟ ସିଙ୍ଗଲ୍ସ ଟାଇଟଲ। ଗତ ଜାନୁୟାରୀରେ ସେ ଲକ୍ଷ୍ନୌଠାରେ ସୟଦ ମୋଦି ଇଣ୍ଟରନ୍ୟାଶନାଲ ସୁପର ୩୦୦ ଟାଇଟଲ ଜିତିଥିଲେ।

# ପ୍ରଗତି ସ୍ପୋର୍ଟିଂ ଚାମ୍ପିୟନ

## ଟୁଇନ୍ ସିଟି ୨୩ ବର୍ଷରୁ କମ୍ କ୍ରିକେଟ

**ଭୁବନେଶ୍ୱର, ୨୭।୩ (କ୍ରୀଡ଼ା ପ୍ରତିନିଧି)**

ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ୨୩ ବର୍ଷରୁ କମ୍ ଟୁଇନ୍ ସିଟି କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ପ୍ରଗତି ସ୍ପୋର୍ଟିଂ ୯୨ ରନ୍‌ରେ ଜୟଦେବ କଲେଜକୁ ପରାସ୍ତ କରିଛି। ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜ ପଡ଼ିଆରେ ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ପ୍ରଗତି ନିର୍ଦ୍ଧାରିତ ୩୦ ଓଭରରେ ୯ ଉଇକେଟ ହରାଇ ୧୮୧ ରନ୍ କରିଥିଲା। ଦଳ ପକ୍ଷରୁ ରଘୁନାଥ ମଲ୍ଲ ସର୍ବାଧିକ ୭୪ ଓ ଶୁଭମ୍ ନାୟକ ୩୭ ରନ୍ ସ୍କୋର କରିଥିଲେ। ବିପକ୍ଷ ଦଳର ସନ୍ଦୀପ ଚୌହାନ ୩ଟି ଏବଂ ରାଜଦୀପ ରୋହନ ଦାସ ଓ ରିଷଭ ରାଜ୍ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଜୟଦେବ କଲେଜ ୧୯.୪ ଓଭରରେ ୮୯ ରନ୍ କରି ସମସ୍ତ ଉଇକେଟ ହରାଇଥିଲା। ଅମ୍ପାୟର ଭାବେ ଲୁଲୁ ମହାପାତ୍ର ଓ ପବିତ୍ର ସେଠୀ ମ୍ୟାଚ୍ ପରିଚାଳନା କରିଥିଲେ। ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଜୟଦେବ କଲେଜର କ୍ରୀଡ଼ା ଅଧିକାରୀ ଦକ୍ଷବ୍ରହ୍ମା ରାଉତରାୟ ଓ ଆଇନଜୀବୀ ବଲ୍ଲଭ ଚରଣ ସାହୁ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିୟନ ପ୍ରଗତି ସ୍ପୋର୍ଟିଂର ରଘୁନାଥ ମଲ୍ଲ ଶ୍ରେଷ୍ଠ ବ୍ୟାଟର, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ସିରିଜ ପୁରସ୍କାର ପାଇଥିଲେ। ଏହି ଦଳର ପୁରୁଷୋତ୍ତମ ପ୍ରଧାନ ଶ୍ରେଷ୍ଠ ଉଇକେଟ କିପର ବିବେଚିତ ହୋଇଥିଲେ। ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନର ସର୍ଫରାଜ ଖାଜି ଶ୍ରେଷ୍ଠ ବୋଲର ଓ ଦୀପକ କୁମାର ପରିଡ଼ା ଶ୍ରେଷ୍ଠ ଫିଲ୍ଡର ପୁରସ୍କାର ହାସଲ କରିଥିଲେ।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ଚାମ୍ପିୟନ ପ୍ରଗତି ସ୍ପୋର୍ଟିଂ ଦଳର ଖେଳାଳି।

# ସ୍ନାଚରେ ପ୍ରିନ୍ସ ମଲିକଙ୍କ ନୂଆ ରେକର୍ଡ

## ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍

**ଭୁବନେଶ୍ୱର, ୨୭।୩ (କ୍ରୀଡ଼ା ପ୍ରତିନିଧି)**

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଭାରତୀୟ ଭାରୋତ୍ତୋଳନ ମହାସଂଘର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ ଇନ୍‌ଡୋର ହଲ୍‌ରେ ଚାଲିଥିବା ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ରବିବାର ଉତ୍ତରପ୍ରଦେଶର ପ୍ରିନ୍ସ ମଲିକ ୮୯ କେଜି ପୁରୁଷ ଜୁନିୟର ସ୍ନାଚ୍‌ରେ ୧୩୮ କେଜି ଉତ୍ତୋଳନ କରି ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି । ପୂର୍ବରୁ ଏହି ବର୍ଗରେ ୧୩୫ କେଜିର ରେକର୍ଡ ଥିଲା । ପ୍ରିନ୍ସ ଏହି ବର୍ଗରେ କ୍ଲିନ୍ ଆଣ୍ଡ ଜର୍କରେ ୧୫୩ କେଜି ସହ ମୋଟ ୨୯୧ କେଜି ଉତ୍ତୋଳନ କରି ରୌପ୍ୟ ପଦକ ହାସଲ କରିଛନ୍ତି। ଅନ୍ୟପକ୍ଷରେ ଏହି ବର୍ଗରେ ଆନ୍ଧ୍ରପ୍ରଦେଶର ଏ.ଏସ୍.ଆର୍.କେ. ଯାଦବ ମୋଟ ୨୯୨ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ଏବଂ ମଧ୍ୟପ୍ରଦେଶର ହିମାଂଶୁ ଥାପ୍ପା ମୋଟ ୧୮୦ କେଜି ଉତ୍ତୋଳନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

୮୯ କେଜି ସିନିୟର ପୁରୁଷ ବର୍ଗରେ ଉତ୍ତରପ୍ରଦେଶର ରାମ କରଣ ପ୍ରଜାପତି ମୋଟ ୩୧୭ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଚଣ୍ଡିଗଡ଼ର ଗୌରବ ମୋଟ୍ ୩୧୬ କେଜି ଉତ୍ତୋଳନ କରି ରୌପ୍ୟ ଏବଂ ଆରଏସ୍‌ପିବିର ହର୍ଷଦ ୱାଦେକର ମୋଟ ୩୧୫ କେଜି ଉତ୍ତୋଳନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ୮୯ କେଜି ଆନ୍ତଃ ରାଜ୍ୟ ସିନିୟର ପୁରୁଷ ବର୍ଗରେ ଉତ୍ତରପ୍ରଦେଶର ରାମ କରଣ ପ୍ରଜାପତି ମୋଟ ୩୧୭ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ, ଚଣ୍ଡିଗଡ଼ର ଗୌରବ ମୋଟ ୩୧୬ କେଜି ଉତ୍ତୋଳନ କରି ରୌପ୍ୟ ଏବଂ ପଣ୍ଡିଚେରିର ୟୁ. ଶିବପ୍ରକାଶ ୩୦୪ କେଜି ଉତ୍ତୋଳନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ୮୯ କେଜି ୟୁଥ୍ ପୁରୁଷ ବର୍ଗରେ ଆସାମର ସୁଦିତ୍ୟ ବରୁଆ ମୋଟ ୨୭୫ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଆନ୍ଧ୍ରପ୍ରଦେଶର ଏସ୍.କେ. ଲାଲ ବଶୀର ମୋଟ ୨୭୩ କେଜି ସହ ରୌପ୍ୟ ଏବଂ ଉତ୍ତରପ୍ରଦେଶର ବେଦାନ୍ତ ଚୌଧୁରୀ ୨୭୩ କେଜି ଉତ୍ତୋଳନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ସିନିୟର ମହିଳା ୭୧ କେଜି ବର୍ଗରେ ପଞ୍ଜାବର ହରଜିନ୍ଦର କୌର ମୋଟ ୨୦୮ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ, ମିଜୋରାମ୍‌ର ଲାଲଛନହିମି ମୋଟ ୨୦୩ କେଜି ଉତ୍ତୋଳନ କରି ରୌପ୍ୟ ଏବଂ ପଞ୍ଜାବର ଅମନ୍‌ଦୀପ କୌର ୧୯୦ ଉତ୍ତୋଳନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।

ଜୁନିୟର ମହିଳା ୭୧ କେଜି ବର୍ଗରେ ରାଜସ୍ଥାନର ଅରମାନଦୀପ କୌର ମୋଟ ୧୮୭ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ, ତାମିଲନାଡୁର ୱାଇ ପୂର୍ଣ୍ଣଶ୍ରୀ ମୋଟ ୧୮୭ କେଜି ଉତ୍ତୋଳନ କରି ରୌପ୍ୟ ଏବଂ ଉତ୍ତରପ୍ରଦେଶର ସୃଷ୍ଟି ମୋଟ ୧୮୩ କେଜି ଉତ୍ତୋଳନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ୟୁଥ୍ ମହିଳା ୭୧ କେଜି ବର୍ଗରେ ହରିୟାଣାର ସଞ୍ଜନା ମୋଟ ୧୬୬ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ, ପଣ୍ଡିଚେରିର ଏସ୍. ରିଥିକା ମୋଟ ୧୫୦ କେଜି ଉତ୍ତୋଳନ କରି ରୌପ୍ୟ ଏବଂ ଆର. ହରିଣୀ ମୋଟ ୧୪୯ କେଜି ଉତ୍ତୋଳନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।

**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
ଦଶମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



**ସ୍ୱର୍ଗତ ବିଜୟ କୁମାର ନାୟକ (ବାପି)**
ଷ୍ଟେଟ୍ ବ୍ୟାଙ୍କ୍ ଆସିଷ୍ଟାଣ୍ଟ, କଲ୍ୟାଣସିଂହପୁର ବ୍ରାଞ୍ଚ, (ଜି) ରାୟଗଡ଼ା
ବାସସ୍ଥାନ: ନୂଆସାହି, ନୟାପଲ୍ଲୀ, ଭୁବନେଶ୍ୱର-୧୨
ଆବିର୍ଭାବ: ତା.୦୭।୧୧।୧୯୮୪
ତିରୋଧାନ: ତା.୨୮।୦୩।୨୦୧୨

ଚାହୁଁ ଚାହୁଁ ଦଶ ବର୍ଷ ଚାଲିଗଲା। ତୋର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଛୁ।

-:ଶୋକସନ୍ତପ୍ତ:-
ବାପା, ବୋଉ, ଭଉଣୀ: ସବିତା, ସସ୍ମିତା, ରଶ୍ମିତା ଓ ପରିବାରବର୍ଗ ।

ଧ-୨୦୩୩୩

**ଶ୍ରଦ୍ଧାଞ୍ଜଳି**



**୰କମଳାମଣି ଦେବୀ**
ଚଣାଗୋରଡ଼ା, ସାକ୍ଷୀଗୋପାଳ, ପୁରୀ

ଚାହୁଁ ଚାହୁଁ ବର୍ଷ ପରେ ବର୍ଷ ବିତିଗଲା । ତୁମର ଅନୁପସ୍ଥିତି ଆମ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ଭରି ଦେଇଛି। ଆଜି ମଧ ଲାଗୁଛି ତୁମେ ଆମ ସମସ୍ତଙ୍କ ଗହଣରେ ଅଛ। ତୁମର ପୁଣ୍ୟ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।

-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।

ଧ-୫୯୮୯୦

# ଭାକ୍ୟୁମ୍ ବୋମା



ଇଂ. ମାୟାଧର ସ୍ୱାଇଁ

"ଭାକ୍ୟୁମ୍ ବୋମା ଜଣେ ଲୋକର ଫୁସ୍‌ଫୁସରୁ ଅମ୍ଳଜାନ ଶୋଷି ନେଇଥାଏ। ପୁନଶ୍ଚ ମନୁଷ୍ୟ ଶରୀର ମଧ୍ୟରେ ଥିବା ଚାପ ବାହାର ଭାକ୍ୟୁମ୍‌ଠାରୁ ଅଧିକ ଥିବାରୁ ଶରୀର ମଧ୍ୟରୁ ବାୟୁ ବାହାରକୁ ଆସିବାବେଳେ ଶରୀର ଭିତରେ ବିସ୍ଫୋରଣ ହେଲା ଭଳି ଅନୁଭୂତ ହୁଏ । ଏହା ମନୁଷ୍ୟ ଶରୀରର ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକୁ ଫଟାଇ ଦେଇଥାଏ । ମନୁଷ୍ୟ ଶରୀରକୁ ବାଷ୍ପୀଭୂତ କରିଦେବାର କ୍ଷମତା ମଧ୍ୟ ଏହାର ଅଛି ।"



ଚଳିତ ବର୍ଷ ଫେବୃୟାରୀ ୨୪ ତାରିଖରେ ୟୁକ୍ରେନ୍‌କୁ ଆକ୍ରମଣ କରିଥିଲା ରୁଷିଆ। ତେବେ ଏହି ଦେଶ ଅତି ସାଘାଂତିକ ଭାକ୍ୟୁମ୍ ବୋମା ବ୍ୟବହାର କରିଥିବାର ଅଭିଯୋଗ ହୋଇଛି। ରୁଷିଆ ଏହି ବୋମା ୟୁକ୍ରେନ୍ ଯୁଦ୍ଧରେ ବ୍ୟବହାର କରିଥିବାର ସ୍ୱୀକାର କରିଛି ବୋଲି ବ୍ରିଟେନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ମାର୍ଚ୍ଚ ୯ ତାରିଖରେ ପ୍ରକାଶ କରିଥିଲା। ଏହି ବୋମା କାହିଁକି ଏତେ ମାରାତ୍ମକ ଓ ଏହା କିପରି କାର୍ଯ୍ୟ କରେ, ସେ ସମ୍ପର୍କରେ ଆଲୋଚନା କରିବା। ଏହାକୁ ମଧ୍ୟ 'ତାପ-ଚାପୀୟ ଅସ୍ତ୍ର' କୁହାଯାଉଛି। ଅର୍ଥାତ୍ ଏହି ବୋମା ପ୍ରଥମେ ଉତ୍ତାପ ସୃଷ୍ଟି କରି ତାହା ଦ୍ୱାରା ଚାପ ସୃଷ୍ଟି କରିଥାଏ ଏବଂ କ୍ଷତି ପହଞ୍ଚାଇଥାଏ। ସମାନ ଆକାରର ପାରମ୍ପରିକ ବୋମାଠାରୁ ଏହା ହେଉଛି ସବୁଠୁ ଅଧିକ ବିଧ୍ୱଂସକ। ବୋମା ବିସ୍ଫୋରଣ କ୍ଷେତ୍ରରେ ଥିବା ବ୍ୟକ୍ତି ଏହାର ଧ୍ୱସଂକାରୀ ପ୍ରଭାବରୁ ରକ୍ଷା ପାଇବା କଷ୍ଟ।

ଭାକ୍ୟୁମ୍ ବା ତାପ-ଚାପୀୟ ବୋମାରେ ଗୋଟିଏ ଇନ୍ଧନ ପାତ୍ର ଏବଂ ଦୁଇଟି ପୃଥକ୍ ବିସ୍ଫୋରକ ଚାର୍ଜ ଥାଏ। ଏହାକୁ ରକେଟ୍ ଭାବେ ବ୍ୟବହାର କରି କିମ୍ବା ଯୁଦ୍ଧ ବିମାନରୁ ଲକ୍ଷ୍ୟସ୍ଥଳରେ ପକାଯାଇଥାଏ। ଲକ୍ଷ୍ୟସ୍ଥଳରେ ପଡ଼ିବା ପରେ ପ୍ରଥମେ ବିସ୍ଫୋରକ ଚାର୍ଜ ଇନ୍ଧନ ପାତ୍ରକୁ ଖୋଲିଦିଏ ଏବଂ ଇନ୍ଧନ ମିଶ୍ରଣକୁ ଗୋଟିଏ ବାଦଲ ଆକାରରେ ବିସ୍ତୃତ ଅଞ୍ଚଳରେ ବିଚ୍ଛୁରଣ କରିଦିଏ। ଏହି ମିଶ୍ରଣ ହେଉଛି ଇନ୍ଧନ ଓ ବାୟୁର ଗ୍ୟାସୀୟ ମିଶ୍ରଣ। ପେଟ୍ରୋଲ କିମ୍ବା ଡିଜେଲ୍ ବାଷ୍ପୀକରଣ ହେବା ସହିତ ଏହା ସମାନ। ଯେ କୌଣସି କୋଠା କିମ୍ବା ପ୍ରତିରକ୍ଷା ସ୍ତର ସମ୍ପୂର୍ଣ୍ଣ ଭାବେ ମୁଦ(ସିଲ୍) ହୋଇ ନ ଥିଲେ ଏହି ବାଦଲ ତାହା ଭିତରକୁ ପଶି ଯାଇପାରେ। ଏହା ପରେ ଦ୍ୱିତୀୟ ଚାର୍ଜ ବାଦଲରେ ବିସ୍ଫୋରଣ ଘଟାଇଥାଏ, ଯାହା ଗୋଟିଏ ବିରାଟ ଅଗ୍ନିପିଣ୍ଡୁଳା ଓ ବୃହତ୍ ଚାପୀୟ ତରଙ୍ଗ ସୃଷ୍ଟି କରିଥାଏ। ଅଗ୍ନିପିଣ୍ଡୁଳା ଓ ତରଙ୍ଗ ଆଘାତରେ ଅନେକ ବ୍ୟକ୍ତିଙ୍କର ଜୀବନ ଚାଲିଯାଏ। କିନ୍ତୁ ଏହାଠାରୁ ମାରାତ୍ମକ ହେଉଛି ଯେ



ଏହା ଯୋଗୁ ସେହି ସ୍ଥାନରେ ଗୋଟିଏ ଭାକ୍ୟୁମ୍ ବା ଶୂନ୍ୟସ୍ଥାନ ସୃଷ୍ଟି ହୋଇଥାଏ, ଯାହା ଏହା ଚାରିପଟେ ଥିବା ଅମ୍ଳଜାନକୁ ଶୋଷି ନିଏ। ଏହା ବଡ଼ ବଡ଼ କୋଠା ଓ ଯନ୍ତ୍ରପାତିକୁ ଧ୍ୱଂସକରି ଦେଇପାରେ ଏବଂ ଲୋକମାନଙ୍କୁ ମୃତ କିମ୍ବା ଆହତ କରିଦେଇପାରେ।

ଭାକ୍ୟୁମ୍ ବୋମା ଜଣେ ଲୋକର ଫୁସ୍‌ଫୁସରୁ ଅମ୍ଳଜାନ ଶୋଷି ନେଇଥାଏ। ପୁନଶ୍ଚ ମନୁଷ୍ୟ ଶରୀର ମଧ୍ୟରେ ଥିବା ଚାପ ବାହାର ଭାକ୍ୟୁମ୍‌ଠାରୁ ଅଧିକ ଥିବାରୁ ଶରୀର ମଧ୍ୟରୁ ବାୟୁ ବାହାରକୁ ଆସିବାବେଳେ ଶରୀର ଭିତରେ ବିସ୍ଫୋରଣ ହେଲା ଭଳି ଅନୁଭୂତ ହୁଏ। ଏହା ମନୁଷ୍ୟ ଶରୀରର ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକୁ ଫଟାଇ ଦେଇଥାଏ। ମନୁଷ୍ୟ ଶରୀରକୁ ବାଷ୍ପୀଭୂତ କରିଦେବାର କ୍ଷମତା ମଧ୍ୟ ଏହାର ଅଛି। ଏହା ଯୋଗୁ ଲୋକଟି ମୃତ୍ୟୁ ପୂର୍ବରୁ କେତେ କଷ୍ଟ ପାଇଥାଏ, ତାହା ଅନୁମେୟ। ବାସ୍ତବରେ ଏହା ହେଉଛି ବଡ଼ ଅମାନବୀୟ ଘଟଣା।

ଭାକ୍ୟୁମ୍ ବୋମା ବିଭିନ୍ନ ଆକାରରେ ନିର୍ମିତ ହୋଇଥାଏ। ଛୋଟ ଛୋଟ ବୋମାକୁ ସୈନିକମାନେ ଗ୍ରେନେଡ ଓ ହାତଧରା ରକେଟ୍ ଉତ୍‌କ୍ଷେପକ ଭାବେ ବ୍ୟବହାର କରିଥାଆନ୍ତି। ବଡ଼ ବଡ଼ ବୋମାଗୁଡ଼ିକୁ କ୍ଷେପଣାସ୍ତ୍ର ଭଳି ଉତ୍‌କ୍ଷେପଣ କରି ଲକ୍ଷ୍ୟସ୍ଥଳରେ ପକା ଯାଇଥାଏ ଏବଂ ଏଗୁଡ଼ିକ ଗୁମ୍ଫା କିମ୍ବା ସୁଡ଼ଙ୍ଗ ଭିତରେ ଲୁଚିଥିବା ଲୋକଙ୍କୁ ମାରିବା ପାଇଁ ବ୍ୟବହୃତ ହୋଇଥାଏ। ଆବଦ୍ଧ ସ୍ଥାନରେ ଏହା ଅତ୍ୟଧିକ ସାଘାଂତିକ ହୋଇଥାଏ। ଏଣୁ ଯୁଦ୍ଧ ସମୟରେ ବିଶେଷ ଭାବେ ସହରାଞ୍ଚଳରେ ଏହାକୁ କେତେକ ଦେଶ ବ୍ୟବହାର କରିଥାଆନ୍ତି। ଏହାର ପରିସର ହେଉଛି ୪ କିଲୋମିଟର, ଅର୍ଥାତ୍ ୪ କିଲୋମିଟର ଦୂରରୁ ଏହାକୁ ଲକ୍ଷ୍ୟସ୍ଥଳକୁ ଫିଙ୍ଗା ଯାଇପାରିବ। ଏହାର ବିସ୍ଫୋରଣ ବ୍ୟାସାର୍ଦ୍ଧ ଭିତରେ ଥିବା ପ୍ରତ୍ୟେକ ଜିନିଷ ବାଷ୍ପୀଭୂତ ହୋଇଯାଏ। ସୂଚନାଯୋଗ୍ୟ ଯେ, ୟୁକ୍ରେନ୍ ରାଜଧାନୀ କ୍ୱିଭ୍‌ରେ ଲୋକମାନେ ଭୂମି ତଳେ ସୁଡ଼ଙ୍ଗରେ ଆଶ୍ରୟ ନେଉଛନ୍ତି ଏବଂ ଏହି ସହରକୁ ନିଜ ଅଧୀନକୁ ଆଣିବା ପାଇଁ ରୁଷିଆ ଏହି ଅସ୍ତ୍ର ପ୍ରୟୋଗ କରୁଥିବାର ଖବର ଆସୁଛି। ରୁଷିଆ ବ୍ୟବହାର କରୁଥିବା ବୋମା 'TOS-1A' ନାମରେ ଜଣା ଏବଂ ଏହାକୁ ରକେଟ୍‌ରୁ ଉତ୍‌କ୍ଷେପଣ କରାଯାଇଥାଏ।

ଭାକ୍ୟୁମ୍ ବୋମା ପ୍ରୟୋଗର ନିଷେଧ ପାଇଁ କୌଣସି ଅନ୍ତର୍ଜାତୀୟ ଆଇନ ନାହିଁ। କିନ୍ତୁ ଯଦି କୌଣସି ଦେଶ ଏହାକୁ ବାସସ୍ଥାନ ଅଞ୍ଚଳ, ସ୍କୁଲ କିମ୍ବା ଡାକ୍ତରଖାନାରେ ବେସାମରିକ ଲୋକଙ୍କୁ ଲକ୍ଷ୍ୟ କରି ନିକ୍ଷେପ କରେ, ତାହାହେଲେ ଏହାକୁ ଜେନେଭା କନ୍‌ଭେନ୍‌ଶନ ଅନୁଯାୟୀ ଯୁଦ୍ଧ ଦୋଷୀ ଭାବେ ମନେକରାଯିବ।

ଭାକ୍ୟୁମ୍ ବୋମାକୁ ପ୍ରଥମେ ଜର୍ମାନୀ ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ବ୍ୟବହାର କରିଥିଲା। ଯୁକ୍ତରାଷ୍ଟ୍ର ଆମେରିକା ଏହାକୁ ଭିଏତ୍‌ନାମ ଯୁଦ୍ଧରେ ପ୍ରୟୋଗ କରିଥିଲା। ଆମେରିକା ମଧ୍ୟ ଏହାକୁ ଆଫଗାନିସ୍ଥାନରେ ବ୍ୟବହାର କରିଥିଲେ। ଅଲ କାଏଦା ସୈନ୍ୟମାନେ ତୋରା ବୋରା ପର୍ବତର ଗୁମ୍ଫା ଭିତରେ ଲୁଚି କରିଥିବା ବେଳେ ଆମେରିକା ୨୦୦୧ ମସିହାରେ ଏହାକୁ ପ୍ରଥମେ ଆଫଗାନିସ୍ତାନରେ ବ୍ୟବହାର କରିଥିଲା ଏବଂ ପରେ ୨୦୧୭ ମସିହାରେ ଏହାକୁ ପ୍ରଥମେ ଇସ୍‌ଲାମିକ ଷ୍ଟେଟ୍ ସୈନିକଙ୍କ ବିରୋଧରେ ପ୍ରୟୋଗ କରିଥିଲା। ରୁଷିଆ ୧୯୯୯ ମସିହାରେ ଚେଚେନ୍ୟା ଯୁଦ୍ଧରେ ଭାକ୍ୟୁମ୍ ବୋମା ବ୍ୟବହାର କରିଥିଲା। ରୁଷିଆ ନିର୍ମିତ ଭାକ୍ୟୁମ୍ ବୋମା ସିରିଆ ଗୃହଯୁଦ୍ଧରେ ବାସର-ଆଲ୍ ଆସାଦଙ୍କ ପ୍ରଶାସନ ବ୍ୟବହାର କରିଥିବା ଜଣାପଡ଼ିଛି।

ଭାକ୍ୟୁମ୍ ବୋମାର ସାଂଘାତିକ କଷ୍ଟଦାୟକ ପ୍ରଭାବକୁ ଦେଖି ଏହାର ବ୍ୟବହାର ଉପରେ ଅନ୍ତର୍ଜାତୀୟ ଆଇନ ହେବା ବାଞ୍ଛନୀୟ।

-୭୦, ଲକ୍ଷ୍ମୀବିହାର ଫେଜ୍ ୧
ଭୁବନେଶ୍ୱର-୧୮
ମୋ: ୯୪୩୮୬୯୩୭୨୪

## ମୁଣ୍ଡବ୍ୟଥା ହେଉଥିଲେ...



ଆଜିକାଲି ପ୍ରାୟ ଅନେକେ ମୁଣ୍ଡବ୍ୟଥା ବା ହେଡ୍‌ଏକ୍‌ର ସମ୍ମୁଖୀନ ହେଉଛନ୍ତି। ଯଦି ଏହି ସମସ୍ୟା ଦୀର୍ଘଦିନ ଧରି ଲାଗିରହିଲା ତେବେ ତାହାକୁ ମାଇଗ୍ରେନ୍ କୁହାଯାଇଥାଏ। ସେହି ସମୟରେ ଏଥିରୁ ଉପଶମ ପାଇବା ଲାଗି ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇବାକୁ ପଡ଼ିଥାଏ। ତେବେ ମୁଣ୍ଡବ୍ୟଥାର ଉପଚାର ପାଇଁ ଆପଣ କେତୋଟି ଘରୋଇ ଉପଚାରକୁ ଆପଣେଇ ପାରନ୍ତି। ବେଳେବେଳେ ଠିକ୍ ସମୟରେ ଖାଦ୍ୟ ନ ଖାଇବା କିମ୍ବା ପାଣି ନ ପିଇବା ଦ୍ୱାରା ମୁଣ୍ଡ ବହୁତ ଜୋର୍‌ରେ ବିନ୍ଧି ଥାଏ। ତେଣୁ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ କିଛି କିଛି ଖାଦ୍ୟ ଖାଆନ୍ତୁ। ସେହି ଅନୁସାରେ ଆବଶ୍ୟକ ମୁତାବକ ପାଣି ପିଅନ୍ତୁ। ଏହାଦ୍ୱାରା ଶରୀରକୁ ଶକ୍ତି ମିଳିବା ସହ ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିଥାଏ। ମ୍ୟାଗ୍ନେସିୟମ୍‌ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ମୁଣ୍ଡବ୍ୟଥା କମିଥାଏ। ଏହି ସମୟରେ ଏହା ରକ୍ତରେ ଶର୍କରାର ପରିମାଣକୁ ସନ୍ତୁଳିତ ରଖିବା ସହ ସ୍ନାୟୁ କୋଷଗୁଡ଼ିକୁ ଶକ୍ତ କରିଥାଏ। ପ୍ରତିଦିନ ରାତିରେ ଅତିକମ୍‌ରେ ୭-୮ଘଣ୍ଟା ଶୁଅନ୍ତୁ। ଏହାଦ୍ୱାରା ଆମ ମସ୍ତିଷ୍କ ଠିକ୍ ଭାବରେ ନିଜର କାର୍ଯ୍ୟ ସମ୍ପାଦନ କରିଥାଏ ଏବଂ ଆମକୁ ଆରାମ ଲାଗେ। ଏହି ସମୟରେ ମୁଣ୍ଡକୁ ମସାଜ୍ ମଧ୍ୟ କରିପାରିବେ। ପ୍ରତିଦିନ ଯୋଗ କରିବା ଦ୍ୱାରା ଏଥିରୁ ଆମକୁ ରକ୍ଷା ମିଳିଥାଏ। ମୁଣ୍ଡ ବ୍ୟଥାରୁ ରକ୍ଷା ପାଇବା ପାଇଁ ଆମେ ଘରେ ହର୍ବାଲ ଉପଚାର କରିପାରିବା। ଏ ନେଇ ଆୟୁର୍ବେଦୀୟ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ। ମୁଣ୍ଡବ୍ୟଥା ଯୋଗୁ ବେଳେବେଳେ ବାନ୍ତି ଆସିଥାଏ। ଏହି ସମୟରେ ଅଦାମିଶ୍ରିତ ଚା' ପିଇଲେ ଏଥିରୁ ଉପଶମ ମିଳିଥାଏ।

## ଥଣ୍ଡାପାଣି ପିଉଛନ୍ତି କି



ଏବେ ତ ଖରାଦିନ। ଶୋଷ ମେଣ୍ଟାଇବା ପାଇଁ କେତେକ ଥଣ୍ଡା ପାଣି ପିଇଥାଆନ୍ତି। ଏପରିକି କିଛି ବ୍ୟକ୍ତି ଅତି ଥଣ୍ଡା ପାଣିକୁ ପିଇବାକୁ ପସନ୍ଦ କରନ୍ତି। ତେବେ ଏପରି ଅଭ୍ୟାସ ପରୋକ୍ଷରେ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣିଥାଏ। ଖାଦ୍ୟ ଖାଇବା ପରେ ତୁରନ୍ତ ଥଣ୍ଡାପାଣି ପିଇବା ଦ୍ୱାରା ବଦହଜମୀ ପରି ସମସ୍ୟା ଦେଖାଯାଇଥାଏ। ଏଭଳି ଅଭ୍ୟାସ ପାଇଁ ଶରୀରରେ ରୋଗପ୍ରତିରୋଧକ ଶକ୍ତି ମଧ୍ୟ ହ୍ରାସ ପାଏ। ସବୁବେଳେ ଥଣ୍ଡା ପାଣି ପିଇବା ହୃଦ୍‌ରୋଗର କାରଣ ସାଜିବାର ଯଥେଷ୍ଟ ଆଶଙ୍କା ରହିଛି। ଥଣ୍ଡା ପାଣି ଯୋଗୁ ଗ୍ୟାଷ୍ଟ୍ରିକ୍ ସମସ୍ୟା ମଧ୍ୟ ଦେଖାଯାଇଥାଏ। ଏଥିପାଇଁ ଓଜନ ବଢ଼ିପାରେ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି। ଯଦି ଖରାରେ ବାହାରକୁ ଯାଇଛନ୍ତି ତେବେ ଘରକୁ ଫେରିବା ପରେ ସାଙ୍ଗେ ସାଙ୍ଗେ ଥଣ୍ଡାପାଣି ପିଅନ୍ତୁ ନାହିଁ। ଏହାଯୋଗୁ ଥଣ୍ଡାଜନିତ ସମସ୍ୟା ଦେଖାଯାଏ। ଆମ ଦାନ୍ତରେ ଥିବା ଭେଗାସ୍ ନର୍ଭକୁ ଥଣ୍ଡାପାଣି କ୍ଷତି ପହଞ୍ଚାଇଥାଏ। ଜିମ୍‌ରେ ୱାର୍କଆଉଟ୍ କିମ୍ବା ବ୍ୟାୟାମ କରିବା ପରେ ଆଦୌ ଥଣ୍ଡାପାଣି ପିଅନ୍ତୁ ନାହିଁ। ଏହା ପାଚନ କ୍ରିୟାକୁ ପ୍ରଭାବିତ କରିବା ସହ ଶରୀରକୁ ଦୁର୍ବଳ କରିଥାଏ। ଫ୍ରିଜ୍‌ରୁ ଥଣ୍ଡା ପାଣି ଆଣିବା ପରେ ସାଙ୍ଗେ ସାଙ୍ଗେ ପିଅନ୍ତୁ ନାହିଁ।

## ହୃଦ୍‌ରୋଗୀ ପାଇଁ ଖାଦ୍ୟ

ହୃଦ୍‌ଜନିତ ରୋଗ ହେଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଆମକୁ ଔଷଧ ଖାଇବାକୁ ପଡିଥାଏ। କେବଳ ସେତିକି ନୁହେଁ, ଖାଦ୍ୟପେୟ ପ୍ରତି ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ପଡେ। ଏହି ରୋଗୀ କେତେକ ଖାଦ୍ୟ ଖାଇବା ଠିକ୍ ନୁହେଁ। ସେହି ତାଲିକାରେ ରହିଛି ଲହୁଣି, ଘିଅ, ବନସ୍ପତି, କଲିଜା, ଚର୍ବି, ଚର୍ମ ଲାଗିଥିବା କୁକୁଡା ମାଂସ ଏବଂ ଚର୍ବିଯୁକ୍ତ ଛେଳି ମାଂସ। ଅନ୍ୟପକ୍ଷରେ ଅଣ୍ଡା କେଶର, ଚିଙ୍ଗୁଡି, କଙ୍କଡା ଖାଇବା ହାର୍ଟ ପାଇଁ କ୍ଷତିକାରକ। ଅଧିକ ଲୁଣଜାତୀୟ ଖାଦ୍ୟ, ଫାଷ୍ଟ ଫୁଡ୍, ଜଙ୍କ୍ ଫୁଡ୍ ଯେତେ କମ୍ ଖାଇବେ ତାହା ସେତେ ଭଲ। ଜଣେ ହୃଦରୋଗୀ ନିଜର ଖାଦ୍ୟ ତାଲିକାରେ ତଟକା ଫଳମୂଳ, ଶାଗ, ସବୁଜ ପନିପରିବା, କାକୁଡି, ଭିଟାମିନ୍ 'ସି'ଜାତୀୟ ଖାଦ୍ୟ, ଫୁଲକୋବି, ପିଜୁଳି ଆଦି ସାମିଲ କରନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ନିୟମିତ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।





## ମେଦ ବୃଦ୍ଧି କମାଇବାର ସହଜ ଉପାୟ

ଆଜିକାଲି ମେଦବହୁଳତା ବା ଓଜନ ବୃଦ୍ଧି ଏକ ସାଧାରଣ ସମସ୍ୟା ପାଲଟିଗଲାଣି। ତେବେ ଏହା କିପରି ସନ୍ତୁଳିତ ରହିବ ସେଥିପ୍ରତି ଆମେ ଦୃଷ୍ଟି ଦେବା ନିହାତି ଦରକାର। ନ ହେଲେ ଭବିଷ୍ୟତରେ ତାହା ପରୋକ୍ଷରେ ଆଉ କେତେକ ରୋଗକୁ ଆମନ୍ତ୍ରଣ କରିଥାଏ। ତେବେ ଓଜନକୁ ସନ୍ତୁଳିତ ରଖିବାକୁ ଚାହୁଁଥିଲେ ତାହାର ଏକ ସରଳ ଉପାୟ ହାତପାହାନ୍ତାରେ ରହିଛି। ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଅମୃତଭଣ୍ଡାକୁ ସାମିଲ କରନ୍ତୁ। ଏହା ଓଜନ ବୃଦ୍ଧିକୁ ନିୟନ୍ତ୍ରଣରେ ରଖିବାରେ ଅନେକାଂଶରେ ସହାୟକ ହୋଇଥାଏ। ଏଥିରେ ଥିବା ପପେନ୍ ଏନ୍‌ଜାଇମ୍ ଓଜନ କମାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏତଦ୍‌ବ୍ୟତୀତ ଏଥିରେ ପ୍ରଚୁର ମାତ୍ରାରେ ଜଳୀୟ ଅଂଶ ରହିଛି। ଅମୃତଭଣ୍ଡାରେ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ରହିଛି, ଯାହା ହୃତ୍‌ପିଣ୍ଡ ଓ ମସ୍ତିଷ୍କ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।



## କିଡ୍‌ନୀ ରୋଗ ଓ ଡାଏଲିସିସ୍

(ଶେଷ ଭାଗ)

**ଡାଏଲିସିସ୍‌ର ପ୍ରକାର :** ଡାଏଲିସିସ୍ ମୁଖ୍ୟତଃ ଦୁଇପ୍ରକାର- ହେମୋଡାଏଲିସିସ୍ ଏବଂ ମେଶିନ୍ ବା ଡାୟାଲାଇଜର୍। ଏହାକୁ କୃତ୍ରିମ କିଡ୍‌ନୀ ବୋଲି ମଧ୍ୟ କୁହନ୍ତି। ଏହି ମେଶିନ୍‌ରେ ଥିବା ସେମିପରମିଏବଲ୍ ପରଦାର ଗୋଟିଏ ପଟେ ପ୍ରବାହିତ ହୋଇଥାଏ ରୋଗୀର ରକ୍ତ ଓ ପରଦାର ଅନ୍ୟପଟେ ପ୍ରବାହିତ ହୁଏ ସ୍ୱତନ୍ତ୍ର ଧରଣର ଡାଏଲିସିସ୍ ଦ୍ରବଣ ବା ଡାୟାଲାଇସେଟ୍। ରୋଗୀ ଶରୀରର ରକ୍ତକୁ ପ୍ରବାହିତ କରାଯାଏ ମେଶିନ ଭିତର ଦେଇ। ଏହି ପଦ୍ଧତିରେ ରୋଗୀର ରକ୍ତରେ ଜମି ରହିଥିବା ବର୍ଜ୍ୟ ଉପାଦାନମାନ ପରଦା ମଧ୍ୟ ଦେଇ ପ୍ରବେଶ କରିଥାଏ ଡାଏଲିସିସ୍ ପ୍ରବଣ ଭିତରକୁ। କିଡ୍‌ନୀ କାମ କରି ନ ପାରିବା କାରଣରୁ ରୋଗୀର ରକ୍ତରେ ୟୁରିଆ, କ୍ରିଏଟିନିନ୍, ପୋଟାସିୟମ୍, ସଲ୍‌ଫେଟ୍, ଫସଫରସ୍ ଆଦି ଉପାଦାନ ପରିସ୍ରାରେ ନିଷ୍କାସିତ ହୋଇ ନ ପାରି ରକ୍ତରେ ଜମିଯିବା କଥା ପୂର୍ବରୁ କୁହାଯାଇଛି। ଜମିଯାଇଥିବା ସେଇ କ୍ଷତିକାରକ ଉପାଦାନ ରୋଗୀର ରକ୍ତ ଭିତରୁ ସେମିପରମିଏବଲ ପରଦାର ଛିଦ୍ର ଦେଇ ସହଜରେ ଡାୟାଲାଇସେଟ୍ ଭିତରକୁ ଚାଲିଯାଆନ୍ତି। ହେମୋଡାୟାଲିସିସ୍ ହେଉଛି ସର୍ବାଧିକ ବ୍ୟବସ୍ଥିତ ଡାଏଲିସିସ୍ ପଦ୍ଧତି।

କିନ୍ତୁ ପେରିଟୋନିଆଲ୍ ଡାଏଲିସିସ୍ ପାଇଁ କୌଣସି ମେଶିନ ଦରକାର ପଡ଼େନି। ଏହି ପଦ୍ଧତିରେ ରୋଗୀର ପେଟରେ ଛିଦ୍ରବାଟେ ଭର୍ତ୍ତି କରି ଦିଆଯାଏ ନଳୀଟିଏ ପେଟ ଭିତରକୁ। ସେହି ନଳୀବାଟେ ପେଟ ଭିତରକୁ ପ୍ରବେଶ କରେଇ ଦିଆଯାଏ ଡାଏଲିସିସ୍ ଦ୍ରବଣ। ଏ କ୍ଷେତ୍ରରେ ପେଟ ଭିତରେ ଥିବା ପେରିଟୋନିୟମ୍ ନାମକ ପ୍ରାକୃତିକ ପରଦାଟି ସେମିପରମିଏବଲ୍ ପରଦା ଭାବେ କାର୍ଯ୍ୟ କରି ରକ୍ତ ଛାଣିବା କାମ କରେ। ଦ୍ରବଣଟିକୁ ରୋଗୀ ପେଟ ଭିତରେ ରଖାଯାଇଥାଏ ଅନ୍ତତଃ ଚାରିଘଣ୍ଟା। ଏହି ସମୟ ଭିତରେ ରୋଗୀ ରକ୍ତରେ ଜମିରହିଥିବା ବର୍ଜ୍ୟ ଉପାଦାନଗୁଡ଼ିକ ପେରିଟୋନିୟମ ପରଦା ଭେଦକରି ରକ୍ତ ଭିତରୁ ଡାଏଲିସିସ୍ ଦ୍ରବଣ ଭିତରକୁ ଚାଲିଆସନ୍ତି। ଏହା ଫଳରେ ରୋଗୀର ରକ୍ତରେ ସେହି ଅଦରକାରୀ ଉପାଦାନଗୁଡ଼ିକର ମାତ୍ରା ହ୍ରାସ ପାଇଯାଇଯାଏ। ଚାରିଘଣ୍ଟା ପରେ ପେଟ ଭିତରକୁ ଭର୍ତ୍ତି କରାଯାଇଥିବା ଡାଏଲିସିସ୍ ଦ୍ରବଣକୁ ବାହାରକୁ କାଢ଼ି ଆଣି ଫିଙ୍ଗିଦିଆଯାଏ। ପେଟ ଭିତରେ ସେହି ଦ୍ରବଣ ରହି ଡାଏଲିସିସ୍ ଚାଲୁ ରହିଥିବା ସମୟରେ ରୋଗୀ ନିଜର ମାମୁଲି କାମଧନ୍ଦା କରିପାରେ।

ହେମୋଡାଏଲିସିସ୍ ହେଉ କି ପେରିଟୋନିଆଲ ଡାଏଲିସିସ୍ ହେଉ, ଏଥିପାଇଁ ରୋଗୀକୁ ଅଚେତ କରାଯାଏ ନାହିଁ। ରୋଗୀକୁ ବିଶେଷ କୌଣସି ଯନ୍ତ୍ରଣା ହୁଏ ନାହିଁ। ରୋଗୀ ସମ୍ପୂର୍ଣ୍ଣ ସଚେତ ଥିବାରୁ ଡାଏଲିସିସ୍ ଚାଲିଥିବାବେଳେ ସେ କଥାବାର୍ତ୍ତା କରିପାରେ, ବହିପତ୍ର ପଢ଼ିପାରେ, ଟିଭି ଦେଖିପାରେ, ରେଡିଓ ଶୁଣିପାରେ। ହସ୍‌ପିଟାଲରେ ରହିବାର ଆବଶ୍ୟକତା ନ ଥିଲେ ଡାଏଲିସିସ୍ ସରିବା ପରେ ରୋଗୀ ଘରକୁ ଚାଲିଯାଏ।

ଡାଏଲିସିସ୍ ଦ୍ୱାରା ଅଧିକାଂଶ ଆକ୍ୟୁଟ୍ ରେନାଲ୍ ଫେଲ୍ୟୁଓର ରୋଗୀ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇଯାଆନ୍ତି ଏବଂ କ୍ରନିକ୍ ରେନାଲ୍ ଫେଲ୍ୟୁଓର ରୋଗୀ ଉପଶମ ପାଇଥାଆନ୍ତି। ତେବେ ଡାଏଲିସିସ୍ ଯୋଗୁ କାହା କାହାଠାରେ ପ୍ରକାଶ ପାଇପାରେ ବାନ୍ତି, ମୁଣ୍ଡବିନ୍ଧା, ପେଟବ୍ୟଥା ଇତ୍ୟାଦି ସାଧାରଣ ଲକ୍ଷଣ। ଡାଏଲିସିସ୍ ଚିକିତ୍ସା କରିବା ଦରକାର ପଡ଼ିଲେ ରୋଗୀର ମୃତ୍ୟୁ ଆସନ୍ନ ବୋଲି ଧରିନେବା ଭୁଲ।

ସପ୍ତାହରେ କେତେଥର ଡାଏଲିସିସ୍ କରାଯିବ ତାହା ମୂତ୍ରରୋଗ ବିଶେଷଜ୍ଞ ସ୍ଥିର କରିଥାନ୍ତି। ଏପରିକି କାହା କାହା କ୍ଷେତ୍ରରେ ସପ୍ତାହରେ ୫ରୁ ୭ଥର ୪ରୁ ୮ଘଣ୍ଟା ଧରି ଡାୟାଲିସିସ୍ ଚାଲୁ ରହିପାରେ। ମାତ୍ର ଡାଏଲିସିସ୍ ଚିକିତ୍ସାରେ ରହିଥିବା ରୋଗୀମାନଙ୍କ ପାଇଁ ଖାଦ୍ୟ ଓ ପାନୀୟରେ ନିୟନ୍ତ୍ରଣ ଅପରିହାର୍ଯ୍ୟ।

- ଡା. ନିତ୍ୟାନନ୍ଦ ସ୍ୱାଇଁ
ଅଭିପ୍‌ସା, ସେକ୍ଟର-୬, ପ୍ଲଟ ନଂ- ୧୧୩୧, ଅଭିନବ ବିଡାନାସୀ, କଟକ,
ମୋ:୯୪୩୭୭୬୬୧୧୭



## ଉପକାରୀ ସଜନା ଶାଗ

- ସଜନା ଶାଗ ରକ୍ତରେ ଶର୍କରା ଆଉ ପ୍ରୋଟିନ୍‌ର ପରିମାଣକୁ ସନ୍ତୁଳିତ ରଖେ। ଏହା ରକ୍ତଚାପକୁ ସନ୍ତୁଳିତ ରଖିବା ସହ ରକ୍ତରେ ହିମୋଗ୍ଲୋବିନ୍‌ର ପରିମାଣକୁ ବୃଦ୍ଧି କରିଥାଏ।
- ଜଣେ ଯକ୍ଷ୍ମା ରୋଗୀ ପ୍ରତିଦିନ ସଜନା ଶାଗ ଖାଇବା ଦରକାର। ଏହା ଲିଭର୍ ସେଲ୍‌କୁ ସୁସ୍ଥ ରଖିଥାଏ।
- ସଜନା ଶାଗରେ ଫସ୍‌ଫରସ୍ ଓ କ୍ୟାଲ୍‌ସିୟମ୍ ଅଧିକ ପରିମାଣରେ ଥିବାରୁ ଅସ୍ଥିକୁ ମଜଭୁତ ରଖିବାରେ ସାହାଯ୍ୟ କରେ। ଆଣ୍ଠୁ, ଗଣ୍ଠି ବାତ ହେବାରୁ ମଧ୍ୟ ଏହା କେତେକାଂଶରେ ରକ୍ଷାକରିଥାଏ।
- ମୋଟା ଲୋକଙ୍କ ପାଇଁ ଏହା ବେଶ୍ ଉପକାରୀ। ଶରୀରର ଚର୍ବି ଅଂଶକୁ ଏହା ଅନେକାଂଶରେ କମାଇଥାଏ।
- ଯେହେତୁ ଏହାର ଆଣ୍ଟି-ଅକ୍ସିଡ଼ାଣ୍ଟ ଗୁଣ ରହିଛି, ଏହା କେଶମୂଳକୁ ଦୃଢ଼ ରଖିବା ସହ ତ୍ୱଚାରେ ଚମକ୍ ଆଣିଥାଏ।
- ସଜନା ଶାଗରେ ଭିଟାମିନ୍ସ ଓ ମିନେରାଲ୍ସ ଥିବାରୁ ଏହା ପାଚନ କ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ। ସଜନା ଶାଗ ନିୟମିତ ଖାଇବା ଦ୍ୱାରା ଦୃଷ୍ଟିଶକ୍ତି ପ୍ରଖର ହୋଇଥାଏ।

## ସ୍ୱାସ୍ଥ୍ୟ ସୂଚନା

- ଆବଶ୍ୟକତାଠାରୁ ଅଧିକ ସମୟ ପଢ଼ାପଢ଼ି ଯୋଗୁ ତାହାର ପ୍ରଭାବ ମସ୍ତିଷ୍କ ଉପରେ ପଡିବାର ଆଶଙ୍କା ରହିଛି। ତେଣୁ ଏଥିରୁ କିଛି ସମୟ ବ୍ରେକ୍ ନେଇ ଟିକେ ବୁଲାବୁଲି କରନ୍ତୁ। ଏହାଦ୍ୱାରା ମନ ହାଲୁକା ଲାଗିଥାଏ।
- ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ ଆଲୋଚନା ସମୟରେ ରୋଗର କାରଣ ସମ୍ପର୍କରେ ସବିଶେଷ ସୂଚନା ଦେବାକୁ ଭୁଲନ୍ତୁ ନାହିଁ। ତା' ସହ ଆପଣଙ୍କର ଆଉ କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି, ତେବେ ସେ ସମ୍ପର୍କରେ ଡାକ୍ତରଙ୍କୁ ଅବଗତ କରାନ୍ତୁ।
- ରାତିରେ ସବୁବେଳେ ହାଲୁକା ଖାଦ୍ୟ ଖାଆନ୍ତୁ। ଆଉ ମନେ ରଖନ୍ତୁ, ରାତିରେ ଖାଇବା ଓ ଶୋଇବା ମଧ୍ୟରେ ଅତି କମ୍‌ରେ ଦୁଇ ଘଣ୍ଟାର ବ୍ୟବଧାନ ରହିବା ଜରୁରୀ।
- ବୟସ ବଢ଼ିବା ସହ କେତେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇଥାଏ। ତେଣୁ ନିୟମିତ ବ୍ୟବଧାନରେ ଡାକ୍ତରଙ୍କ ନିକଟକୁ ଯାଇ ନିଜର ରୁଟିନ୍ ଚେକ୍‌ଅପ୍ କରାଇ ନିଅନ୍ତୁ।
- ଖାଲି ପେଟରେ ଥିବା ବେଳେ ତେଲ, ମସଲାଯୁକ୍ତ ଖାଦ୍ୟ କିମ୍ବା ମିଠା ଆଦୌ ଖାଆନ୍ତୁ ନାହିଁ। ଏହା ଦ୍ୱାରା ଏସିଡିଟି ବଢ଼ିବାର ଆଶଙ୍କା ଅଧିକ ରହିଛି। ତେଣୁ ନିୟମିତ ବ୍ୟବଧାନରେ କିଛି କିଛି ଖାଦ୍ୟ ଖାଆନ୍ତୁ।
- ଘରେ ସବୁବେଳେ ଫାଷ୍ଟଏଡ୍ ବକ୍ସ, ପରିଚିତ ଡାକ୍ତର ଏବଂ ନିକଟସ୍ଥ ହସ୍ପିଟାଲ୍‌ର ନମ୍ବର ରଖିବାକୁ ଭୁଲନ୍ତୁ ନାହିଁ। ଦରକାର ସମୟରେ ଏହା ଆପଣଙ୍କ କାମରେ ଆସିବ।



# ପଞ୍ଜାବ କିଙ୍ଗ୍ସ ବିଜୟୀ

**ମୁମ୍ବାଇ, ୨୭।୩**

ସ୍ଥାନୀୟ ଡି.ୱାଇ. ପାଟିଲ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ମ୍ୟାଚରେ ପଞ୍ଜାବ କିଙ୍ଗ୍ସ ୫ ଉଇକେଟରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି)କୁ ପରାସ୍ତ କରିଛି। ହାଇସ୍କୋରିଂ ମ୍ୟାଚରେ ଆରସିବି ୨୦ ଓଭରରେ ୨ ଉଇକେଟ ହରାଇ ୨୦୫ ରନ କରିଥିବାବେଳେ ପଞ୍ଜାବ ୧୯ ଓଭରରେ ୫ ଉଇକେଟ ହରାଇ ୨୦୮ ରନ ସଂଗ୍ରହ କରି ନେଇଥିଲା। ୨୦୬ ରନ ବିଜୟ ଲକ୍ଷ୍ୟର ପିଛାକରି ପଞ୍ଜାବ ଦଳ ଭଲ ଆରମ୍ଭ କରିଥିଲା। ଅଧିନାୟକ ମୟଙ୍କ ଅଗ୍ରୱାଲ ଓ ଶିଖର ଧାୱନ ଓପନିଂ ଯୋଡ଼ିରେ ୪୩ ବଲ୍‌ରୁ ୭୧ ରନ ସଂଗ୍ରହ କରିଥିଲେ। ମୟଙ୍କ ୨୪ ବଲ୍‌ରୁ ୩୨ (୨ ଚୌକା, ୨ ଛକା) ରନକରି ଆଉଟ ହୋଇଥିଲେ। ଧାୱନ ୨୯ ବଲ୍‌ରୁ ୪୩ ଓ ଭାନୁକା ରାଜପାକ୍ସା ମାତ୍ର ୨୨ ବଲ୍‌ରୁ ୪୩ (୨ ଚୌକା, ୪ ଛକା) ରନକରି ଦଳକୁ ବିଜୟ ପଥରେ ଅଗ୍ରସର କରାଇଥିଲେ। ୧୪ତମ ଓଭରରେ ମହମ୍ମଦ ସିରାଜ କ୍ରମାଗତ ୨ଟି ଉଇକେଟ ନେଇ ପଞ୍ଜାବ ରନ ହାରରେ ବ୍ରେକ୍ ଲଗାଇଥିଲେ। ୧୫୬ ରନରେ ପଞ୍ଜାବ ୫ମ ଉଇକେଟ ହରାଇଥିବାବେଳେ ଶାହରୁଖ ଖାଁ ଓ ଓଡେନ ସ୍ମିଥ ଅସମାପ୍ତ ୬ଷ୍ଠ ଉଇକେଟରେ ୨୫ ବଲ୍‌ରୁ ୫୨ ରନ ସଂଗ୍ରହ କରି ଦଳକୁ ବିଜୟୀ କରାଇଥିଲେ। ଶାହରୁଖ ୨୦ ବଲ୍‌ରୁ ୨୪ (୧ ଚୌକା, ୨ ଛକା) ଓ ସ୍ମିଥ ୮ ବଲ୍‌ରୁ ୨୫ (୧ ଚୌକା, ୩ ଛକା) ରନକରି ଅପରାଜିତ ରହିଥିଲେ। ଆରସିବି ପକ୍ଷରୁ ମହମ୍ମଦ ସିରାଜ ସର୍ବାଧିକ ୨ଟିଉଇକେଟ ନେଇଥିଲେ। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଆର୍‌ସିବି ନୂଆ ଅଧିନାୟକ ଫାଫ୍ ଡୁପ୍ଲେସି ଓ ଅନୁଜ ରାୱତଙ୍କ ମାଧ୍ୟମରେ ଇନିଂସ ଓପନ କରିଥିଲା। ଓପନିଂ ଯୋଡ଼ିରେ ୪୨ ବଲ୍‌ରୁ ୫୦ ରନ ସ୍କୋର ପରେ ରାୱତ୍ ବ୍ୟକ୍ତିଗତ ୨୧ (୨୦ ବଲ, ୨ଚୌକା, ୧ ଛକା) ରନକରି ଆଉଟ ହୋଇଥିଲେ। ଡୁପ୍ଲେସି ଓ ବିରାଟ କୋହଲି ଦ୍ୱିତୀୟ ଉଇକେଟରେ ଶତକୀୟ (୧୧୮ ରନ) ଭାଗୀଦାରି ଗଢ଼ି ଆର୍‌ସିବିକୁ ବଡ଼ ସ୍କୋର ପଥରେ ନେଇ ଯାଇଥିଲେ। ଆର୍‌ସିବି ପକ୍ଷରୁ ନିଜର ପ୍ରଥମ ଇନିଂସରେ ଡୁପ୍ଲେସି ୫୭ ବଲ୍‌ରୁ ୮୮ (୩ ଚୌକା, ୭ ଛକା) ରନର ବିସ୍ଫୋରକ ଇନିଂସ ଖେଳି ଆଉଟ ହୋଇଥିଲେ। ଅର୍ଶଦୀପ ସିଂଙ୍କ ବଲ୍‌ରେ ଶାହରୁଖ ଖାଁଙ୍କୁ କ୍ୟାଚ ଦେଇ ସେ ପ୍ୟାଭିଲିୟନ ଫେରିଥିଲେ। କୋହଲି ଓ ଦୀନେଶ କାର୍ତ୍ତିକ ଅସମାପ୍ତ ୩ୟ ଉଇକେଟରେ ୩୬ ବଲ୍‌ରୁ ୬୩ ରନ ସଂଗ୍ରହ କରି ଦଳୀୟ ସ୍କୋରକୁ ୨୦୦ ଅତିକ୍ରମ କରାଇଥିଲେ। ୨୯ଟି ବଲ୍‌ର ସମ୍ମୁଖୀନ ହୋଇଥିବା କୋହଲି ୨ ଚୌକା ଓ ୨ ଛକା ସହାୟତାରେ ୪୧ ଏବଂ ୧୪ଟି ବଲ୍ ଖେଳିଥିବା କାର୍ତ୍ତିକ ୩ଟି ଲେଖାଏ ଚୌକା ଓ ଛକା ସହ ୩୨ ରନରେ ଅପରାଜିତ ରହିଥିଲେ।


ପଞ୍ଜାବକୁ ବିଜୟୀ କରାଇବାପରେ ଶାହରୁଖ ଖାଁ ଓ ଓଡେନ ସ୍ମିଥ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୨୦୫/୨ (ଫାଫ୍ ଡୁପ୍ଲେସି-୮୮, ବିରାଟ କୋହଲି-୪୧*, ଦୀନେଶ କାର୍ତ୍ତିକ-୩୨, ଅନୁଜ ରାୱତ-୨୧, ଅର୍ଶଦୀପ ସିଂ-୧/୩୧, ରାହୁଲ ଚହର-୧/୨୨)। ପଞ୍ଜାବ କିଙ୍ଗ୍ସ ୧୯ ଓଭରରେ ୨୦୮/୫ (ଶିଖର ଧାୱନ-୪୩, ଭାନୁକା ରାଜପାକ୍ସା-୪୩, ମୟଙ୍କ ଅଗ୍ରୱାଲ-୩୨, ଶାହରୁଖ ଖାଁ-୨୪*, ଓଡେନ ସ୍ମିଥ-୨୫*, ମହମ୍ମଦ ସିରାଜ-୨/୫୯, ଆକାଶ ଦୀପ-୧/୩୮, ୱାନିନ୍ଦୁ ହସରଙ୍ଗା-୧/୪୦, ହର୍ଶଲପଟେଲ-୧/୩୬)।

# ମୁମ୍ବାଇକୁ ହରାଇଲା ଦିଲ୍ଲୀ

**ମୁମ୍ବାଇ, ୨୭।୩**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ରବିବାର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଲିଗ୍ ଇତିହାସରେ ସବୁଠାରୁ ସଫଳ ଦଳ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୨୦ ଓଭରରେ ୫ ଉଇକେଟ ହରାଇ ୧୭୭ ରନ୍ କରିଥିଲା। ଜବାବରେ ଦିଲ୍ଲୀ ୧୮.୨ ଓଭରରେ ୬ ଉଇକେଟ ହରାଇ ୧୭୯ ରନ୍ ସଂଗ୍ରହ କରିନେଇଥିଲା। ୪ ଓଭରରେ ମାତ୍ର ୧୮ ରନ୍ ଦେଇ ମୁମ୍ବାଇର ୩ଟି ଉଇକେଟ ନେଇଥିବା ଦିଲ୍ଲୀର କୁଲଦୀପ ଯାଦବ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଛନ୍ତି।

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**

**ଗୁଜରାଟ ଟାଇଟାନ୍ସ ବନାମ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ**
**ସ୍ଥାନ: ମୁମ୍ବାଇ,**
**ସମୟ: ରାତି ୭ଟା ୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ମୁମ୍ବାଇ ଓପ୍‌ନିଂ ଯୋଡ଼ିରେ ୫୦ ବଲ୍‌ରୁ ୬୭ ରନ୍ କରି ବଡ଼ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲା। ରୋହିତ ୩୨ ବଲ୍‌ରୁ ୪ ଚୌକା ଓ ୨ ଛକା ସହାୟତାରେ ୪୧ ରନ୍ କରିଥିଲେ। ଅନ୍‌ମୋଲପ୍ରୀତ ସିଂ ୮, ତିଳକ ବର୍ମା ୨୨, କିରନ ପୋଲାର୍ଡ ୩ ଓ ଟିମ୍ ଡାଭିଡ ୧୨ ରନ୍ କରି ଆଉଟ ହୋଇଥିଲେ ହେଁ ଇଶାନ କିଶନ ବିସ୍ଫୋରକ ବ୍ୟାଟିଂ କରି ୪୮ ବଲ୍‌ରୁ ୮୧ (୧୧ ଚୌକା, ୨ ଛକା) ରନ୍‌ରେ ଅପରାଜିତ ରହିବା ସହ ମୁମ୍ବାଇକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଦିଲ୍ଲୀ ବୋଲରଙ୍କ ମଧ୍ୟରେ କୁଲଦୀପ ଯାଦବ ୩ଟି ଓ ଖଲିଲ ଅହମଦ ୨ଟି ଉଇକେଟ ନେଇଥିଲେ।

ବୃହତ୍ ସ୍କୋରର ପିଛା କରି ଦିଲ୍ଲୀ ମାତ୍ର ୩୩ ରନ୍‌ରେ ୩ଟି ଉଇକେଟ ହରାଇ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା। ଟିମ୍ ସିଫର୍ଟ ୨୧ ରନ୍ କରିଥିବାବେଳେ ମନଦୀପ ସିଂ ଖାତା ଖୋଲିପାରି ନ ଥିଲେ। ଅଧିନାୟକ ରିଷଭ ପନ୍ତ ମଧ୍ୟ ମାତ୍ର ୧ ରନ୍‌ର ଯୋଗଦାନ ଦେଇଥିଲେ। ଓପ୍‌ନର ପୃଥ୍ୱୀ ଶ' ୨୪ ବଲ୍‌ରୁ ୩୮ (୪ ଚୌକା, ୨ ଛକା) ରନ୍ କରିଥିବାବେଳେ ରୋଭମାନ ପାୱେଲ ଗୋଲ୍ଡେନ ଡକ୍‌ରେ ଆଉଟ ହୋଇଥିଲେ। ଶାର୍ଦ୍ଦୁଳ ଠାକୁର ୧୧ ବଲ୍‌ରୁ ଦ୍ରୁତ ୨୨ ରନ୍‌ର ଇନିଂସ ଖେଳିଥିଲେ। ଆବଶ୍ୟକ ରନ୍‌ହାର ବଢ଼ିଚାଲିଥିଲେ ହେଁ ଲଳିତ ଯାଦବ ଓ ଅକ୍ଷର ପଟେଲ ଚାପର ବଶବର୍ତ୍ତୀ ନ ହୋଇ ଅସମାପ୍ତ ୭ମ ଉଇକେଟରେ ୩୦ ବଲ୍‌ରୁ ୭୫ ରନ୍ ସଂଗ୍ରହ କରି ଦଳକୁ ଅବିଶ୍ୱସନୀୟ ବିଜୟ ପ୍ରଦାନ କରିଥିଲେ। ଶେଷ ୨ ଓଭରରୁ ୨୮ ରନ୍ ଆବଶ୍ୟକ ହେଉଥିବାବେଳେ ଏ ଦୁହେଁ ଡାନିଏଲ ସାମ୍ସ (୧୮ତମ ଓଭର)ଙ୍କ ଓଭରରୁ ୨୪ ରନ୍ ସଂଗ୍ରହ କରି ମ୍ୟାଚ୍‌କୁ ଛଡ଼ାଇ ଆଣିଥିଲେ। ଲଳିତ ୩୮ ବଲ୍‌ରୁ ୪ ଚୌକା ଓ ୨ ଛକା ସହାୟତାରେ ୪୮ ଏବଂ ଅକ୍ଷର ମାତ୍ର ୧୭ ବଲ୍‌ରୁ ୨ ଚୌକା ଓ ୩ ଛକା ସହାୟତାରେ ୩୮ ରନ୍ କରି ଅପରାଜିତ ରହିଥିଲେ। ଡାନିଏଲ ସାମ୍ସ ୪ ଓଭରରେ ୫୭ ଓ ଯଶପ୍ରୀତ୍ ବୁମ୍‌ରା ୩.୨ ଓଭରରେ ୪୩ ରନ୍ ଦେଇ ମହଙ୍ଗା ସାବ୍ୟସ୍ତ ହୋଇଥିବାବେଳେ ବାସିଲ ଥାମ୍ପି ସର୍ବାଧିକ ୩ଟି, ମୁରୁଗାନ ଅଶ୍ୱିନ ୨ଟି ଓ ଟାଇମଲ ମିଲ୍ସ ଗୋଟିଏ ଉଇକେଟ ନେଇଥିଲେ।


ପ୍ଲେୟର ଅଫ୍ ଦି ମ୍ୟାଚ କୁଲଦୀପ ଯାଦବ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୭୭/୫ (ଇଶାନ କିଶନ-୮୧, ରୋହିତ ଶର୍ମା-୪୧, କୁଲଦୀପ ଯାଦବ-୩/୧୮, ଖଲିଲ ଅହମଦ-୨/୨୭)। ଦିଲ୍ଲୀ କ୍ୟାପିଟାଲ୍ସ ୧୮.୨ ଓଭରରେ ୧୭୯/୬ (ଲଳିତ ଯାଦବ-୪୮*, ଅକ୍ଷର ପଟେଲ-୩୮*, ପୃଥ୍ୱୀ ଶ'-୩୮, ଶାର୍ଦ୍ଦୁଳ ଠାକୁର-୨୨, ବାସିଲ ଥାମ୍ପି-୩/୩୫, ମୁରୁଗାନ ଅଶ୍ୱିନ-୨/୧୪, ଟାଇମଲ ମିଲ୍ସ-୧/୨୬)।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ୨୯ରେ ବାରୁଣୀ ସ୍ନାନ ଯାତ୍ରା

**ସାକ୍ଷୀଗୋପାଳ,୨୭।୩(ଡି.ଏନ୍.ଏ.):** ପୁରୀ ଜିଲା ସାକ୍ଷୀଗୋପାଳ ନିକଟ ଭାର୍ଗବୀ ନଦୀରେ ଆସନ୍ତା ୨୯ ତାରିଖ ତଥା ମଙ୍ଗଳବାର ଦିନ ବାରୁଣୀ ସ୍ନାନ ଅନୁଷ୍ଠିତ ହେବ। ଏଥିନିମନ୍ତେ ନଦୀତଟସ୍ଥିତ ବଳପୁର ଓ ସୁଆଣ୍ଡୋରେ ଆୟୋଜିତ ସାଗରସ୍ନାନ ଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବ। ସତିଶା ନକ୍ଷତ୍ର ମହାବାରୁଣୀ ଯୋଗରେ ବଳପୁର ଗ୍ରାମ ଠାକୁର ବାଲୁଙ୍କେଶ୍ୱର ଦେବ ଅଗ୍ରଜ ବରାଳ ଗ୍ରାମର ବାଲୁଙ୍କେଶ୍ୱର ଦେବଙ୍କୁ ବିଧି ଅନୁଯାୟୀ ନିମନ୍ତ୍ରଣ କରି ଦୁଇ ଭାଇ ଭାର୍ଗବୀ ନଦୀର ଭୃଗୁଘାଟରେ ବିଜେ କରିବେ। ଠାକୁରଙ୍କ ସ୍ନାନନୀତି ପରେ ମାନସିକ କରିଥିବା ଶତାଧିକ ମହିଳା ଓ ପୁରୁଷ ବାରୁଣୀ ବୁଡ଼ ପକାଇ ପୂଜାର୍ଚ୍ଚନା କରିବେ। ପରମ୍ପରା କ୍ରମେ ବରାଳ ମନ୍ଦିରରେ ଠାକୁରଙ୍କ ନୀତିକାନ୍ତି ଶେଷ ହେବା ପରେ ଦୁଇଟି ସୁସଜ୍ଜିତ ବିମାନରେ ଦୁଇଭାଇ ଅପରାହ୍ନ ୨ଟା ୩୦ରେ ଘଣ୍ଟ, ମର୍ଦ୍ଦଳ, କାହାଳି, ବାଜା, ମହୁରି, ଛତିତ୍ରାସ ସହିତ ଏକ ଶୋଭାଯାତ୍ରାରେ ନଦୀକୂଳରେ ପହଞ୍ଚିବେ। ସେହିପରି ନଦୀର ଅପର ପାର୍ଶ୍ୱରେ ସୁଆଣ୍ଡୋରେ ଲୋକେଶ୍ୱର ଓ ବିଦ୍ୟାଧରପୁରର କୁଣ୍ଡଳେଶ୍ୱରଙ୍କ ସାଗରସ୍ନାନ ଯାତ୍ରା ପାଳିତ ହେବ।

### ଖଦି ପ୍ରତି ଉତ୍ସର୍ଗୀକୃତ ଥିଲେ କାଶୀନାଥ

**ବୋଲଗଡ଼,୨୭।୩(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ଅନ୍ତର୍ଗତ ଖଙ୍ଗୁରିଆ ଗ୍ରାମର ବରିଷ୍ଠ ଖଦିକର୍ମୀ ତଥା ଖଦୀକେନ୍ଦ୍ରର ପୂର୍ବତନ ସମ୍ପାଦକ ଓ ସଂପୁର ସେବା ସମବାୟ ସମିତିର ପୂର୍ବତନ ସଭାପତି କାଶୀନାଥ ଷଡ଼ଙ୍ଗୀଙ୍କ ସ୍ମୃତିଚାରଣ ସଭା ଶିକ୍ଷାବିତ ଗୋପୀନାଥ ଖାଡଙ୍ଗାଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବୋଲଗଡସ୍ଥିତ ବାସଭବନଠାରେ ଅନୁଷ୍ଠିତ ଏହି ସଭାରେ ସମ୍ମାନିତ ଅତିଥି ଭାବେ ଖଙ୍ଗୁରିଆ ସରପଞ୍ଚ ଜଳଧର ମହାନ୍ତି, ପୂର୍ବତନ ଜିଲା ଶିକ୍ଷା ନିରୀକ୍ଷକ ପୁରନ୍ଦର ବେହେରାଙ୍କ ସମେତ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାମାଜିକକର୍ମୀ, ଖବରଦାତା ପ୍ରମୁଖ ଯୋଗଦେଇ ସ୍ମୃତି ଚାରଣ କରିଥିଲେ। ପ୍ରାରମ୍ଭରେ ଶିକ୍ଷକ କିଶୋର ଚନ୍ଦ୍ର ଦାସ ଗୀତ ପାଠ ଓ ବେଦ ପାଠ କରିଥିଲେ। ସ୍ୱର୍ଗତ ଷଡ଼ଙ୍ଗୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଯତିନ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

### ମେଳଣ ପଡ଼ିଆ ସଫେଇ କଲେ ସ୍ୱେଚ୍ଛାସେବୀ

**ଜଟଣୀ,୨୭।୩(ଡି.ଏନ୍.ଏ.):** ଜଟଣୀ ପୌରାଞ୍ଚଳ ନିକଟ ହରିରାଜପୁର ମେଳଣ ପଡ଼ିଆକୁ ଶନିବାର ଖୁଦୁପୁର ନବଜ୍ୟୋତି ସାଂସ୍କୃତିକ କଳା ପରିଷଦର ସଭ୍ୟମାନେ ସଫା କରିଛନ୍ତି। ଦୁର୍ଗାମାଧବ ବଳିୟାରସିଂ ଓ ଶ୍ୟାମସୁନ୍ଦର ଦାସ ମହାରାଜଙ୍କ ସହାୟତାରେ ମେଳଣ ପଡ଼ିଆ ପାଟ ଅଗଣା ସଫା କରାଯାଇଛି। ମେଳଣରେ ଲକ୍ଷାଧିକ ଜନସାଧାରଣଙ୍କ ସମାଗମକୁ ଦୃଷ୍ଟିରେ ରଖି ଯୁବକମାନେ ମେଳଣ ପଡିଆକୁ ସଫା କରିଥିଲେ। ସଫେଇ କାର୍ଯ୍ୟକ୍ରମରେ ରାମଚନ୍ଦ୍ର ମାର୍ଥା, ରବୀନ୍ଦ୍ର ସାହୁ, ଶକ୍ତି ମହାକୁଡ଼, ହରପ୍ରସାଦ ବରିସାଲ, ଅଶୋକ ମହାରଣା, ରବୀନ୍ଦ୍ର ନାଥ ମହାକୁଡ଼, କଳିଙ୍ଗ ରାଉତରାୟ, ରାମ ମହାପାତ୍ର, ଅମରେଶ ରାଉତରାୟ ପ୍ରମୁଖ ସାମିଲ ହୋଇଥିଲେ।

### ଶ୍ରୀକ୍ଷେତ୍ର ସୁରକ୍ଷା ମିଳିତ ମଞ୍ଚ ଗଠିତ

**ପୁରୀ ଅଫିସ, ୨୭।୩:** ପୁରୀ ସହରରେ ଦିନକ ଦିନ ବିଭିନ୍ନ ସମସ୍ୟା ବଢ଼ିବାରେ ଲାଗିଛି। ଏହାର ସମାଧାନ ପାଇଁ ପୁରୀର ବିଭିନ୍ନ ସାମାଜିକ ଅନୁଷ୍ଠାନ ରବିବାର ଏକତ୍ର ହୋଇ ଭକ୍ତ ସାଲବେଗ ପରିସରରେ ଏକ ମିଳିତ ମଞ୍ଚ ଗଠନ କରିଛନ୍ତି। ଏହାର ନାମ ଶ୍ରୀକ୍ଷେତ୍ର ସୁରକ୍ଷା ମିଳିତ ମଞ୍ଚ ରଖାଯାଇଛି। ସର୍ବସମ୍ମତି କ୍ରମେ ପ୍ରସନ୍ନ ଦାଶଙ୍କୁ ଶ୍ରୀକ୍ଷେତ୍ର ସୁରକ୍ଷା ମିଳିତ ମଞ୍ଚର ଆବାହକ ଭାବେ ଚୟନ କରାଯାଇଛି। ଭକ୍ତ ସାଲବେଗ ପୀଠରେ ଆୟୋଜିତ ମିଳିତ ସମାବେଶକୁ ସଚେତନ ନାଗରିକ ମଞ୍ଚର ସଭାପତି ଆଇନଜୀବୀ ପ୍ରସନ୍ନ ଦାଶ ପରିଚାଳନା କରିଥିଲେ। ମିଳିତ ସମାବେଶରେ ସଚେତନ ନାଗରିକ ମଞ୍ଚ ଉପଦେଷ୍ଟା ଚକ୍ରଧର ମହାପାତ୍ର, ସାହିଭାଇ ସମ୍ପାଦକ ଚନ୍ଦ୍ରଶେଖର ମିଶ୍ର, ଉର୍ଜାବାନ ଓଡ଼ିଶା ସମ୍ପାଦିକା ନିହାରିକା ତ୍ରିପାଠୀ, ସଭାପତି ସନ୍ତୋଷ କୁମାର ସେନାପତି, ଆମ୍ ଆଦମୀ ପାର୍ଟିର ମିଡିଆ ପ୍ରମୁଖ ସମୀର ସାମନ୍ତରାୟ, ତ୍ରିଲୋଚନ ଦାସ, ଅନିଲ ସେନାପତି, ବିଶ୍ୱହିନ୍ଦୁ ପରିଷଦର ଜିଲା ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ମହାନ୍ତି, ଯୁବସଙ୍ଗଠକ ବିଶ୍ୱଜିତ ମହାନ୍ତି ଉପସ୍ଥିତ ଥିଲେ। ଶେଷରେ ଉର୍ଜାବାନ ର ସମ୍ପାଦିକା ନିହାରିକା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଅନୁଷ୍ଠାନ ଏକତ୍ରିତ ହୋଇ ପୁରୀ ସହରର ସମସ୍ୟା ସମାଧାନ ପାଇଁ କାର୍ଯ୍ୟ କରିବେ।

# ‘ଓଡ଼ିଶାର ମଞ୍ଚ ନାଟକ ପରମ୍ପରା ସମୃଦ୍ଧ’

- ସରକାରୀ କର୍ମଚାରୀ ସାଂସ୍କୃତିକ ପରିଷଦ ପକ୍ଷରୁ ନାଟ୍ୟ ଦିବସ
- ଦର୍ଶକଙ୍କ ମନ ମୋହିଲା ନାଟକ ଓ ସଙ୍ଗୀତ କାର୍ଯ୍ୟକ୍ରମ

**ଖୋର୍ଦ୍ଧା ଅଫିସ,୨୭।୩**

ଖୋର୍ଦ୍ଧା ସରକାରୀ କର୍ମଚାରୀ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ରବିବାର ବିଶ୍ୱ ନାଟ୍ୟ ଦିବସ ଅବସରରେ ସ୍ଥାନୀୟ ଶହୀଦ ରାଜଗୁରୁ ଭବନରେ ନାଟକ ଓ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଉଦ୍‌ଘାଟନ କରିଥିଲେ। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ମୁଖ୍ୟ ଅତିଥି, ଶିକ୍ଷାବିତ୍ ସୁକେଶ ପଣ୍ଡା ମୁଖ୍ୟ ବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ଡା. ଅନ୍ତର୍ଯ୍ୟାମୀ ତ୍ରିପାଠୀ ଯୋଗଦେଇଥିଲେ। ପରିଷଦର ସଭାପତି ବିଶ୍ୱନାଥ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଗିରିଶ ନନ୍ଦ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

ଜିଲାପାଳ ଉଦ୍‌ବୋଧନ ଦେଇ କହିଥିଲେ, ପ୍ରତ୍ୟେକ କଳାକାରଙ୍କ ପାଇଁ ନାଟ୍ୟ ଦିବସ ଗୁରୁତ୍ୱ ବହନ କରେ। କଳାକାରଙ୍କୁ ସମ୍ମାନ ଜଣାଇବା ସହ ସେମାନଙ୍କୁ ପ୍ରୋତ୍ସାହିତ କରିବା ହେଉଛି ଏହି ଦିବସର ପ୍ରମୁଖ ଲକ୍ଷ୍ୟ। ଏହାର ଅନ୍ୟ ଏକ ଦିଗ ହେଲା ଅନ୍ତର୍ଜାତୀୟ ସ୍ତରରେ ନାଟକର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇବା, କଳାକାରଙ୍କ ଭାବନା ତଥା ସେମାନଙ୍କ ବାର୍ତ୍ତାକୁ ଅଧିକରୁ ଅଧିକ ଲୋକଙ୍କ ନିକଟତର କରାଇବା। କୁହାଯାଏ, ଗୋଟିଏ ଜାତିର ଗୌରବ ସେ ଜାତିର ରଙ୍ଗମଞ୍ଚରୁ ଜଣାପଡ଼େ। ଓଡ଼ିଶାରେ ମଞ୍ଚ ନାଟକର ଏକ ସମୃଦ୍ଧ ପରମ୍ପରା ରହିଛି। ଓଡ଼ିଶାର କଳା, ସଂସ୍କୃତି ପରମ୍ପରା ସହ ନାଟ୍ୟକଳା ଜଡ଼ିତ। ପାରମ୍ପରିକ ରାମଲୀଳା, କୃଷ୍ଣଲୀଳା, ଭରତଲୀଳା, ପ୍ରହ୍ଲାଦ ନାଟକ, ଦଣ୍ଡନାଟ, ଲୋକନାଟ୍ୟ, ଦାସକାଠିଆ, ପାଲା ପ୍ରଭୃତି ଓଡ଼ିଶା ସାଂସ୍କୃତିକ ବିଭବର ପରିଚୟ ବହନ କରେ। ମନୋରଞ୍ଜନ ସହ ଧାର୍ମିକ ବିଚାରଧାରା ଏଥିରେ ସ୍ଥାନ ପାଇଥାଏ।

ସେହିପରି ବିଧାୟକ ମିତ୍ର କହିଥିଲେ, ଓଡ଼ିଶାର ବିଭିନ୍ନ ଐତିହ୍ୟ କୀର୍ତ୍ତିରାଜିରେ ରହିଥିବା ପ୍ରାଚୀନ ଶିଳାଲେଖରୁ ନାଟ୍ୟକଳାର ପ୍ରମାଣ ମିଳେ। ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖ, ଭୁବନେଶ୍ୱରସ୍ଥିତ ଖଣ୍ଡଗିରି, ଉଦୟଗିରି ଶିଳାଲେଖ, ଖୋଦିତ ମୂର୍ତ୍ତି ପ୍ରାଚୀନ ନାଟ୍ୟକଳାର ପ୍ରମାଣ ଦିଏ ବୋଲି ଐତିହାସିକମାନେ ମତ ଦିଅନ୍ତି। ଏହି ଅବସରରେ ଜିଲାପାଳ ତଥା ସାହିତ୍ୟିକ ଓ ନାଟ୍ୟକାର ସଂଗ୍ରାମ କେଶରୀ ମହାପାତ୍ରଙ୍କ ରଚିତ ନାଟକ ‘ନାୟିକା ହେବାର ବେଳ’ ମଞ୍ଚସ୍ଥ ହୋଇଥିଲା। ଏହାର ନାଟ୍ୟ ରୂପାନ୍ତର ଓ ନିର୍ଦ୍ଦେଶନା ଦେଇଥିଲେ ନାଟ୍ୟକାର ଗିରିଶ ନନ୍ଦ। ସହନିର୍ଦ୍ଦେଶକ ଥିଲେ ପ୍ରଶାନ୍ତ ଷଡ଼ଙ୍ଗୀ, ନାଟ୍ୟ ପରିଚାଳନାରେ ଡା. ଅନ୍ତର୍ଯ୍ୟାମୀ ତ୍ରିପାଠୀ, ମଞ୍ଚ ପରିଚାଳନାରେ ବିରଞ୍ଚି ସାହୁ ପ୍ରମୁଖ ରହିଥିଲେ। ଖୋର୍ଦ୍ଧା ସରକାରୀ ସାଂସ୍କୃତିକ ପରିଷଦର କଳାକାରମାନେ ନାଟକ ପରିବେଷଣ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ନାଟ୍ୟ ଅନୁଷ୍ଠାନ ‘ଆଦର୍ଶ କଳାକାର’ ପକ୍ଷରୁ ସଞ୍ଜୟ ପଟ୍ଟନାୟକଙ୍କ ରଚିତ ନାଟକ ‘ଆତଙ୍କ’ ପରିବେଷଣ ହୋଇଥିଲା। ନାଟ୍ୟକାର ରତ୍ନାକର ପ୍ରଧାନ ଏହାର ନିର୍ଦ୍ଦେଶନା ଓ ସୁବାସ ନାୟକ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଭୁବନେଶ୍ୱରର ଜନତା ଚିତ୍ରାଳୟ ମଞ୍ଚ ସଜ୍ଜା, ଶବ୍ଦ ଓ ଆଲୋକ ସଜ୍ଜାରେ ମା ଦୁର୍ଗା ଲାଇଟ ଆଣ୍ଡ ସାଉଣ୍ଡ ରହିଥିଲା। କାର୍ଯ୍ୟକ୍ରମ ଆରମ୍ଭରେ କଣ୍ଠଶିଳ୍ପୀ ଶୁଭଶ୍ରୀ ପାଢୀ, ସ୍ୱପ୍ନାଦେଶ ନାୟକ ଏବଂ ଅଟଳ ମଙ୍ଗରାଜ ମନଛୁଆଁ ସଙ୍ଗୀତ ପରିବେଷଣ କରି ପରିବେଶକୁ ମନ୍ତ୍ରମୁଗ୍ଧ କରିଥିଲେ।



କାର୍ଯ୍ୟକ୍ରମରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଓ ଅନ୍ୟ ଅତିଥିମାନେ।

## ପୋଖରୀରେ ବୁଡ଼ି ଶ୍ରମିକ ମୃତ

**ନିମାପଡ଼ା,୨୭।୩(ଡି.ଏନ୍.ଏ.)**

ନିମାପଡ଼ା ଥାନା ଅନ୍ତର୍ଗତ ପାଟପୁର ଗ୍ରାମର ଏକ ପୋଖରୀରେ ବୁଡ଼ି ଜଣେ ଇଟାଭାଟି ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଛତିଶଗଡ଼ ମହାସୁମ ଥାନା ଅଞ୍ଚଳର ଜନକରାମ ଚଲକ(୭୨)। ସୂଚନା ମୁତାବକ, ଜନକରାମ ପାଟପୁର ଗ୍ରାମରେ ରହୁଥିବା ବେଳେ ସ୍ଥାନୀୟ ଇଟାଭାଟିରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଶନିବାର ଇଟାଭାଟିରେ କାର୍ଯ୍ୟ ସରିବା ପରେ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ତେବେ ସେ ରାତିରେ ଆଉ ଘରକୁ ନ ଫେରି ନ ଥିଲେ। ରବିବାର ସକାଳେ ପରିବାର ଲୋକେ ଖୋଜାଖୋଜି କରିବା ସହ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖି ଉଦ୍ଧାର କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲ ପଠାଇଥିଲା। ଏନେଇ ମୃତକଙ୍କ ପୁଅ ରାଜେଶ ଚଲକଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୯/୨୨) ରୁଜୁକରି ତଦନ୍ତ ଚଳାଇଛି।

# ଜମିପଟ୍ଟା ନ ମିଳିଲେ ଧାରଣା ଚେତାବନୀ


ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

**ନିରାକାରପୁର,୨୭।୩(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ନାମରେ ଜମିପଟ୍ଟା ନ ଥିବାରୁ ସରକାରୀ ଆର୍ଥିକ ଅନୁଦାନରୁ ବଞ୍ଚିତ ହେବା ସହ ଶିକ୍ଷାନୁଷ୍ଠାନର ଆନୁସଙ୍ଗିକ ବିକାଶ ହୋଇପାରୁ ନାହିଁ। ତୁରନ୍ତ ଜମିପଟ୍ଟା ଯୋଗାଇଦେବା ଦାବିରେ ରବିବାର ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକଙ୍କ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କଲେଜ ନାମରେ ନନପଡ଼ା ମୌଜା ଖାତା ନଂ.୮୪୨ ୧୨ଟି ପ୍ଲଟକୁ ମୋଟ ୧୦ ଏକର ସରକାରୀ ଜମି ପଟ୍ଟା ପାଇବା ନିମନ୍ତେ ୧୯୮୯ ମସିହାରୁ ମହାବିଦ୍ୟାଳୟ ପକ୍ଷରୁ ଆବେଦନ କରାଯାଇ ଆଲିକେଶନ୍ କେସ ନଂ-୦୭/୧୯୮୯ ଦା।ଏ ର କାରାଯାଇଛି। ଡିଆରଏମ୍ କେଶନଂ-୦୬/୯୦ ଅନୁଯାୟୀ ଉକ୍ତଜମିର କିସମ ପରିବର୍ତ୍ତନ କରାଯାଇ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ଲିଜ୍ ପଟ୍ଟ ସୂତ୍ର ଯୋଗାଇଦେବା ନିମନ୍ତେ ସମସ୍ତ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଅଦ୍ୟାବଧି ଜମିପଟ୍ଟା ମିଳିପାରି ନାହିଁ। ଅନ୍ୟପକ୍ଷରେ ୨୫-୧୧-୨୦୨୧ରେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗରେ ଗେଜେଟ୍ ନୋଟିଫିକିସନ୍ ଅନୁଯାୟୀ ୨୦୨୨ ମାର୍ଚ୍ଚ ୩ରେ ମୋଟ ୨୦୦୦ ଶିକ୍ଷାନୁଷ୍ଠାନକୁ ରାଜ୍ୟ ସରକାର ୧୦ ଏକର ଲେଖାଏ ଜମିପଟ୍ଟା ପ୍ରଦାନ କରିଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଛି। ତେବେ ଏହି ମହାବିଦ୍ୟାଳୟ ପୁରାତନ ହୋଇଥିଲେ ମଧ୍ୟ ପଟ୍ଟା ପାଇବାକୁ ତାଲିକାଭୁକ୍ତ ହୋଇପାରିନାହିଁ। ଏନେଇ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକମାନେ ଜିଲାପାଳଙ୍କୁ ଭେଟି ଏକ ପତ୍ର ପ୍ରଦାନ କରିବା ସହ ରାଜସ୍ୱ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୋଗ, ଏସ୍‌ପି, ଉପଜିଲାପାଳ, ତହସିଲଦାର ଓ ସ୍ଥାନୀୟ ପୋଲିସ ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇଛନ୍ତି। ଆସନ୍ତା ୭ଦିନ ମଧ୍ୟରେ ପଟ୍ଟା ନ ମିଳିଲେ ଶାନ୍ତିପୂର୍ଣ୍ଣ ଭାବେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଛି। ବରିଷ୍ଠ ନାଗରିକ ରାମକୃଷ୍ଣ ପଟ୍ଟନାୟକ, ସୁରେନ୍ଦ୍ର ସାହୁ, ବାଇଧର ପ୍ରଧାନ, ଗଙ୍ଗାଧର ଦାଶ, ସାରଙ୍ଗଧର ବଳିୟାରସିଂହ, ଶଙ୍କର୍ଷଣ ପ୍ରଧାନ, ମୃତ୍ୟୁଞ୍ଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଗାଡି ଚୋରି କରି ଜଣେ ଗିରଫ

**ପୁରୀ ଅଫିସ ୨୭।୩**

ଗାଡି ଚୋରି କରିବା ଅଭିଯୋଗରେ ପୁରୀ ବାସେଳି ସାହି ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଉଛନ୍ତି ହାତିଶାଳର ସନ୍ତୋଷ ଭୋଇ (୨୮) । ପୋଲିସ ଅଭିଯୁକ୍ତ ନିକଟରୁ ଚୋରି ହୋଇଥିବା ଓଡି ୧୩ ଜେ ୨୫୦୨ ନମ୍ବର ବିଶିଷ୍ଟ ଏକ ବାଇକ ଜବତ କରିଛି। ଏ ନେଇ କେସ ନଂ ୭୧/୨୨ରେ ଏକ ମାମଲା ରୁଜୁ କରିଛି । ଶନିବାର ଜୟ ନୃସିଂହ ନାମକ ଜଣେ ବ୍ୟକ୍ତି ଥାନାକୁ ଆସ ଅଭିଯୋଗ କରିଥିଲେ ଶୁକ୍ରବାର ରାତିରେ ହାତିଶାଳ ରାଜାମାତା ନଗର ଠାରେ ତାଙ୍କର ବାଇକ ଥିବା ସମୟରେ କେହି ଜଣେ ବ୍ୟକ୍ତି ତାଙ୍କ ବାଇକ ଚୋରୀ କରି ନେଇଛି । ପୋଲିସ ଅଭିଯୋଗକୁ ଭିତ୍ତି କରି ଅଭିଯୁକ୍ତଙ୍କୁ କୁ ଭିତ୍ତି କରି ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ବିରୋଧରେ ଥାନାରେ ଏକାଧିକ ମାମଲା ରହିଥିବା ଜଣାପଡିଛି ।

## ନିର୍ବାଚନରେ ଲୋକଙ୍କ ଆସ୍ଥା ହରାଇଛି କଂଗ୍ରେସ

**ଖୋର୍ଦ୍ଧା ଅଫିସ,୨୭।୩**

ଖୋର୍ଦ୍ଧା ଜିଲାର ଖୋର୍ଦ୍ଧା ଓ ଜଟଣୀ ପୌରପାଳିକା ସମେତ ବାଲୁଗାଁ ଏବଂ ବାଣପୁର ଏନ୍‌ଏସି ନିର୍ବାଚନର ଫଳାଫଳ ରବିବାର ପ୍ରକାଶ ପାଇଛି। ୪ ପୌରପରିଷଦ ଅଧୀନ ୭୧ୱାର୍ଡ ମଧ୍ୟରୁ ଶାସକ ଦଳ ବିଜେଡି ୪୧ଟିରେ ଜିତିଥିବା ବେଳେ ଭାଜପା ୧୫ ଆସନ ପାଇଛି। ସ୍ୱାଧୀନ ପ୍ରାର୍ଥୀ ୧୦ଟିରେ ବିଜୟ ଲାଭ କରିଛନ୍ତି। କଂଗ୍ରେସକୁ ୫ଟିରେ ସନ୍ତୁଷ୍ଟ ରହିବାକୁ ପଡ଼ିଛି। ଖୋର୍ଦ୍ଧାରେ ୨୨ଟି ୱାର୍ଡରୁ ବିଜେଡି ୧୩, ଭାଜପା ୪ ଏବଂ ସ୍ୱାଧୀନ ପ୍ରାର୍ଥୀ ୫ଟି ୱାର୍ଡରେ ବିଜୟ ଲାଭ କରିଛନ୍ତି। ଜଟଣୀରେ ୨୩ରୁ ବିଜେଡି ୧୩, ଭାଜପା ୧, କଂଗ୍ରେସ ଓ ସ୍ୱାଧୀନ ପ୍ରାର୍ଥୀଙ୍କୁ ୫ଟି ଲେଖାଏ ଆସନ ମିଳିଛି। ବାଲୁଗାଁରେ ୧୧ରୁ ଭାଜପା ୫ ଓ ବିଜେଡିକୁ ୬ ଆସନ ମିଳିଛି। ବାଣପୁରରେ ୧୫ରୁ ବିଜେଡି ୧୦ ଓ ଭାଜପା ୫ ଆସନରେ ଜିତିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଖୋର୍ଦ୍ଧା ପୌରପାଳିକା ସମେତ ବାଲୁଗାଁ ଓ ବାଣପୁର ଏନ୍‌ଏସି କାଉନସିଲର ନିର୍ବାଚନରେ କଂଗ୍ରେସ ଖାତା ଖୋଲିପାରିନାହିଁ। ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ଧରାଶାୟୀ ହୋଇଥିବାବେଳେ ପୌରନିର୍ବାଚନରେ ମୂଳପୋଛ ହୋଇଯାଇଛି। ଦିନ ଥିଲା, ଖୋର୍ଦ୍ଧାକୁ କଂଗ୍ରେସର ଗଡ଼ କୁହାଯାଉଥିଲା। ୨୦୧୯ ସାଧାରଣ ନିର୍ବାଚନ ପରେ ୨୦୨୨ ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳ ଜନତାଙ୍କ ଆସ୍ଥା ହରାଇଛି।

## କ୍ଲବ ଘର ଉପରକୁ ବୋମାମାଡ଼


ନଷ୍ଟ ହୋଇଥିବା ସାମଗ୍ରୀ।

**ଖୋର୍ଦ୍ଧା ଅଫିସ,୨୭।୩**

ଖୋର୍ଦ୍ଧା ତହସିଲଦାରଙ୍କ ସରକାରୀ କ୍ୱାଟର୍ସ ନିକଟ ଅବନୀ ବରାଳ ସ୍ମୃତି ସଦନ ଆଗରେ ଥିବା ଏକ କ୍ଲବ ଘରକୁ ରବିବାର ସନ୍ଧ୍ୟାରେ କେତେଜଣ ଦୁର୍ବୃତ୍ତ ବୋମାମଡ଼ କରିଛନ୍ତି। ତେବେ ଘର ବନ୍ଦ ଥିବାରୁ କେହି ଆହତ ହୋଇ ନ ଥିବା ବେଳେ ଘରର ସମ୍ମୁଖ କବାଟ ସମେତ ଭିତରେ ଥିବା ଆସବାବପତ୍ର ନଷ୍ଟ ହୋଇଛି। କାନ୍ଥରେ ଫାଟ ସହ ଚଟାଣ ଫାଟିଥିବା ଦେଖିବାକୁ ମିଳିଛି। ଖବରପାଇ ଟାଉନ ଥାନା ପୋଲିସ ପହଞ୍ଚି ଭାଙ୍ଗିଥିବା ସାମଗ୍ରୀ ଜବତ କରିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡିଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ଏସଡିପିଓ ସୁଶୀଲ ମିଶ୍ର କହିଛନ୍ତି। ତେବେ ବୋମାମାଡ଼ର କାରଣ ଅସ୍ପଷ୍ଟ ରହିଛି। ବୋମାମାଡ଼ ହୋଇଥିବା ସ୍ଥାନ ନିକଟ ରାଜସ୍ୱ ବଙ୍ଗଳାରେ ଜିଲାପାଳ ରହୁଥିବା ବେଳେ ଥାନା ଠାରୁ ମାତ୍ର ଦୁଇଶହ ମିଟର ଦୂରରେ ଘଟଣା ଘଟିଛି। ନିର୍ବାଚନ ଫଳାଫଳକୁ ନେଇ କେହି ଦୁର୍ବୃତ୍ତ ପ୍ରତିଶୋଧ ପରାୟଣ ହୋଇ ବୋମାମାଡ଼ କରିଥିବା ଚର୍ଚ୍ଚା ହେଉଛି।

# କାମ କଲାନି ସୁରେଶ, ଅପରାଜିତାଙ୍କ ପ୍ରଭାବ

**ପୌର ନିର୍ବାଚନ**

**ଖୋର୍ଦ୍ଧା ଅଫିସ,୨୭।୩**

ଖୋର୍ଦ୍ଧା ପୌର ନିର୍ବାଚନରେ ଶାସକ ଦଳ ବିଜେଡି ବାଜି ମାରି ନେଇଛି। ୪ଟି ପୌର ଆସନରେ ବିଜେଡି ବହୁମତ ହାସଲ କରିଥିବା ବେଳେ ଅଧକ୍ଷ ପଦବୀ ମଧ୍ୟ ବିଜେଡି ହାତକୁ ଯାଇଛି। ପୁଣି ଥରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକଙ୍କ ଯାଦୁ ଆଗରେ ବିରୋଧୀ ଫିକା ପଡ଼ିଲେ। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ଜଟଣୀ ବିଧାୟକ ତଥା କଂଗ୍ରେସ ନେତା ସୁରେଶ କୁମାର ରାଉତରାୟଙ୍କ କୌଣସି ପ୍ରଭାବ ପଡ଼ିଲାନାହିଁ। ଜଟଣୀରେ ଘନଘନ ପ୍ରଚାର ସତ୍ତ୍ୱେ ଭାଜପା ଖାତା ଖୋଲିପାରିଲା ନାହିଁ। ସେହିପରି ବିଧାୟକ ରାଉତରାୟ ନିଜ ଗଡ଼ ବଞ୍ଚାଇ ପାରିଲେ ନାହିଁ। ଖୋର୍ଦ୍ଧାରେ ଗୋଟିଏ ବି କାଉନସିଲର ଆସନରେ କଂଗ୍ରେସ ଜିତି ପାରିଲା ନାହିଁ। ଶେଷ ପର୍ଯ୍ୟନ୍ତ ଦଳ ପକ୍ଷରୁ କୌଣସି ଷ୍ଟାର କ୍ୟାମ୍ପେନରଙ୍କ ଦେଖା ନ ଥିଲା। ପ୍ରଚାରର ଶେଷ ଦିନରେ ରାଉତରାୟ ଖୋର୍ଦ୍ଧାରେ ମଇଦାନକୁ ଓହ୍ଲାଇଥିଲେ। ଦଳୀୟ ପ୍ରାର୍ଥୀମାନେ ନିଜ ଭରସାରେ ନିର୍ବାଚନ ଲଢିଥିଲେ। ଦଳ ପକ୍ଷରୁ ସେମାନଙ୍କୁ ସେପରି କୌଣସି ସହଯୋଗ ମିଳି ନ ଥିଲା। ଫଳରେ କଂଗ୍ରେସ ସତ୍ତା ହରାଇଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ଅନ୍ୟପଟେ ପଞ୍ଚାୟତ ନିର୍ବାଚନରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ଭାଜପା ଧରାଶାୟୀ ହୋଇଥିଲା। ପୌର ନିର୍ବାଚନରେ ଏହାର ପ୍ରଭାବ ପଡ଼ିବ ନାହିଁ ଓ ଭାଜପା ବହୁମତ ସହ ବିଜୟ ଲାଭ କରିବ ବୋଲି ଅପରାଜିତାଙ୍କ ଦମ୍ଭୋକ୍ତି ଫସର ଫାଟିଗଲା। ଜଟଣୀରେ ଭାଜପା ବିପକ୍ଷରେ ଜନାଦେଶ ଯାଇଛି। ଏଠାରେ ଭାଜପା ଗୋଟିଏ ଆସନରେ ଜିତିଛି। ଦୁଇଟି ନିର୍ବାଚନରେ ସୁରେଶ ଏବଂ ଅପରାଜିତାଙ୍କ ବିଫଳତାକୁ ନେଇ ଆଲୋଚନା ଜୋର ଧରିଛି। ବିଫଳତାକୁ ନେଇ ଉଭୟ ଦଳ ସମୀକ୍ଷା କରିବା ଆବଶ୍ୟକ ବୋଲି ରାଜନୀତି ବିଶେଷଜ୍ଞ ମତ ଦେଉଛନ୍ତି। ଏନେଇ ସୁରେଶ କହିଛନ୍ତି, ଶାସକ ଦଳ ନିର୍ବାଚନୀ ହିଂସା, ଭୋଟରଙ୍କୁ ଟଙ୍କା ଦେଇ କିଣିଲେ। ଆମେ ଗଣତନ୍ତ୍ରରେ ବିଶ୍ୱାସ କରୁ। ଭୋଟରଙ୍କ ନିକଟତର ହୋଇଥିଲୁ। ତେବେ ଭୋଟର ଆମକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହାର ସମୀକ୍ଷା କରାଯିବ। ଆଗାମୀ ସାଧାରଣ ନିର୍ବାଚନରେ ଦଳ ପୁଣି ଥରେ ପ୍ରଭାବ ଦେଖାଇବ ବୋଲି କହିଛନ୍ତି। ସେହିପରି ଅପରାଜିତା କହିଛନ୍ତି, ଦଳକୁ ଆହୁରି ତୃଣମୂଳ ସ୍ତରରେ ସୁଦୃଢ଼ କରାଯିବ। ଖୋର୍ଦ୍ଧାରେ ୪ ଓ ଜଟଣୀରେ ଗୋଟିଏ ଆସନରେ ଭାଜପା ଜିତିଛି। ଭୋଟ ହାର ଭଲ ରହିଛି। ଭାଜପା ଉପରେ ବିକାଶ ଉପରେ ବିଶ୍ୱାସ ରଖେ। ଲୋକଙ୍କ ସେବା ଜାରି ରହିବ।

## କବିତା ଆସର, ସମ୍ମାନ ପ୍ରଦାନ ଉତ୍ସବ

**ଜଟଣୀ,୨୭।୩(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ନିକଟ ହରିରାଜପୁର ପଞ୍ଚଦୋଳ ମେଳଣ ଅବସରରେ କବିତା ଆସର ଓ ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମେଳଣ ପଡିଆ ପରିସରରେ ସମ୍ବାଦ ସାହିତ୍ୟ ଘର, ପିପିଲି ଓ ପଶ୍ଚିମାଶମ୍ଭୁ ସୋମନାଥ ଦେବ ଯୁବ ସଙ୍ଗଠନର ମିଳିତ ସହଯୋଗରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତାଭାବେ ରଘୁନାଥ ଜେନା ଯୋଗଦେଇଥିବା ବେଳେ ଅତିଥିଭାବେ ପ୍ରସନ୍ନ ମହାରଥୀ, ସୁଦର୍ଶନ ପ୍ରଧାନ, ବାସୁଦେବ ସାହୁ, ଅଭିମନ୍ୟୁ ବଳିୟାରସିଂହ, ପ୍ରେମାନନ୍ଦ ମହାରଥୀ, ନରେନ୍ଦ୍ର ମୁଦୁଲି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଡ.ପ୍ରକାଶ ଚନ୍ଦ୍ର ମିଶ୍ରଙ୍କ ଲିଖିତ ‘ପର୍ଶୁରାମ ବିଜୟ’ ପୁସ୍ତକ ଉନ୍ମୋଚନ ହୋଇଥିଲା। ଜଟଣୀ, ପିପିଲି ଏବଂ ଡେଲାଙ୍ଗ ଅଞ୍ଚଳର ବହୁ କବି ଓ କବୟିତ୍ରୀ ଯୋଗଦେଇ ସ୍ୱଲିଖିତ କବିତା ପାଠ କରିଥିଲେ। ପ୍ରକାଶ ସମାନ୍ତସିଂହାର, ଅମୀୟ ସାହୁ, ସାତୋଷ ଦାସ, ବ୍ରଜ କିଶୋର ମୁଦୁଲି, ଅନ୍ନପୂର୍ଣ୍ଣା ଜେମା, ଗୀତା ପଣ୍ଡା, ପ୍ରଶାନ୍ତ ଦାଶ, ସତ୍ୟ ସିଂ, ପ୍ରଭୁଚରଣ ପତି, ବୈଜୟନ୍ତୀ ସାହୁ, ପ୍ରମୋଦ ମହାନ୍ତି, ପ୍ରମୋଦ ଶତପଥୀ, ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା।



# ‘ଓଡ଼ିଶାରେ କ୍ରୀଡ଼ା ଭିତିଭୂମି ରହିଛି’

**ଖୋର୍ଦ୍ଧା ଅଫିସ,୨୭।୩**

ଓଡ଼ିଶାରେ କ୍ରୀଡ଼ା ଭିତିଭୂମି ରହିଛି। ପ୍ରତି ଗାଁରେ ଉଦୀୟମାନ ଖେଳାଳି ରହିଛନ୍ତି। ଉପଯୁକ୍ତ ପ୍ରୋତ୍ସାହନ ମିଳିଲେ, ସେମାନେ ଆଗକୁ ଆସିପାରିବେ। ଯେଉଁଠାରେ କ୍ରୀଡ଼ା କ୍ଲବ ରହିଛି, ସମୟ ବ୍ୟବଧାନରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯାଉଛି, ସେଠାରୁ ନିଶ୍ଚିତ ଭାବେ ଖେଳାଳି ବାହାରିବେ। ଆଜି ଓଡ଼ିଶାରେ ବହୁ କ୍ରୀଡ଼ାବିତ୍ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସୁନାମ ଆଣିଛନ୍ତି। ହକିଠାରୁ ଆରମ୍ଭ କରି ଫୁଟବଲ, କ୍ରିକେଟ ପ୍ରଭୃତି ଅନ୍ୟ ଖେଳରେ ଭବିଷ୍ୟତ ରହିଛି। ନିଜ ପ୍ରତିଭା ବିକାଶ ସହ ଏହାକୁ ଜୀବନର ଲକ୍ଷ୍ୟ ଭାବି ଖେଳିଲେ ସଫଳତା ନିଶ୍ଚିତ ମିଳିବ ବୋଲି ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପଦ୍ମଶ୍ରୀ ଦିଲୀପ ତିର୍କୀ କହିଛନ୍ତି। କଳିଙ୍ଗ ଟାଇଗର ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଗୁରୁଜଙ୍ଗ ପଡ଼ିଆରେ ରବିବାର ଅନୁଷ୍ଠିତ ୩ୟ ନିଲୋଫର ହୁସ୍‌ନାରା କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ତିର୍କୀ ଯୋଗଦେଇ ଏହା କହିଛନ୍ତି।

ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲା ଯୋଜନା କମିଟି ସଭାପତି ତଥା ବିଧାୟକ ରାଜେନ୍ଦ୍ର ସାହୁ, ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ସାମାଜିକ କର୍ମୀ ପ୍ରିୟବ୍ରତ ଦାସ, ହୁସ୍‌ନାରା ବେଗମ୍, ନିଲୋଫର ବେଗମ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ରାଇଜିଂ ଷ୍ଟାର ଏବଂ ରର୍ନ ଅପ୍ ଯଦୁପୁର ଟିମକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। କୁମାରବସ୍ତ ରାଇଜିଂ ଷ୍ଟାର ଓ ଯଦୁପୁର କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଟସ୍ ଜିଣି ରାଇଜିଂଷ୍ଟାର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୨୭୬ ରନ ସଂଗ୍ରହ କରିଥିଲା। ଜବାବରେ ଯଦୁପୁର ଦଳ ୮ଉଇକେଟ ହରାଇ ୨୦୨ ରନ ସଂଗ୍ରହ କରିଥିଲା। ଏହି ମ୍ୟାଚକୁ ରାଇଜିଂଷ୍ଟାର ୭୪ରନରେ



ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍।

**ନିଲୋଫର କ୍ରିକେଟ ଟୁର୍ନାମେଣ୍ଟ: ରାଇଜିଂଷ୍ଟାର କ୍ଲବ ଚାମ୍ପିୟନ**

ଜିତି ଚାମ୍ପିୟନ ଆଖ୍ୟା ହାସଲ କରିଛି। ମ୍ୟାନ ଅଫ୍ ଦି ମ୍ୟାଚ ସୁନିଲ କୁମାର ସାହୁ, ମ୍ୟାନ ଅଫ ଦି ସିରିଜ୍ ଅଭିଷେକ ପଟ୍ଟନାୟକଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଏମ୍.ଡି. ତବ୍ରେଜ, ଶ୍ରେଷ୍ଠ ଫିଲ୍ଡର କାଳିଆ ସାହୁ, ଶ୍ରେଷ୍ଠ ବୋଲର ଅସୀମାନନ୍ଦ ଦଳବେହେରା, ଟୁର୍ନାମେଣ୍ଟର ଶ୍ରେଷ୍ଠ ଆୟୋଜକ ଭାବେ ପ୍ରକାଶ ସାହୁ ପ୍ରମୁଖ ପୁରସ୍କୃତ ହୋଇଥିଲେ। ସୁନିଲ କୁମାର ରାଉତରାୟ, ଅଶେଷ ରାଉତ, ରାଜେନ୍ଦ୍ର ବେହେରା, ସୂର୍ଯ୍ୟ ନାରାୟଣ ମହାନ୍ତି, ଶୁଭ୍ରାଂଶୁ ସାମନ୍ତରାୟ, ପ୍ରଭାତ ପାଣିଗ୍ରାହୀ, ଦିଲୀପ ପଟ୍ଟନାୟକ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ସାମାଜିକ କର୍ମୀ ଅବ୍ୟକ୍ତ ହରିହର ଖାଡ଼ଙ୍ଗା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୭।୩।୨୦୨୨

| | |
|---|---|
| ୬,୯୬,୯୮୯ ଟଙ୍କା | |
| ସୁନା | ୯୦୦ ମିଲିଗ୍ରାମ |
| ରୁପା | ୧୦୩ ଗ୍ରାମ |

# ଶ୍ରୀମନ୍ଦିର ସୁରକ୍ଷା ଦାବିରେ ଆନ୍ଦୋଳନ

- ବେଆଇନ ନିର୍ମାଣକୁ ବିରୋଧ
- ନାଟମଣ୍ଡପ, ଜଗମୋହନ ଫାଟ ମରାମତି କରାଯାଉ

**ପୁରୀ ଅଫିସ, ୨୭।୩:**

ଶ୍ରୀମନ୍ଦିର ସୁରକ୍ଷା ଦାବିରେ ପୁରୀର ସାମାଜିକ ଅନୁଷ୍ଠାନ ସାହିଭାଇ ପକ୍ଷରୁ ରବିବାର ଶ୍ରୀମନ୍ଦିର ସମ୍ମୁଖରେ ନୀରବ ପ୍ରତିବାଦ ସହ ଜନସଚେତନତା କରାଯାଇଛି। ସାହିଭାଇର କର୍ମକର୍ତ୍ତା କହିଛନ୍ତି, ଶ୍ରୀମନ୍ଦିର ସୁରକ୍ଷା କ୍ଷେତ୍ରରେ ପ୍ରଶାସନ ଅବହେଳା କରୁଛି। ନାଟମଣ୍ଡପ, ଜଗମୋହନ ଓ ରତ୍ନଭଣ୍ଡାର ସମୀପସ୍ଥ କାନ୍ଥ ଆଦି ସ୍ଥାନରେ ଫାଟ ହୋଇଥିଲେ ବି ତାହାକୁ ମରାମତି କରାଯିବାକୁ ପଦକ୍ଷେପ ନିଆଯାଉ ନାହିଁ। ଶ୍ରୀମନ୍ଦିର ସୁରକ୍ଷା ଦୃଷ୍ଟିରୁ ଏହି ଫାଟ ସୃଷ୍ଟିର କାରଣ ସମ୍ପର୍କରେ ତର୍ଜମା କରାଯାଇ ମରାମତି ପ୍ରତି ଧ୍ୟାନ ଦିଆଯିବା ଉଚିତ। ସେହିପରି ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାର କରାଯାଇ ଅବୈଧ ଖନନ ଏବଂ ନିର୍ମାଣ କାର୍ଯ୍ୟ ଯୋଗୁ ଶ୍ରୀମନ୍ଦିରର ସୁରକ୍ଷା, ସ୍ଥାୟିତ୍ୱ, ସ୍ଥାପତ୍ୟ ଏବଂ ହଜାର ବର୍ଷର ପୁରାତନ କଳାକୃତି ପ୍ରତି ଏବଂ ବିଶେଷ କରି ଏହାର ମୂଳଦୁଆ ପ୍ରତି ବିପଦ ଆଶଙ୍କା କରାଯାଉଛି। ଏଏସ୍ଆଇର ନିୟମକୁ ପ୍ରଶାସନ ଉଲ୍ଲଂଘନ କରୁଛି। ଏ ନେଇ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ସତ୍ତ୍ୱେ ପ୍ରଶାସନ ଚୁପ୍ ବସିଛି। ଏହାକୁ ବିରୋଧ କରି ସାହିଭାଇର ସମ୍ପାଦକ ଚନ୍ଦ୍ରଶେଖର ମିଶ୍ର, କାର୍ଯ୍ୟକାରୀ ସଭାପତି ବ୍ରଜବନ୍ଧୁ ମହାରଣା, ସଙ୍ଗଠନ ସମ୍ପାଦକ ଦୀପକ କୁମାର ଜେନା, ସହ ସମ୍ପାଦକ ସତ୍ୟକାମ ସାହୁ, ସଦସ୍ୟ ବିଶ୍ୱଜିତ ମହାନ୍ତି, ଅଶୋକା ମଞ୍ଜରୀ ନାୟକ, ନିହାରିକା ତ୍ରିପାଠୀ, ଶଶାଙ୍କ ଶେଖର ମିଶ୍ର, ଦୁଷ୍ମନ୍ତ ପରିଡା, ଅଜୟ ପ୍ରଧାନ, ସ୍ମିତାଞ୍ଜଳି ପତି, ଅନସୂୟା ମହାରଣା, ଦୀପକ କୁମାର ସ୍ୱାଇଁ, ଲକ୍ଷ୍ମୀଧର ବେହେରା ଏବଂ ରାଜେନ୍ଦ୍ର ଦାସ ପ୍ରମୁଖ ପ୍ଲାକାର୍ଡ ଧରି ନୀରବ ପ୍ରତିବାଦ କରିଥିଲେ। ସେହିପରି ପୁରୀ ଯୁବ ମଞ୍ଚ ପକ୍ଷରୁ ଶ୍ରୀମନ୍ଦିର ସୁରକ୍ଷା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବେଆଇନ ନିର୍ମାଣକୁ ମଞ୍ଚ ବିରୋଧ କରିବା ସହ ଶ୍ରୀମନ୍ଦିର ଫାଟ ମରାମତି ଲାଗି ଦାବି କରାଯାଇଛି। ଯଦି ଏଠି ଐତିହ୍ୟ ଅସୁରକ୍ଷିତ, ତେବେ କରିଡର କାହା ସ୍ୱାର୍ଥରେ ନିର୍ମାଣ କରାଯାଉଛି ବୋଲି ମଞ୍ଚ ପ୍ରଶ୍ନ କରିଛି। ଶ୍ରୀମନ୍ଦିର ସମ୍ମୁଖରେ ଦୀପ ପ୍ରଜ୍ୱଳନ କରି ମଞ୍ଚ ପକ୍ଷରୁ ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରାଯାଇଥିଲା। ମଞ୍ଚ ଆବାହକ ରବିନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ପ୍ରଶାନ୍ତ ଭୂୟାଁ, ହେମନ୍ତ ମହାନ୍ତି,ବିଜୟ ପଟ୍ଟନାୟକ, ଆଦିତ୍ୟ ଭୋଳ, ମୁନା ନାୟକ, ଯାଦବ ତ୍ରିପାଠୀ, ଦୀନବନ୍ଧୁ ବରାଳ, ମାନସ ସାହୁ ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।







ପୁରୀ ଯୁବମଞ୍ଚ ଏବଂ ସାହିଭାଇ ଅନୁଷ୍ଠାନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ନୀରବ ପ୍ରତିବାଦ କରାଯାଉଛି ।

## ୨୯ରେ ବାରୁଣୀ ସ୍ନାନ ଯାତ୍ରା

**ସାକ୍ଷୀଗୋପାଳ,୨୭।୩(ଡି.ଏନ୍.ଏ.):** ସାକ୍ଷୀଗୋପାଳ ନିକଟ ଭାର୍ଗବୀ ନଦୀରେ ଆସନ୍ତା ୨୯ ତାରିଖରେ ବାରୁଣୀ ସ୍ନାନ ଅନୁଷ୍ଠିତ ହେବ। ଏଥିଲାଗି ନଦୀତଟସ୍ଥିତ ବଳପୁର ଓ ସୁଆଣ୍ଡୋରେ ଆୟୋଜିତ ସାଗରସ୍ନାନ ଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବ। ସତିଶା ନକ୍ଷତ୍ର ମହାବାରୁଣୀ ଯୋଗରେ ବଳପୁର ଗ୍ରାମ ଠାକୁର ବାଲୁଙ୍କେଶ୍ୱର ଦେବ ଅଗ୍ରଜ ବରାଳ ଗ୍ରାମର ବାଲୁଙ୍କେଶ୍ୱର ଦେବଙ୍କୁ ବିଧି ଅନୁଯାୟୀ ନିମନ୍ତ୍ରଣ କରି ଦୁଇ ଭାଇ ଭାର୍ଗବୀ ନଦୀର ଭୃଗୁଘାଟରେ ବିଜେ କରିବେ। ଠାକୁରଙ୍କ ସ୍ନାନନୀତି ପରେ ମାନସିକ କରିଥିବା ଶତାଧିକ ମହିଳା ଓ ପୁରୁଷ ବାରୁଣୀ ବୁଡ଼ ପକାଇ ପୂଜାର୍ଚ୍ଚନା କରିବେ। ପରମ୍ପରା କ୍ରମେ ବରାଳ ମନ୍ଦିରରେ ଠାକୁରଙ୍କ ନୀତିକାନ୍ତି ଶେଷ ହେବା ପରେ ଦୁଇଟି ସୁସଜ୍ଜିତ ବିମାନରେ ଦୁଇଭାଇ ଅପରାହ୍ନ ୨ଟା ୩୦ରେ ଘଣ୍ଟ, ମର୍ଦ୍ଦଳ, କାହାଳି, ବାଜା, ମହୁରି, ଛତିଡ୍ରାସ ସହିତ ଏକ ଶୋଭାଯାତ୍ରାରେ ନଦୀକୂଳରେ ପହଞ୍ଚିବେ। ନଦୀ ଅପର ପାର୍ଶ୍ୱ ସୁଆଣ୍ଡୋରେ ଲୋକେଶ୍ୱର ଓ ବିଦ୍ୟାଧରପୁର କୁଣ୍ଡଳେଶ୍ୱରଙ୍କ ସାଗର ସ୍ନାନ ଯାତ୍ରା ହେବ।

## ସଂକ୍ଷେପରେ

### ବରିଷ୍ଠ ନାଗରିକ ମହାସଂଘର ବାର୍ଷିକ ଉତ୍ସବ

**ବଳଙ୍ଗା, ୨୭।୩(ଡି.ଏନ୍.ଏ.):** ବଳଙ୍ଗା ଥାନା ଚକ୍ରକୁଦରେ ବରିଷ୍ଠ ନାଗରିକ ମହାସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ହେଲ୍ପ ଏଜ୍ ଇଣ୍ଡିଆ ଏବଂ ମହାସଂଘର ମିଳିତ ସହଯୋଗରେ ଏହି ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ମହାସଂଘର ସଭାପତି ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ନିମାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ହେଲ୍ପ ଏଜ ଇଣ୍ଡିଆ ଓଡ଼ିଶାର ମୁଖ୍ୟ ଭାରତୀ ଚକ୍ର, ପ୍ରକଳ୍ପ ଅଧିକାରୀ ଶ୍ରୀକାନ୍ତ ରାୟ, ବିପିଏମ୍ ମଧୁଛନ୍ଦା ମିଶ୍ର, ସାମାଜିକ କର୍ମୀ କୃପାସିନ୍ଧୁ ଦତ୍ତ, ସୁକାନ୍ତ କୁମାର ବରାଳ ଏବଂ ପ୍ରକାଶ କୁମାର ସାହୁ ଯୋଗଦେଇଥିଲେ। ବରିଷ୍ଠ ନାଗରିକମାନେ ସମାଜର ଅନ୍ୟତମ ମେରୁଦଣ୍ଡ ବୋଲି ଅତିଥିମାନେ କହିଥିଲେ। ବରିଷ୍ଠ ନାଗରିକଙ୍କ ମୌଳିକ ସମସ୍ୟା ଓ ଅଧିକାର ଉପରେ ଆଲୋଚନା କରାଯାଇଥିଲା।

### ସୁନାଚେନ୍ ଜବତ, ମହିଳା ଗିରଫ

ମେଳଣ ଭିଡ଼ରେ ସୁନାଚେନ ଲୁଟ୍ କରିବା ଅଭିଯୋଗରେ ଡେଲାଙ୍ଗ ପୋଲିସ ରବିବାର ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି । ସେ ହେଲେ ପୁରୀ ସମୁଦ୍ରକୂଳ ଥାନା ଅଧୀନ ପେଣ୍ଟକଟାର ଜ୍ୟୋତି ରାଓ। ଏଥିସହ ତାଙ୍କଠାରୁ ଲୁଟ୍ ସୁନାଚେନ ଜବତ ହୋଇଛି। ଏହି ଚେନ୍‌ର ଆନୁମାନିକ ମୂଲ୍ୟ ୪୫ହଜାର ଟଙ୍କା ହେବ ବୋଲି ପୋଲିସ କହିଛି । ଅଭିଯୋଗ ଅନୁଯାୟୀ, ଖୋର୍ଦ୍ଧା ଜିଲା ବେଗୁନିଆର ବିଦ୍ୟାଶ୍ରୀ ଦାଶ ପରିବାର ଓ ସମ୍ପର୍କୀୟଙ୍କ ସହିତ ମେଳଣ ଦେଖିବା ପାଇଁ ହରିରାଜପୁର ଆସିଥିଲେ। ମେଳଣରେ ଠାକୁରଙ୍କ ଦର୍ଶନ କରିବା ପରେ ସେଠାରେ ଖୋଲିଥିବା ଦୋକାନରୁ ସାମଗ୍ରୀ କିଣିବା ପାଇଁ ଯାଉଥିବା ବେଳେ ଲୁଟେରା ମହିଳା ଜଣକ ବିଦ୍ୟାଶ୍ରୀଙ୍କ ଶାଶୁଙ୍କ ବେକରୁ ସୁନାଚେନ୍ ଲୁଟ୍ କରି ଅନ୍ୟ ଲୁଟେରା ସାଥୀଙ୍କୁ ଦେବାବେଳେ ସ୍ଥାନୀୟ ଲୋକେ କାବୁ କରି ପୋଲିସ ଜିମା ଦେଇଥିଲେ। ଚଳିତ ବର୍ଷ ମେଳଣରେ ୧୧ଟି ମୋବାଇଲ, ୨ଟି ସୁନାଚେନ ଓ ଗୋଟିଏ ହାର ଲୁଟ୍ ହୋଇଥିବା ନେଇ ହରିରାଜପୁର ଫାଣ୍ଡିରେ ଅଭିଯୋଗ ହୋଇଛି ।



ବିଶ୍ୱ କଲ୍ୟାଣ ନିମନ୍ତେ ପୁରୀ ଗୁଡିଆ ସାହିରେ ରବିବାର ସୁନ୍ଦରା କାଣ୍ଡ ପାଠ କରାଯାଉଛି ।

## ବିଶ୍ୱ ନାଟ୍ୟ ଦିବସ ପାଳିତ

**ପୁରୀ ଅଫିସ, ୨୭।୩:**

ପୁରୀ ଆର୍ଟିଷ୍ଟ ଆସୋସିଏଶନ୍ ପକ୍ଷରୁ ରବିବାର ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ସଭା ଅନୁଷ୍ଠିତ ହେବା ସହ ହରିହର ମିଶ୍ରଙ୍କ ରଚିତ ଓ ରବି ତ୍ରିପାଠୀଙ୍କ ନିର୍ଦ୍ଦେଶିତ ନାଟକ 'ଗୋଟିଏ ଗୁଳି ବାକି ' ମଞ୍ଚସ୍ଥ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ପିନାକୀ ମିଶ୍ର, ସମ୍ମାନିତ ଅତିଥି ଭାବେ ବିଜେଡି ଯୁବ ନେତା ଶୁଭାଶିଷ ଖୁଣ୍ଟିଆ, ନାଟ୍ୟକାର ତଥା ସାହିତ୍ୟକ ହରିହର ମିଶ୍ର, ପୁରୀ ବ୍ଲକ୍ ଅଧ୍ୟକ୍ଷ ଦିବାକର ମହାପାତ୍ର, ଅନୁଷ୍ଠାନର ବରିଷ୍ଠ ମାର୍ଗଦର୍ଶକ ଚକ୍ରଧର ମହାପାତ୍ର, ପ୍ରସନ୍ନ ମିଶ୍ର, ସଭାପତି ବିକାଶ ଦତ୍ତ, ସମ୍ପାଦକ ରାମକୃଷ୍ଣ ମହାପାତ୍ର ଏବଂ ସାଂସ୍କୃତିକ ସମ୍ପାଦକ ପ୍ରତାପ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ମଞ୍ଚ ନାଟକ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ନାଟ୍ୟକାର ହରିହର ମିଶ୍ର, ରୂପସଜାରେ ଶିବ ନାରାୟଣ ରାୟ, ଅଭିନେତା ତଥା ନିର୍ଦ୍ଦେଶକ ପାଣ୍ଡବ ସାହୁ ଏବଂ ଖବରଦାତା ବିକ୍ରମ କେଶରୀ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇ ଥିଲା। କାର୍ଯ୍ୟକ୍ରମକୁ ପୂର୍ବତନ ସଭାପତି ତଥା ନାଟକ କମିଟି ଅଧ୍ୟକ୍ଷ ପ୍ରଦୀପ କୁମାର ପ୍ରଧାନ ପରିଚାଳନା କରିଥିଲେ।

## ପୋଖରୀରେ ବୁଡ଼ି ଶ୍ରମିକ ମୃତ

**ନିମାପଡ଼ା,୨୭।୩(ଡି.ଏନ୍.ଏ.):** ନିମାପଡ଼ା ଥାନା ଅନ୍ତର୍ଗତ ପାଟପୁର ଗ୍ରାମର ଏକ ପୋଖରୀରେ ବୁଡ଼ି ଜଣେ ଇଟାଭାଟି ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଛତିଶଗଡ଼ ମହାସୁମ ଥାନା ଅଞ୍ଚଳର ଜନକରାମ ଚଲକ(୭୨)। ସୂଚନା ମୁତାବକ, ଜନକରାମ ପାଟପୁର ଗ୍ରାମରେ ରହୁଥିବା ବେଳେ ସ୍ଥାନୀୟ ଇଟାଭାଟିରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଶନିବାର ଇଟାଭାଟିରେ କାର୍ଯ୍ୟ ସରିବା ପରେ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ତେବେ ସେ ରାତିରେ ଆଉ ଘରକୁ ନ ଫେରି ନ ଥିଲେ। ରବିବାର ସକାଳେ ପରିବାର ଲୋକେ ଖୋଜାଖୋଜି କରିବା ସହ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖି ଉଦ୍ଧାର କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲ ପଠାଇଥିଲା। ଏନେଇ ମୃତକଙ୍କ ପୁଅ ରାଜେଶ ଚଲକଙ୍କ ଅଭିଯୋଗକ୍ରମେ ପୋଲିସ ଅପମୃତ୍ୟୁ ମାମଲା (ନଂ.୯/୨୨) ରୁଜୁକରି ତଦନ୍ତ ଚଳାଇଛି।

# ସରିଲା ହରିରାଜପୁର ମେଳଣ

- ଗୋଧୂଳି ଲଗ୍ନରେ ହରିହର ଭେଟ
- ଦର୍ଶନ କଲେ ଲକ୍ଷାଧିକ ଶ୍ରଦ୍ଧାଳୁ

**ଡେଲାଙ୍ଗ,୨୭।୩(ଡି.ଏନ୍.ଏ.):**

ପୁରୀ ଜିଲା ଡେଲାଙ୍ଗସ୍ଥିତ ହରିରାଜପୁରରେ ଅନୁଷ୍ଠିତ ପଶ୍ଚିମାଶମ୍ଭୁ ସୋମନାଥ ମେଳଣ ରବିବାର ଶେଷ ହୋଇଛି। ଅପରାହ୍ଣରେ ଗୋଧୂଳି ଲଗ୍ନରେ ହରିହର ଭେଟ ଅନୁଷ୍ଠିତ ହୋଇଥିଲା। ମେଳଣ ପଡ଼ିଆରେ ଖୁଣ୍ଟିଲାଗି ହୋଇଥିବା ହରି ଓ ହର ସମସ୍ତ ଠାକୁର ସ୍ଥାନାଧିପତି ପଶ୍ଚିମାଶମ୍ଭୁ ସୋମନାଥଙ୍କ ସହିତ ଭେଟ ହୋଇ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସ୍ଥାନାଧିପତି ପଶ୍ଚିମାଶମ୍ଭୁ ସୋମନାଥ, ଅରାଗଡର କୁନ୍ତେଶ୍ୱର ଦେବ, କୁସୁମାଟିର ଗଡେଶ୍ୱର ଦେବ, କନ୍ତିଆର ବାଲୁଙ୍କେଶ୍ୱର ଦେବ, ଭଁସରର ନୀଳକଣ୍ଠେଶ୍ୱର ଦେବ, ହରିରାଜପୁର ବାଳମକୁନ୍ଦ ଦେବଙ୍କ ମଧ୍ୟରେ ହରିହର ଭେଟ ହୋଇଥିଲା। ପରେ ଅଧରପଣା ସୋମନାଥଙ୍କୁ ସମର୍ପଣ କରାଯାଇ ଦୁଆରୀ ଭୋଗ ଖାଇ ଠାକୁର ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ହରିହର ଭେଟ ଗୋଧୂଳି ଲଗ୍ନ ତଥା ସୂର୍ଯ୍ୟାସ୍ତ ସମୟରେ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଏହି ଭେଟ ଦେଖିବା ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଏହି ଭେଟରେ ଅନେକ ଶ୍ରଦ୍ଧାଳୁ ଫଗୁ ପକାଇବା ପାଇଁ ପୂର୍ବରୁ ମାନସିକ କରିଥାନ୍ତି। ଚଳିତ ବର୍ଷ ମେଳଣ କମିଟି କୋଭିଡ୍ କଟକଣାକୁ ଲକ୍ଷ୍ୟ ରଖି ପୂର୍ବରୁ ଚାଇନା ଫଗୁ ଉପରେ କଟକଣା ଲଗାଇଥିଲା। ଫଗୁ ବଦଳରେ ବିଭିନ୍ନ କିସମର ପୁଷ୍ପ ଅର୍ପଣ ପାଇଁ ନିୟମ ରହିଥିଲା। ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଫଗୁ ବଦଳରେ ପୁଷ୍ପ ଅର୍ପଣ କରିଥିବା ଦେଖିବାକୁ ମିଳିଥିଲା।



ଦୋଳ ମେଳଣ ଅବସରରେ ହରିହର ଭେଟ ନୀତି ସମ୍ପନ୍ନ କରାଯାଉଛି ।

## ଦୋକାନରୁ ମଦ ଆଣି ବାହାରେ ଢାଳିଦେଲେ



- ମଦ ବିକ୍ରିକୁ ବିରୋଧ, ଗ୍ରାମବାସୀଙ୍କ ଧାରଣା

**କାକଟପୁର, ୨୭।୩(ଡି.ଏନ୍.ଏ):** କାକଟପୁର ବ୍ଲକ ବାଙ୍ଗୁରିଗାଁ ପଞ୍ଚାୟତର ତେନ୍ତୁଳିଆ ଗ୍ରାମରେ ଚୋରାମଦ କାରବାର ବଢି ଚାଲିଛି। ଏଥିସହ ଗାଁ ଛକ, ବଜାର, ଓ ହାଟରେ ମଦ୍ୟପଙ୍କ ଉତ୍ପାତ ଦେଖିବାକୁ ମିଳୁଛି। ଏଥିରେ ଅତିଷ୍ଠ ହୋଇ ଗ୍ରାମର ମହିଳା ଓ ଶିକ୍ଷିତ ଯୁବପୀଢ଼ି ରବିବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନେ ଗ୍ରାମରେ ଥିବା ଚୋରା ମଦ ଦୋକାନରେ ପଶି ମଦ ଆଣି ବାହାରେ ଢାଳିଦେବା ସହ ମଦ ବିକ୍ରି ବନ୍ଦ ଦାବିରେ ଧାରଣାରେ ବସିଥିଲେ। ଏଥିସହ ସରପଞ୍ଚଙ୍କ ସମେତ କାକଟପୁର ଥାନାରେ ଅଭିଯୋଗପତ୍ର ଦେଇଛନ୍ତି। ଗ୍ରାମବାସୀ କହିଛନ୍ତି, ଏହି ଅଞ୍ଚଳରେ ମଦ କାରବାର ବୃଦ୍ଧି ପାଉଥିବାବେଳେ ରାସ୍ତାଘାଟରେ ମଦ୍ୟପ ଓ ନିଶାଗ୍ରସ୍ତ ବ୍ୟକ୍ତିଙ୍କ ଅଶୋଭନୀୟ ବ୍ୟବହାର ଦେଖିବାକୁ ମିଳୁଛି। ଏଥିଯୋଗୁ ମହିଳା ଓ ବାଳିକାମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଛାତ୍ରୀମାନେ ସ୍କୁଲ, କଲେଜ ଯିବାକୁ ଭୟ କରୁଛନ୍ତି। ଅନେକ ବ୍ୟକ୍ତି ମଦ ପିଇ ଆସି ଘରେ ଅଶାନ୍ତି ସୃଷ୍ଟି କରୁଛନ୍ତି। ତେଣୁ ମଦ କାରବାର ବିରୋଧରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଓଡ଼ିଶା ଦିବସ ପ୍ରସ୍ତୁତି ବୈଠକ

**ପୁରୀ ଅଫିସ,୨୭।୩:** ପୁରୀ ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଶୁକ୍ରବାର ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସହରରେ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରାଯିବ। ସହରରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ସନ୍ଧ୍ୟାରେ ସଭା ହେବ। ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ଦ୍ୱାରା କଳା ଓ ସାହିତ୍ୟ କ୍ଷେତ୍ରରେ ପୁରସ୍କୃତ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ। ଉଚ୍ଚ ବିଦ୍ୟାଳୟସ୍ତରୀୟ ଓଡ଼ିଆ ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯିବ ।

## ଶ୍ରୀକ୍ଷେତ୍ର ସୁରକ୍ଷା ମିଳିତ ମଞ୍ଚ ଗଠିତ

**ପୁରୀ ଅଫିସ, ୨୭।୩:**

ପୁରୀ ସହରରେ ଦିନକ ଦିନ ବିଭିନ୍ନ ସମସ୍ୟା ବଢିବାରେ ଲାଗିଛି। ଏହାର ସମାଧାନ ପାଇଁ ପୁରୀର ବିଭିନ୍ନ ସାମାଜିକ ଅନୁଷ୍ଠାନ ରବିବାର ଏକତ୍ର ହୋଇ ଭକ୍ତ ସାଲବେଗ ପରିସରରେ ଏକ ମିଳିତ ମଞ୍ଚ ଗଠନ କରିଛନ୍ତି। ଏହାର ନାମ ଶ୍ରୀକ୍ଷେତ୍ର ସୁରକ୍ଷା ମିଳିତ ମଞ୍ଚ ରଖାଯାଇଛି। ସର୍ବସମ୍ମତି କ୍ରମେ ପ୍ରସନ୍ନ ଦାଶଙ୍କୁ ଶ୍ରୀକ୍ଷେତ୍ର ସୁରକ୍ଷା ମିଳିତ ମଞ୍ଚର ଆବାହକ ଭାବେ ଚୟନ କରାଯାଇଛି। ଭକ୍ତ ସାଲବେଗ ପୀଠରେ ଆୟୋଜିତ ମିଳିତ ସମାବେଶକୁ ସଚେତନ ନାଗରିକ ମଞ୍ଚର ସଭାପତି ଆଇନଜୀବୀ ପ୍ରସନ୍ନ ଦାଶ ପରିଚାଳନା କରିଥିଲେ। ମିଳିତ ସମାବେଶରେ ସଚେତନ ନାଗରିକ ମଞ୍ଚ ଉପଦେଷ୍ଟା ଚକ୍ରଧର ମହାପାତ୍ର, ସାହିଭାଇ ସମ୍ପାଦକ ଚନ୍ଦ୍ରଶେଖର ମିଶ୍ର, ଉର୍ଜାବାନ ଓଡ଼ିଶା ସମ୍ପାଦିକା ନିହାରିକା ତ୍ରିପାଠୀ, ସଭାପତି ସନ୍ତୋଷ କୁମାର ସେନାପତି, ଆମ୍ ଆଦମୀ ପାର୍ଟିର ମିଡିଆ ପ୍ରମୁଖ ସମୀର ସାମନ୍ତରାୟ, ତ୍ରିଲୋଚନ ଦାସ, ଅନିଲ ସେନାପତି, ବିଶ୍ୱହିନ୍ଦୁ ପରିଷଦର ଜିଲା ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ମହାନ୍ତି, ଯୁବସଙ୍ଗଠକ ବିଶ୍ୱଜିତ ମହାନ୍ତି ଉପସ୍ଥିତ ଥିଲେ। ଶେଷରେ ଉର୍ଯାବାନ ର ସମ୍ପାଦିକା ନିହାରିକା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଆଗାମୀ ଦିନରେ ଏହି ମଞ୍ଚ ବ୍ୟାନରରେ ସମସ୍ତ ଅନୁଷ୍ଠାନ ଏକତ୍ରିତ ହୋଇ ପୁରୀ ସହରର ସମସ୍ୟା ସମାଧାନ କରିବା ପାଇଁ କାର୍ଯ୍ୟ କରିବେ ବୋଲି ନିଷ୍ପତ୍ତି ହୋଇଥିଲା।

# ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ସଂସ୍କୃତିରେ ହରିହର ଦୁଇ ବିଭବ

**ପୁରୀ ଅଫିସ, ୨୭।୩:**

ପୁରୀ ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ଏବଂ ଚନ୍ଦନପୁରର ଭାର୍ଗବୀ ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ଚନ୍ଦନପୁରସ୍ଥିତ ବୁଢ଼ାଲିଙ୍ଗେଶ୍ୱର ମନ୍ଦିର ପରିସରରେ ରବିବାର ହରିହର ଉପାସନା ଓ ଶ୍ରୀଜଗନ୍ନାଥ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ଶିବସୁନ୍ଦର ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ବାଇଧର ପ୍ରହରାଜ ଯୋଗଦେଇ କହିଥିଲେ, ବୁଢ଼ାଲିଙ୍ଗେଶ୍ୱରଙ୍କ କପିଳ ସଂହିତା ଅନୁଯାୟୀ ଶାସ୍ତ୍ରୀୟ ନାମ ଦଧିଭାଣ୍ଡେଶ୍ୱର। ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ରକ୍ଷକ ଭାବେ ଅଷ୍ଟଶିବ ଓ ଅଷ୍ଟଚଣ୍ଡୀ ମଧ୍ୟରୁ ବୁଢ଼ାଲିଙ୍ଗେଶ୍ୱର ସଂଲଗ୍ନ କର୍ପୋତେଶ୍ୱର ଅନ୍ୟତମ। ସମ୍ମାନିତ ଅତିଥି ଭାବେ ଗବେଷକ ମଦନମୋହନ ମହାପାତ୍ର ଯୋଗଦେଇ କହିଥିଲେ, ବିଷ୍ଣୁ ଓ କୃଷ୍ଣଙ୍କ ନାମ ହରି। ଧ୍ରୁବ ଓ ପ୍ରହ୍ଲାଦ ଇତ୍ୟାଦି ଅସୁର ଜାତିର ଭକ୍ତ ହରିଙ୍କ ଉପାସକ ଥିଲେ। ଶିବଙ୍କ ପଞ୍ଚମୁଖ ଯଥା ପଶୁପତି, ବାମଦେବ, ଅଘୋର, ସତ୍ୟଜାତ, ଈଷାନ ଉପାସନା ବିଭିନ୍ନ କ୍ଷେତ୍ରରେ ପରିଲକ୍ଷିତ ହୁଏ। ଜ୍ୟୋତିର୍ଲିଙ୍ଗ ଉପାସନା ସହ ଶ୍ରୀଲୋକନାଥ ସଂସ୍କୃତିର ସମ୍ବନ୍ଧ ରହିଛି। ତେଣୁ ଜାଗର ତିଥିରେ ଶ୍ରୀଲୋକନାଥ ପୀଠରେ ହରିହର ଭେଟ ହୋଇଥାଏ। ଅନ୍ୟତମ ଅତିଥି ଭାବେ ଲକ୍ଷ୍ମୀନାରାୟଣ ସେନାପତି, ଡ. ବଳରାମ ଦାଶ, ଶିକ୍ଷାବିତ୍ ମନୋରଞ୍ଜନ ମିଶ୍ର, ଅଧ୍ୟାପକ ସର୍ବେଶ୍ୱର ଷଡ଼ଙ୍ଗୀ ଓ ଶ୍ରୀଧର ଜେନା ପ୍ରମୁଖ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତିରେ ହରିହର ଉପାସନାର ବିଭିନ୍ନ ଦିଗ ଓ ବିଭବ ଉପରେ ଶାସ୍ତ୍ର ସମ୍ମତ ସମୀକ୍ଷା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆଧ୍ୟାତ୍ମିକ ଟ୍ରଷ୍ଟ ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଆଲୋଚନାଚକ୍ରର ଆଭିମୁଖ୍ୟ ଏବଂ ସଦସ୍ୟ ଭବାନୀ ପ୍ରସାଦ ବଳିଆରସିଂହ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ଭାର୍ଗବୀ ସାହିତ୍ୟ ସଂସଦର ସମ୍ପାଦକ ଲକ୍ଷ୍ମୀନାରାୟଣ ସେନାପତିଙ୍କୁ ଶ୍ରୀଗୁଣ୍ଡିଚା ସେବା ସମ୍ମାନ ଓ ସନ୍ଦିପ କୁମାର କର୍ମକାରଙ୍କୁ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଆଲୋଚନାଚକ୍ରରେ ଇଂ. କେଶବ ଚନ୍ଦ୍ର ପାତ୍ର, ଦାଶରଥ ମହାପାତ୍ର, ଚିତ୍ତରଞ୍ଜନ ମହାପାତ୍ର, କୈଳାସ ଚନ୍ଦ୍ର ସାହୁ, ଗୀତାଞ୍ଜଳି ଦାସ, ବାଇଧର ପ୍ରହରାଜ, ସାଇସ୍ମୃତି ସେନାପତି, ମୌସୁମୀ ସେନାପତି, ଭାଗବତ ପ୍ରସାଦ ପଟ୍ଟନାୟକ ପ୍ରମୁଖ ନିଜ ମତ ରଖିଥିଲେ। ନାରାୟଣ ସାହୁ ଧନ୍ୟବାଦ ଦେଇଥିଲେ।



ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥିମାନେ ।

## ଗାଡି ଚୋରି କରି ଜଣେ ଗିରଫ

**ପୁରୀ ଅଫିସ ୨୭।୩**

ଗାଡି ଚୋରି ଅଭିଯୋଗରେ ବାସେଳି ସାହି ଥାନା ପୋଲିସ ହାତିଶାଳର ସନ୍ତୋଷ ଭୋଇଙ୍କୁ ରବିବାର ଗିରଫ କରିଛି । ପୋଲିସ ତାଙ୍କ ନିକଟରୁ ଚୋରୀ ବାଇକ ଜବତ କରିଛି। ଏ ନେଇ ଏକ କେସ୍ (ନଂ. ୭୧/୨୨) ରୁଜୁ କରିଛି । ଶନିବାର ଜୟ ନୃସିଂହ ନାମକ ବ୍ୟକ୍ତି ଥାନାକୁ ଆସ ଅଭିଯୋଗ କରିଥିଲେ ଶୁକ୍ରବାର ରାତିରେ ହାତିଶାଳ ରାଜାମାତା ନଗରରେ ତାଙ୍କର ବାଇକକୁ କେହି ଚୋରୀ କରି ନେଇଛି।



ପୁରୀଠାରେ ରବିବାର ବ୍ରହ୍ମାକୁମାରୀ ଈଶ୍ୱରୀୟ ପରିଷଦ ପକ୍ଷରୁ ସ୍ମାର୍ଟସିଟି ଅନଲାଇନ୍ ଅଟୋଗ୍ରୁପକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।




ଭାରତ ବନ୍ଦକୁ ସଫଳ କରିବା ଆହ୍ୱାନ ଦେଇ ରବିବାର ପୁରୀ ସହରରେ ବାମଦଳ ପକ୍ଷରୁ ଆୟୋଜିତ ମଶାଲ ଶୋଭାଯାତ୍ରା ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୮ ମାର୍ଚ୍ଚ, ୨୦୨୨

## ଲର୍ନିଂ ଟ୍ରି ଏକାଡେମୀ ବିଦ୍ୟାଳୟ ଉଦ୍‌ଘାଟିତ

ତିଗିରିଆ,(ଡି.ଏନ୍.ଏ.): ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁ ପଞ୍ଚାୟତର ଶେଷଗାଁଠାରେ ରବିବାର ଲର୍ନିଂ ଟ୍ରି ଏକାଡେମୀ ସିବିଏସ୍‌ଇ ବିଦ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ସେକ୍ ଅବ୍‌ଦୁଲ୍ଲ ଅଜିମ୍‌ଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଜାତୀୟ ତୈଳ ଓ ପ୍ରାକୃତିକ ଗ୍ୟାସର ମୁଖ୍ୟ ପରିଚାଳକ କୈଳାଶ ଚନ୍ଦ୍ର ଦାସ, କାର୍ଯ୍ୟକାରୀ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ଦଳେଇ, ଭାରତ ଭୂତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ଅତିରିକ୍ତ ନିର୍ଦ୍ଦେଶକ ଅଜିଜୁଲ୍ ହୁସେନ, ବିଜୟ ସାହୁ, ଅତିରିକ୍ତ ସଚିବ ଡ. ମାନସ ରଞ୍ଜନ ଦେବତା, କୋଲ ଇଣ୍ଡିଆ ଲିମିଟେଡ୍‌ର ପ୍ରବନ୍ଧକ ରାଜେନ୍ଦ୍ର କୁମାର ପତି ପ୍ରମୁଖ ଯୋଗଦେଇଥିଲେ।



## ସଂକ୍ଷେପରେ

### ଆରୋଗ୍ୟ ହସ୍ପିଟାଲ ଶୁଭାରମ୍ଭ



ମାହାଙ୍ଗା,୨୭।୩(ସ୍ୱ.ପ୍ର.): ମାହାଙ୍ଗା ବ୍ଲକ ଛତ୍ରତୋଟା ବଜାରରେ ହୋଇଥିବା ଆରୋଗ୍ୟ ହସ୍ପିଟାଲକୁ ରବିବାର ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟନ କରିଥିଲେ। ଏହା ଖୋଲିବା ଦ୍ୱାରା ମାହାଙ୍ଗାବାସୀ ସହଜରେ ଚିକିତ୍ସା ସୁବିଧା ପାଇପାରିବେ ବୋଲି ଜେନା କହିଥିଲେ। ଏଥିରେ ବ୍ଲକ ଅଧକ୍ଷା ଦୀପା ମଲ୍ଲିକ, ଉପାଧକ୍ଷ ସତ୍ୟ ନାରାୟଣ ମହାନ୍ତି, ଜିଲା ପରିଷଦ ସଭ୍ୟ ମୁର୍ସିଦ ରିଆଜୁଲ ହୋଦା, ଜିଲା ପରିଷଦ ସଭ୍ୟା ସୁସ୍ମିତା ଦାସ, ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ଯୁବ ବିଜେଡି ସଭାପତି ଶରତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ସୁନାକର ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ପରିଷଦ ସଭ୍ୟା ନର୍ମଦା ନାୟକ, ପ୍ରଫୁଲ୍ଲ ମଲ୍ଲ, ଅମୀୟ ନାୟକ ,ବିଜୟ ବାରିକ, ରାଜେଶ ରାଉତ, ପ୍ରଦୀପ୍ତ ବିଶ୍ୱାଳ ଓ ହିମାଂଶୁ ପୃଷ୍ଟି ସାମିଲ ହୋଇଥିଲେ।

### ଶୈଳବାଳା ମହିଳା ମହାବିଦ୍ୟାଳୟରେ ବକ୍ତୃତାମାଳା

କଟକ ଅଫିସ, ୨୭।୩: କଟକସ୍ଥିତ ଶୈଳବାଳା ମହିଳା ସ୍ୱୟଂଶାସିତ କଲେଜରେ ଓଡ଼ିଆ ସାହିତ୍ୟର ସ୍ଥିତି ଓ ବିସ୍ମୃତିରେ ସାରଳା ଦାସ ଶୀର୍ଷକ ବକ୍ତୃତାମାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଗବେଷକ ପ୍ରଭାକର ସ୍ୱାଇଁ ଯୋଗଦେଇଥିଲେ। ସେହିପରି ମୁଖ୍ୟ ଅତିଥି ଭାବରେ ପ୍ରଶାସନିକ ଅଧିକାରୀ ବିଜୟ ନାୟକ ଯୋଗଦେଇ ଓଡ଼ିଆ ସାହିତ୍ୟର ଧାରା ଓ ପରିବର୍ତ୍ତନରେ ସାରଳା ଦାସଙ୍କ ଭୂମିକା ଉପରେ ବକ୍ତବ୍ୟ ଦେଇଥିଲେ। ଡ. ଚିତ୍ତରଞ୍ଜନ ପଣ୍ଡାଙ୍କ ସମ୍ପାଦନାରେ ପ୍ରକାଶିତ ପୁସ୍ତକ 'ଓଡ଼ିଆ ଲୋକ ସଂସ୍କୃତି ଓ ଲୋକ ସାହିତ୍ୟର ପଞ୍ଚକଥା' ଲୋକାର୍ପିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଡ.ସଞ୍ଜିତା ମିଶ୍ର, ଡ. ନରେନ୍ଦ୍ର ନାଥ ନାୟକ, ଅଧାପିକା ଅର୍ଚ୍ଚନାମୟୀ ପଣ୍ଡା, ଦୀପ୍ତିମୟୀ ସ୍ୱାଇଁ, କମଳ ମାହୁନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

### ଭଞ୍ଜଜୟନ୍ତୀ ପ୍ରସ୍ତୁତି ବୈଠକ

କଟକ ଅଫିସ, ୨୭।୩: କଳିଙ୍ଗ ଭାରତୀର କାର୍ଯ୍ୟକାରୀ ସମିତି ବୈଠକ ମିଶନ ରୋଡସ୍ଥିତ ଭଞ୍ଜମଣ୍ଡପଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଆଗାମୀ ମେ' ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଭଞ୍ଜଜୟନ୍ତୀ ବିଷୟରେ ଆଲୋଚନା କରାଯିବା ସହ ବିଭିନ୍ନ କାର୍ଯ୍ୟକ୍ରମ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧରେ ଶାସ୍ତ୍ରୀୟ ଓ ସାଂସ୍କୃତିକ ପ୍ରତିଯୋଗିତା, ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା କରାଯିବାକୁ ସ୍ଥିର କରାଯାଇଛି। ଅନୁଷ୍ଠାନର ସଭାପତି ଡ. ରଜତ କରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଡା. ଶୈଳେଶ୍ୱର ନନ୍ଦ, ପ୍ରଭାତ ନନ୍ଦ, ଡ. ଅଂଶୁମାନ କର, ପ୍ରସନ୍ନ ନନ୍ଦ, ଡ. ଅନୁପ ମାର୍ଥା, ରଣଜିତ୍ କର, ଶକ୍ତିଶଙ୍କର ମହାନ୍ତି ଉପସ୍ଥିତ ଥିଲେ।

# ଦଳୀୟଙ୍କ ଉପରେ ଭାରି ପଡ଼ିଲେ ସ୍ୱାଧୀନ ପ୍ରାର୍ଥୀ

ଭୁବନେଶ୍ୱର, ୨୭।୩ (ବ୍ୟୁରୋ)


ଚନ୍ଦ୍ରଶେଖର ମଲିଆ


ଦିପକ ମିଶ୍ର


ଇତିଶ୍ରୀ ଦାସ


ନମିତା ମହାପାତ୍ର


ପିଙ୍କି ସ୍ୱାଇଁ


ବନ୍ଦିତା ପାଳ


ପୁଷ୍ପା ରାଉତ


ରଶ୍ମିରଞ୍ଜନ ପାଢଶାଣୀ


ସୁଷମା ସାହୁ

ଚଳିତ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ନିର୍ବାଚନରେ ବାଜିମାତ୍ କରିଛି ବିଜେଡି। ଦଳ ଭୁବନେଶ୍ୱରର ୬୭ଟି ୱାର୍ଡରୁ ୪୮ଟି ସିଟ୍ ହାତେଇ ଥିବାବେଳେ ୧୦ଟି ଭାଜପା ଓ ୯ଟି ସିଟ୍ ସ୍ୱାଧୀନ ପ୍ରାର୍ଥୀଙ୍କ ହାତକୁ ଯାଇଛି। ଅନ୍ୟତମ ପ୍ରମୁଖ ଦଳ କଂଗ୍ରେସ ଏଠାରେ କୌଣସି ସିଟ୍ ଅକ୍ତିଆର କରି ପାରି ନ ଥିବାବେଳେ ଭାଜପାକୁ କଡା ଟକ୍କର ଦେଇଛନ୍ତି ସ୍ୱାଧୀନ ପ୍ରାର୍ଥୀ। କେବଳ ଭୁବନେଶ୍ୱର ନୁହେଁ ବରଂ ପୁରା ରାଜ୍ୟରେ ବିଜେଡ଼ି ଶଙ୍ଖ ବଜାଇ ତା'ର ବିଜୟ ବାନା ଉଡାଉଛି। ଏଭଳି ସ୍ଥିତିରେ ଦଳୀୟ ପ୍ରାର୍ଥୀଙ୍କୁ ହରାଇ ନିଜ ଦମ୍‌ରେ ୱାର୍ଡ ହାସଲ କରିବା ନିହାତି ପକ୍ଷେ ଦୁଃସାହସର ବିଷୟ। ୱାର୍ଡ ନଂ ୯, ୧୩, ୧୫, ୨୪, ୩୭, ୪୬ , ୫୮, ୬୦ ଏବଂ ୬୫ରେ ସ୍ୱାଧୀନ ପ୍ରାର୍ଥୀ ବିପୁଳ ପରିମାଣର ଭୋଟ୍ ହାସଲ କରି ବିଜୟୀ ହୋଇଛନ୍ତି।

୨୦୧୪ ବିଏମ୍‌ସି ନିର୍ବାଚନରେ ୯ନଂ ୱାର୍ଡରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢି ବିଜୟ ମୁକୁଟ ପିନ୍ଧିଥିଲେ ସୂର୍ଯ୍ୟକାନ୍ତି ଜେନା। ପରେ ସେ ବିଜେଡିରେ ସାମିଲ ହୋଇଥିଲେ। ତାଙ୍କର କାର୍ଯ୍ୟ ଦକ୍ଷତାକୁ ଦେଖି ଏଥର ଦଳ ତାଙ୍କୁ ଭରସା କରି ଟିକେଟ ଦେଇଥିଲା। ମାତ୍ର ଦଳର ଏହି ଭରସାକୁ ରଖିବାରେ ସୂର୍ଯ୍ୟକାନ୍ତି ସମର୍ଥ ହୋଇ ପାରିନାହାନ୍ତି। ତାଙ୍କ ସପକ୍ଷରେ ମେୟର ପ୍ରାର୍ଥୀ ସୁଲୋଚନା ଦାସ ଏବଂ ବିଧାୟକ ସୁଶାନ୍ତ ରାଉତ ବହୁବାର ୱାର୍ଡକୁ ଯାଇ ରୋଡ୍ ଶୋ' କରିଥିଲେ। ମାତ୍ର ୱାର୍ଡବାସୀ ସ୍ୱାଧୀନ ପ୍ରାର୍ଥୀ ସୁଷମା ସାହୁଙ୍କ ସପକ୍ଷରେ ଯାଇ ତାଙ୍କୁ ଭୋଟ୍ ଦେଇଥିଲେ। ସୂର୍ଯ୍ୟକାନ୍ତି ମୋଟ୍ ୨ହଜାର ୫୭୭ ଭୋଟ୍ ହାତେଇ ଥିବାବେଳେ ସୁଷମା ୨ହଜାର ୭ଶହ୩୫ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଛନ୍ତି। ଏଠାରେ ମୋଟ୍ ୬ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିଲେ। ସେହିପରି ୱାର୍ଡ ନଂ ୧୩ରେ ସ୍ୱାଧୀନ ପ୍ରାର୍ଥୀ ଇତିଶ୍ରୀ ଦାଶ ବିଜେଡି ପ୍ରାର୍ଥୀ ଗୀତାଞ୍ଜଳୀ ବେହେରାଙ୍କ ସମେତ ଆଉ ୪ଜଣଙ୍କୁ ହରାଇ ନିଜର ବିଜୟ ବାନା ଉଡାଇଛନ୍ତି। ଇତିଶ୍ରୀ ୨ହଜାର ୪ଶହ ୪୩ ଖଣ୍ଡ ଭୋଟ୍ ପାଇଥିବାବେଳେ ଗୀତାଞ୍ଜଳି ୧ହଜାର ୭ଶହ ୩୩ଖଣ୍ଡ ଭୋଟ୍ ପାଇଥିଲେ। ୭୧୦ଖଣ୍ଡ ଭୋଟ୍‌ରେ ହରାଇ ସ୍ୱାଧୀନ ପ୍ରାର୍ଥୀ ଏହି ୱାର୍ଡକୁ ଅକ୍ତିଆର କରିଛନ୍ତି। ୱାର୍ଡ ନଂ ୧୫ରେ ମଧ ସ୍ୱାଧୀନ ପ୍ରାର୍ଥୀ ପିଙ୍କି ସ୍ୱାଇଁ ବିଜେଡି ପ୍ରାର୍ଥୀ ରାଜଲକ୍ଷ୍ମୀ ବେହେରାଙ୍କୁ ୮୯୨ ଭୋଟ୍‌ରେ ହରାଇ ବିଜୟୀ ହୋଇଛନ୍ତି। ସବୁଠାରୁ ବଡ କଥା ହେଉଛି ଏହି ୱାର୍ଡରେ ବିଜେଡି ପ୍ରାର୍ଥୀ ୧ହଜାର ଭୋଟ୍ ପାଇବାରେ ବିଫଳ ହୋଇଛନ୍ତି। ପିଙ୍କି ୧୬୭୭ ଖଣ୍ଡ ଭୋଟ୍ ପାଇଥିବାବେଳେ ରାଜଲକ୍ଷ୍ମୀ ୭୮୫ ଭୋଟ୍ ପାଇଛନ୍ତି। ମୋଟ୍ ୫ଜଣ ପ୍ରାର୍ଥୀ ଏହି ୱାର୍ଡ ପାଇଁ ପ୍ରତିଦ୍ୱନ୍ଦିତା କରୁଥିଲେ। ୱାର୍ଡ ନଂ. ୨୪ରେ ୩ ପ୍ରମୁଖ ଦଳଙ୍କ ପ୍ରତିଦ୍ୱନ୍ଦୀ ଭାବେ ସ୍ୱାଧୀନ ପ୍ରାର୍ଥୀ ଦୀପକ କୁମାର ମିଶ୍ର ମଇଦାନକୁ ଓହ୍ଲାଇଥିଲେ। ସେ ବିଜେଡି ପ୍ରାର୍ଥୀ ପ୍ରତାପ କିଶୋର ସାହୁଙ୍କୁ ପଛରେ ପକାଇ ୩୯୬ଖଣ୍ଡ ଭୋଟ୍‌ରେ ବିଜୟୀ ହୋଇଛନ୍ତି। ପ୍ରତାପ ୧ହଜାର ୯ଶହ ୮୧ଖଣ୍ଡ ଭୋଟ୍ ପାଇଥିବାବେଳେ ଦୀପକ ୨ହଜାର ୩ଶହ ୭୭ ଖଣ୍ଡ ଭୋଟ୍ ହାତେଇବାରେ ସଫଳ ହୋଇଛନ୍ତି।

ୱାର୍ଡ ନଂ. ୩୭ରେ କିଛି ରୋଚକ ସ୍ଥିତି ଦେଖିବାକୁ ମିଳିଥିଲା। ଚଳିତ ନିର୍ବାଚନରେ ଏହି ୱାର୍ଡ ମହିଳାଙ୍କ ପାଇଁ ସଂରକ୍ଷିତ ଥିଲା। ତେଣୁ ଏଠାରୁ ଦୁଇ ଦୁଇଥର କର୍ପୋରେଟର ହୋଇଥିବା ନବ ବେହେରା ତାଙ୍କ ସ୍ତ୍ରୀ ରଞ୍ଜିତା ବେହେରାଙ୍କୁ ମଇଦାନକୁ ଓହ୍ଲାଇଥିଲେ। ତେବେ ତାଙ୍କୁ କଡା ଟକ୍କର ଦେବା ପାଇଁ ବିଜେଡିର ଅସନ୍ତୁଷ୍ଟ ପ୍ରାର୍ଥୀ ଅର୍ଜୁନ ବେହେରା ତାଙ୍କ ସ୍ତ୍ରୀ ବନ୍ଦିତା ପାଲଙ୍କୁ ପ୍ରାର୍ଥୀ କରିଥିଲେ। ଅର୍ଜୁନ ପୂର୍ବରୁ ମଧ ଟିକେଟ ନ ପାଇ ସ୍ୱାଧୀନ ଭାବେ କର୍ପୋରେଟର ପାଇଁ ଲଢିଥିଲେ। ତେବେ ଖୁବ୍ କମ୍ ବ୍ୟବଧାନରେ ହାରି ଯାଇଥିଲେ। ମାତ୍ର ଏଥର ତାଙ୍କ ରଣନୀତି ସଫଳ ହୋଇଛି। ବିଜେଡ଼ିର ଦୁଇ ଦଳୀୟ କର୍ମୀଙ୍କ ଆପୋଷ ଦ୍ୱନ୍ଦରେ ବନ୍ଦିତା ବାଜିମାତ୍ କରିଛନ୍ତି। ବନ୍ଦିତା ୨ହଜାର ୧୬ ଖଣ୍ଡ ଭୋଟ୍ ହାତେଇଥିବାବେଳେ ରଞ୍ଜିତାଙ୍କୁ ୧ହଜାର ୬ଶହ ୫୯ ଖଣ୍ଡ ଭୋଟ୍‌ରେ ସନ୍ତୁଷ୍ଟ ହେବାକୁ ପଡିଛି। ୪୬ନମ୍ବର ୱାର୍ଡରେ ମଧ ସ୍ୱାଧୀନ ପ୍ରାର୍ଥୀ ପୁଷ୍ପା ରାଉତ ବିଜେଡି ପ୍ରାର୍ଥୀ ପୁଷ୍ପଲତା ମହାରଥୀଙ୍କ ଉପରେ ଭାରି ପଡିଛନ୍ତି। ପୁଷ୍ପା ୩୧୮୧ ଭୋଟ୍ ପାଇଥିବାବେଳେ ପୁଷ୍ପଲତା ୨ହଜାର ୧୨ ଖଣ୍ଡ ଭୋଟ୍ ପାଇଛନ୍ତି। ୫୮ ନଂ. ୱାର୍ଡରେ ପୂର୍ବତନ କର୍ପୋରେଟର ମଳୟ ମହାପାତ୍ରଙ୍କ ଭଉଣୀ ନମିତା ମହାପାତ୍ର ବିଜେଡି ପ୍ରାର୍ଥୀ ତଥା ପୂର୍ବତନ କର୍ପୋରେଟର ପୁଷ୍ପା ଦାସଙ୍କୁ ହରାଇଛନ୍ତି। ନମିତା ୨ହଜାର ୧୬ଖଣ୍ଡ ଭୋଟ୍ ପାଇଥିବାବେଳେ ପୁଷ୍ପା ୧ହଜାର ୬ଶହ ୫୯ଖଣ୍ଡ ଭୋଟ୍ ପାଇଛନ୍ତି।

ସବୁଠାରୁ ରୋଚକ ଲଢେଇ ୱାର୍ଡ ନଂ. ୬୦ରେ ଦେଖିବାକୁ ମିଳିଥିଲା। କାରଣ ଏଠାରେ ବିଜେଡି ପ୍ରାର୍ଥୀ ଏବଂ ବିଜେଡି ଅସନ୍ତୁଷ୍ଟ ପ୍ରାର୍ଥୀଙ୍କ ମଧରେ କଡା ଟକ୍କର ହୋଇଥିଲା। ଦଳରୁ ଟିକେଟ ପାଇଥିବା ରାଜେନ୍ଦ୍ର ସମର୍ଥ ବିଜେଡିର ଏକାମ୍ର ସଭାପତି ଥିବାବେଳେ ଅସନ୍ତୁଷ୍ଟ କର୍ମୀ ଚନ୍ଦ୍ରଶେଖର ମଲିଆ ଭୁବନେଶ୍ୱର ଜିଲା ବିଜେଡିର ଉପସଭାପତି ପଦରେ ଥିଲେ। ତେଣୁ ଦୁହେଁ ଦଳରୁ ଟିକେଟ ପାଇବା ପାଇଁ ଆଶାବାନ୍ଧି ବସିଥିଲେ। ମାତ୍ର ଦଳ ରାଜେନ୍ଦ୍ରଙ୍କୁ ଟିକେଟ ଦେବା ପରେ ସ୍ୱାଧୀନ ଭାବେ ମଇଦାନକୁ ଓହ୍ଲାଇଥିଲେ ଚନ୍ଦ୍ରଶେଖର। ପରବର୍ତ୍ତୀ ସମୟରେ ଚନ୍ଦ୍ରଶେଖର ବିଜୟୀ ହୋଇଥିଲେ। ଚନ୍ଦ୍ରଶେଖରଙ୍କୁ ୩ହଜାର ୩ଶହ ୨୯ଖଣ୍ଡ ଭୋଟ୍ ମିଳିଥିବାବେଳେ ରାଜେନ୍ଦ୍ରଙ୍କୁ ୨ହଜାର ୩ଶହ ୭୯ ଭୋଟ୍ ମିଳିଛି। ସେହିପରି ୱାର୍ଡ ନଂ. ୬୫ରେ ମଧ ସ୍ୱାଧୀନ ପ୍ରାର୍ଥୀ ରଶ୍ମିରଞ୍ଜନ ପାଢଶାଣୀ ଓ ବିଜେଡି ପ୍ରାର୍ଥୀ ରାଜେଶ କୁମାର ପାତ୍ରଙ୍କ ମଧରେ କଡା ଟକ୍କର ହୋଇଥିଲା। ଏହି ୱାର୍ଡରୁ ରଶ୍ମିରଞ୍ଜନ ପ୍ରଥମେ ବିଜେଡି ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିଲେ। ମାତ୍ର ଦଳ ତାଙ୍କ ବଦଳରେ ରାଜେଶଙ୍କୁ ଭରସା କରିଥିଲା। ଶେଷରେ ରଶ୍ମି ୩ହଜାର ୩ଶହ ୫୩ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଛନ୍ତି। ଅପରପକ୍ଷେ ରାଜେଶଙ୍କୁ ମାତ୍ର ୧ହଜାର ୭ଶହ ୩୧ ଭୋଟ୍‌ରେ ସନ୍ତୁଷ୍ଟ ହେବାକୁ ପଡିଛି।



କଟକ କଳାବିକାଶ କେନ୍ଦ୍ର ଅଡିଟୋରିୟମରେ ଚିଲିକା ସଙ୍ଗୀତ ନାଟକ ଏକାଡେମୀର ଶିଶୁ କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ 'ଶାନ୍ତି ପକ୍ଷୀ'ର ଏକ ଦୃଶ୍ୟ।

# ମୁଗ୍ଧ କଲା ନାଟକ 'ଶାନ୍ତି ପକ୍ଷୀ'

କଟକ ଅଫିସ, ୨୭।୩

### ନାଟ୍ୟକାର ପ୍ରମୋଦ ରଞ୍ଜନ ମହାନ୍ତି ପାଇଲେ ନାଟ୍ୟଭୂଷଣ ସମ୍ମାନ

ନାଟ୍ୟସଂସ୍ଥା ଥିଏଟର ମୁଭ୍‌ମେଣ୍ଟ ପକ୍ଷରୁ କଟକ କଳାବିକାଶ କେନ୍ଦ୍ର ଅଡିଟୋରିୟମରେ ବିଶ୍ୱନାଟ୍ୟ ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ବାଲୁଗାଁସ୍ଥିତ ଚିଲିକା ସଙ୍ଗୀତ ନାଟକ ଏକାଡେମୀ ଅନୁଷ୍ଠାନର ଶିଶୁ କଳାକାରଙ୍କ ଦ୍ୱାରା ନାଟକ 'ଶାନ୍ତି ପକ୍ଷୀ' ମଞ୍ଚସ୍ଥ ହୋଇଥିଲା। ଏହି ନାଟକ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ରଶ୍ମିରେଖା ମହାପାତ୍ର ଏହି ନାଟକ ରଚନା କରିଥିବାବେଳେ ଭିକାରୀ ଚରଣ ପ୍ରଧାନ ନିର୍ଦ୍ଦେଶନା ଦେଇଥିଲେ। ସେହିପରି ଯାଜପୁର ରଙ୍ଗଭୂମୀ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ନାଟକ 'ପିଲା ନୁହେଁ ସେତ ମଣିଟିଏ' ମଞ୍ଚସ୍ଥ ହୋଇଥିଲା। ରାଧାରମଣ ଦାସ ଏହି ନାଟକ ରଚନା କରିଥିବାବେଳେ ପ୍ରଦୀପ୍ତ ସାମଲ ନିର୍ଦ୍ଦେଶନା ଦେଇଥିଲେ। ଅନୁଷ୍ଠାନର ସଭାପତି ଡ. ନାରାୟଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟର ପୂର୍ବତନ ବିଚାରପତି ଅନନ୍ତ ନାରାୟଣ ନାଇଡୁ, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଧରଣୀଧର ନାୟକ ଓ ଡା. ଜୟନ୍ତ କୁମାର ପଣ୍ଡା ଯୋଗଦେଇଥିଲେ। ଏହି ଅବସରରେ ଅଭିନେତା, ନିର୍ଦ୍ଦେଶକ ଓ ନାଟ୍ୟକାର ପ୍ରମୋଦ ରଞ୍ଜନ ମହାନ୍ତିଙ୍କୁ ନାଟ୍ୟଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ଦୋଳ ମେଳଣ ଉଦ୍‌ଯାପିତ

ମାହାଙ୍ଗା,୨୭।୩(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ମୂଳବସନ୍ତ ପଞ୍ଚାୟତ ଅନ୍ତର୍ଗତ ମୁକ୍ତିକାନ୍ତ ଦୋଳ ମଣ୍ଡପ ପରିସରରେ ଚାଲିଥିବା ଦୋଳ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପବିତ୍ର ଦୋଳ ପୂର୍ଣ୍ଣିମା ଅବସରରେ ସ୍ଥାନୀୟ ଅଞ୍ଚଳର ୧୦ରୁ ଊର୍ଦ୍ଧ୍ୱ ଦୋଳ ବିମାନ ମଣ୍ଡପରେ ବିରାଜମାନ କରିଥିଲେ। ଏହିଅବସରରେ ନୂତନ ପଞ୍ଜିକା ପଠନ ଓ ଝୁଲଣ ଉତ୍ସବ ଯଥାରିତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା । ଦୋଳ କମିଟିର ଅମିୟ କୁମାର ବଳବନ୍ତରାୟ, ତ୍ରୈଲୋକ୍ୟ ବିହାରୀ ଦାସ, ସରପଞ୍ଚ ପ୍ରତିନିଧି କବି ପ୍ରଶାନ୍ତ କର, ପୂର୍ବତନ ସରପଞ୍ଚ ଭ୍ରମରବର ରାଉତରାୟ ଓ ଶ୍ୟାମ ନାୟକ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## 'ସମାଜରୁ କୁସଂସ୍କାର ଦୂର ପାଇଁ କାର୍ଯ୍ୟ କରିବି'

ଫୁଲନଖରା,୨୭।୩(ଡି.ଏନ୍.ଏ.)

କଟକ ସଦର ଥାନା ଅନ୍ତର୍ଗତ ତେଲେଙ୍ଗାପେଣ୍ଠର ନୂଆଗଡ଼ସ୍ଥିତ ଅନନ୍ତ ବଳିଆ ଆଶ୍ରମ ପରିସରରେ ରବିବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଦ୍ମଶ୍ରୀ ଶ୍ରୀମଦ୍ ବାବା ବଳିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସେ କହିଥିଲେ, ସମାଜରୁ କୁସଂସ୍କାର ଦୂରୀକରଣ, ପରିବେଶ ସୁରକ୍ଷା, ଚାରାରୋପଣ ଓ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଆଗାମୀ ଦିନରେ ବିଶ୍ୱସ୍ତରରେ କାର୍ଯ୍ୟ କରିବି। ଏହି ସଭାରେ ଦିବ୍ୟାଲୋକ ସନ୍ଧାନେ ପତ୍ରିକାର ସମ୍ପାଦକ ଶ୍ରୀ ସନ୍ନ୍ୟାସୀ ଜୀ, ପରିବେଶବିତ୍ ଅର୍ଜୁନ ବିଶ୍ୱାଳ, ଡା. କୃପାସିନ୍ଧୁ ପଣ୍ଡା, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ରାଜୁ ସିଂ, ଜିଲା ପରିଷଦ ସଭ୍ୟା ଆଶାଲତା ବେହେରା, କର୍ପୋରେଟର ଜନାର୍ଦ୍ଦନ ପରିଡା, ମମତା ମହାନ୍ତି, ଭାଜପା କଟକ ନଗର ଜିଲା ଉପସଭାପତି ସ୍ୱାଧୀନଚେତା ମହାନ୍ତି ପ୍ରମୁଖ ଯୋଗଦେଇ ବାବା ବଳିଆଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମିହିର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅନନ୍ତ ବଳିଆ ସେବାସଂଘର ଶରତ ରଥ, ଶିଶିର ରାଉତରାୟ, ଦୁର୍ଯୋଧନ ନାୟକ, ଚତୁର୍ଭୁଜ ମହାପାତ୍ର, ପୀତବାସ ମହାପାତ୍ର, କମଳାକାନ୍ତ ଦାସ ଓ ସଞ୍ଜୟ କୁମାର ଦାସ ସହାୟତା କରିଥିଲେ।

## ଉନ୍ନତିମୂଳକ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ

ମାହାଙ୍ଗା,୨୭।୩(ସ୍ୱ.ପ୍ର.)

ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ମାହାଙ୍ଗା ଗସ୍ତ ସମୟରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଜେନା ପ୍ରଥମେ ବରାହିପୁର ପଞ୍ଚାୟତ ଗସ୍ତ କରି ମୁରଲି ଛକରେ ମଣିଯୋରୀ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ନୂତନ କାର୍ଯ୍ୟାଳୟ ଗୃହ ଓ ବରାହିପୁର ପଞ୍ଚାୟତ ମହିଳା ମିଶନ ଶକ୍ତିର ନୂତନ ଗୃହ ଲୋକାର୍ପଣ କରିଥିଲେ। ଏହାପରେ ସେ ଓଷଙ୍ଗ ପଞ୍ଚାୟତ ଗସ୍ତ କରି ମାହାଙ୍ଗା ଆଦର୍ଶ ବିଦ୍ୟାଳୟକୁ ସଂଯୋଗ କରୁଥିବା ଗୋକନ-ବଇଁଚୁଆ ଗ୍ରାମ୍ୟ ଉନ୍ନୟନ ରାସ୍ତାର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏହି ରାସ୍ତା ନିର୍ମାଣ ହେଲେ ବରାହିପୁର, ପାଇକରାପୁର, ଓଷଙ୍ଗ ଓ ପଲ୍ଲିସାହି ଆଦି ପଞ୍ଚାୟତର ଲୋକେ ଉପକୃତ ହେବେ। କାର୍ଯ୍ୟକ୍ରମରେ ଓଷଙ୍ଗ ସରପଞ୍ଚ ନିହାରିକା ବିଶ୍ୱାଳ, ସମିତିସଭ୍ୟା କାନନବାଳା ମହାନ୍ତି, ଧିରେନ୍ଦ୍ର ବିଶ୍ୱାଳ, ଭଗବାନ ବିଶ୍ୱାଳ, ଦେବରଞ୍ଜନ ମହାନ୍ତି, କମଳାକାନ୍ତ ଦାଶ ଓ କମଳାକାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# 'ବିଶ୍ୱରେ ଆଦୃତ ହୋଇଛି ଶୁଶ୍ରୁତଙ୍କ ଚିକିତ୍ସା ପଦ୍ଧତି'

କଟକ ଅଫିସ, ୨୭।୩

### ପ୍ଲାଷ୍ଟିକ ସର୍ଜନଙ୍କ ବାର୍ଷିକ ସମ୍ମିଳନୀ

ଓଡ଼ିଶା ପ୍ଲାଷ୍ଟିକ ପୁର୍ନଗଠନ ଓ ସୌନ୍ଦର୍ଯ୍ୟକରଣ ଶଲ୍ୟ ସଂସ୍ଥାନର ଅଷ୍ଟମ ବାର୍ଷିକ ସମ୍ମିଳନୀ ଶନିବାର ଓ ରବିବାର ଦୁଇଦିନ ଧରି ଏସ୍‌ସିବି ମେଡିକାଲ କଲେଜର ପ୍ଲାଷ୍ଟିକ ଶଲ୍ୟ ବିଭାଗରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅମୃତସରସ୍ଥିତ ପ୍ଲାଷ୍ଟିକ ସର୍ଜରୀ ଆସୋସିଏଶନର ସଭାପତି ଡା. ରବି କୁମାର ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୁର୍ଘଟଣାଜନିତ ଗୋଡ଼, ହାତକୁ କିପରି ବିଭିନ୍ନ ପ୍ରଣାଳୀରେ ସଂରକ୍ଷଣ କରାଯାଇପାରିବ ତାହା ଉପରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ସିବି ମେଡିକାଲ କଲେଜ ଅଧକ୍ଷ ପ୍ରଫେସର ଦଣ୍ଡେଶ୍ୱର ହୋତା ଯୋଗଦେଇ କହିଥିଲେ, ପ୍ଲାଷ୍ଟିକ ସର୍ଜରୀ ଭାରତରୁ ଆରମ୍ଭ ହୋଇଥିଲା। ଶୁଶ୍ରୁତଙ୍କ ଉକ୍ତ ଚିକିତ୍ସା ପଦ୍ଧତି ବିଶ୍ୱରେ ଆଦୃତ ହୋଇଛି ବୋଲି ସେ କହିଥିଲେ। ଏଥିରେ ଡା. ଅନନ୍ତ କୁମାର ସିହ୍ନା, ଡା. ଭି.ଏସ୍.ପି. ସିହ୍ନା ଅତିଥି ଭାବେ ଯୋଗ ଦେଇଥିଲେ। ଡା. ରମେଶ ଚନ୍ଦ୍ର ଦାସ ସଭାପତିତ୍ୱ କରି କହିଥିଲେ, ଏଭଳି ସଭା ସମିତି ଓ ବୈଜ୍ଞାନିକ ସନ୍ଦର୍ଭ ପାଠ ଦ୍ୱାରା ଚିକିତ୍ସାର ମାନ ବଢାଇବାରେ ସହାୟକ ହେବ। ପ୍ରଫେସର ବିଭୁତି ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଡା. ଆଶିଷ ପଟ୍ଟନାୟକ ବିବରଣୀ ପାଠ କରିଥିଲେ। ଏହି ସମ୍ମିଳନୀରେ ଡା. ବିଶ୍ୱଜିତ୍ ମିଶ୍ର, ଡା. ସଞ୍ଜୟ ଗିରି ଉପସ୍ଥିତ ଥିଲେ। ଏହି ଅବସରରେ ଏକ ସ୍ମରଣିକା ପ୍ରକାଶ ପାଇଥିଲା।


ଏସ୍‌ସିବି ମେଡିକାଲ କଲେଜର ପ୍ଲାଷ୍ଟିକ ଶଲ୍ୟ ବିଭାଗରେ ଅନୁଷ୍ଠିତ ସମ୍ମିଳନୀରେ ଉପସ୍ଥିତ ଅତିଥିବୃନ୍ଦ।

# ଶାନ୍ତିନିକେତନ ଭାରତୀୟ ସାହିତ୍ୟ ଓ କଳାଶିକ୍ଷାର ଦିଗ୍‌ଦର୍ଶକ

ଭୁବନେଶ୍ୱର,୨୭।୩(ବ୍ୟୁରୋ)


ଉତ୍ସବକୁ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟନ କରୁଥିବାବେଳେ ଅନ୍ୟମାନେ ଉପସ୍ଥିତ।

ବିଶ୍ୱଭାରତୀ ପ୍ରାକ୍ତନୀ ଓଡ଼ିଶାର ୫ମ ବାର୍ଷିକ ଉତ୍ସବ ବୁଦ୍ଧମନ୍ଦିରଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପଦ୍ମଶ୍ରୀ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ଚିତ୍ରଶିଳ୍ପୀ ଶ୍ୟାମସୁନ୍ଦର ପଟ୍ଟନାୟକ ଅତୀତର ପ୍ରଜ୍ଞା ଓ ବର୍ତ୍ତମାନର ଯୌବନଦୀପ୍ତ ଶକ୍ତିକୁ ପାଥେୟ କରି ଉଜ୍ଜଳ ଭବିଷ୍ୟତ ନିର୍ମାଣ କରିବା ବିଶ୍ୱଭାରତୀ ପ୍ରାକ୍ତନୀର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଅନୁଷ୍ଠାନର ଉପଦେଷ୍ଟା ତଥା ଶାସ୍ତ୍ରୀୟ ଭାଷା ଉତ୍କର୍ଷ କେନ୍ଦ୍ର ଭୁବନେଶ୍ୱରର ମୁଖ୍ୟ ପ୍ରଫେସର ବସନ୍ତ କୁମାର ପଣ୍ଡା ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଓଡ଼ିଶା ସହ ଥିବା ନିବିଡ଼ ସମ୍ପର୍କ ବିଷୟରେ କହିଥିଲେ। ଏଥିସହିତ ଶାନ୍ତିନିକେତନ ଭାରତୀୟ ସଂସ୍କୃତି, ସାହିତ୍ୟ ଓ କଳାଶିକ୍ଷାର ଦିଗଦର୍ଶକ ହୋଇ ରହିବ ବୋଲି ମତ ଦେଇଥିଲେ। ଅନୁଷ୍ଠାନର ସମ୍ପାଦିକା ମମତା ଷଡ଼ଙ୍ଗୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉପସଭାପତି ତଥା କବି ଡକ୍ଟର ସୁରେନ୍ଦ୍ର କୁମାର ପାଣିଗ୍ରାହୀ ସମସ୍ତଙ୍କ ସହଯୋଗରେ ଏହି ଅନୁଷ୍ଠାନଟି ଓଡ଼ିଶାରେ ଶାନ୍ତିନିକେତନର ମହତ୍ତ୍ୱ ପ୍ରତିପାଦନ କରିଛି ବୋଲି କହିଥିଲେ।

ଏହି ଅବସରରେ ପ୍ରାକ୍ତନୀ ପରିବାରର ଦିବଂଗତ ସଦସ୍ୟ ପ୍ରଫେସର ରାଧାକାନ୍ତ ମିଶ୍ର, ଡକ୍ଟର ସୁରେନ୍ଦ୍ର ରଥ, ଡକ୍ଟର ଦିଲ୍ଲୀପ ଦାସ, ଡକ୍ଟର ସଚ୍ଚିଦାନନ୍ଦ ମିଶ୍ର, ଅର୍ଚ୍ଚନା ସାହୁ ଓ ବବଲୁ ଜେନାଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ସମ୍ବର୍ଦ୍ଧନା ପର୍ବରେ ବିଶିଷ୍ଟ ଶିକ୍ଷାବିତ୍, କବି ଓ ସାହିତ୍ୟ ସମାଲୋଚକ ପ୍ରଫେସର ଅଭିନ୍ନ ଚନ୍ଦ୍ର ସାହୁଙ୍କୁ 'ଗୁରୁଗୌରବ ସମ୍ମାନ-୨୦୨୧, ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଭାପତି ତଥା ବରିଷ୍ଠ କବି ଓ ସମାଲୋଚକ ଡ. ହୃଷୀକେଶ ମଲ୍ଲିକଙ୍କୁ 'ସୃଜନୀ ସମ୍ମାନ', ବିଶିଷ୍ଟ ମୂର୍ତ୍ତିକଳା ସ୍ଥପତି ତଥା ଲଳିତକଳା ଏକାଡେମୀର ପୂର୍ବତନ ସଚିବ ରବିନାରାୟଣ ରଥ, ବିଶିଷ୍ଟ ଚିତ୍ରଶିଳ୍ପୀ ଲଲାଟ ମୋହନ ପଟ୍ଟନାୟକ, ଡ. ଅଲେଖ ଚରଣ ସାହୁ ଓ ସତ୍ୟବ୍ରତ ଦାସଙ୍କୁ 'ପ୍ରାକ୍ତନୀ କଳା ସମ୍ମାନ' ଓ ବିଶିଷ୍ଟ ନାଟ୍ୟକାର ତଥା ଗ୍ରନ୍ଥକାର ଡକ୍ଟର ସଂଜୟ ହାତୀଙ୍କୁ 'ପ୍ରାକ୍ତନୀ ନାଟକ ସମ୍ମାନ' ଏବଂ ତରୁଣ କୁମାର ସାହୁଙ୍କୁ 'ପ୍ରଫେସର ମାନସ ରଞ୍ଜନ ତ୍ରିପାଠୀ ସ୍ମୃତି ସମ୍ମାନ' ଦିଆଯାଇଥିଲା। ଏଥିସହ ଡ. ପ୍ରଫୁଲ୍ଲ କୁମାର ପାଣିଙ୍କ କବିତା ସଂକଳନ 'ଲୋଡ଼ିବାର ବେଳ' ଲୋକର୍ପିତ ହୋଇଥିଲା। ଓଡ଼ିଶା ଓ ବାହାରେ କଳା, ସାହିତ୍ୟ, ସଂସ୍କୃତି, ବିଜ୍ଞାନ ଆଦି କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଶାନ୍ତିନିକେତନର ପୂର୍ବତନ ଛାତ୍ରୀଛାତ୍ରଙ୍କୁ 'ପ୍ରାକ୍ତନୀ ଛାତ୍ରଗୌରବ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଡକ୍ଟର ଦେବାନନ୍ଦ ଦାସ ସଂଯୋଜନା ଓ ରଶ୍ମୀରେଖା ପାହାଡ଼ି ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବକୁ ଡ. ଅନନ୍ତ କିଶୋର ଜେନା, ଡ. ରଶ୍ମିତା ତ୍ରିପାଠୀ, ହୃଷୀକେଶ ମହାକୁଡ଼, ପ୍ରତ୍ୟାଶା ଧଳ, ପିନାକୀ ରଂଜନ ମହାନ୍ତି, ଡ. ନିହାର ରଞ୍ଜନ ସାହୁ, ରବୀନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ।